
କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଯୋଗ ପ୍ରଶିକ୍ଷକରୁ ଦାମୀ ଅଭିନେତ୍ରୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୪ Vol. 22 No-84 24 JUNE 2025 TUESDAY, BHUBANESWAR ମଙ୍ଗଳବାର, ୨୪ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା

# ଘାରୁଛି ତୃତୀୟ ବିଶ୍ୱଯୁଦ୍ଧ ଭୟ



- ଇସ୍ରାଏଲ ଉପରେ ଇରାନର ମିସାଇଲ ମାଡ଼
- ଜେରୁଜେଲମ୍, ଉତ୍ତର ଇସ୍ରାଏଲର ବ୍ୟାପକ କ୍ଷତି
- ଯୁଦ୍ଧରେ ଆମେରିକାର ପ୍ରବେଶକୁ ପୁଟିନଙ୍କ ନିନ୍ଦା
- ଇରାନକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇବୁ
- ଜାତିସଂଘ ସୁରକ୍ଷା ପରିଷଦରେ ଇରାନ ପ୍ରସଙ୍ଗ
- ଅଶୋଧିତ ତୈଳଦର ବୃଦ୍ଧି ଆଶଙ୍କା

ନୂଆଦିଲ୍ଲୀ, ୨୩।୬: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା। ଲାଗିଯିବ କି ତୃତୀୟ ବିଶ୍ୱଯୁଦ୍ଧ ! ଏପରି ଏକ ଚିନ୍ତାରେ ସାରା ବିଶ୍ୱବାସୀ। ଇରାନ-ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଭୟାନକ ରୂପ ନେଉଥିବାବେଳେ ଏଥିରେ ଅନ୍ୟ ରାଷ୍ଟ୍ରମାନେ ପ୍ରବେଶ କରିବା ପରିସ୍ଥିତିକୁ ଅଧିକ ସଙ୍ଗୀନ କରିପକାଇଛି। ସୋମବାର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଭିନ୍ନମୋଡ଼ ନେଇଛି। ଇରାନ ଇସ୍ରାଏଲ ଉପରେ ଏକ ନୂଆ ବାଲିଷ୍ଟିକ ମିସାଇଲ ଆକ୍ରମଣ ଆରମ୍ଭ କରିଛି। ରବିବାର ଆମେରିକା ତିନୋଟି ଇରାନୀ ପରମାଣୁ ସଂସ୍ଥାରେ ଆକ୍ରମଣ କରିବା ପରେ ଇରାନ ପ୍ରତିଶୋଧ ଚେତାବନୀ ଦେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଆଇଡିଏଫ ପକ୍ଷରୁ କୁହାଯାଇଛି ଯେ ଇରାନରୁ ପ୍ରାୟ ୧୫ଟି ବାଲିଷ୍ଟିକ ମିସାଇଲ ନିକ୍ଷେପ କରାଯାଇଥିଲା। ଯାହା ଇସ୍ରାଏଲର କିଛି ଅଞ୍ଚଳକୁ ସିଧାସଳଖ ଟାର୍ଗେଟ କରିଥିଲା। ଏହି ମିସାଇଲ ଷ୍ଟ୍ରାଇକ ପୂର୍ବରୁ ଜେରୁଜେଲମ ଏବଂ ଉତ୍ତର ଇସ୍ରାଏଲର ଅନେକ ସ୍ଥାନରେ ସାଇରନ ଶୁଭାଯିବା ସହ ଭୟଙ୍କର ବିସ୍ଫୋରଣ ହୋଇଥିବା ନେଇ କୁହାଯାଉଛି। ସୂଚନା ମୁତାବକ ଗତ ରବିବାର ଆମେରିକା ପକ୍ଷରୁ ଅପରେସନ ମିଡ୍‌ନାଇଟ ହାମର ଅଧୀନରେ ଇରାନର ଫୋର୍ଦୋ, ନାଟାନଜ ଏବଂ ଇସ୍‌ଫାହାନରେ ଥିବା ପରମାଣୁ ସଂସ୍ଥାକୁ ଆକ୍ରମଣ କରାଯାଇଥିଲା। ଏହା ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଗୁରୁତର କ୍ଷତି ପହଞ୍ଚାଇଛି। ଇସ୍ରାଏଲ ପକ୍ଷରୁ ଆଇଡିଏଫ କହିଛି ଯେ ଆମେ ଇରାନର ୬ଟି ବିମାନ ବନ୍ଦରରେ ଆକ୍ରମଣ କରିଛୁ। ଯେଉଁଠାରେ ଇସ୍ରାଏଲୀ ବିମାନକୁ ଟାର୍ଗେଟ ପାଇଁ ବ୍ୟବହୃତ ହେଉଥିବା ଯୁଦ୍ଧ ବିମାନଗୁଡ଼ିକୁ ଧ୍ୱଂସ କରାଯାଇଛି। ଏହାସହ ଇସ୍ରାଏଲ ପକ୍ଷରୁ ପୁଣିଥରେ ଫୋର୍ଦୋ ପରମାଣୁ ଷ୍ଟେସନ ଉପରେ ଆକ୍ରମଣ କରାଯାଇଛି। ବିଶ୍ୱନେତାମାନେ ଏହି ସଂକଟକୁ ଦୂର କରିବା ପାଇଁ କୂଟନୈତିକ ପ୍ରୟାସକୁ ଜୋରଦାର କରିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ ଆମେରିକାର ଆକ୍ରମଣକୁ ମଧ୍ୟପ୍ରାଚ୍ୟରେ ଏକ ବିପଜ୍ଜନକ ମୋଡ଼ ବୋଲି ଅଭିହିତ କରିଛନ୍ତି । ଅନ୍ୟପକ୍ଷରେ • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ଯୁବ ବର୍ଗ ସମାଜର ଶକ୍ତି, ସାମର୍ଥ୍ୟ



- ଓଡ଼ିଶା ଯୁବ ସମାଜପାଇଁ ଆସୁଛି ସୁବର୍ଣ୍ଣ ଯୁଗ
- ୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ତାରାତାରିଣୀ ମନ୍ଦିରର ବିକାଶ ପାଇଁ ପ୍ରସ୍ତୁତ ହେବ ରିଭାଇଜ ଡିପିଆର୍

ଭୁବନେଶ୍ୱର/ଆସ୍କା, ୨୩।୬(ଭାସ୍କର ନ୍ୟୁଜ): ଓଡ଼ିଶା ଯୁବ ବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ, ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି, ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବ ଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ କହିଛନ୍ତି। ଗଞ୍ଜାମ ବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି କଳା, ସଙ୍ଗୀତ, ନୃତ୍ୟ ଓ ଗୀତର ସମ୍ଭାର। କେବଳ କଳା ନୈପୁଣ୍ୟ ନୁହେଁ ରାଜନୀତିରେ ମଧ୍ୟ ପାରଙ୍ଗମ ଗଞ୍ଜାମ ବାସୀ। ଗଞ୍ଜାମରେ ଗଞ୍ଜାମ ବାସୀ ଡବଲ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ସେ କହିଥିଲେ ଜୁନ ୧୨ ତାରିଖ ଆମ ପାଇଁ ବର୍ଷ ପୂର୍ତ୍ତିର ମହତ୍ତ୍ୱପୂର୍ଣ୍ଣ ଦିବସ ଥିଲା। କିନ୍ତୁ ଆମେ ଆମ ସଫଳତାରେ ଆତ୍ମ ବିଭୋର ନହୋଇ ଜୁନ ୧୩ ତାରିଖରୁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛୁ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ, ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତୀ କରଣ ପ୍ରକଳ୍ପ, ଗୋଟିଏ ହାଇ ଲେଭେଲ୍ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ମା ତାରାତାରେଣୀ ମନ୍ଦିର ଉନ୍ନତିକରଣ ପାଇଁ ରିଭାଇଜ୍ ଡିପିଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲସରାରେ ଏକ ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାଇଁ ଜାଗା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଯୁବ ସମାଜକୁ ଉଦବୋଧନ ଦେଇ ସେ କହିଥିଲେ ଯେ, ଯୁବ ବର୍ଗ ହେଉଛନ୍ତି ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ। ଅସୀମିତ ଶକ୍ତିର ଭଣ୍ଡାର। ଆମ ଓଡ଼ିଶାରେ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଖସିଲା ସେନ୍‌ସେକ୍ସ ଓ ନିଫ୍ଟି

ନୂଆଦିଲ୍ଲୀ, ୨୩।୬: ସେୟାର ବଜାରରେ ଯୁଦ୍ଧର ପ୍ରଭାବ । ଇରାନ ଉପରେ ଆମେରିକାର ଆକ୍ରମଣ ପରେ ସେନସେକ୍ସ ୬୦୦ ପଏଣ୍ଟ ତଳକୁ ଖସିଛି । ସକାଳୁ ମାର୍କେଟ ଖୋଲିବା ପରେ ୬୦୦ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୧୮୦ ପଏଣ୍ଟ ଖସିଛି । କେବଳ ଭାରତରେ ନୁହେଁ ବିଶ୍ୱ ବଜାରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସେହିପରି ଏନର୍ଜୀ ମାର୍କେଟରେ ମଧ୍ୟ ପ୍ରଭାବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢିଛି । ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହାର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢିଛି । ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା । ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ । ଯୁଦ୍ଧ ଯୋଗୁ ଏବେ ତେଲ ବଜାରରେ ପ୍ରଭାବ ପଡିଛି । ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ବଢିବ ବୋଲି ଆଶା କରାଯାଉଛି ।


### ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଯାଜପୁର, ୨୩।୬(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ତରାଙ୍ଗ ସାଗରପୁରର ଜଣେ ଯୁବତୀ ଓ ଦିଲ୍ଲୀରୁ ଆସିଥିବା ତାଙ୍କ ବାନ୍ଧବୀ ମା ବିରଜାଙ୍କ ଦର୍ଶନ ସାରି ଘରକୁ ଫେରୁଥିବାବେଳେ ଭଦ୍ରକ ପଡ଼ିଆ ସିମେଣ୍ଟ ଗୋଦାମ ନିକଟରେ ଦୁଇଜଣ ଯୁବକ ସେମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଯୁବକ ଦୁଇଜଣ ଯୁବତୀ ଦୁଇଜଣଙ୍କୁ ଅସଭ୍ୟ ଭାଷାରେ ଗୁଳିଗୁଲଜ କରିବା ସହ ପିନ୍ଧିଥିବା ବସ୍ତ୍ରକୁ ଟଣାଓଟରା କରିଥିଲେ। ତେବେ ପୋଲିସ କାହାରିକୁ ଗିରଫ କରିନାହିଁ ।

ସେନ୍‌ସେକ୍ସ: ୮୧,୮୯୬.୭୯
ସର୍ବାଧିକ: ୩୧.୪ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

### ୨୩।୬।୨୦୨୫ ର ମତାମତ

ଇସ୍ରାଏଲ-ଇରାନ ଯୁଦ୍ଧରେ ଆମେରିକା ପ୍ରବେଶ କରିବା ଠିକ୍ କି ?




### ଆଜିର ପ୍ରସଙ୍ଗ

ଓଡ଼ିଶାରେ ଯୁବତୀ ସୁରକ୍ଷିତ ନୁହନ୍ତି ବୋଲି ଟ୍ରମ୍ପ ଦେଇଥିବା ବୟାନ ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଉପନିର୍ବାଚନରେ ବିଜେପିକୁ ଝଟ୍‌କା

# ଗୁଜରାଟରେ ଆପ୍, କେରଳରେ କଂଗ୍ରେସ




ନୂଆଦିଲ୍ଲୀ, ୨୩।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଜ ରାଜ୍ୟ ଗୁଜରାଟରେ ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ରାଜ୍ୟର ବିଶାବଦର ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେପିକୁ ପରାସ୍ତ କରିଛି ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପ୍। ଚଳିତବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ବିଜେପିଠାରୁ ପରାଜୟ ବରଣ କରିଥିଲା। ସେବେଠୁ ବିଜୟ ସନ୍ଧାନରେ ଥିବା ଆପ୍ ଏବେ ଗୁଜରାଟ ଉପନିର୍ବାଚନରେ ଜିତିବାକୁ ସକ୍ଷମ ହୋଇପାରିଛି। ୨୦୨୨ ଗୁଜରାଟ ନିର୍ବାଚନ ସମୟରେ ଏହି ଆସନରୁ ଆପ୍ ଟିକେଟରେ ଭୂପେନ୍ଦର ଭାୟାନୀ ବିଜୟୀ ହୋଇଥିଲେ। ସେ ବିଜେପିର ହର୍ଷଦକ କୁମାର ରିବାଦିଆଙ୍କୁ ୭ ହଜାର ଭୋଟରେ ପରାସ୍ତ କରିଥିଲେ। କିନ୍ତୁ ଏକବର୍ଷ ପରେ ଭୂପେନ୍ଦର ଆପ୍ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ଏଥିପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୦୭ରୁ ଏଠାରୁ ଜିତି ନଥିବା ବିଜେପି ଏଥର କିରୀଟ ପଟେଲଙ୍କୁ ଟିକେଟ ଦେଇଥିଲା। ତେବେ ସେ ପରାଜୟ ବରଣ କରିଛନ୍ତି। ଏହି ଆସନରୁ ଆପ୍‌ର ଗୋପାଳ ଇଟାଲିଆ ବିଜେପି ପ୍ରାର୍ଥୀଙ୍କଠାରୁ ୧୭ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି କେରଳର ନିଲାମ୍ବୁର ଆସନ ଉପନିର୍ବାଚନରେ କଂଗ୍ରେସର ଆର୍ଯ୍ୟଦନ ସୌକତ ବିଜୟୀ ହୋଇଛନ୍ତି। ସୌକତ ୭୭ ହଜାରରୁ ଅଧିକ ଭୋଟ ପାଇଥିବାବେଳେ ସେ ସିପିଆଇଏମ୍‌ର ଏମ୍ ସରୋଜଙ୍କୁ ୧୧ହଜାରରୁ ଅଧିକ ଭୋଟରେ ହରାଇ ଦେଇଛନ୍ତି। ଆସନ୍ତାବର୍ଷ କେରଳରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହିପରି ପଶ୍ଚିମବଙ୍ଗର କାଳିଗଞ୍ଜ ବିଧାନସଭା ଆସନ ଉପନିର୍ବାଚନରେ ତୃଣମୂଳ କଂଗ୍ରେସର ଆଲିଫା ଅହମ୍ମଦ ବିଜେପିର • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟପାଳଙ୍କ କ୍ଷୋଭ

# ଅଫିସର ଜାଣନ୍ତିନି ସରକାରୀ ଯୋଜନା




ଭୁବନେଶ୍ୱର, ୨୩।୬(ଭାସ୍କର ନ୍ୟୁଜ): ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ମତ ରଖି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ସଂପର୍କରେ ରାଜ୍ୟ ସରକାରୀ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବା ନେଇ ନିରାଶା ପ୍ରକାଶ କରିଛନ୍ତି । ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବିଭିନ୍ନ ସରକାରୀ ଅଧିକାରୀଙ୍କୁ କଲ୍ୟାଣକାରୀ ଯୋଜନାଗୁଡ଼ିକ ସଂପର୍କରେ ଜାଣିବାକୁ ଚାହିଁ ନଥିଲେ ମଧ୍ୟ କେହି କୌଣସି ବିବରଣୀ ଦେଇପାରି ନଥିଲେ। ଏହା ପ୍ରଶାସନିକ କଳ ମଧ୍ୟରେ ଏକ ଗମ୍ଭୀର ସୂଚନା ବ୍ୟବଧାନ ଥିବା ପ୍ରତିଫଳିତ କରିବା ସହ ଏହାମଧ୍ୟ ସୂଚୀତ କରୁଛି ଯେ କାହିଁକି ଯୋଗ୍ୟ ଜନସଂଖ୍ୟାର ଅଧିକାଂଶ ଲୋକ ଏହି ସୁବିଧା ସୁଯୋଗର ପରିସର ବାହାରେ ରହିଛନ୍ତି। ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାର ପ୍ରାୟ ୯୫ ପ୍ରତିଶତ ଲୋକ କେନ୍ଦ୍ରୀୟ ଯୋଜନା ସଂପର୍କରେ ଅଜ୍ଞ। ଯେଉଁମାନଙ୍କର କିଛି ଜ୍ଞାନ ଅଛି, ସେମାନଙ୍କ ମଧ୍ୟରୁ ବହୁ କମ୍ ଲୋକ ଏହି ସୁବିଧାଗୁଡ଼ିକର ପଞ୍ଜିକରଣ କରିଛନ୍ତି କିମ୍ବା ଯୋଜନାର ଲାଭ ଉଠାଉଛନ୍ତି। ରାଜ୍ୟପାଳ କହିଥିଲେ, ଏହି ଯୋଜନାଗୁଡ଼ିକ ମଧ୍ୟରୁ ବିଶେଷକରି ବୀମା, ପେନସନ ଏବଂ ଆର୍ଥିକ ସୁରକ୍ଷା ସହିତ ଜଡ଼ିତ ସର୍ବନିମ୍ନ ପ୍ରିମିୟମ ଯୋଗଦାନ ଆବଶ୍ୟକ କରେ। ତଥାପି ଦୁର୍ବଳ ସଚେତନତା ଏବଂ ଅପର୍ଯ୍ୟାପ୍ତ ପ୍ରଚାର ଅଭାବରୁ ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ଜନସାଧାରଣଙ୍କୁ ଅଧିକ ସୂଚନାପ୍ରଦ ଏବଂ ସକ୍ରିୟ ହେବାକୁ ରାଜ୍ୟପାଳ ଆହ୍ୱାନ ଦେବା ସହ ତୃଣମୂଳସ୍ତରରେ ସୂଚନାର ଉତ୍ତମ ପ୍ରସାର ସୁନିଶ୍ଚିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳ ଆହୁରି କହିଥିଲେ ଯେ ସାଇବର ସୁରକ୍ଷା ଏକ ବର୍ଦ୍ଧିତ ଚାଲେଞ୍ଜ ଭାବେ ଉଭା ହୋଇଛି। ନାଗରିକମାନଙ୍କୁ ଡିଜିଟାଲ ବିପଦ ସଂପର୍କରେ ସତର୍କ ଏବଂ ଅବଗତ ରହିବାକୁ ପଡ଼ିବ। ଅଧିକାଂଶ • ପୃଷ୍ଠା ୫ ଦେଖନ୍ତୁ

**୯୫% ଲୋକ ଯୋଜନା ସଂପର୍କରେ ଜାଣିନାହାନ୍ତି**

## ଗୋପାଳପୁର ଗଣଦୁଷ୍କର୍ମ ମାମଲା

# କଠୋର ଦଣ୍ଡପାଇଁ ଡିଜିଟାଲ ପ୍ରମାଣ ଯଥେଷ୍ଟ: କ୍ରାଇମବ୍ରାଞ୍ଚ ଡିଜି



କଟକ/ଗୋପାଳପୁର, ୨୩।୬(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ଗଞ୍ଜାମ ଜିଲ୍ଲା ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ସିସିଟିଭି ଓ ମୋବାଇଲରୁ ମିଳିଛି ବଳିଷ୍ଠ ପ୍ରମାଣ। କ୍ରାଇମସିନ୍ ସିସିଟିଭିରେ କଏଦ ହୋଇଥିବା ନେଇ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ସେ କହିଛନ୍ତି, ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାପାଇଁ ଯଥେଷ୍ଟ ପ୍ରମାଣ ହସ୍ତଗତ ହୋଇଛି। ଅଭିଯୁକ୍ତଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବାପାଇଁ ସମସ୍ତ ପ୍ରୟାସ ଜାରି ରହିବ। ସେ ଆହୁରି କହିଥିଲେ ଯେ ଏହି ଗଣଦୁଷ୍କର୍ମ ଘଟଣାକୁ ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମୋବାଇଲ ଜବତ କରାଯାଇ ଏସଏଫଏସଏଲକୁ ପଠାଯାଇଛି। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ କହିଥିଲେ, ଗଣଦୁଷ୍କର୍ମ ଘଟଣାର ୨୪ ଘଣ୍ଟା ମଧ୍ୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କୁ ଧରି ତନାଘନା ଚଳାଇଛି। ବ୍ରହ୍ମପୁର ସେଣ୍ଟ୍ରାଲ ଜେଲରେ ହୋଇଥିବା ଟିଆଇ ପରେଡରେ ୬ ଅଭିଯୁକ୍ତଙ୍କୁ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଛନ୍ତି। ତେଣୁ ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାର • ପୃଷ୍ଠା ୫ ଦେଖନ୍ତୁ

## ଘୋଷଯାତ୍ରା ଆଉ ମାତ୍ର ୩ ଦିନ

# ଚୂଡ଼ାନ୍ତ ପର୍ଯ୍ୟାୟରେ ରଥ ନିର୍ମାଣ



ପୁରୀ, ୨୩।୬ (ଭାସ୍କର ନ୍ୟୁଜ) : ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ତିନି ରଥ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ । ଶେଷ ସ୍ପର୍ଶ ଦେଉଛନ୍ତି କାରିଗର । ତିନିରଥ ଦୁଆର ବେଢ଼ା ରଥ ଉପରକୁ ଉଠିଲା । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର (ଆଗ ଆଣି ଏବଂ ପଛ ଆଣି) ଦୁଇଟି ଲେଖାଏଁ ଦୁଆର ବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣୀ କରିଛନ୍ତି । ରଥ ଉପରକୁ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ହୋଇ ରଥ ଉପରକୁ ଉଠିବା ତଥା ଠାକୁରଙ୍କ ସେବା ପୂଜା ପାଇଁ ସେବାକାରୀ ମାନଙ୍କ ସ୍ୱଚ୍ଛନ୍ଦରେ ରଥ ଉପରକୁ ବିନା ବାଧାରେ ଯିବା ଆସିବାକୁ ନିଶ୍ଚିତ କରିବା ପାଇଁ (ରଥରେ ଚାର ମାଳ ବନ୍ଧା କାର୍ଯ୍ୟ ପାଇଁ) ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନେ ମିଶି ତିନି ରଥର ସମ୍ମୁଖ ଭାଗରେ ମାଳ (ତାଲ ଗଡ) (ତାଳଧ୍ୱଜ ରଥ ଏବଂ ନନ୍ଦି ଘୋଷ ରଥରେ ୬/୬ ଟି ଏବଂ ଦର୍ପଦଳନ ରଥର ୪ ଗୋଟି) ସଂଯୋଗ କରି ତାର ପତନ (ଲେବୁଲ୍) ଠିକ୍ ରହୁଛି କି ନାହିଁ ପରୀକ୍ଷା ମୂଳକ ଭାବେ ପରଖ କାର୍ଯ୍ୟ ଶେଷ ହୋଇଛି । ତିନିରଥର ପ୍ରଭାରେ ରୂପ ଖୋଦେଇ ଜାରୀ ତିନିରଥର ମୁଖ୍ୟ ରୂପକାର ସେବକଙ୍କ ଦ୍ୱାରା ତଥା ସହଯୋଗୀ ରୁପକା ସେବକମାନେ ମିଶି ପ୍ରଭାରେ ରୂପ ଖୋଦେଇ ଜାରି ରଖିଛନ୍ତି। ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖି ଖୋଦେଇ କାର୍ଯ୍ୟକୁ ଗତିଶୀଳ କରିଛନ୍ତି।

## ଭାଇ ପ୍ରେମ ପଟ୍ଟନାୟକଙ୍କ ସୂଚନା

# ଅସ୍ତ୍ରୋପଚାର ପରେ ସୁସ୍ଥ ହେଉଛନ୍ତି ନବୀନ



ମୁମ୍ବାଇ/ଭୁବନେଶ୍ୱର, ୨୩।୬ (ବ୍ୟୁରୋ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସ୍ତ୍ରୋପଚାର ପରେ ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ଏ ନେଇ ସୋମବାର ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ପ୍ରେମ ପଟ୍ଟନାୟକ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା ସମୟରେ ଓଡ଼ିଶାବାସୀଙ୍କ ପକ୍ଷରୁ କରାଯାଇଥିବା ପ୍ରାର୍ଥନା ଓ ଶୁଭେଚ୍ଛା ପାଇଁ ସେ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନବୀନ ଏବେ ସ୍ଥିର ଅବସ୍ଥାରେ ଅଛନ୍ତି। ସେ ସଂପୂର୍ଣ୍ଣ ସଚେତନ ରହିଛନ୍ତି ଓ ନିରୀକ୍ଷଣରେ ଅଛନ୍ତି। ଓଡ଼ିଶାବାସୀଙ୍କୁ ପ୍ରଶଂସା କରି ସେ ଆହୁରି କହିଛନ୍ତି ଯେ ଆମ ପରିବାରର କଷ୍ଟକର ସମୟରେ ରାଜ୍ୟର ଅଗଣିତ ଜନସାଧାରଣଙ୍କ ଭଲପାଇବା ଓ ଚିନ୍ତା ଆମମାନଙ୍କ ପାଇଁ ଶକ୍ତିର ଏକ ଉତ୍ସ ଥିଲା। ତାଙ୍କ ସୁସ୍ଥତା ଖବର ପ୍ରସାରିତ ହେବା ସହ ଓଡ଼ିଶାର ଲୋକମାନେ ଶୁଭେଚ୍ଛାବାର୍ତ୍ତା ପଠାଇ ଚାଲିଛନ୍ତି। ଯାହା ସେମାନଙ୍କ ନେତାଙ୍କ ପ୍ରତି ସେମାନଙ୍କର ଗଭୀର ସମ୍ମାନ ଓ ସମ୍ପର୍କକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରବିବାର ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କର ମୁମ୍ବାଇର କୋକିଲାବେନ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପାଖେଇ ଆସିଲା ଏବେ ରଥଯାତ
ତତପର ସରକାର,
ଭଲରେ ଭଲରେ ନଅଦିନ ଗଲେ
ଜଣାଯିବ ପାରିବାର !
କହେ କିନ୍ତୁ ଶ୍ରୀମନ୍ଦିର,
ଯେତେ ଚଅଁପର ଯିଏ ହେଉ ପଛେ
କାଳିଆ ପାଖରେ ଛାର !!

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ ଦିବସୀୟ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଚାନ୍ଦୋଳ ସ୍ଥିତ ଫ୍ୟୁଜନ ଫାଇନାନ୍ସ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ସ୍ୱାସ୍ଥ୍ୟସେବା ଶିବିରକୁ ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଫ୍ୟୁଜନ ଫାଇନାନ୍ସ ସଂସ୍ଥାର ନିର୍ବାହୀ ପ୍ରଶାସକ ପୃଥ୍ୱିରାଜ ପାଣିନୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପଞ୍ଚାୟତର ସମିତିସଭ୍ୟା ତୃପ୍ତିମୟୀ ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଇନାନ୍ସ ସଂସ୍ଥାର ବ୍ୟାଙ୍କ ପରିଚାଳକ ସଂଜୀବ କୁମାର ମହାପାତ୍ର, ଅତିରିକ୍ତ ପରିଚାଳକ ଅବିନାସ ଦାସ ଓ ସୁଶାନ୍ତ କୁମାର ସେନାପତି ଯୋଗ ଦେଇଥିଲେ। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ତଥା ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଚିତରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡକ୍ଟର ସଞ୍ଜିତ କୁମାର ସେଠୀ, ଏସ୍‌ଆର ଷ୍ଟିଲ ହସ୍ପିଟାଲର ଅବସରପ୍ରାପ୍ତ ଭେଷଜ ବିଶେଷଜ୍ଞ ନିରଞ୍ଜନ ଦ୍ୱିବେଦୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଫାର୍ମାସିଷ୍ଟ ଦେବାଶିଷ ନାୟକ, ଲାବୋରୋଟେରୀ ଟେକ୍ନିସିଆନ୍ ଭକ୍ତ ଭୂଷଣ ନାଥ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫାଇନାନ୍ସ ସଂସ୍ଥାର କଲେକ୍ସନ ମ୍ୟାନେଜର ସ୍ୱରାଜ ଜେନା, ବରିଷ୍ଠ କର୍ମଚାରୀ ସୌଭାଗ୍ୟ କୁମାର ସାହୁ, ଆକାଶ କୁମାର ସାହୁ, ସୁନିଲ ସୁଜିତ ଦାସ, ଚିତରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ସାଗର କୁମାର ନାଥ, ବିଜୟ କୁମାର ନାଥ ଓ ପ୍ରଭାତ କୁମାର ସାହୁ ସହଯୋଗ କରିଥିଲେ।



## ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ଦୁଗ୍ଧଚାଷୀ



### 'ଲିଟର ପିଛା ୩ଟଙ୍କା ଦିଆଯାଉ'

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଗତ ଜୁନ ୧ ବିଶ୍ୱ ଦୁଗ୍ଧ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଅଣଦେଖା କରାଯାଇ ଓମ୍‌ଫେଡ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧ କରି ରବିବାର ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତାରପୁର ବାଇପାସ୍ ସ୍ଥିତ ମା' ନାରାୟଣୀ ମନ୍ଦିର ପରିସରରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ଶତାଧିକ ଦୁଗ୍ଧଚାଷୀଙ୍କ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ସଭାପତି ରବି ବେହେରା ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ କି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଓମ୍‌ଫେଡ ପକ୍ଷରୁ ପ୍ରକାଶ ପାଇଥିବା ରେଟ୍ ଚାଟ୍‌ରେ ଚାଷୀଙ୍କୁ ଲିଟର ପିଛା ୧ ଟଙ୍କା ପ୍ରଦାନ କରାଯାଇ ବାକି ୨ ଟଙ୍କା ପ୍ରୋତ୍ସାହନ ଆକାରରେ ଦିଆଯିବ ବୋଲି ପ୍ରକାଶ ପାଇଛି। ଯାହାକୁ ନେଇ ଚାଷୀମାନେ ବିରୋଧ କରିବା ସହ ଓମ୍‌ଫେଡ ସିଧାସଳଖ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ପ୍ରଦାନ କରୁ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ପ୍ରତି ସମିତିକୁ ପ୍ରଶାସନିକ ଖର୍ଚ୍ଚ ବାବଦରେ ସମ୍ପାଦକମାନଙ୍କୁ ଲିଟର ପିଛା ୧ ଟଙ୍କା ଦିଆଯାଉ ବୋଲି ଦାବି ଉଠିଥିଲା। ଏହାଛଡା ଓମ୍‌ଫେଡ ଶୂନ୍ୟ ସହନଶୀଳତା ଗୁଣ ଆପଣେଇବା ଓ ପ୍ରାଇଭେଟ ଡାଏରୀ ଠାରୁ ଓମଫେଡ୍‌ରେ କାହିଁକି କମ୍ ଦୁଗ୍ଧ ସଂଗ୍ରହ ହେଉଛି ଏହାର ତର୍ଜମା କରିବା, ସମିତି ସଂପାଦକଙ୍କ ଇନସେଣ୍ଟିଭ ବୃଦ୍ଧି କରିବା ଓ ବାଛୁରୀ ଦାନା ସମ୍ପୂର୍ଣ୍ଣ ମାଗଣାରେ ଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ମତପ୍ରକାଶ ପାଇଥିଲା। ସଭାପତି ବେହେରା ତାଙ୍କ ବକ୍ତବ୍ୟରେ ଗତ ଜୁନ ୧୧ ତାରିଖରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବାର ପ୍ରକାଶ କରିଥିଲେ। ଏହାଛଡା ପୂର୍ବରୁ ସାରା ରାଜ୍ୟରେ ଦୁଗ୍ଧର ବନ୍ୟା ସୃଷ୍ଟି କରିଥିବା ଓମଫେଡ ସଂସ୍ଥା ଅଧୋପତନ ଆଡକୁ ଗତି କରୁଛି ଏବଂ ଏଥିପାଇଁ ଦାୟୀ କିଏ ଏହାର ତଦନ୍ତ କରାଯିବା ଅତ୍ୟନ୍ତ ଜରୁରି ବୋଲି ସଭାପତି ବେହେରା ଚିନ୍ତାବ୍ୟକ୍ତ କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରାନଗଲେ ବାଧ୍ୟ ହୋଇ ରାଜ୍ୟର ୧୫ ଲକ୍ଷ ଦୁଗ୍ଧଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ବିଧାନସଭା ସମ୍ମୁଖରେ କ୍ଷୀର ଢାଳି ବିକ୍ଷୋଭ କରିବେ ବୋଲି ଦୁଗ୍ଧଚାଷୀ ମହାସଂଘ ସଭାପତି ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମୌସୁମୀର ଆଗମନ
## ଧାନମଣ୍ଡଳରେ ବିଦେଶୀ ପକ୍ଷୀଙ୍କ ସମାଗମ



ଚଣ୍ଡିଖୋଲ ( ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଚଳିତ ବର୍ଷ, ଧାନ ମଣ୍ଡଳ ଠାରେ ବିଦେଶାଗତ ପକ୍ଷୀ ମାନଙ୍କ ସମାଗମ ହୋଇଛି ଯାହା ପକ୍ଷୀପ୍ରେମୀ ଓ ପରି ବେଶବିତ୍ ମାନଙ୍କୁ ଆନନ୍ଦ ଦେଇଛି। ପ୍ରତିବର୍ଷ ଜୁନ ପ୍ରଥମ ସପ୍ତାହରେ ସୁଦୂର ଅଷ୍ଟ୍ରେଲିଆ, ମଙ୍ଗୋଲିଆ, ସାଇବେରିଆ ଆଦି ଦେଶରୁ ଏହି ପକ୍ଷୀମାନେ ଧାନମଣ୍ଡଳ ଦର୍ପଣ ତହସିଲ ନିକଟରେ ଥିବା ବରଗଛର ବସା ବାନ୍ଧି ଥାଆନ୍ତି। ପକ୍ଷୀମାନଙ୍କର କଳରବରେ ପରିବେଶ, ଏକ ମନୋରମ ସୌନ୍ଦର୍ଯ୍ୟରେ ପ୍ରକାଶ ପାଇଥାଏ। ଯାହା ପ୍ରକୃତିପ୍ରେମୀ ଆନନ୍ଦ ଦେଇଥାଏ। ଏହି ସାଇବେରୀୟାନ୍ ପକ୍ଷୀ (ଗେଣ୍ଡାଳିଆ) ଏଠାରେ ଚାରିମାସ ରହି ଅଣ୍ଡା ଦେଇଥାନ୍ତି ଅଣ୍ଡାରୁ ଛୁଆ ବାହାରିଲା ପରେ ଛୁଆଗୁଡ଼ିକ ଉଡ଼ିବା ଶିଖିଗଲା ପରେ ସେମାନେ ନିଜ ନିଜ ସ୍ଥାନକୁ ଫେରି ଯାଆନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ଓ ସ୍ଥାନୀୟ ପକ୍ଷୀ ପ୍ରେମୀମାନଙ୍କୁ ନେଇ ଏକ କମିଟି ଗଠନ ହୋଇଛି ଯାହା ପକ୍ଷୀ ଶିକାର ରୋକିବା ସହିତ ସେମାନଙ୍କୁ ସୁରକ୍ଷା ଦେଇଥାନ୍ତି। ପକ୍ଷୀମାନଙ୍କୁ ଏଠାରେ ରହିବା ଓ ବଂଶ ବିସ୍ତାର କରିବା ପାଇ ଆବଶ୍ୟକ ଜଳବାୟୁ, ସୁସ୍ଥ ପରିବେଶ, ଆବଶ୍ୟକ ଖାଦ୍ୟ ଯଥେଷ୍ଟ ପରିମାଣରେ ମିଳୁଥିବାରୁ ହଜାର ହଜାର ପକ୍ଷୀ ଏଠାକୁ ପ୍ରତିବର୍ଷ ଉଡି ଆସନ୍ତି। ଗେଣ୍ଡାଳିଆ ପ୍ରଜାତିର ପକ୍ଷୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ଗଛର ଡାଳ ଓ ପତ୍ରରେ ବସା ବାନ୍ଧନ୍ତି। ପ୍ରତ୍ୟେହ ପୂର୍ବାହ୍ନ ଓ ଅପରାହ୍ଣରେ ଶହଶହ ପକ୍ଷୀ ଥଣ୍ଟରେ ଡାଳ ଓ ପତ୍ର ଧରି ଉଡୁଥିବା ଦୃଶ୍ୟ ବେଶ୍ ମନୋରମ। ପରିବେଶ ସନ୍ତୁଳନ, ସୁସ୍ଥ ପରିବେଶ ପାଇଁ ଏହି ପକ୍ଷୀ ମାନଙ୍କର ସୁରକ୍ଷା ଆମ ସମସ୍ତଙ୍କର୍ ଦାୟିତ୍ୱ ବୋଲି ପକ୍ଷୀ ପ୍ରେମୀ ଓ ପରିବେଶବିତ୍ ରବୀନ୍ଦ୍ର ନାୟକ, ସରପଞ୍ଚ ନବଦୀପ ନାୟକ, ବିଭାଷ ଚନ୍ଦ୍ର ନନ୍ଦ, ଅଫସର ଖାଁ ଓ ମୁକେଶ ଲେଙ୍କା କହିଛନ୍ତି।

## ବାଲିଘାଟ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଡେରାବିଶବାସୀ



ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଓ ଯାଜପୁର ଜିଲ୍ଲା ମଧ୍ୟରେ ବହି ଯାଇଛି ବିରୁପା ନଦୀ। ବିରୁପା ନଦୀର ବିଭିନ୍ନ ବାଲିଘାଟକୁ ଯାଜପୁର ଜିଲ୍ଲା ପ୍ରଶାସନ ନିଲାମ ପ୍ରଦାନ କରିଛନ୍ତି। ଯେଉଁଠୁ ଯାଜପୁର ଜିଲ୍ଲା ପ୍ରଶାସନ ବ୍ୟାପକ ରାଜସ୍ୱ ମଧ ହାସଲ କରୁଛନ୍ତି। ହେଲେ ଯାଜପୁର ଜିଲ୍ଲା ପ୍ରଶାସନ ରାଜସ୍ୱ ଆଦାୟ କରୁଥିବା ବାଲିଘାଟ ପାଇଁ ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକର ଜନସାଧାରଣ। ବିରୁପା ନଦୀ ଉପରେ ଡେରାବିଶ ବ୍ଲକର ଛୋଟି ଠାରେ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ଏକ ସେତୁ ନିର୍ମିତ ହୋଇଛି। ବିରୁପା ନଦୀର ଯାଜପୁର ଜିଲ୍ଲାର ମହାକାଳପଡ଼ା, କାଇପଡ଼ା ଘାଟରୁ ବାଲି ଉଠାଇ ଦୈନିକ ଶହଶହ ହାଇୱା ଛୋଟି ବ୍ରିଜ ବାଟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ବାଲି ଚାଲାଣ କରୁଛନ୍ତି। ଏହି ହାଇୱା ଗୁଡ଼ିକୁ ଛୋଟି ବ୍ରିଜ ପାରି ହୋଇ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ଦେଇ ନିକିରାଇ ଆଡ଼କୁ, ଛୋଟି ବଜାର ଦେଇ ବାରିମୂଳ ଆଡ଼କୁ ଓ ଲକ୍ଷ୍ମୀନାରାୟଣପୁର ଆଡ଼କୁ ଚଳାଚଳ କରୁଛନ୍ତି। ଏହି ହାଇୱା ଗୁଡ଼ିକ ଚଳାଚଳ କରିବା ଦ୍ୱାରା ଡେରାବିଶ ବ୍ଲକ ଅଂଚଳର ଛୋଟି, ବେଣିପୁର, ନହଙ୍ଗ, ବାରିମୂଳ, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର ଇତ୍ୟାଦି ପଂଚାୟତ ଗୁଡ଼ିକର ଗ୍ରାମ୍ୟ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହେବା ସହିତ ରାସ୍ତାରେ ବାଲି ହାଇୱାରୁ ବାଲି ଝଡ଼ି ଜମା ହେବା ଫଳରେ ଲୋକମାନଙ୍କ ଯାତାୟତରେ ବାଧକ ସାଜୁଛି। ଏପରିକି ଏହି ହାଇୱା ଗୁଡ଼ିକ ଦିନରେ ଚଳିପ୍ରଚଳ କରିବା ଫଳରେ ଗ୍ରାମାଂଚଳ ରାସ୍ତାରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ହାଇୱା ଭଳି ଭାରୀଯାନ ଚଳାଚଳ ଫଳରେ ଗ୍ରାମାଂଚଳରେ ରହିଥିବା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଯାଉଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ରାସ୍ତାରେ ଛାଡ଼ିବାକୁ ସୁରକ୍ଷିତ ମଣୁନାହାଁନ୍ତି। ବହୁ ସ୍ଥାନରେ ରାସ୍ତା ଉପରେ ପାଖାପାଖି ୨ରୁ ୩ ଇଞ୍ଚ ବହଳର ବାଲି ଗଦା ହେବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ମାଧ ମଧ ଘଟିବାରେ ଲାଗିଛି। ତେଣୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଡେରାବିଶ ତହସିଲ ପ୍ରଶାସନ ଡେରାବିଶ ବ୍ଲକ ଅଂଚଳରେ ବେଆଇନ ଭାବେ ବାଲି ପରିବହନ କରୁଥିବା ହାଇୱାକୁ ରୋକ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଦୟା ସାହିତ୍ୟ ସାଂସଦର ସାରସ୍ୱତ ସମାରୋହ




କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକର ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ଦୟା ସାହିତ ସଂସଦର ୫ମ ବାର୍ଷିକ ସାରସ୍ୱତ ସୋମବାର ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭବେ ଗାଳ୍ପିକ ଡ. ସୁରେଶ କୁମାର ଛୋଟରାୟ ମୁଖ୍ୟବକ୍ତା ଭାବେ, କବି ସୂର୍ଯ୍ୟ ମିଶ୍ର ଓ ଅନ୍ୟତମ ଅତିଥି କମଳିନୀ ମଲ୍ଲିକ ଯୋଗଦେଇ ସାହିତ୍ୟରେ ସମାଜର ଚରିତ୍ରକୁ ଉପସ୍ଥାପନ କରିବା ସହିତ କବିତା ଲେଖିବାରେ ନୂତନତାର ପ୍ରୟୋଗ ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଂପାଦକ ବିବରଣୀ ପଠନ କରିଥିଲେ। ଏ ବର୍ଷର ଶ୍ରେଷ୍ଠ ଗଳ୍ପ ସଂକଳନ ପାଇଥିଲେ ଦାଶ ବେନହର, ଗଳ୍ପ ସଂକଳନ-ଅବଧାରିତ ଓ ଅନ୍ୟାନ୍ୟ ଗଳ୍ପ ପାଇଁ ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର ନିରଞ୍ଜନ ବେହେରା, ପ୍ରବନ୍ଧ ସଂକଳନ-ଭାରତ ସ୍ୱାଧୀନତାର ଅନାଲୋଚିତ ଅଧ୍ୟାୟ ପାଇଁ କବିତ ସଂକଳନ-ଏକ ଶହ ଭାରକ୍ରାନ୍ତ ଜହ୍ନରାତି ପାଇଁ କବି ରବି ପ୍ରୟ ଦାସ, ଶ୍ରେଷ୍ଠ କବିତା ସଂକଳନ ୨୦୨୫ ସମ୍ମାନ ଯଜ୍ଞଦତ୍ତ ସାମନ୍ତରାୟ, ଶିଶୁ ସାହିତ୍ୟରେ ଶ୍ରେଷ୍ଠ ଗଳ୍ପ ସଂକଳନ ୨୦୨୫ କାଗଜଘର ପାଇଁ ନାଟକ ବିଭାଗରେ ଅଜୟ କୁମାର ସେଠୀ, ଶେଷ ଶେଷଇଚ୍ଛା ପାଇଁ ଶେଷ ନାଟକ ୨୦୨୫ ସମ୍ମାନ ପାଇଥିଲେ। ଉପନ୍ୟାସ କାଳ ଦାସ ଶ୍ରେଷ୍ଠ ବିବେଚିତ ହୋଇଥିଲେ ଓ ଅଉପନ୍ୟାସିକ ବିଭୂ ହୋତା ପୁରସ୍କୃତ ହୋଇଥିଲେ । ଓଡ଼ିଆ ସମ୍ମାନରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଦୟାବିହାର ମହାବିଦ୍ୟାଳୟ ଲକ୍ଷ୍ମୀପ୍ରଜ୍ଞା ପଣ୍ଡିମକବାଟଙ୍କୁ ପୁରସ୍କୃତ କରାଯାଇଥିଲା। ଆଜୀବନ ସାହିତ୍ୟ ସାଧନା ପାଇଁ ସାରସ୍ୱତ ସାଧାକ ବୈକୁଣ୍ଠ ନାଥ ନରେନ୍ଦ୍ରଙ୍କୁ ଶିକ୍ଷକ ସାରଶ ପ୍ରାଣକୃଷ୍ଣ ସାହିତ୍ୟ ସମ୍ମାନ ୨୦୨୫ କରାଯାଇଥିଲା। ଶେଷରେ ବରିଷ୍ଠ କବି ଅଧିକାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା ଠାରୁ ଦୂରେଇ ରହିବାକୁ ସଚେତନତା

ପରଜଙ୍ଗ (ଭାସ୍କର ନ୍ୟୁଜ୍) ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମହେଶ୍ବନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପ୍ରାଙ୍ଗଣରେ ସୋମବାର ଦିନ ନିଶା ନିବାରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ବିଭାଗ ଓ ଅବକାରୀ ବିଭାଗ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଲୋଧଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ପଣ୍ଡା, ଅବକାରୀ ବିଭାଗ ଅଧିକାରିଣୀ ବାସନ୍ତୀ ବ୍ଲାକି, ଏଏସ୍‌ଆଇ ପ୍ରକାଶ କୁମାର ରାଉତ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମଦ୍ୟପାନ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ସତର୍କ ରହିବା, ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରହିବା ପାଇଁ ଯୁବପିଢ଼ିଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ୟକ୍ତି ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ । ଲୋକଙ୍କ ପାଖରେ ନିଶା ନିବାରଣ ସମ୍ପର୍କରେ ଅବଗତ କରାଇ ନିବୃତ ପାଇଁ ସଚେତନ କରାଇବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ନିବାରଣ ଉପରେ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ, ପ୍ରତିଯୋଗିତାରେ ଭଗନେଇଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରାଯାଇ କୃତି ପ୍ରତିଯୋଗୀ ଜିଲ୍ଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## ଘର ସାମ୍ନାରୁ ଅଟୋ ଚୋରି

ଗୋପ, (ଭାସ୍କର ନ୍ୟୁଜ୍) : ଶନିବାର ବିଳମ୍ବିତ ରାତିରେ ଗୋପ ଥାନା ଅଧିନ ବାଲିକନ୍ଦଳ ଗ୍ରାମରୁ ଏକ ପାସେଞ୍ଜର ଅଟୋକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବାଲିକନ୍ଦଳ ଗ୍ରାମର ଅଜୟ କୁମାର ମୁଦୁଲି ପ୍ରତିଦିନ ପରି ତାଙ୍କ ଅଟୋ ନଂ ଓଡି ୧୩ସି ୮୪୨୯କୁ ଶନିବାର ରାତିରେ ତାଙ୍କ ଘର ସାମ୍ନାରେ ରଖି ଶୋଇଥିଲେ। ମାତ୍ର ପରଦିନ ସକାଳୁ ଉଠି ତାଙ୍କ ଅଟୋ ନଥିବା ଦେଖି ବହୁ ଖୋଜାଖୋଜି ପରେ ନପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଥାଉକି ଗତ କିଛିଦିନ ହେଲା କେତେକ ଯୁବକ ବିଳମ୍ବିତ ରାତ୍ରିରେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ତେଲୁଗୁ ସମ୍ପ୍ରଦାୟର ମୁରବୀ ମୂଷା ଆପ୍ପାରାଓଙ୍କ ପରଲୋକ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପର ସର୍ବବୃହତ ବସ୍ତି ଷଣ୍ଢକୁଦ ନୋଳିଆ (ତେଲଗୁ) ସମ୍ପ୍ରଦାୟର ମୂରବୀ ମୂଷା ଆପ୍ପାରାଓଙ୍କର ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦୀର୍ଘଦିନ ଧରି ବୟାସାଧିକ ଜନିତ ରୋଗରେ ପୀଡ଼ିତ ଥିବା ମୂଷା ଆପ୍ପାରାଓଙ୍କର ଆନ୍ଧ୍ର ପ୍ରଦେଶର କାକିନାଡ଼ା ସ୍ଥିତ ତାଙ୍କ ବାସଭବାନରେ ପରଲୋକ ହୋଇଯାଇଛି। ତେବେ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷ ଧରି ସେ ପାରାଦୀପର ଷଣ୍ଢକୁଦ ବସ୍ତିରେ ରହି ଫିସିଂ ବେସ୍‌ରେ ମାଛ ବ୍ୟବସାୟ ଆରମ୍ଭ କରି ନିଜକୁ ଜଣେ ସଫଳ ବ୍ୟବସାୟୀ ଭାବେ ପରିଚୟ ସୃଷ୍ଟି କରି ପାରିଥିଲେ। ନିଜର କର୍ମ ନିପୁଣତା, ସଚ୍ଚୋଟତା, ପରୋପକାରିତା ପାଇଁ ତେଲୁଗ ସାମ୍ପ୍ରଦାୟିକ ସମେତ ବନ୍ଦାରଞ୍ଚଳରେ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ତେଲୁଗୁମାନଙ୍କ ଯେକୌଣସି ଆପଦ, ବିପଦରେ ଆଗକୁ ଆସି ସାହାଯ୍ୟ, ସହଯୋଗ କରି ସେ ତେଲୁଗୁମାନଙ୍କର ମୂରବୀ ପାଲଟି ଯାଇଥିଲେ। ତାଙ୍କ୍ ଇଙ୍ଗିତରେ ବସ୍ତିର ତେଲୁଗୁମାନେ ପରିଚାଳିତ ହେଉଥିଲେ, ଯେଉଁଥି ପାଇଁ ତେଲୁଗୁ ସମ୍ପ୍ରଦାୟର ଭୋଟ ହାତେଇବା ପାଇଁ ରାଜନୈତିକ ଦଳର ନେତା ମାନେ ମୂଷା ଆପ୍ପାରାଓଙ୍କୁ ପ୍ରତି କ୍ଷେତ୍ରରେ ପ୍ରାଧାନ୍ୟ ଦେଉଥିଲେ। ସ୍ୱର୍ଗତ ଆପ୍ପାରାଓ ପୌର ପାରିଷଦ ଜଗନ୍ନାଥ ରାଓଙ୍କ ଶ୍ୱଶୁର ଅଟନ୍ତି। ତାଙ୍କ ବିୟୋଗରେ ଷଣ୍ଡକୁଦ ବସ୍ତିର ତେଲୁଗୁ ସମ୍ପ୍ରଦାୟ ଏକ ପ୍ରକାର ମୂରବୀ ବିହୀନ ହୋଇପଡିଛି। ତେବେ ମୂଷା ଆପ୍ପାରାଓଙ୍କ ବିୟୋଗରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ପାରିଷଦ ଜଗନ୍ନାଥ ରାଓ, ନବକିଶୋର ବେହେରା, ବିଜେପି ନେତା ଅର୍ଜିଲ ଶିବା, ସୁବା ରାଓ, ଟ୍ରଲର ମାଲିକ ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା, ସାଧାରଣ ସଂପାଦକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଥିବା ବେଳେ ଷଣ୍ଢକୁଦ ସମେତ ପାରାଦୀପର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟଙ୍କ ଭିତରେ ଶୋକର ଛାୟା ଖେଳି ଯାଇଛି ।

## କଲେରା ସମୀକ୍ଷା ବୈଠକରେ ଭୋଜି ଆୟୋଜନ



ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣାରେ ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ ହୋଇଛି। ପ୍ରତିଦିନ ନୂଆ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ଏହାର ନିରାକରଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଦିନ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଆଜି ଝାଡ଼ାବାତି ସମୀକ୍ଷା ବୈଠକରେ ୪୩ଟି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ, ସିଆର୍‌ପି ଓ ଏମ୍‌ବିକେମାନଙ୍କ ସହ ବ୍ଲକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକଟି ମଧ୍ୟାହ୍ନ ସମୟରେ ଅନୁଷ୍ଠିତ ହେଉଥିବାରୁ ସେମାନଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା। ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ପ୍ରଶାସନ ପକ୍ଷରୁ ଭୋଜିଭାତ ସହ ସମାବେଶ ନକରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ନିର୍ଦ୍ଦେଶନାମାକୁ ନମାନି ବ୍ଲକ ପ୍ରଶାସନ ବୈଠକରେ ଉପସ୍ଥିତ ପ୍ରଶାସନିକ କର୍ମଚାରୀଙ୍କ ପାଇଁ କିଭଳି ଭୋଜିର ଆୟୋଜନ କଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ'ଣ କେବଳ ସାଧାରଣ ଲୋକଙ୍କ ପାଇଁ ହୋଇଛି କି ବ୍ଲକ ପ୍ରଶାସନ କ'ଣ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ରହିନି କି ଆଜି ଏଭଳି ଭୋଜିର ଆୟୋଜନ ପରେ ସାଧାରଣଲୋକେ ପ୍ରଶାସନର କାର୍ଯ୍ୟକୁ ନେଇ ପ୍ରଶ୍ନ କରିଛନ୍ତି। ପ୍ରଶାସନ କେବଳ ସାଧାରଣଲୋକଙ୍କ ଉପରେ କଠୋର ହେଉଛି। ନିଜ କଥା ଆସିଲା ବେଳକୁ ସବୁ ନିୟମ ଚୁଲିକୁ ଯାଉଛି। ବୈଠକ ପରେ କର୍ମଚାରୀମାନେ ବ୍ଲକ ପରିସରରେ ଏଣେତେଣେ ବସି ଖାଦ୍ୟ ଖାଇଲେ। ଏଥିସହ ରୋଷେଇ ପାଇଁ ଏକ ଟ୍ୟାଙ୍କରେ ପାଣି ଆସିଥିଲା। ସେହି ଟ୍ୟାଙ୍କରଟି ବାହାରୁ ଅପରିଷ୍କାର ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ବ୍ଲକ କାର୍ଯ୍ୟାଳୟର ଗୃହ ବାହାରେ ରୋଷେଇ କରି ଶହେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଇବାକୁ ଦେଲେ। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ପ୍ରତିଦିନ ଝାଡ଼ାବାନ୍ତି ସଂକ୍ରମଣର ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଆଜି ମଧ୍ୟାହ୍ନରେ ବୈଠକ ଥିବାରୁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଆମେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସବୁ କାର୍ଯ୍ୟ କରିଛୁ। ଏଡିଏମ୍‌ଙ୍କୁ ପଚାରି ମୁଁ ଖାଦ୍ୟର ବ୍ୟବସ୍ଥା କରିଥିଲି। ଯଦି ଏଡିଏମ୍ ବ୍ଲକ ପ୍ରଶାସନକୁ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭୋଜି ଖାଇବା ପାଇଁ ଅନୁମତି ଦେଲେ ତାହା ହେଲେ ସାଧାରଣ ଲୋକଙ୍କ ଭୋଜି ପାଇଁ ଏଡିଏମ୍ ଅନୁମତି ଦେବେ କି ବୋଲି ବଡ଼ଚଣାର ଜନସାଧାରଣ ପ୍ରଶ୍ନ କରିଛନ୍ତି।

## କାଳିମେଳାରେ କଂଗ୍ରେସର କର୍ମୀ ସମ୍ମିଳନୀ

କାଳିମେଳା (ଭାସ୍କର ନ୍ୟୁଜ୍): କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୯୦ ହରିଚାନ୍ଦ ମନ୍ଦିରରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ସେହିପରି ତୃଣମୂଳସ୍ତରରୁ ବୁଥ କମିଟି ପର୍ଯ୍ୟନ୍ତ ସମସ୍ତେ ଏକାଠି କାମ କରିଲେ ଦଳ ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି କର୍ମୀଙ୍କୁ କୁହାଯାଇଥିଲା। ୱାର୍ଡ, ବୁଥ ଓ ପଞ୍ଚାୟତସ୍ତରୀୟ କମିଟି ଖୁବ୍‌ଶୀଘ୍ର ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କର୍ମୀ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ି, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡ଼କାମୀ, ସଂଖ୍ୟାଲଘୁ ସେଲ ସଭାପତି ସୟଦ ଅମଜାଦ ଖାନ୍, ପୂର୍ବତନ ଏନ୍‌ଏସି ସଭାପତି ପି. କେଶୁ ରାଓ, ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ସ୍ୱାଇଁ, ଇସାକ ଖୋସଲା, ପୂର୍ବତନ ସମିତିସଭ୍ୟ ଇମାର୍ କବାସୀ, ତେଲରାଇ ସରପଞ୍ଚ ମୁତା ସୋଡ଼ି, ବଡ଼ିଗେଟା ସମିତିସଭ୍ୟ ସମା ପଡ଼ିଆମୀ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାନ୍ଦା ମାଲୀ, ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ସିଲ, ଏସି ସେଲ୍ ବ୍ଲକ ସଭାପତି ଜ୍ୟୋତିଷ ମଣ୍ଡଳଙ୍କ ସମେତ ଅନେକ କର୍ମୀ ଯୋଗ ଦେଇଥିଲେ ।

## 'ଯୋଗ ଦେଇଥାଏ ସୁସ୍ଥ, ସୁଖ ଓ ଆନନ୍ଦମୟ ଜୀବନ'




ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ଗୋଷ୍ଠୀ ଶିକ୍ଷା ଅଧିନ ଦେବଭୂମୀ ଗ୍ରାମପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୧ତମ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ବେଳେ ପୂର୍ବତନ ଏନ.ସି.ସି କ୍ୟାଡେଟ ଅମର ପ୍ରସାଦ ମୁନୀ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲବ ସେଠିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଏନ୍.ସି.ସି ଅଧିକାରୀ ଅନୁପ କୁମାର ନାୟକ, କ୍ରୀଡା ଶିକ୍ଷକ ଉଦୟ କୁମାର ମାଝୀ, ଶିକ୍ଷକ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ଗୌରହରି ବେହେରା ଯୋଗଦେଇ ଯୋଗ ହେଉଛି ମଣିଷ ଜୀବନର ସତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଦୈନନ୍ଦିନ ଜୀବନରେ ଅଧଘଣ୍ଟା ଯୋଗ ଅଭ୍ୟାସ କରିବା ଆବଶ୍ୟକ। ତେବେ ସୁସ୍ଥ, ସୁଖୀ ଏବଂ ଆନନ୍ଦମୟ ଜୀବନ ହେବ ବୋଲି ଉପସ୍ଥିତ ଶିକ୍ଷକ ଓ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବିକି ସାହୁ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ସାଗର ବେହେରା, ବି. ଦେବାଶିଷ ପାତ୍ର ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଉତ୍କଳ ଗୌରବ ମଧୁସୂଦନ ବିଚାର ମଞ୍ଚର ବୈଠକ



କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ କଣାସ ଗ୍ରାମ ପଞ୍ଚାୟତ କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଜନ ମଙ୍ଗଳ କ୍ଲବ ପରିସରରେ ଆଜି ଉତ୍କଳ ଗୌବ ମଧୁସୁଦନ ବିଚାର ମଂଚ ପକ୍ଷରୁ ପ୍ରଥମ ବୈଠକ ଶିକ୍ଷାବିତ୍ ରାମଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାଷୀମାନଙ୍କର ଧାନର ଅଭାବ ବିକ୍ରି, ନଦୀ ଜଳ ପ୍ରଦୂଷଣ, ବନ୍ୟା ଜଳ ନିଷ୍କାସନ, ମରୁଡି ଜଳସେଚନ ଏବଂ ପ୍ରାକୃତିକ ଦୁର୍ବିପାକରେ ଚାଷୀମାନଙ୍କୁ ଆର୍ଥିକ ମାନସିକ ସ୍ତରରେ ସୁଦୃଢ଼ କରିବା ପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। କୃଷିଜାତ ଦ୍ରବ୍ୟର ଭ୍ୟାଲୁଆଡିସନ୍ ଦ୍ୱାରା ଅଧିକ ଲାଭରେ ଉତ୍ତମ ଜିନିଷ ବିକ୍ରି କରିବାର ମଧ ପ୍ରୟାସ କରାଯିବ । ପ୍ରାକୃତିକ ଉପାୟରେ ଜୈବିକ ପଦ୍ଧତିରେ ଉନ୍ନତମାନର ଧାନ, ପନିପରିବା ଚାଷ କରି ବିଶ୍ୱଦରବାରରେ ପ୍ରଶଂସିତ ହେବାର ଚେଷ୍ଟା କରାଯିବ । ସଂଘଠିତ ଏକତ୍ରିକରଣ ହୋଇ ଉତ୍କଳ ଗୌରବ ମଧୁସୁଦନ ବିଚାର ମଞ୍ଚ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବିଚାର ମଞ୍ଚ ମାଧ୍ୟମରେ ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତିକରଣ କରିବା ସହିତ ସର୍ବଭାରତୀୟ ସ୍ତରରେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଅଭିଳାଶ ନେଇ କାର୍ଯ୍ୟ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଅତିଥି ଭାବେ ସୁକାନ୍ତ କିଶୋର ସାମନ୍ତରାୟ, (ସହନା), ଜଗତକିଶୋର ସାମଲ, (ସିଂହଭୂମି), ଦେବଦତ୍ତ ପରିଡା (ସିରେଇ), ସୌମେନ୍ଦ୍ର ଜେନା (ଭୁବନେଶ୍ୱର), ଅଦେତ କୁମାର ପାତ୍ର (ଭୁବନେଶ୍ୱର), ବାଇମୁନି ଚନ୍ଦ୍ର (ବ୍ରହ୍ମପୁର), ଶ୍ରୀବସ୍ତ ବାରିକ (ନୂଆପଡା), ଦେବବ୍ରତ ରାଉତ (ଢେଙ୍କାନାଳ), ସଞ୍ଜୟ ରାଉତ, ନବକୁମାର ପ୍ରଧାନ (ଅନୁଗୁଳ), ହରେକୃଷ୍ଣ ପଟେଲ (ବ୍ରହ୍ମଗିରି), ସେହ୍ନଲତା ସିଂହ (ସତ୍ୟଭମାପୁର) ଇତ୍ୟାଦି ପ୍ରଭୃତି ଯୋଗଦେଇ ଉଜସ୍ୱିନୀ ବକ୍ତବ୍ୟ ଓ ମାର୍ଗଦର୍ଶନରେ ସମସ୍ତେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ଆଗ୍ରହ ପ୍ରକାଶ ପରିଥିଲେ। ସର୍ବଶେଷରେ ଉତ୍କଳ ଗୌରବଙ୍କର ଆହରହ ପ୍ରୟାସ ଓ ସାକାର କରି ସ୍ୱାବଲମ୍ବି ଏବଂ ସମୃଦ୍ଧି ଓଡିଶା ଗଠନରେ ପ୍ରୟାସ ନେଇ ବ୍ଲକ କମିଟି ଓ ଜିଲ୍ଲା କମିଟି ଗଠନ କରାଯାଇଥିଲା।



କଟକ(ଭାସ୍କର ନ୍ୟୁଜ୍): ସମ୍ପ୍ରତି ରାଜ୍ୟରେ ଅତ୍ୟନ୍ତ ଉଦବେଗ ଜନକ ଭାବେ ବୃଦ୍ଧି ପାଉଥିବା ମହିଳା ମାନଙ୍କ ଉପରେ ବିଭିନ୍ନ ଆକ୍ରମଣ, ଗଣଦୁଷ୍କର୍ମ, ହତ୍ୟା ନାନାଦି ଅପରାଧୀକ କାର୍ଯ୍ୟକଳାପ ରାଜ୍ୟର ଜନସାଧାରଣ ଓ ନାରୀ ସମାଜକୁ ଗଭୀର ଭାବେ ଆତଙ୍କିତ କରିଛି। ବିଶେଷ କରି ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, କେଉଁଝର ଜିଲ୍ଲା ହରିଚନ୍ଦନପୁର ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମଖରେ ବିକ୍ଷୋଭ ପଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଏଆଇଏମଏସଏସ ପକ୍ଷରୁ ମାଳବିକା ସାମଲ, ସିପ୍ରା ମହାନ୍ତି, ଝରଣା ଦାସ, ମନୋସ୍ୱିନ ପ୍ରଧାନ, ନମିତା ବେହେରା, ଶ୍ରଦ୍ଧାଞ୍ଜଳି ପାତ୍ର, କୁନି ଓଝା, ମାନୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

**'ସାଇବର ସୁରକ୍ଷା' ସଂପର୍କିତ ସଚେତନତା ଅଭିଯାନ**

# ସାଇବର ସୁରକ୍ଷା ପାଇଁ ଜନସଚେତନତା ଆବଶ୍ୟକ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂପ୍ରତି ବିଶ୍ୱରେ ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଛି ଏବଂ ସାଇବର ସୁରକ୍ଷା ବ୍ୟକ୍ତି, ସଂଗଠନ ଏବଂ ସରାକରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଣୁ ସାଇବର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ସୋମବାର ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ 'ସାଇବର ସୁରକ୍ଷା' ସଂପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ, ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଣ୍ଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡିକ ମଧ୍ୟ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଙ୍ଗ୍ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟ୍‌ୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ୍ୟ ସୃଷ୍ଟି କରିପାରିବ। କେବଳ ପ୍ରଯୁକ୍ତିବିଦ୍ୟା ସାଇବର ସୁରକ୍ଷାର ଗ୍ୟାରେଂଟି ଦେଇ ପାରିବ ନାହିଁ। ମଣିଷର ତ୍ରୁଟି ସୁରକ୍ଷା ଉଲଂଘନର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ସାଇବର ଅପରାଧ ଏବଂ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରି ଅବଗତ କରାଇଥିଲେ। ଅତିରିକ୍ତ ଏସ୍.ପି ସିବି-ସିଆଇଡି ରିତେଶ ମହାପାତ୍ର ବିଭିନ୍ନ ପ୍ରକାରର ସାଇବର ଅପରାଧ ସଂପର୍କରେ ଅବଗତ କରାଇବା ସହ ସାଇବର ସୁରକ୍ଷା ପାଇଁ ଉପଲବ୍ଧ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଡିଆଇଜି ପୋଲିସ୍-ଏସ୍‌ଟିଏଫ୍ ପିନାକ ମିଶ୍ରଙ୍କ ସମେତ ରାଜଭବନର ଅଧିକାରୀ / କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଜୟଦେବ ଭବନଠାରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୩ ତମ ବଳିଦାନ ଦିବସକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଆମରି ଶିଶୁ ୱେବ ପୋର୍ଟାଲ୍ ଲୋକାର୍ପଣ କଲେ ଉପ-ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଠାରେ ଶିଶୁମାନଙ୍କ ଯତ୍ନ,ସୁରକ୍ଷା ଓ ପୁନର୍ବାସ ସେବାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆମରି ଶିଶୁ ୱେବ ପୋର୍ଟାଲ୍ ଲୋକାର୍ପଣ କରିଛନ୍ତି। ଏହି ୱେବ ପୋର୍ଟାଲ, ଶିଶୁ ସୁରକ୍ଷା ୟୁନିଟ, ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟ ବୋର୍ଡ, ଶିଶୁ ଯତ୍ନ ପ୍ରତିଷ୍ଠାନଏବଂ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ସୁଗମ ସମନ୍ୱୟ ସକ୍ଷମ କରିବ ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ରାଜ୍ୟରେ ଶିଶୁ କଲ୍ୟାଣ, ଶିଶୁ ପୋଷଣ ଓ ଶିଶୁ ସୁରକ୍ଷା କ୍ଷେତ୍ରର କାର୍ଯ୍ୟଶୈଳୀରେ ସୁଧାର ଆସିବ। ଡିଜିଟାଲି ଅପଡେଟ ତଥ୍ୟ ସାହାଯ୍ୟରେ ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଟ୍ରାକ ହୋଇପାରିବ। ୱେବ ପୋର୍ଟାଲ୍ ମାଧ୍ୟମରେ ପୋଷଣ ଟ୍ରାକର ଓ ଚାଇଲ୍ଡ ହେଲ୍ପଲାଇନ ଲାଇନ ନମ୍ବର ୧୦୯୮ର ସମନ୍ୱୟ ମଧ୍ୟ ରହିପାରିବ। ଏହି ପୋର୍ଟାଲ୍ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ ଭଳି ଯୋଜନାର ଅଦ୍ୟତନ ତଥ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରେଇପାରିବ ବୋଲି ଶ୍ରୀମତୀ ପରିଡା ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ସହ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।

## ୩୦ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ) ଆସନ୍ତା ୩୦ରୁ ଆରମ୍ଭ ହେବ। ଉଭୟ ଯାକ ପରୀକ୍ଷା ଜୁଲାଇ ୧୦ରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇସାରିଛି। ଏବେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ସପ୍ଲିମେଣ୍ଟାରୀ ପାଇଁ ୯୮ କେନ୍ଦ୍ର ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦୩ କେନ୍ଦ୍ର କରାଯାଇଛି। ପରୀକ୍ଷା ପାଇଁ ୩୨୩୨ଓ ମୁକ୍ତ ବିଦ୍ୟାଳୟ ପାଇଁ ୧୦,୮୦୯ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

## ସ୍ୱର୍ଗତଃ ମୁଖାର୍ଜୀ ହେଲେ ବଳିଦାନର ପ୍ରତୀକ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତ୍ତନ କରିଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳିସ୍ଥିତିରେ ପହଁଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବଳିଦାନ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ବିଜେପି ନେତୃବୃନ୍ଦ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ସାମଲ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅରବିନ୍ଦ ଢ଼ାଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିପ୍‌ଟୋରେ କ୍ଷତିକୁ ନେଇ ନିଜ ଅପହରଣ ନିଜେ ରଚିଲେ ଛାତ୍ର

କଟକ(ଭାସ୍କର ନ୍ୟୁଜ୍): କ୍ରିପ୍ଟୋରେ କରେନ୍‌ସିରେ କ୍ଷତ କାରଣରୁ ମାନଶିକ ଭାରସାମ୍ୟ ହରାଇ ଜଣେ ବି.ଟେକ୍ ଛାତ୍ର ନିଜ ଅପହରଣର ନାଟକ ରଚି ଏବେ ଧରା ପଡିଛନ୍ତି। କଟକର ଚାଉଳିଆଗ ଥାନାରେ ଏଭଳି ଘଟଣା ଘଟିଛି। କ୍ରିପ୍ଟୋ କରେନ୍ସିରେ କ୍ଷତି ହେବା ପରେ, ଛାତ୍ର ଜଣକ ତାଙ୍କ ପରିବାର ସଦସ୍ୟଙ୍କ ଠାରୁ କ୍ଷତି ଭରଣା କରିବା ପାଇଁ ଟଙ୍କା ଆଦାୟ କରିବାକୁ ଯୋଜନା କରିବା ପରେ ପରିବାର ଠାରୁ ୫୦୦ ହଜାର ଟଙ୍କା ମାଗିଥିଲେ। ନିଜେ ନିଖୋଜ ହୋଇଯିବା ପରେ ନିଜ ପରିବାରକୁ ୫୦ ହଜାର ଟଙ୍କା ନ ଦେଲେ ଅପହୃତ ପୁଅକୁ ମୁକ୍ତ କରାଯିବ ନାହିଁ ବୋଲି ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ। ଏହା ପରେ ଛାତ୍ରଙ୍କ ପରିବାର ପକ୍ଷରୁ ଚାଉଳିଆଗ ଥାନାରେ ଏତଲା ରୁଜୁ କରାଯାଇଥିଲା। ଏତଲା ପରେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସଂପୃକ୍ତ ଛାତ୍ରର ଫୋନ୍ ଟ୍ରକିଂ କରାଯିବା ପରେ ପ୍ରକୃତ ସତ କଥା ଜଣାପଡିଥିଲା ବୋଲି କମିଶନ୍‌ରେଟ୍ ଡିସିପି ଋଷିକେଶ ଖିଲାର ସୂଚନା ଦେଇଛନ୍ତି।

## 'ନିଶା ନୁହେଁ, ଜୀବନ' ସଚେତନତା ଏଲ୍‌ଇଡି ରଥର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି)ପକ୍ଷରୁ ନିଶା ନୁହେଁ, ଜୀବନ ଏଲଇଡ଼ି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଲଇଡି ଖଚିତ ସଚେତନତା ଗାଡିର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ଅବକାରୀ ବିଭାଗର ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶୀଷ ପଟେଲ, ଡେପୁଟି ସୁପରିଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ, ଡେପୁଟି ସୁପରିଟେଣ୍ଡଣ୍ଟ ବିଭୁତି ଭୂଷଣ ଦ୍ୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ବରଗଡ, ମାଷ୍ଟର କ୍ୟାଣ୍ଟିନ, ବାପୁଜୀ ନଗର, ମାର୍କେଟ ବିଲଡିଂ, ଆଚାର୍ଯ୍ୟ ବିହାର, ନୟାପଲ୍ଲୀ ଆଦି ଅଞ୍ଚଳରେ ନିଶା ନିବାରଣ ସଂପର୍କିତ ଭିଡିଓ ପ୍ରଦର୍ଶିତ କରିବା ସହ ଲୋକମାନଙ୍କୁ ସଚେତନ କରାଉଛି।

## ଟ୍ରମ୍ପ୍‌ଙ୍କ ଆଡ଼ଭାଇଜରୀ ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଡ଼ଭାଇଜରୀ, ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଥିବାରୁ ବିଜୁ ଜନତା ଦଳ ଉଦବେଗ ପ୍ରକାଶ କରିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ଼ ଅରୁଣ କୁମାର ସାହୁ, ଦଳର ଉପସଭାପତି ସଞ୍ଜୀୟ କୁମାର ଦାସବର୍ମା ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି କହିବା ସହିତ ବିଜୁ ମହିଳା ଜନତା ଦଳ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଥିଲେ।



## ରେଳବାଇ ଅଧିକାରୀଙ୍କୁ ନେଇ ଡିଜିପିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ପୋଲିସ ଡିଜିଙ୍କ ଅଧକ୍ଷତାରେ ରେଲୱେ ବିଭାଗର ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେଳବାଇ ସୁରକ୍ଷା ଓ ଆଜି ପର୍ଯ୍ୟନ୍ତ ରେବାଇରେ ହୋଇଥିବା ଅଭିଯୋଗ ଉପରେ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ କହିଛନ୍ତି ରଜ୍ୟର ସମସ୍ତ ବଡ଼ ବଡ଼ ରେଳ ଷ୍ଟେସନରେ ସିସିଟିଭି ଲାଗିଛି। ଯେଉଁ ରେଳ ଷ୍ଟେସନରେ ସିସିଟିଭି ଲାଗି ନାହିଁ ସେଠାରେ ସିସିଟିଭି ଲଗାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସିସିଟିଭି ଫୁଟେଜ ରେଳବାଇ ପୋଲିସ ଅଧିକାରୀଙ୍କ ପାଖରେ କେମିତି ପହଂଚିବ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ରେଳରେ ଯାତ୍ରା କରିଥିବା ଯାତ୍ରୀଙ୍କ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ କେଉଁ ସବୁ ବ୍ୟବସ୍ଥା ଜିଆରପି କରିବ ଏବଂ କେଉଁ ବ୍ୟବସ୍ଥା ଆରପିଏଫ୍ କରିବ ଓ କେଉଁ ବ୍ୟବସ୍ଥା ରେଳବାଇ କରିବ ସେନେଇ ଆଲୋଚନା ହୋଇଥିଲା। ଅପରାଧ ଉପରେ ରେଳବାଇ ପୋଲିସ ତୀକ୍ଷ୍ଣ ନଜର ରଖିବ ବୋଲି କହିଛନ୍ତି ଡିଜିପି।

## ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ତାଙ୍କ ବଳିଦାନ ଦିବସରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଖର ରାଷ୍ଟ୍ରବାଦୀ, ବିଶିଷ୍ଟ ଶିକ୍ଷାବିଦ୍, ଭାରତୀୟ ଜନସଂଘର ପ୍ରତିଷ୍ଠାତା ଓ ମୋ ପରି କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କର ପ୍ରେରଣା ସ୍ରୋତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ତାଙ୍କର ବଳିଦାନ ଦିବସରେ ଶ୍ରଦ୍ଧାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ସମ୍ପୂର୍ଣ୍ଣ ଜୀବନ ଦେଶର ଏକତା, ଅଖଣ୍ଡତା ଓ ସାଂସ୍କୃତିକ ଉତ୍ଥାନ ପାଇଁ ଉତ୍ସର୍ଗ ରହିଥିଲା। ସେ ଭାରତୀୟ ଜନସଂଘର ସ୍ଥାପନା କରି ରାଷ୍ଟ୍ରବାଦୀ ରାଜନୈତିକ କ୍ଷେତ୍ରକୁ ଏକ ନୂତନ ସ୍ୱର ଦେଇଥିଲେ। ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଦେଶର ଏକତା ଓ ଅଖଣ୍ଡତାରେ ବାଧା ସୃଷ୍ଟି କରୁଥିବା ଧାରା ୩୭୦ ବିରୋଧ କରି 'ଏକ ଚିହ୍ନ, ଏକ ବିଧାନ, ଏକ ପ୍ରଧାନ' ନାରା ଦେଇଥିଲେ।

## ଭୁବନେଶ୍ୱରରେ ହେବ ସାଇନ୍ସ ସିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ହେବ ସାଇନ୍ସ ସିଟି। ସେଥିପାଇଁ ମୁଖ୍ୟମନ୍ତ୍ରୀ ୧୦୦ ଏକ ଜାଗା ମଞ୍ଜୁର କରିଛନ୍ତି। ସାଇନ୍ସ ସିଟି ପାଇଁ ଯାହା ଅର୍ଥ ଦରକାର ତାହା ଦିଆଯିବ। ସାଇନ୍ସ ସିଟି ଦ୍ୱାରା ଛାତ୍ରଛାତ୍ରୀ ଓ ସାଧାରଣ ଜନତା ମାନେ ନୂଆନୂଆ ତଥ୍ୟ ଜାଣିବେ। ୫ ବର୍ଷରେ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

## ଧରାକୋଟର ଦଳିତଙ୍କୁ ଆକ୍ରମଣ ନେଇ ପିସିସିର ଅନୁଧାନ କମିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକ ଅର୍ନ୍ତଗତ ସିଙ୍ଗିପୁର ଗ୍ରାମର ଜଣେ ଦଳିତ ବ୍ୟକ୍ତି ବାବୁଲା ନାୟକ ଏବଂ ଅନ୍ୟ ଜଣେ ଚାଷୀଙ୍କୁ କିଛି ଦୁର୍ବୃତ ମରଣାନ୍ତକ ଆକ୍ରମଣ କରି ନଣ୍ଡାକରି ଗାଁରେ ଆଣ୍ଠେଇ ଆଣ୍ଠେଇ ନେଉଥିଲେ। ଉକ୍ତ ଘଟଣାର ଅନୁଧ୍ୟାନ ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ କମିଟିରେ ଅଧ୍ୟକ୍ଷ ଥିବା ବେଳେ ପିସିସି ଉପସଭାପତି ତଥା ବିଧାୟକ ରମେଶ ଜେନା, ପର୍ସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ ପିସିସି ସମ୍ପାଦକ ତୁଳେଶ୍ୱର ନାୟକ ସଦସ୍ୟ ଭାବରେ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ଘଟଣାସ୍ଥଳ ଗସ୍ତକରି ପୀଡ଼ିତାକୁ ସାକ୍ଷାତ କରିବା ସହିତ ଘଟଣାର ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପଠାଇବାକୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

DSPL-

ଓଡ଼ିଶା ଶାସନ

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR 10003/13/0212/2526

NATIONAL HEALTH MISSION


ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ




## ଅନ୍‌ଲାଇନ୍ ଗେମ୍‌ର ବିଭୀଷିକା

# ଅକାଳରେ ଝଡୁଛି ଅମୂଲ୍ୟ ଜୀବନ

ଆମ ଦେଶରେ ସବୁବର୍ଗର ଲୋକଙ୍କ ପାଇଁ ଏବେ ଦୁଇଟି ବଡ଼ ବିପଦ ଘନେଇ ଆସିଥିବାର ଲକ୍ଷ୍ୟ କରାଯାଉଛି। ଗୋଟିଏ ପଟେ ସାଇବର ଠକେଇ କାୟାବିସ୍ତାର କରି ମାଡ଼ି ଚାଲିଥିବା ବେଳେ ଏବଂ କନିଷ୍ଠଙ୍କ ଠାରୁ ଆରମ୍ଭ କରି ବରିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହୋଇ ଆର୍ଥିକ କ୍ଷେତ୍ରରେ ସର୍ବସ୍ୱାନ୍ତ ହେଉଥିବା ସମୟରେ ଅନ୍ୟପଟେ ଅନ୍‌ଲାଇନ୍ ଗେମ୍‌ର ନିଶା ଯୁବଗୋଷ୍ଠୀ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଅନ୍‌ଲାଇନ୍ ଗେମ୍ ଖେଳି ଅଧିକ ଅର୍ଥ ଉପାର୍ଜନ କରିବାକୁ ଯୁବକମାନେ ଏଭଳି ବ୍ୟାକୁଳ ହୋଇ ଉଠିଛନ୍ତି ଯେ ଖେଳରେ ହାରିବା ପରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପାଇଁ ପଛାଉ ନାହାନ୍ତି। ମୋଟାମୋଟି ଭାବରେ ସମଗ୍ର ଦେଶ ବିଶେଷ କରି ଆମ ରାଜ୍ୟ ଓଡ଼ିଶାରେ ଅନ୍‌ଲାଇନ୍ ଗେମ୍ ବିଭୀଷିକା ସୃଷ୍ଟି କରି ବହୁ ନିରୀହ ଯୁବକଙ୍କ ଜୀବନ ଅକାଳରେ ଲୁଟି ନେଉଥିବାର ଦୁଃଖଦ ତଥ୍ୟ ସାମ୍ନାକୁ ଆସିଛି। ରାତାରାତି କୋଟିପତି ହେବା ଲୋଭରେ ସେମାନେ ସର୍ବସ୍ୱ ହରାଉଛନ୍ତି। ଶେଷରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ରାସ୍ତା ବାଛି ନେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ଗତ ତିନିବର୍ଷରେ ୬୦ରୁ ଅଧିକ ଯୁବକ ଅନ୍‌ଲାଇନ୍ ଗେମ୍‌ରେ ହାରିଯିବା ଯୋଗୁଁ ଆତ୍ମହତ୍ୟା କରିଥିବାବେଳେ ଅନେକ ନାବାଳକ ଆତ୍ମହତ୍ୟା ଉଦ୍ୟମ କରି କୌଣସିମତେ ବଞ୍ଚି ଯାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ଖୋର୍ଦ୍ଧା, କଟକ ଓ ପୁରୀରେ ଅଧିକ ସଂଖ୍ୟକ ଯୁବକ ଆତ୍ମହତ୍ୟା କରିଥିବାର ପରିସଂଖ୍ୟାନରୁ ଜଣାପଡିଛି। ଅଳ୍ପଦିନ ପୂର୍ବେ ଆଇ.ପି.ଏଲ୍ କ୍ରିକେଟ୍ ପ୍ରତିଯୋଗିତା ଚାଲିଥିବା ସମୟରେ ଯାଜପୁର, କେନ୍ଦୁଝର ଓ ପୁରୀ ଜିଲ୍ଲାର କେତେକ ଯୁବକ ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ଖଟାଇ ହଠାତ୍ କୋଟିପତି ହୋଇଗଲେ। ସେମାନେ ବିପୁଳ ଲାଭବାନ୍ ହୋଇଥିବା ଖବର ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବା ମାତ୍ରେ ରାଜ୍ୟର ଅନ୍ୟ ଅଞ୍ଚଳର ଯୁବକମାନେ ଏଥିପ୍ରତି ଆକୃଷ୍ଟ ହେବାରେ ଲାଗିଲେ। ମାତ୍ର ସମସ୍ତଙ୍କ ଭାଗ୍ୟ ସମାନ ନୁହେଁ ଓ ଏହି ଖେଳ ଅନ୍ୟମାନଙ୍କ ପାଇଁ ଯେ କାଳ ସାଜିବ, ଏହା ବୁଝିବାକୁ ସେମାନେ ଅକ୍ଷମ ହେଲେ। ଗତ ମାସରେ ଖୋଦ୍ ରାଜଧାନୀର ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ଯୁବକ ସାତଲକ୍ଷ ଟଙ୍କା କ୍ଷତି ସହିବା ପରେ ଆତ୍ମହତ୍ୟା କରିବାକୁ ପଛାଇ ନଥିଲେ। ସେହିପରି ବାଲେଶ୍ୱରରେ ଜଣେ ଇଞ୍ଜିନିୟର୍ ଅନ୍‌ଲାଇନ୍ ଗେମ୍‌ରେ ସାତଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବାର ଖବର ମିଳିଥିଲା। ଦୁଇବର୍ଷ ତଳେ କେନ୍ଦୁଝରର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଫ୍ରି ଫାୟାର୍ ଗେମ୍ ଖେଳି ଟଙ୍କା ହରାଇବା ପରେ ଆତ୍ମହତ୍ୟା କରିଥିଲେ। ସେହିପରି କୋରାପୁଟରେ ଜଣେ ୧୩ ବର୍ଷର ବାଳକକୁ ତା'ର ବାପା-ମା' ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମନା କରିଦେବାରୁ ସେ ଆତ୍ମହତ୍ୟାର ରାସ୍ତା ବାଛି ନେଇଥିଲା। ଜଗତସିଂହପୁର ଅଞ୍ଚଳର ଜଣେ ବ୍ୟବସାୟୀ ଖେଳରେ ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା କରିଥିବା ସ୍ଥଳେ କେନ୍ଦ୍ରାପଡ଼ାର ଜଣେ ଯୁବକ ସମାନ କାରଣରୁ ଜୀବନ ହରାଇଥିଲେ। ପ୍ରାୟ ବର୍ଷକ ପୂର୍ବେ ପବ୍‌ଜୀ ଗେମ୍‌ରେ ଲକ୍ଷଲକ୍ଷ ଟଙ୍କା ହରାଇ ବାଲେଶ୍ୱରର ଜଣେ ଯୁକ୍ତ ୩ ଛାତ୍ର ଆତ୍ମହତ୍ୟା କରିଥିବାର ଅଭିଯୋଗ ଆସିଥିଲା। ଏଭଳି ଅନ୍‌ଲାଇନ୍ ଗେମ୍ ଦ୍ୱାରା ଠକାମୀ ବଢୁଥିବାରୁ ଭାରତ ସରକାର ୨୦୨୨ ମସିହାରେ ବ୍ୟକ୍ତିଗତ ଗୋପନୀୟତା ଓ ଡାଟା ଚୋରି ଅଭିଯୋଗରେ ଫ୍ରି ଫାୟାର୍ ଭଳି ୫୩ଟି ଆପ୍‌କୁ ବ୍ଲକ କରିଥିଲେ। ଏହା ସତ୍ତ୍ୱେ ଅନ୍‌ଲାଇନ୍ ଗେମ୍‌ର ବିଭୀଷିକା କମିବାର ନାମଗନ୍ଧ ଧରୁନାହିଁ। ଏହି ବ୍ୟାଧିକୁ ରୋକିବା ଦିଗରେ ଅଧିକ କଠୋର ଆଇନ୍‌ର ଆବଶ୍ୟକତା ଅନୁଭୂତ ହେଉଛି।

### ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଇସ୍ରାଏଲ-ଇରାନ ସଂଘର୍ଷ ମଧ୍ୟରେ ଯେଉଁ ବିବାଦ ରହିଛି



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଜଣେ କେବଳ ଅନୁମାନ କରିପାରେ ଯେ, ବର୍ତ୍ତମାନର ଇସ୍ରାଏଲ-ଇରାନ ବିବାଦର ପରିଣାମ କ'ଣ ହେବ। ଏହାର ପ୍ରଥମ ଉଦାହରଣ ହେଉଛି ଗୋଟିଏ ପରମାଣୁ ଯୁଦ୍ଧ ହୁଏତ ହୋଇପାରେ ଅବା ଏହାର କୌଣସି ଅହିଂସ୍ର ସମାଧାନ ହୋଇପାରେ। ଅତୀତରେ ଆମେରିକାର ଟ୍ରମ୍ପଙ୍କ ଏକଛତ୍ରବାଦ ନୂଆ ଓ କଦର୍ଯ୍ୟ ଅଧିକାର ସାରା ବିଶ୍ୱ ଉପରେ ଲଦି ଦେବାକୁ ଚେଷ୍ଟା କରାଯାଇଛି। ଏହା ହେଉଛି ନୂଆ ଓ କଦର୍ଯ୍ୟ ଆଶ୍ଚର୍ଯ୍ୟ। ଭାରତର ବିଦେଶନୀତି ଏକ ଧ୍ରୁବୀୟ କଥା ଉପରେ ନିର୍ଭର କରିଆସିଛି। ଏହା ଶୀତଳ ଯୁଦ୍ଧ ସମୟର ଦୁଇ ଧ୍ରୁବୀୟ ଘଟଣା ଉପରେ ନିର୍ଭର କରି ଆସିନାହିଁ। ସୋଭିଏତ ୟୁନିୟନର ପତନ ପରେ ଏବେ ସାରା ପୃଥିବୀ ଏକ ଧ୍ରୁବୀୟ ଅର୍ଥାତ୍ ଆମେରିକା ନେତୃତ୍ୱାଧୀନ ରାଜନୀତିରେ ପରିଣତ ହୋଇଛି। ଡୋନାଲ୍ଡ ଟ୍ରମ୍ପ ସେହି ଧରଣର ବିଶ୍ୱନୀତିର ନେତୃତ୍ୱ ନେଉଛନ୍ତି। କିନ୍ତୁ ଏହା ଫଳରେ ସାରା ପୃଥିବୀରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଯାହା ଭାରତରେ ନମନୀୟତା ସୃଷ୍ଟି କରିଛି। ଆମେରିକାର ଏକାକୀତ୍ୱ ବଢ଼ିବାରେ ଲାଗିଛି ଯାହା ପୁଟିନଙ୍କୁ ଋଷ ଜାତିର ସମର୍ଥକ ଜର୍ଜିଆ ଓ ମୋଲଡ଼ୋଭାକୁ ସାଙ୍ଗରେ ନେଇଯାଇଛି। ଯେତେବେଳେ ଏହି ଦୁଇଟି ଦେଶକୁ ଦଖଲ କରିନେବା ପରେ ତାଙ୍କର କିଛି କ୍ଷତି ହେଲାନାହିଁ ସେତେବେଳେ ଋଷିଆ କ୍ରିମିଆକୁ ଦଖଲ କଲା ଓ ପରେ ଚେଷ୍ଟା କଲା ସାରା ୟୁକ୍ରେନକୁ ଦଖଲ କରିନେବା ପାଇଁ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ୟୁକ୍ରେନକୁ ସାହାଯ୍ୟ କଲେ। କିନ୍ତୁ ଯେଉଁ ଅଞ୍ଚଳଗୁଡ଼ିକୁ ଋଷିଆ ଦଖଲ କରିନେଇଛି ତା' ଉପରେ ବୋମାମାଡ଼ ନକରିବାକୁ କହିଲେ। ଯାହା ଫଳରେ ଗୋଟିଏ ତୃତୀୟ ବିଶ୍ୱଯୁଦ୍ଧ ହେବାର ସମ୍ଭାବନା ସୃଷ୍ଟି ହେଲାନାହିଁ। ୟୁକ୍ରେନ ଏ ଧରଣର ସୀମାରେଖାକୁ ଅବଜ୍ଞା କରିଛି। ଟ୍ରମ୍ପ ହେଉଛନ୍ତି ଜଣେ ଆକ୍ରାମକ ଏକାକୀତ୍ୱବାଦୀ। ସେ ଦେଖିପାରୁନାହାନ୍ତି ଯେ ଆମେରିକା କାହିଁକି ଅନ୍ୟ ଦେଶମାନଙ୍କୁ ମାଗଣା ସୁରକ୍ଷା ବା ଅନ୍ୟ ଆନ୍ତର୍ଜାତିକ ସାମଗ୍ରୀମାନ ଅନ୍ୟମାନଙ୍କୁ ଯୋଗାଇଦେବ। ସେ କହୁଛନ୍ତି ବାଣିଜ୍ୟର ପୁନର୍ବାର ପ୍ରତିଷ୍ଠା ହେବ ଓ ତା' ଉପରେ ଶୁଳ୍କ ମଧ୍ୟ ଦିଆଯିବ। ବାଣିଜ୍ୟରେ ପୁଞ୍ଜି ଲଗାଣ ହେବ ଏବଂ ସୁରକ୍ଷା ରାଜତ୍ୱ ସୃଷ୍ଟି ହେବ। ଆମେରିକା ସମସ୍ତଙ୍କ ପାଇଁ ତାଙ୍କର ଆଇନରେ ବିଶ୍ୱକରଣ ଗତ ୮୦ ବର୍ଷ ଧରି କରିଚାଲିଛନ୍ତି। ତେଣୁ ଆମେରିକା କେବଳ ପୁରୁଣା ଶତ୍ରୁ ଋଷ ଓ ଚୀନକୁ ଆକ୍ରମଣ କରିନାହାନ୍ତି କିନ୍ତୁ ତାଙ୍କର ବନ୍ଧୁ ଥିବା ୟୁରୋପ, ଜାପାନ, କାନାଡ଼ା ଓ ମେକ୍ସିକୋ ଆଦି ଦେଶମାନଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ସେ ଗୋଟିଏ ଆଇନଭିତ୍ତିକ ପଦ୍ଧତିକୁ ବଢ଼ାଇବାକୁ ଚାହାନ୍ତି ନାହିଁ, ଯାହା ବିଶ୍ୱର ଅର୍ଥନୈତିକ ଉପାର୍ଜନକୁ ବଢ଼ାଇବ। ଏଥିରେ ଆମେରିକାର ଗୋଟିଏ ଭାଗ ଅଛି। ସେ ଚାହାନ୍ତି ବାଣିଜ୍ୟରେ ଆମେରିକାର ଗୋଟିଏ ଅଂଶ ବଢୁ। ଏପରିକି ଏହି ବାଣିଜ୍ୟ ମଜୁର ହେଉ ପଛରେ ସେ ଏଇଆ ଚାହାନ୍ତି। ଟ୍ରମ୍ପ ଓ ଆମେରିକାକୁ ମହାନ କର(ଏମ୍‌ଏଜିଏ) ସମର୍ଥକମାନେ ଚାହାନ୍ତି ଆମେରିକାର ଏଥିରେ ସମ୍ପୃକ୍ତି ରହୁ। ଏହାକୁ ଦେଖି ଇସ୍ରାଏଲ ଯିଏ ଏକଦା ଆମେରିକାର କନିଷ୍ଠ ସହଯୋଗୀ ଥିଲା ମଧ୍ୟପ୍ରାଚ୍ୟରେ ତାହା ବର୍ତ୍ତମାନ ଏକ ଧନୀ ଦେଶରେ ପରିଣତ ହୋଇଛି, ଯାହାର ଅତି ଦୃଢ଼ ଅସ୍ତ୍ରଶସ୍ତ୍ର ଶିଳ୍ପ ରହିଛି। ଅତୀତରେ ଆମେରିକା ଏହା ଉପରେ ଯେତେ ପ୍ରତିବନ୍ଧକ ଲଗେଇଥିଲା ତାହାକୁ ସବୁ ସେ ପରିବର୍ତ୍ତନ କରିଛି ଏବଂ ମଧ୍ୟପ୍ରାଚ୍ୟ ଉପରେ ପୂର୍ଣ୍ଣ କ୍ଷମତା ଜାହିର କରିଛି। ଟ୍ରମ୍ପ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେମିନ ନେତାନ୍ୟାହୁଙ୍କ ସହିତ ମିଶିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ଚାହାନ୍ତି ଯେ, ସେ ହେଉଛନ୍ତି ବିଜୟୀ। ସେ କହନ୍ତି ସେ ନିଜେ ବା ଅନ୍ୟ କେହି ଜାଣିନାହାନ୍ତି ଭବିଷ୍ୟତରେ ସେ କ'ଣ କରିବେ।

**ନେତାନ୍ୟାହୁ ଯାହା କରିବେ**

କିନ୍ତୁ ଏ ସମ୍ପର୍କରେ କ'ଣ କରାଯିବା ଉଚିତ ନେତାନ୍ୟାହୁ ସେଥିରେ ଅତି ସ୍ପଷ୍ଟ ଅଟନ୍ତି। ସେ ଇରାନ ପାଖରୁ ସବୁପ୍ରକାର ଆଣବିକ ଧମକକୁ ଅତିକ୍ରମ କରିବାକୁ ଚାହାନ୍ତି। ଇରାନ ଏବେ ୟୁରାନିୟମକୁ ୬୦% ସମୃଦ୍ଧ କରିସାରିଲାଣି ଯାହା ହୁଏତ ପରମାଣୁ ବୋମାରେ ପରିଣତ ହୋଇପାରେ। ଏହାକୁ ଇରାନ ଜମା କରି ରଖୁଛି ଏବଂ ଏହାର ସେଣ୍ଟ୍ରିଫ୍ୟୁଜଗୁଡ଼ିକ ତିଆରି କରୁଛି ତା'ର ସମୃଦ୍ଧିକରଣ ପାଇଁ। କିନ୍ତୁ ଇସ୍ରାଏଲ ଇରାନ ଉପରେ ବୋମାମାଡ଼ କରି ତା'ର ଅନେକ କ୍ଷତି କଲାଣି ଏବଂ ଏହାର ବନ୍ଧୁ ରାଷ୍ଟ୍ର ଲେବାନନର ମଧ୍ୟ କ୍ଷତି କରୁଛି ଯେଉଁଠି ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ଲୋକମାନେ ଅଛନ୍ତି। ଗାଜାରେ ହାମାସ ଆତଙ୍କବାଦୀମାନେ ଅଛନ୍ତି। ଇସ୍ରାଏଲ ଇରାନର ଆକାଶ ପ୍ରତିରକ୍ଷା ବ୍ୟବସ୍ଥାକୁ ଏକ ପ୍ରକାର ଅଚଳ କରିଦେଇଛି ଏବଂ ଏବେ ନାଟାଠାରେ ଥିବା ଏହାର ଆଣବିକ କାରଖାନା ଉପରେ ମଧ୍ୟ ଆକ୍ରମଣ କରିଛି ଯାହା ଇସ୍‌ପାହାନଠାରେ ଅବସ୍ଥିତ ଏବଂ ଫୋରଡୋଠାରେ ଥିବା ଏହାର ଆଣବିକ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରିଛି। ଇରାନର ନିକଟରେ ସେଣ୍ଟ୍ରିଫ୍ୟୁଜମାନେ ଅଛନ୍ତି ପରମାଣୁ ବୋମା ତିଆରି କରିବା ପାଇଁ। ଇରାନ ନିକଟରେ ୟୁରାନିୟମ ବର୍ତ୍ତମାନ ଜମା ହୋଇ ରହିଛି ଯାହା ଫୋରଡୋ ପାହାଡ଼ତଳି ଅଞ୍ଚଳରେ ଅବସ୍ଥିତ। କେହି ଜାଣିନାହାନ୍ତି ଫୋରଡୋ ପାହାଡ଼ରେ କ'ଣ ଅଛି। କେହି ଜାଣିନାହାନ୍ତି ଯେ, ଇସ୍ରାଏଲ ଏସବୁକୁ ସତରେ ଧ୍ୱଂସ କରିପାରିବ କି? ଇରାନ କହୁଛି ଏହା ସମୃଦ୍ଧ ୟୁରାନିୟମ ଭଣ୍ଡାରକୁ ନଷ୍ଟ କରିଛି। ଇରାନ କହୁଛି ସେ ତା'ର ସମୃଦ୍ଧ ୟୁରାନିୟମକୁ ଗୋଟିଏ ଜାଗାରେ ନରଖି ବିଭିନ୍ନ ସ୍ଥାନରେ ବାଣ୍ଟି ଦେଇଛି। ଯାହା ଫଳରେ କି ଏସବୁ ୟୁରାନିୟମ ଏକାଥରକେ ଯେମିତି ନଷ୍ଟ ହୋଇପାରିବନାହିଁ।

**ଇରାନ କେମିତି ପ୍ରତିଆକ୍ରମଣ କରିବ**

ଇରାନ ବୋମା ତିଆରି ହେଉଥିବା ୟୁରାନିୟମକୁ ୯୦% ସମୃଦ୍ଧ କରିପାରେ। ଏହା ମଧ୍ୟ ପରମାଣୁ ବୋମା ତିଆରି କରିପାରେ ଯାହା ଏତେବେଶୀ କ୍ଷତିକାରକ ହୋଇନପାରେ। ୬୦% ସମୃଦ୍ଧ ୟୁରାନିୟମରୁ ଏହା ତିଆରି ହୋଇପାରେ ଯାହା ଫଳରେ ଅଶେଷ କ୍ଷତି ସୃଷ୍ଟି ହେବ। ଯଦି ବି ସେଗୁଡ଼ିକ ଆଶାଠାରୁ କମ୍ କ୍ଷତିକାରକ ହୋଇଥାନ୍ତି।

ଇରାନ ମଧ୍ୟ କ୍ଷତିକାରକ ବୋମା ସୃଷ୍ଟି କରିପାରେ ଯାହାକୁ ଡାର୍ଟିବମ୍ ବୋଲି କୁହାଯାଏ, ଯାହା ନିମ୍ନସ୍ତରର ଆଣବିକ ଅଳିଆରୁ ତିଆରି ହୋଇପାରେ। ସେହି କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କର ବସ୍ତ୍ରରୁ ଏହି ୟୁରାନିୟମକୁ ସଂଗ୍ରହ କରାଯାଇପାରେ। ଏହାଛଡ଼ା ଯେଉଁ ମେସିନରୁ ଏହା ତିଆରି ହେଉଛି ସେଥିରୁ ମଧ୍ୟ ୟୁରାନିୟମ ସଂଗ୍ରହ କରାଯାଇପାରେ। ଏଗୁଡ଼ିକ ଯେହେତୁ ନିମ୍ନ ଶ୍ରେଣୀର ୟୁରାନିୟମ ଅଟନ୍ତି ସେଗୁଡ଼ିକ ମଣିଷକୁ ହୁଏତ ମାରିପାରିବେନାହିଁ କିନ୍ତୁ ସେଗୁଡ଼ିକ ଘରଦ୍ୱାର ଧ୍ୱଂସ କରିଦେଇପାରିବେ ଓ ଏହାଦ୍ୱାରା ଷ୍ଟକ ମାର୍କେଟ ତଳକୁ ଖସିଯିବ। ଏହି ଧରଣର ନିମ୍ନ ଶ୍ରେଣୀର ୟୁରାନିୟମକୁ ଚାରିଆଡ଼େ ଉଡ଼ିଆସୁଥିବା ଜଳକଣା ପରି ସ୍ପ୍ରେ କରିଦିଆଯାଇପାରେ। ଏହାଛଡ଼ା ସମୃଦ୍ଧ ୟୁରାନିୟମକୁ କେତେକ ଜିହାଦି ଗୋଷ୍ଠୀମାନଙ୍କୁ ଆତ୍ମଘାତୀ ବୋମା ବାହକମାନଙ୍କ ଦ୍ୱାରା ଇସ୍ରାଏଲର କ୍ଷତି କରିବା ପାଇଁ ସୃଷ୍ଟି କରିଦେଇପାରେ। ଯଦି ଲସ୍କର-ଇ-ତୋଇବା ଓ ଜୈସ-ଇ-ମହମ୍ମଦ ବାସନ୍ଦ ହୋଇଥିଲେ ମଧ୍ୟ ସେମାନେ ନିଶ୍ଚିତ ଭାବରେ କାମରେ ଲାଗିଛନ୍ତି। ସେମାନଙ୍କର ହାତକୁ ଏସବୁଥିରୁ ଅସ୍ତ୍ରଶସ୍ତ୍ରରୁ ହଟେଇ ନେବା ପାଇଁ ନିଶ୍ଚୟ ଚେଷ୍ଟା କରାଯିବ। ସେମାନେ କ'ଣ ଏହି ନିମ୍ନ ଶ୍ରେଣୀର ୟୁରାନିୟମକୁ କେବଳ ଇସ୍ରାଏଲ ବିରୁଦ୍ଧରେ କାମରେ ଲଗାଇବେ। ସେମାନେ କ'ଣ ଏହାଦ୍ୱାରା ଅନ୍ୟମାନଙ୍କୁ ଆଣବିକ ବ୍ଲାକ୍‌ମେଲ୍ କରିବା ପାଇଁ ବ୍ୟବହାର କରିବେନାହିଁ ଯେଉଁ ଦେଶମାନଙ୍କ ମଧ୍ୟରେ ଭାରତ ହେଉଛି ଗୋଟିଏ। ଏହି ସମ୍ଭାବନାଗୁଡ଼ିକ ବିଭିନ୍ନ ଦେଶମାନଙ୍କୁ ବଡ଼ ଆତଙ୍କିତ କରୁଛି।

**ଶ୍ରେଷ୍ଠ ଉପାୟ କ'ଣ**

ଯେତେବେଳେ ଗୋଟିଏ ଶାସନର ପରିବର୍ତ୍ତନ ହୁଏ ଯାହା ଆନ୍ତର୍ଜାତିକ ଘଟଣା ଦ୍ୱାରା ସୃଷ୍ଟି ହୁଏ ତାହା ହେଉଛି ବାହାରର ଘଟଣା। ଇରାନର ଆୟାତୋଲ୍ଲା ହୁଏତ ଏତେବେଶୀ ଲୋକପ୍ରିୟ ନୁହନ୍ତି। ଇରାନ ଦେଖିଛି ଯେ, ଆୟାତୋଲ୍ଲା ଶାସନ ବିରୋଧରେ ସେ ଦେଶରେ ଅନେକ ପ୍ରତିବାଦ ହୋଇଛି। ଆୟାତୋଲ୍ଲାଙ୍କ ଶାସନ ହେଉଛି ଏକଛତ୍ରବାଦ। ଏହା ଏକ ଧର୍ମାନ୍ଧ ଶାସନ। ଏହା ଫଳରେ ଅତି ଗୁରୁତର ଅର୍ଥନୈତିକ ପରିଣାମ ସୃଷ୍ଟି ହୋଇପାରେ। ବିରୋଧୀ ଦଳମାନେ ଅଛନ୍ତି କିନ୍ତୁ ସେମାନେ ନିର୍ବାଚନ ଜିତିପାରିବେ ନାହିଁ, ଯେହେତୁ ଆୟାତୋଲ୍ଲାମାନେ କ୍ଷମତାରେ କୌଣସି ପରିବର୍ତ୍ତନ ଆଣିବେ ନାହିଁ। ଅନେକ ଇରାନୀୟମାନେ ଓ ଆୟାତୋଲ୍ଲାଙ୍କ ବିରୋଧୀ ଗୋଷ୍ଠୀ ସବୁବେଳେ ଜିହାଦ ବା ଧର୍ମଯୁଦ୍ଧର କଥା ଶୁଣି ବିରକ୍ତ ହୋଇଗଲେଣି। ଏହାଛଡ଼ା ଇରାନ ଉପରେ ଅନେକ ବାସନ୍ଦ ଲାଗୁ ହେଲାଣି। ଏହି ପରିସ୍ଥିତିରେ ଗୋଟିଏ ନୂଆ ଇରାନୀ ଶାସକ ଗୋଷ୍ଠୀ ସୃଷ୍ଟି ହୋଇପାରେ, ଯେଉଁମାନେ ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା କରିପାରନ୍ତି ଏବଂ ଗୋଟିଏ ସରକାର ଅତି ଅନିଚ୍ଛାର ସହିତ ଇସ୍ରାଏଲ ସହ ସମ୍ପର୍କକୁ ପ୍ରତିଷ୍ଠା କରିପାରେ ଏବଂ ହିଂସାକୁ ଛାଡ଼ିପାରେ ଯାହାଫଳରେ ପାଲେଷ୍ଟିନୀ ଅଧିକାରକୁ ସମର୍ଥନ କରିହେବ। ଏଥିପାଇଁ କୂଟନୈତିକ ସ୍ତରରେ କାମ ଜାରି ଅଛି। ଏହା ଯଦି ଘଟେ ପାଶ୍ଚାତ୍ୟ ବାସନ୍ଦଗୁଡ଼ିକ ଇରାନ ଉପରେ ଯାହା ଲାଗୁ ହୋଇଛି ତାକୁ ଉଠେଇ ନିଆଯିବ ଏବଂ ଇରାନର ଅର୍ଥନୀତି ପୁଣି ଉପରକୁ ଉଠିବ। ଏହା ହେଉଛି ମଧ୍ୟପ୍ରାଚ୍ୟ ଅଞ୍ଚଳର ଘଟଣା। ଇରାନର ତୈଳ ଉତ୍ପାଦନ ଏବେ ବଢ଼ିବ ଓ ପୃଥିବୀରେ ତେଲର ଦର କମିବ। ଯାହା ଫଳରେ ଭାରତର ସୁବିଧା ହେବ। ଏହା ଅବଶ୍ୟ ବହୁତ ଭଲ ବୋଲି ମନେହେଉଛି, କିନ୍ତୁ ସେ ସମ୍ପର୍କରେ ଗୋଟିଏ ବଡ଼ କିନ୍ତୁ ଅଛି ଯେହେତୁ ଏହାଦ୍ୱାରା ଇରାନୀ ଗର୍ବ ବହୁ ଭାବରେ ଆଘାତପ୍ରାପ୍ତ ହେବ।

**ଆୟାତୋଲ୍ଲା ହଟିପାରନ୍ତି**

ଇସ୍ରାଏଲ ତରଫରୁ ବର୍ତ୍ତମାନ ସ୍ପଷ୍ଟ ଭାବରେ କୁହାଯାଉଛି ଯେ, ସେମାନେ ଖୋଜି ଖୋଜି ଇରାନର ସର୍ବମୟ କର୍ତ୍ତା ଆୟାତୋଲ୍ଲା ଖାମେନିଙ୍କୁ ହତ୍ୟା କରିବେ। ଯେତେବେଳେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ହେଉଛି ସେତେବେଳେ ପରମାଣୁ କେନ୍ଦ୍ରମାନଙ୍କ ଉପରେ ଏହା ହେଉଥିବାରୁ ଆୟାତୋଲ୍ଲା ବଙ୍କର ମଧ୍ୟରେ ଲୁଚିଛନ୍ତି ବୋଲି କୁହାଯାଉଛି। ଏହା ଫଳରେ ବର୍ତ୍ତମାନ ଆୟାତୋଲ୍ଲା ତାଙ୍କର ଉତ୍ତରାଧିକାରୀ ଓ ସାମରିକ ବିଭାଗର ବଡ଼ ବଡ଼ ପରବର୍ତ୍ତୀ ସେନାପତିମାନଙ୍କର ନାମ ଘୋଷଣା କରିସାରିଲେଣି। ଅର୍ଥାତ୍ ଆୟାତୋଲ୍ଲା ଖାମେନି ସ୍ପଷ୍ଟ ଜାଣିସାରିଲେଣି ଯେ ଆମେରିକା ସହାୟତାରେ ଇସ୍ରାଏଲ ତାଙ୍କୁ ହତ୍ୟା କରିବା ଆଦୌ ଅସମ୍ଭବ ନୁହେଁ। କିନ୍ତୁ ଆମେରିକା ତାଙ୍କୁ ଆତ୍ମସମର୍ପଣ ପାଇଁ କହିଥିଲେ ମଧ୍ୟ ସେ ଆତ୍ମସମର୍ପଣ କରିବାକୁ ରାଜି ନୁହନ୍ତି, କାରଣ ଅତୀତରେ ଏହା ବିରୁଦ୍ଧରେ ସେ ଅନେକ କଥା କହିଆସିଛନ୍ତି। ତାଙ୍କର ଅହଂକାର ତାଙ୍କୁ ଆତ୍ମସମର୍ପଣ କରିବାକୁ କେବେହେଲେ ଦେବନାହିଁ। ବର୍ତ୍ତମାନ ଇରାନର ପ୍ରତ୍ୟେକ ଗଳିକନ୍ଦିରେ ଇସ୍ରାଏଲର ଗୁପ୍ତଚରମାନେ ଚାରିଆଡ଼େ ବୁଲୁଛନ୍ତି ଏ କଥା ମଧ୍ୟ ଇରାନର ଶାସକମାନେ ଜାଣନ୍ତି। ତେଣୁ ଯେକୌଣସି ମୁହୂର୍ତ୍ତରେ ଯେକୌଣସି ଘଟଣା ଘଟିଯାଇପାରେ ବୋଲି ସେମାନେ ଆଶଙ୍କା କରୁଛନ୍ତି। ହୁଏତ ଭବିଷ୍ୟତରେ ତାହା ହିଁ ହେବାକୁ ଯାଉଛି।


# ଅନ୍ତଃକରଣର ଶୁଦ୍ଧତା ଓ ଭଗବାନ ପ୍ରାପ୍ତି



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଏ ମୋହ ମାୟା ସଂସାରରେ ସମସ୍ତଙ୍କ ପାଇଁ ଭଗବଦ୍ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ୍। ଏହି ଭଗବଦ୍ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ। ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷଙ୍କୁ ଆମେ ମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ।

ତେବେ ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ୍ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ। ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ। ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ। ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ। ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ୍ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ। ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ। ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଏକ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ। ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ



ଲଗାଇରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରିପାରନ୍ତି।

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ। ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ୍ ଆଉ ତା'ର ସତ୍ୟତାର ପରୀକ୍ଷା ନେବା ବି ଉଚିତ୍। ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ। ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ। ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତା'ଠାରୁ ଯୋଜନ କୋଷ ଦୂରରେ ହିଁ ରହିବ। ଭଗବାନ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ। ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ। ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି। ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା। ତା'ଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ। ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ। ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି।

ଭଗବାନ୍ ସର୍ବଜ୍ଞ ଅଟନ୍ତି। ନିଜର ମଙ୍ଗଳ କେଉଁଥିରେ, ତାହା ସେ ଭଲ ଭାବରେ ଜାଣନ୍ତି। ଅତଏବ ତାଙ୍କ ଉପରେ ଦୃଢ ଅତୁଟ ବିଶ୍ୱାସ ରଖି କୌଣସି ପ୍ରକାର ଚିନ୍ତା କରିବ ନାହିଁ। ଯେଭଳି ଜଣେ ଚକ୍ଷୁ ବିହୀନ ବ୍ୟକ୍ତି ମଧୁ ଖାଇ ଆନନ୍ଦରେ ମଗ୍ନ ହୋଇଯାଏ, ସେହିଭଳି ଭଗବାନଙ୍କର ଦୟା ଉପରେ ବିଚାରକରି ସେଥିରେ ନିମଗ୍ନ ହୋଇଯିବା ଦରକାର, ଅନ୍ୟ କୌଣସି କଥାର ବିଚାର କରିବା ଉଚିତ୍ ନୁହେଁ। ଭଗବାନଙ୍କ ବିଚାରରେ ରାଜି ହୋଇଯିବା ଦରକାର, ଚାହେଁ ଖାଲ ମଧ୍ୟରେ ପତିତ ହୁଅ, ସେଥିରେ କୌଣସି ଆପତ୍ତି ନାହିଁ। ସେଥିରେ ହିଁ ପ୍ରସନ୍ନ ରହିବା ଦରକାର। ଆଉ ସେହି ଭଗବଦ୍ ଆନନ୍ଦର ଦୃଢତା ସହକାରେ ପ୍ରଚାର କର, ଯେପରି ଅନ୍ୟ ସମସ୍ତେ ମଧ୍ୟ ସେହି ଆନନ୍ଦରେ ମୁଗ୍ଧ ହୋଇଚାଲିବେ। ଏଭଳି ସ୍ଥିତି ହେବା ଦରକାର କି, ଯଦି ସେ ସମୟରେ କେହି ତାଙ୍କୁ ଅଗ୍ନିରେ ନିକ୍ଷେପ କରନ୍ତି ତାହା ମଧ୍ୟ ତାଙ୍କୁ ଜଣାପଡିବ ନାହିଁ। ପ୍ରଶ୍ନ ହୋଇପାରେ କି, ଏଭଳି ସ୍ଥିତିରେ ବିକାର ଉତ୍ପନ୍ନ ହେବା ସମ୍ଭବ, ତେବେ ସେଠାରେ ବିକାର ଉତ୍ପନ୍ନ ହେବାର କାରଣ ହିଁ ନାହିଁ। ଯଦି ବିକାର ଉତ୍ପନ୍ନ ହୁଏ, ତେବେ ତାହା ମୂର୍ଖତା ମାତ୍ର, ଅଜ୍ଞତା ହିଁ ତାହାର କାରଣ ହୋଇପାରେ। ଅତଏବ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର। ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ। ତଥା ପରିଣାମତଃ ପରମାନନ୍ଦ ପ୍ରାପ୍ତି ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ।

# ଗୁଣାତ୍ମକ ବୃତ୍ତ ଏବଂ ଉଚ୍ଚଶିକ୍ଷା : ଏହାର ଆବଶ୍ୟକତା

ଡ. ଦୁଲୁ ପଟ୍ଟନାୟକ
ଡିନ୍
ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ବିଦ୍ୟାଳୟ
ଜିଆଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର

ଉଚ୍ଚଶିକ୍ଷାରେ ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷାର ଗୁଣାତ୍ମକତା ଆଲୋଚନାର ଏକ ପ୍ରମୁଖ ବିଷୟ ହୋଇଛି। ଅନେକ ବିଦ୍ୱାନ ବିବେଚନା କରନ୍ତି ଯେ ଛାତ୍ରମାନଙ୍କର ସମ୍ପୃକ୍ତି ହେଉଛି ଭିନ୍ନତା ଏବଂ ଉତ୍କର୍ଷତାର ଉନ୍ନତି ପାଇଁ ସବୁଠାରୁ ଜରୁରି ସର୍ତ୍ତ। ଯେତେ ଅଧିକ ଛାତ୍ର ନିୟୋଜିତ ହେବେ, ସେମାନେ ଶିକ୍ଷଣକୁ ସାକାର କରିବା ପାଇଁ ସେମାନଙ୍କ ଶିକ୍ଷାରେ ସେତେ ଅଧିକ କଠିନ ଏବଂ ଗତିଶୀଳ ଭାବରେ ଅଂଶଗ୍ରହଣ କରିବେ। ତା'ପରେ, ଛାତ୍ରମାନଙ୍କ ପାଇଁ ଉପଲବ୍ଧ ସମ୍ବଳଗୁଡ଼ିକର ବିଶ୍ଳେଷଣ ଏବଂ ସମସ୍ତ ପ୍ରକାରର ବାଧାକୁ କିପରି ଦୂର କରିବେ ତାହା ପ୍ରଶ୍ନ ଆସେ ମୁଖ୍ୟତଃ ଗୁଣାତ୍ମକ ଶିକ୍ଷାଦାନ/ଶିକ୍ଷଣ। ପ୍ରକୃତରେ, ଗୁଣାତ୍ମକ ନିଶ୍ଚିତତା ପାଇଁ ଏକ ଅତ୍ୟାବଶ୍ୟକ ପ୍ରଶ୍ନବାଚୀ ଆବଶ୍ୟକ ଏବଂ ଏହା କେବଳ ଶିକ୍ଷାଗତ କିମ୍ବା ଭାଷାଗତ ତତ୍ତ୍ୱ ଉପରେ ନିର୍ଭର କରେ ନାହିଁ; ଏହା ନିରନ୍ତର ପରିବର୍ତ୍ତିତ ଶିକ୍ଷାଦାନ ପରିସ୍ଥିତି ପାଇଁ ଉପକରଣ, ପଦ୍ଧତି ଏବଂ ଶିକ୍ଷକମାନଙ୍କୁ ନିରନ୍ତର ଗ୍ରହଣ କରିବାରେ ମିଳିଥାଏ।

ଉଚ୍ଚଶିକ୍ଷା କ୍ଷେତ୍ରରେ, ଏହା ଦେଖାଯାଏ ଯେ ଛାତ୍ରମାନେ ଛୋଟ ଗୋଷ୍ଠୀରେ ସହଯୋଗ କଲେ ଏବଂ ଅନ୍ୟ ଲୋକଙ୍କ ସହିତ ଶୈକ୍ଷିକ ସମ୍ପର୍କ ଏବଂ ସମ୍ପର୍କ ନିର୍ମାଣ କରିବାକୁ ଅନୁମତି ପାଇଲେ ଅଧିକ ଶିଖନ୍ତି। ଏହା ପରେ, ଏହା ଦେଖାଯାଉଛି ଯେ ଜାପାନୀ ଗୁଣବତ୍ତା ସର୍କଲ୍ ମଡେଲ୍- ତ୍ରୁଟି ହ୍ରାସ ଏବଂ ଗୁଣବତ୍ତା ବୃଦ୍ଧି, ଏକ ଦଳଗତ ପରିବେଶ ବିକଶିତ କରିବା, ସମ୍ପୃକ୍ତି ଏବଂ ଗୋଷ୍ଠୀ ସହଯୋଗକୁ ପ୍ରୋତ୍ସାହିତ କରିବା, ପ୍ରେରଣା ଏବଂ ଅଂଶଗ୍ରହଣ ବୃଦ୍ଧି କରିବା, ସମସ୍ୟା ସମାଧାନ କ୍ଷମତା ସୃଷ୍ଟି କରିବା ଏବଂ ଶିକ୍ଷକ/ଛାତ୍ର ଯୋଗାଯୋଗ ଉନ୍ନତ କରିବା।

ପାରସ୍ପରିକ ପ୍ରୟାସ ଦ୍ୱାରା ଏକ ଭଲ ଗ୍ରେଡ୍ ଅର୍ଜନ କରାଯାଇପାରିବ ବୋଲି ଜାଣି, ଗୋଷ୍ଠୀଗୁଡ଼ିକ ଏକ ଯଥେଷ୍ଟ ସମନ୍ୱୟ ଏବଂ ପାରସ୍ପରିକ ଚିନ୍ତାର ଭାବନା ବିକଶିତ କରିପାରିବେ। ପ୍ରୟାସର ସମନ୍ୱୟ ଏବଂ ଏକ ମିଳିତ ଉଦ୍ୟୋଗରେ ନିୟୋଜିତ ଛାତ୍ରଙ୍କ ପରସ୍ପର ନିର୍ଭରଶୀଳତାର ଆବଶ୍ୟକତା ପ୍ରତ୍ୟେକ ଛାତ୍ରଙ୍କ ମନରେ ଏକ ମହାନ ପ୍ରେରଣା ଏବଂ ଏକ ସାମୂହିକ ସମାଜର ଏକ ଦୃଢ଼ ଭାବନା ସୃଷ୍ଟି କରିବା ଉଚିତ ଯାହା କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଗୋଷ୍ଠୀର ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ସନ୍ତୋଷର ବଶୀଭୂତକରଣ ଉପରେ ପ୍ରତିଷ୍ଠିତ। ଏହି ସକାରାତ୍ମକ ପ୍ରଭାବ ଜାପାନୀ ଅଭିଜ୍ଞତାର ଅନେକ ବର୍ଷ ଧରି ଚେଷ୍ଟା କରିବାର, ଏହାର ଉତ୍ପାଦଗୁଡ଼ିକର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଗୁଣବତ୍ତା ସର୍କଲ୍ ଯନ୍ତ୍ରପାତିର ଗ୍ରହଣ କରିବାର ହୃଦୟରେ ଅଛି। ଗୁଣବତ୍ତା ଉନ୍ନତି ପାଇଁ କାମ କରିବା ଯାଦୁ ନଥିଲା, କିମ୍ବା ଏହା ରାତାରାତି ସଫଳ ହୋଇନଥିଲା। ପରିଚାଳନା ଜଗତରେ ବିକଶିତ ହୋଇଥିବା ଏବଂ ବର୍ତ୍ତମାନ ଏକ ଶିକ୍ଷାଗତ ବୃତ୍ତ ଏବଂ ଦର୍ଶନକୁ ଘେରି ରହିବା ପାଇଁ ଗୁଣବତ୍ତା ସର୍କଲ୍‌ର ଧାରଣା ଆଗକୁ ବଢୁଛି।

ଦର୍ଶନର ସାରାଂଶ ସହିତ ସର୍ବସାଧାରଣ ଭାବରେ ଗୃହୀତ ପରିଭାଷା ହେଉଛି ଗୁଣବତ୍ତା ବୃତ୍ତଗୁଡ଼ିକ ହେଉଛି ଲୋକମାନଙ୍କର ସୀମିତ ଗୋଷ୍ଠୀ ଯେଉଁମାନେ ନିୟମିତ ଭାବରେ ଏକତ୍ରିତ ହୋଇ ସେମାନଙ୍କ କ୍ଷେତ୍ରରେ ଗୁଣବତ୍ତା ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟ, ବିଶ୍ଳେଷଣ ଏବଂ ସମାଧାନ କରନ୍ତି। ଏହି ଧାରଣା ସ୍ୱେଚ୍ଛାକୃତ ଅଂଶୀଦାର ଏବଂ ସହଯୋଗପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣର ଦିଗ ଉପରେ ନିର୍ମିତ ଏବଂ ଏହି ଧାରଣା ଉପରେ କାର୍ଯ୍ୟ କରେ ଯେ ଯେଉଁମାନଙ୍କର ନିର୍ଦ୍ଦେଶ ଏବଂ ଇନପୁଟ୍ ଅଛି ସେମାନେ ମହାନତା ଏବଂ ଉତ୍କର୍ଷତା ହାସଲ କରିବା ପାଇଁ ଭଲ ଭାବରେ ପ୍ରେରିତ ହେବେ।

ଗୁଣବତ୍ତା ବୃତ୍ତ ଯନ୍ତ୍ରଗୁଡ଼ିକ ଏକ ନିର୍ଦ୍ଧାରିତ ପର୍ଯ୍ୟାୟକ୍ରମେ ପ୍ରକ୍ରିୟା ଅନୁସରଣ କରନ୍ତି: ଯଥା- ଅନେକ ସମସ୍ୟାର ଚିହ୍ନଟ, ଉଚ୍ଚ ପ୍ରାଥମିକତା ସହିତ ଗୋଟିଏର ଚୟନ, ଆବଶ୍ୟକୀୟ ତଥ୍ୟ ସଂଗ୍ରହ, ସମସ୍ୟାର ବିଶ୍ଳେଷଣ, ସୁପାରିଶ କରାଯାଇଥିବା ସମାଧାନର ଚୟନ, ଉପସ୍ଥାପନା ଏବଂ ଯେତେବେଳେ ଏକ ବୃତ୍ତ ସମସ୍ତ ତୁରନ୍ତ ସମସ୍ୟାର ସମାଧାନ କରିଥାଏ, ସେମାନେ ତା'ପରେ ସମସ୍ୟା, ନିବାରଣ ଏବଂ ଉତ୍ପାଦକତା ଉନ୍ନତି ସହିତ କାର୍ଯ୍ୟ କରନ୍ତି।

ଯଦିଓ ଗୁଣବତ୍ତା ଚକ୍ରକୁ ବ୍ୟାପକ ଭାବରେ ଏକ ଜାପାନୀ ବିଶେଷତା ଭାବରେ ବିବେଚନା କରାଯାଏ, ଏହି କୌଶଳର ଜନକ ହେଉଛନ୍ତି ଜଣେ ଆମେରିକୀୟ ଗୁଣବତ୍ତା ବିଶେଷଜ୍ଞ, ଡବ୍ଲ୍ୟୁ. ଇ. ଡେମିଂ। ଗୁଣବତ୍ତା ଚକ୍ର ୧୯୮୦ ଦଶକରେ ଉଚ୍ଚଶିକ୍ଷାକୁ ବ୍ୟାପିଥିଲା ଏବଂ ଶ୍ରେଣୀଗୃହରେ ଏହାର ପ୍ରାରମ୍ଭିକ ପ୍ରୟୋଗ ହୋଇଥିଲା। ଉଚ୍ଚଶିକ୍ଷାରେ ଗୁଣବତ୍ତାର ଆଲୋଚନା ଶିକ୍ଷଣ ପ୍ରକ୍ରିୟାରେ ଛାତ୍ରଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଏବଂ ମାଲିକାନା ଅନ୍ତର୍ଭୁକ୍ତ ହେବା ଆରମ୍ଭ ହେବା ସହିତ, ଶ୍ରେଣୀଗୃହରେ ଗୁଣବତ୍ତା ଚକ୍ରର ବ୍ୟବହାର ପୁନର୍ବାର ଉଭା ହୋଇଛି। ଯୋଜନା ହେଉଛି ଶିକ୍ଷାଦାନ/ଶିକ୍ଷଣ ପରିବେଶରେ ଉନ୍ନତି ସୁଯୋଗ ଆଣିବା ପାଇଁ ଗୁଣବତ୍ତା ଚକ୍ର କାର୍ଯ୍ୟକାରୀ କରିବା, ଯେଉଁଥିରେ ମସ୍ତିଷ୍କ ମନ୍ଥନ, ପାରସ୍ପରିକ ପ୍ରଶ୍ନ ଏବଂ ସମାଲୋଚନାମୂଳକ ଚିନ୍ତାଧାରା ରଣନୀତି ଅନ୍ତର୍ଭୁକ୍ତ। ଏହା ଏକ ସହଯୋଗୀ କାର୍ଯ୍ୟକ୍ରମ ଯେଉଁ ସମୟରେ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନେ 'ଚିନ୍ତା ବିଷୟରେ ଚିନ୍ତା କରିବା' ଶିଖିବାର 'କାର୍ଯ୍ୟ' କରୁଛନ୍ତି। କେଉଁଟି ସର୍ବୋତ୍ତମ କାମ କରେ ତାହା ଆବିଷ୍କାର କରିବା ପାଇଁ ଛାତ୍ରକୁ ବିଭିନ୍ନ ରଣନୀତି ଚେଷ୍ଟା କରିବାକୁ ପଡିବ, ଯେତେବେଳେ ଶିକ୍ଷକ ଛାତ୍ରଙ୍କୁ କିପରି ଚିନ୍ତା କରିବେ ତାହାର ଉତ୍ପାଦ ଉପସ୍ଥାପନ କରିବେ। ଶ୍ରେଣୀଗୃହରେ ଗୁଣବତ୍ତା ଚକ୍ର ପ୍ରତ୍ୟେକ ଛାତ୍ରକୁ କିପରି ଚିନ୍ତା କରିବେ ତାହା ଶିଖିବାରେ ଅଂଶଗ୍ରହଣ କରିବାର ସମାନ ସୁଯୋଗ ଦିଏ। ଜଣେ ଛାତ୍ରରୁ ଅନ୍ୟ ଛାତ୍ରକୁ ଯାଇ, ପ୍ରତ୍ୟେକ ଛାତ୍ରଙ୍କଠାରୁ ଗୋଟିଏ ପରାମର୍ଶ ଲୋଡ଼ି, ଶିକ୍ଷକ ସମେତ ଅଂଶଗ୍ରହଣକାରୀଙ୍କ ମଣ୍ଡଳ ଦ୍ୱାରା କୌଣସି ବିଚାର ନକରି, ଏହା ଜଣାପଡିଲା ଯେ ସମସ୍ୟାଗୁଡ଼ିକର ଅଧିକ ଗଭୀର ପ୍ରକ୍ରିୟାକରଣ ଏବଂ ପ୍ରତ୍ୟେକ ମଣ୍ଡଳର ଅଂଶଗ୍ରହଣକାରୀଙ୍କ ପାଇଁ ଅଧିକ ସଫଳତା ଭୂମିକା ରହିଛି; ଏହିପରି ଉତ୍ପାଦକତା ବୃଦ୍ଧି ପାଉଛି।

ଶିକ୍ଷାଗତ ନବସୃଜନ ଏବଂ ଛାତ୍ରଙ୍କ ଶିକ୍ଷଣ ଏବଂ ସନ୍ତୋଷକୁ ଉନ୍ନତ କରିବା ପାଇଁ ଶ୍ରେଣୀଗୃହରେ ଗୁଣାତ୍ମକ ବୃତ୍ତ ବ୍ୟବହାର କରିବା ସମ୍ଭବତଃ ଛାତ୍ରଙ୍କ ଶକ୍ତି ବୃଦ୍ଧି କରିବାର ଏକ ମାଧ୍ୟମ। ଶିକ୍ଷା ସହିତ ଅନୁକୂଳିତ ହେବା ସହିତ, ଗୁଣାତ୍ମକ ବୃତ୍ତ ଏକ ସହଜରେ ପରିଭାଷିତ, ଯୁକ୍ତିଯୁକ୍ତ ସମସ୍ୟା ସମାଧାନ ପ୍ରକ୍ରିୟା ପରି ମନେହୁଏ ଏବଂ ସେହି ସମୟରେ, ଏହା ଛାତ୍ରଙ୍କୁ ଶ୍ରେଣୀଗୃହରେ ଅଧିକ ସାମଗ୍ରିକ ସମ୍ପୃକ୍ତି ପ୍ରଦାନ କରିପାରିବ।

ସମାଲୋଚନାତ୍ମକ ଭାବରେ ଚିନ୍ତା କରିବା ଶିଖିବା ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଯାହା ଆମର ଛାତ୍ରମାନଙ୍କୁ ଅଭ୍ୟାସ ଏବଂ କର୍ତ୍ତା ଶିଖାଇବାକୁ ପଡିବ। ଶିକ୍ଷକମାନଙ୍କୁ ସେମାନଙ୍କର ନିଜସ୍ୱ ଶିକ୍ଷାଦାନ ଏବଂ ଆନ୍ତଃ-ବ୍ୟକ୍ତିଗତ ଦକ୍ଷତା ଉପରେ ପ୍ରତିଫଳନ କରିବାକୁ ପଡିବ। ଶିକ୍ଷକମାନଙ୍କୁ 'ଚିନ୍ତା' ବିଷୟରେ ଚିନ୍ତା କରିବାକୁ ଶିଖିବାରେ ଛାତ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ନୂତନ ଶିକ୍ଷାଦାନ ରଣନୀତି ପ୍ରଦାନ କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ ଏବଂ ଗୁଣାତ୍ମକ ବୃତ୍ତ ଉଚ୍ଚ ଶିକ୍ଷା ପାଇଁ ଏକ ଉପଯୋଗୀ ଉପକରଣ ହେବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କେନ୍ଦୁଝର(ଭାସ୍କର ନ୍ୟୁଜ): ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଭାପତି ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି ବଳିଦାନ ଦିବସ ଅବସରରେ କେନ୍ଦୁଝର ସଦରସ୍ଥ କୃଷି ବିଜ୍ଞାନ କେନ୍ଦ୍ରରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ରାଜ୍ୟ ସଭାପତି ମହେଶ୍ୱର ସାହୁ ଆମ୍ବ ଗଛ ଚାରା ଲଗାଇ ଶୁଭାରମ୍ଭ କରିଥିଲେ । ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଆହ୍ୱାନ କ୍ରମେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନନାୟକ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିବସ ୨୧ରୁ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ୫୫ ଦିନ ବ୍ୟାପି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ୧୦ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ । ରାଜ୍ୟର ସମସ୍ତ ବୁଥରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଶୁକାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଉଭାଗ୍ରହରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଭାରତ ବର୍ଷର ରାଜନୈତିକ ଅବଦାନ ଉପରେ ସାରଗର୍ଭକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂ, ସୁବ୍ରତ ମହାନ୍ତି, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର କୁମାର ସାହୁ, ସୁଧାକର ସାହୁ, ସଜୀବ କୁମାର ସାହୁ, ବିଷ୍ଣୁ ଜେନା, ପ୍ରକାଶ ସୁତ୍ରଧର ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

## ବଜ୍ରାଘାତରେ ଭାଙ୍ଗିଲା ଗାଦିମନ୍ଦିର ପୂର୍ବପାର୍ଶ୍ୱ ମୁଖଶାଳା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ରବିବାର ବିଳମ୍ବିତ ରାତ୍ରରେ ବଜ୍ରାଘାତ ହୋଇ ଗାଦିମନ୍ଦିର ପୂର୍ବ ମୁଖଶାଳା ଦଧିନଉତିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଗାଦି ମନ୍ଦିରରେ ବଜ୍ରାଘାତ ହୋଇଥିବା ଖବର ପ୍ରଚାରିତ ହେବା ପରେ ବହୁସଂଖ୍ୟାରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଗାଦିମନ୍ଦିରକୁ ଯାଇ ଘଟଣାସ୍ଥଳ ଦେଖିଥିଲେ । ଏ ସମ୍ପର୍କରେ ବିଭିନ୍ନ ଲୋକ ବିଭିନ୍ନ କଥା ଆଲୋଚନା କରୁଛନ୍ତି । ଏ ସମ୍ପର୍କରେ ବଲ୍କଲଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଗାଦି ମନ୍ଦିର ଦୀର୍ଘ ୨୫ ବର୍ଷ ହେଲା ଆର୍ଥିଙ୍ଗ ହୋଇଥିଲା । ତେଣୁ ଆଜି ଘଟଣା ପରେ ଇନିୟରଙ୍କୁ ଡକାଯାଇ ମରାମତି କରାଯିବ । ସୂଚନା ଅନୁସାରେ ଗତ କାଲି ରାତି ପ୍ରାୟ ସାଢ଼େ ୧୧ଟାରେ ପ୍ରବଳ ଘଡଘଡି ସହିତ ବର୍ଷା ହୋଇଥିଲା । ଏହି ସମୟରେ ଅତି ଜୋରରେ ବଜ୍ରାଘାତ ହୋଇ ଥିଲା । ବଜ୍ରାଘାତ ଶବ୍ଦ ବହୁତ ଜୋରରେ ଶୁଭିଥିଲା । ଆଜି ସକାଳେ ଜଣା ପଡିଥିଲା ଯେ ଗାଦି ମନ୍ଦିର ପୂର୍ବ ପାର୍ଶ୍ୱ ମୁଖଶାଳା ଦଧିନଉତିଟି ବଜ୍ରାଘାତରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଏହି ଥରକୁ ମିଶାଇ ଗାଦି ମନ୍ଦିରରେ ତୃତୀୟ ଥର ପାଇଁ ବଜ୍ରାଘାତ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହିଛନ୍ତି । ଏଠାରେ ସୂଚନା ଥାଉକି ଗାଦି ମନ୍ଦିର ଦ୍ୱିତୀୟ ବେଢା ଚତୁଃପାର୍ଶ୍ୱରେ ୪ଟି ମୁଖଶାଳା ଓ ଚତୁଃପାର୍ଶ୍ୱରେ ଉଚ୍ଚ ପଥର ପ୍ରାଚୀର କାର୍ଯ୍ୟ ୧୯୨୨ରୁ ୧୯୨୬ ମସିହା ମଧ୍ୟରେ ଶେଷ ହୋଇଥିଲା । ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ କୌଣସି କ୍ଷତି ହୋଇନଥିଲା । କିନ୍ତୁ ଗତ କିଛି ବର୍ଷ ହେଲା ବଜ୍ରାଘାତ ଯୋଗୁଁ ଗାଦି ମନ୍ଦିର ପରିସରରେ ୩ ଥର ବଜ୍ରପାତ ହେଲାଣି । ୨୦୧୫ ମସିହାରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିଲା । ବଲ୍କଲଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥିଙ୍ଗ କରାଯାଇଥିଲା । ପୁନଶ୍ଚ ଦୁଇବର୍ଷ ପରେ ଗାଦି ମନ୍ଦିରର ପଶ୍ଚିମ ମୁଖ୍ୟ ଦ୍ୱାର ମୁଖଶାଳାର ଦଧିନଉତି ଆଂଶିକ କ୍ଷତି ହୋଇଥିଲା । ମହିମା ସନ୍ୟାସୀଙ୍କ ସୂତ୍ରରୁ ଜଣାଯାଇଛି ଯେ ଘଟଣା ସମୟରେ ଏତେ ଜୋରରେ ଆବାଜ ହୋଇଥିଲା ଯେ ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ରାମ ଦାସଙ୍କର ଗୋଟିଏ କାନକୁ ଠିକ୍ ରେ ଶୁଭୁନାହିଁ । ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳା ଗୁଡ଼ିକୁ ସରକାରଙ୍କ ପକ୍ଷରୁ ଆର୍ଥିକ ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମ ଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ ଓ ଭିତ୍ତିପ୍ରସ୍ତର ସ୍ଥାପନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କର ବିକାଶ ଜାରି ରହିଥିବା ବେଳେ ବିଶେଷକରି, ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହେବାରେ ଲାଗିଛି । ଉପ-ମୁଖ୍ୟମନ୍ତ୍ରୀ ବିଶେଷକରି ନିଜ ନିର୍ବାଚନ ମଣ୍ଡଳୀ ଉପରେ ଗୁରୁତ୍ୱ ଦେଉଛନ୍ତି । ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ୪ଟି ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଳଙ୍ଗାରୁ ଗୋପିନାଥପୁର ରାସ୍ତା ୨.୬୦୦ କି.ମି. ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ୨ କୋଟି ୯୪ ଲକ୍ଷ, ବନମାଳୀପୁରରୁ ବଳଙ୍ଗା ୫.୫୦୦ କି.ମି. ରାସ୍ତା ୫ କୋଟି ୬୫ ଲକ୍ଷ, ନୂଆଗଡ଼ିରୁ ଛକରୁ ଅଳୁଆର ପର୍ଯ୍ୟନ୍ତ ୪.୧୫ କି.ମି. ରାସ୍ତା ନିର୍ମାଣ ପ୍ରଶସ୍ତୀକରଣ ପାଇଁ ୪ କୋଟି ୮୦ ଲକ୍ଷ ଟଙ୍କା ଓ ନିମାପଡ଼ା-ପାଟପୁରରୁ ଅରିଷଣ୍ଡ ୪.୫୦୦ କି.ମି. ରାସ୍ତା ନିର୍ମାଣ ପାଇଁ ୫ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ରାସ୍ତା ଗୁଡ଼ିକ ପ୍ରଶସ୍ତୀକରଣ ଓ ଉନ୍ନତିକରଣ କରାଯାଇ ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ଶେଷ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ଭାଜପାର ବରିଷ୍ଠ ନେତା ଶ୍ୟାମସୁନ୍ଦର ନାୟକ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସ୍ମୃତି ରଂଜନ କାନୁନଗୋ, ସରପଂଚ ମିନତୀ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ମାନଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ାଙ୍କ ସମେତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ସରକାରଙ୍କ ପକ୍ଷରୁ କାର୍ଯ୍ୟ ଜାରି ରହିଥିବା ବେଳେ ବିଭିନ୍ନ ଗ୍ରାମ ଓ ପଂଚାୟତର ବିକାଶ କରାଯିବ ବୋଲି ଜଣାପଡ଼ିଛି । ପାଟପୁର କାଳାମନ୍ଦିରରୁ ଅରିଷଣ୍ଡ ଦୋଳବେଦୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପକ୍କା ରାସ୍ତା ମଜବୁତ୍ କରିବା ପାଇଁ 'ଓଡ଼ିଶା ଭାସ୍କର'ରେ ଖବର ପ୍ରକାଶ ପାଇଥିଲା । ଯାହାକୁ ରାଜ୍ୟ ସରକାର ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

## ପୌର ଓ ପଞ୍ଚାୟତବାସୀଙ୍କ ସହ କଥା ହେଲେ ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୋ ୱାର୍ଡ଼, ମୋ ଗାଁ ଅଭିଯୋଗ ପ୍ରକୋଷ୍ଠ ଶିବିରରେ ଯୋଗ ଦେଇ ଜନସାଧାରଣଙ୍କ ସମସ୍ୟା ୬ ଘଂଟାରୁ ଊର୍ଦ୍ଧ୍ୱ ସମୟ ବୁଝିବା ସହ ସମସ୍ୟାର ତୁରନ୍ତ ପ୍ରତିକାର କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ସାହୁ, ସାଂସଦ ପ୍ରତିନିଧି ମାନଲତା ମହାନ୍ତି, କାଉନସିଲର ତଥା ବିଜେପି ନଗର ସଭାପତି ନିରନ ନାୟକ, ଯୁବ ସଂଗଠକ ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗ ଦେଇଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଟାଉନ ହଲ୍ ପରିସରରେ ଉପ-ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ସମସ୍ୟା ପଚାରି ବୁଝିବା ସହ କେଉଁ ପଞ୍ଚାୟତରେ କ'ଣ ସମସ୍ୟା ରହିଛି, ଶିକ୍ଷା, ଗମନାଗମନ, ସ୍ୱଚ୍ଛ ଭାରତ ଯୋଜନା, ଜଳ ପରିମଳ ଆଦି ବିଭିନ୍ନ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ନିମାପଡ଼ା ଏନ୍ଏସିରେ ଥିବା ୱାର୍ଡ଼ରେ କ'ଣ ସମସ୍ୟା ରହିଛି, ଗମନାଗମନଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଓ ପରିମଳ ପର୍ଯ୍ୟନ୍ତ କିପରି ଚାଲୁଛି ସେ ସଂପର୍କରେ ପୌରବାସୀଙ୍କ ସହ କଥା ହୋଇଥିଲେ । ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ସମସ୍ୟାକୁ ନେଇ ଲିଖିତ ଅଭିଯୋଗ କରାଯାଇଥିଲା । ତୁରନ୍ତ ଏହି ଅଭିଯୋଗ ସମାଧାନ କରାଯିବ ବୋଲି ଶ୍ରୀମତି ପରିଡ଼ା କହିଛନ୍ତି । ଜନସାଧାରଣଙ୍କ ସହିତ ମୁଁ ରହିଛି ଓ ରହିବି, ଜନସାଧାରଣଙ୍କ ସେବା ପାଇଁ ମୋର ଲଢ଼େଇ ଜାରି ରହିବ, ସବୁବେଳ ପାଇଁ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉନ୍ନତି ମୋର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ।

## ୧୦୦ ଛାତ୍ରଛାତ୍ରୀଙ୍କୁ ୬ ଶିକ୍ଷକ

## ବଦଳି ପରେ ରାଜନୀତି, ଅଭିଭାବକଙ୍କ ଧାରଣା



ନିଆଳି(ଭାସ୍କର ନ୍ୟୁଜ): ସାରା ଓଡିଶାରେ ଖରାଦିନେ ଛୁଟି ସରିଲା ବିଦ୍ୟାଳୟ ଖୋଲିଲା । କିନ୍ତୁ ନିଆଳି ବ୍ଲକ୍‌ରେ ବିଦ୍ୟାଳୟ ଖୋଲୁ ଖୋଲୁ ଆରମ୍ଭ ହୋଇଗଲା ରାଜନୀତି । ଗୋଟିଏ ଜାଗାରେ ୧୪ ବର୍ଷ ରହିଲା ପରେ ଆସିଥିଲା ବଦଳି ନିର୍ଦ୍ଦେଶ । ହେଲେ ବଦଳି ନିର୍ଦ୍ଦେଶ ଆସୁ ଆସୁ ଆରମ୍ଭ ହେଲା ରାଜନୀତି । କିଛି ଅଭିଭାବକ ଛାତ୍ରଛାତ୍ରୀଙ୍କୁ ଧରି ଆଇନକୁ ହାତକୁ ନେବାକୁ ପଛାଇଲେ ନାହିଁ । ଫାଟକ ତାଲା ପକାଇ କଲେ ପ୍ରତିବାଦ । ଏଭଳି ଅଭିଯୋଗ ଆସିଛି ବାହାରଣା ପଂଚାୟତ ବରିମୁଣ୍ଡେଇ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ । ଏଠାରେ ଥିବା ଶିକ୍ଷକ ସୁନାରାମ ସିଂ ୨୦୧୧/୧୨ ରେ ନିଯୁକ୍ତି ପାଇଥିଲେ । ୧୪ ବର୍ଷ ହେଲା ଗୋଟିଏ ଜାଗାରେ ରହି ସ୍ଥାନୀୟ ଲୋକଙ୍କୁ କିଛି ହାତରେ ରଖି ପୂର୍ବ ସରକାରଙ୍କ ସମୟରେ ଏହି ବିଦ୍ୟାଳୟରେ ରହି ଆସୁଛନ୍ତି । ଏବେ ସରକାର ବଦଳିଛି, ବାବୁଙ୍କର ବଦଳି ବି ଆସିଛି । ହେଲେ ବାବୁ ପୁଣି ପୁରୁଣା ରାଜନୀତି ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ଅନୁଯାଇ ଉକ୍ତ ବିଦ୍ୟାଳୟରେ ୧୦୧ ପିଲା ଥିବାବେଳେ ୬ ଜଣ ଶିକ୍ଷକ ବିଦ୍ୟାଳୟରେ ରହିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୧୦୦ ଛାତ୍ରଛାତ୍ରୀଙ୍କ ପାଇଁ ୪/୫ ଜଣ ଶିକ୍ଷକ ରହିବା କଥା । ଏଠାରେ ଅଧିକ ଶିକ୍ଷକ ଥିବାରୁ ୱାଉ ପଲେଇ ବିଦ୍ୟାଳୟକୁ ଡେପୁଟିସନରେ ଦିଆଯାଇଥିଲା ଓ ପରେ ବାହାରଣା ଉପ ବିଦ୍ୟାଳୟକୁ ନିଯୁକ୍ତି ଦିଆଯାଇଥିଲା । ଗ୍ରାମବାସୀଙ୍କ ଏଭଳି ଦାବି ଆଗରେ ତରବରିଆ ଭାବରେ ବଦଳି ବାତିଲ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ସରକାରୀ କର୍ମଚାରୀ ଗୋଟିଏ ଜାଗାରେ ୩ ବର୍ଷ ରହିବା ପାଇଁ ନିୟମ ଥିବାବେଳେ ୧୪ ବର୍ଷ ହେବ ରହିଆସୁଛନ୍ତି । ଯାଙ୍କ ଉପରେ ନିୟମ ଲାଗୁ ହେଉଛି ନା ରାଜନୀତିକ ଚାପରେ ନିୟମ ବଦଳିବ ?

## ବରୀ ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୦୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି, ତହସିଲଦାର ଦୀପ୍ତିମୟୀ ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଜିଲ୍ଲାପାଳ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାଇରିଆ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ଶିବିରରେ ବରୀ ବ୍ଲକ, ବାଇଁସିରିଆ ଗ୍ରାମ ପଞ୍ଚାୟତର ସଂଯୁକ୍ତା ସାହୁ, ଏବଂ କିମ୍ପିରିଆପାଳ ଗ୍ରାମ ପଞ୍ଚାୟତର ଦିନେଶ କୁମାର ସାହୁଙ୍କୁ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମୁହାଁଣ ପଥରବନ୍ଧ ନିକଟରୁ ଜଣେ ବ୍ୟକ୍ତିର ମୃତଦେହ ଉଦ୍ଧାର ହୋଇଛି । ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଖବର ଅନୁଯାୟୀ, ଜଣେ ମତ୍ସ୍ୟଜୀବୀ ମିଥୁନ ବେହେରା ଗତ ରବିବାର ସନ୍ଧ୍ୟାରେ ନେହେରୁ ବଙ୍ଗଳା ପଥର ବନ୍ଧ ମୁହାଁଣ ନିକଟକୁ ମାଛ ଧରିବାକୁ ଯାଇଥିଲେ । ବର୍ଷା ଓ ଘଡଘଡି ମାରୁଥିବା ସମୟରେ ତାଙ୍କ ପରିବାର ତାଙ୍କୁ ବାହାରକୁ ଯିବାକୁ ମନାକରିବା ସତ୍ତ୍ୱେ ମିଥୁନ ନେହେରୁ ବଙ୍ଗଳା ମୁହାଁଣ ନିକଟକୁ ଆସି ବନିସୀ ପକାଇ ମାଛ ଧରିଥିଲେ । ରାତି ସମୟରେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ସୋମବାର ସକାଳେ ପଥରବନ୍ଧ ନିକଟରେ ଏକ ସାଇକେଲ ଥୁଆ ହୋଇଥିବା ଏବଂ ଜଣେ ଯୁବକର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପାରାଦୀପ ମେରାଇନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ମିଥୁନଙ୍କ ଗୋଟିଏ ପୁଅ ଓ ଦୁଇ ଝିଅ ଥିବା ଜଣାପଡିଛି ।

## ସାମାନ୍ୟ ବର୍ଷାରେ ମାଥିଲି ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା



ମାଲକାନାଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତର ସଦରଠାରୁ ଆରମ୍ଭ କରି ଗାଁ ଗୁଡିକର ରାସ୍ତା ଉପରେ କୁଢ଼ କୁଢ଼ ଅଳିଆ ଆବର୍ଜନା । ପୂର୍ବରୁ ମାଥିଲି ଅଞ୍ଚଳର ନାଳ ନର୍ଦ୍ଦମା ସଫା କରିବା ପାଇଁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରଶାସନ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଗୁହାରି କରିବା ସହିତ ବହୁବାର ବିଭିନ୍ନ ଗଣମାଧ୍ୟମ ରେ ପ୍ରକାଶ ପାଇଛି । କିନ୍ତୁ ଖବର ପ୍ରକାଶ ପରେ ଅଧିକାରୀ ମାନେ ନାଳ ନର୍ଦ୍ଦମା ଗୁଡିକ ଅନୁଧ୍ୟାନ କରିବା ଛଡା କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଆଜି ସାମାନ୍ୟ ବର୍ଷା ପାଣିରେ ମାଥିଲି ଅଞ୍ଚଳର ନାଳ ନର୍ଦ୍ଦମା ଗୁଡିକ ରେ ବର୍ଷା ପାଣି ଭର୍ତ୍ତି ହୋଇ ଥିବା କାରଣରୁ ନାଳ ନର୍ଦ୍ଦମାରେ ଥିବା ଅଳିଆ ଆବର୍ଜନା ଏବେ ରାସ୍ତା ଉପରେ । ଏବେ ମାଥିଲି ସଦର ଗାଁର ରାସ୍ତାରେ ଚାଲିବା ସମ୍ଭବ ହେଉନାହିଁ ।ନାଳ ନର୍ଦ୍ଦମାର ଅଳିଆ ଆବର୍ଜନା ରାସ୍ତା ଉପରେ କୁଢ଼ କୁଢ଼ ଅଳିଆର ଦୁର୍ଗନ୍ଧ ରେ ନାକ ଫାଟି ପଡୁଛି । ଏବେ ବର୍ଷା ମୌସମ ଚାଲିଛି ଅଳିଆ ଆବର୍ଜନା ଦୁର୍ଗନ୍ଧ ରେ ମଶା ଙ୍କ ଉପଦ୍ରବ ବଢି ବଢି ଚାଲିଛି । ଯଦି ଏହାକୁ ସଫା ନକରି ଏହିପରି ପଡି ରହିବ ତାହେଲେ ଆଗକୁ ମ୍ୟାଲେରିଆ, ଡେଙ୍ଗୁ, ଚିକେନ୍ଗୁନିଆ ପରି ଅନେକ ରୋଗର ଶିକାର ହେବ ବୋଲି ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଠି ପ୍ରଶ୍ନ ଉଠୁଛି ରାଜ୍ୟରେ ଅନେକ ଜିଲ୍ଲାରେ ଏବେ କଲରା ଭୁତାଣୁ ବ୍ୟାପିବାରେ ଲାଗିଛି । ଯଦି ଏହିପରି ଅବସ୍ଥାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ରାସ୍ତାରେ ପଡି ରହେ ତାହେଲେ ଆଗକୁ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ହୋଇ ଅସମ୍ଭାଳ ହୋଇପାରେ ବୋଲି ବହୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ରାସ୍ତାରେ ଥିବା ଅଳିଆ ଆବର୍ଜନା ସଫା କରିବା ସହିତ ମାଥିଲି ଅଞ୍ଚଳକୁ ପରିଷ୍କାର ଓ ସୁସ୍ଥ ସମାଜ ଗଠନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ନାବାଳିକାକୁ କମେଣ୍ଟ ମାରିବା ଅଭିଯୋଗରେ ଆସାମୀକୁ ବର୍ଷେ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକାକୁ ସ୍କୁଲ ରାସ୍ତାରେ କମେଣ୍ଟ ମାରି ହଇରାଣ କରୁଥିବା ଆସାମୀକୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ବଡହଳ ଗ୍ରାମର କାର୍ତ୍ତିକ ତାମୁଲିଆ ଜଣେ ନାବାଳିକାକୁ ସ୍କୁଲ ଯିବା ବାଟରେ ପ୍ରେମ ନିବେଦନ କରିବା ଏବଂ ନାବାଳିକାକୁ ଧମକ ଦେବା ନିତିଦିନ କରୁଥିଲା । ପୀଡିତା ଘରେ କହିବା ପରେ ପୀଡିତାର ବାପା ଓ ମା' ଆସାମୀ ଘରେ ଏ ବିଷୟରେ ଜଣାଇଥିଲେ ଓ ଆସାମୀ ଘର ଲୋକ ଏଥିରେ ନିବୃତ୍ତ ରହିବାକୁ କହିଥିଲେ ମଧ୍ୟ ସେ ଏହି କାର୍ଯ୍ୟରୁ ନିବୃତ୍ତ ନରହି ପୁନର୍ବାର ନାବାଳିକାକୁ ରାସ୍ତାରେ ହଇରାଣ କରିବାରୁ ନାବାଳିକା ମା' ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ କାର୍ତ୍ତିକ ତାମୁଲିଆକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସୋମବାର ୭ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

## 'ସୁସ୍ଥ ନିରାମୟ ଜୀବନ ପାଇଁ ଯୋଗ ଜରୁରି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀମାଧ୍ୟମ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ପାଳିତ ହୋଇଯାଇଛି । ବିଦ୍ୟାଳୟର ଯୋଗ ଶିକ୍ଷକ ଅଶୋକ କୁମାର ସାହୁ ପିଲାମାନଙ୍କୁ ସବୁଦିନ ପରି ଆଜି ମଧ୍ୟ ଯୋଗାଭ୍ୟାସ କରାଇଥିଲେ । ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୂର୍ଯ୍ୟପ୍ରକାଶ ପତି, ପରିଚାଳନା ନିର୍ଦ୍ଦେଶକ ଡ. ଶଶାଙ୍କ ଶେଖର ପତି, ପ୍ରଶାସକ ହିମାଂଶୁ ଶେଖର ପତି, ଶକ୍ତି ପ୍ରକାଶ ପତି, ଯଶସ୍ୱିନୀ ମହାପାତ୍ର, ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ଅଧ୍ୟକ୍ଷ ଜି.ରାମ କିଶୋର, ପ୍ରଶାସକ ହିମାଂଶୁ ଶେଖର ପତି, ଉପାଧ୍ୟକ୍ଷ ମହେଶ କୁମାର ମିଶ୍ର, ଦ୍ୱାଦଶ ଶ୍ରେଣୀର ଇନଚାର୍ଜ ସଞ୍ଜୟ ସମୀର ମହାପାତ୍ର, ମିନତି ରଥ, ବିନିତା ଦାସ, କଳ୍ପନା ସାହୁ, ଗିରିଜା ମେହେର, ଅନୁପମା ହୋତା, ସ୍ୱାତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳିତ ହୋଇଥିଲା ।

## ଅସହାୟ ଦେବଦେବୀ, ମାଫିଆଙ୍କ କବ୍‌ଜାରେ ଦେବୋତ୍ତର ସମ୍ପତ୍ତି

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ଶହ ଶହ ସଂଖ୍ୟାରେ ବିଭିନ୍ନ ଦେବାଦେବୀ ପୀଠ ଓ ମଠ ରହିଛି । ମାତ୍ର ବର୍ତ୍ତମାନ ସ୍ଥିତିରେ ଜଗତସିଂହପୁର ଜିଲ୍ଲାରେ ଦେବାଦେବୀ ମାନେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିବା ସମୟରେ ଦେବଦେବୀଙ୍କ ସମ୍ପତିକୁ ଚତୁର ଓ କରିତିକ୍ରମା ବ୍ୟକ୍ତିମାନେ ଦଖଲକୁ ନେଇ ନିଜସ୍ୱ ପାଣ୍ଠି ବୃଦ୍ଧି କରିବାରେ ବ୍ୟସ୍ତ ରହିଛନ୍ତି । ଏପରିକି ଜଗତସିଂହପୁର ସଦର ମହକୁମାରେ ଥିବା ଦେବୋତ୍ତର ଇନ୍ସପେକ୍ଟର କାର୍ଯ୍ୟାଳୟଟି ସମ୍ପ୍ରତି ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତରିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ଇତିହାସରୁ ସଂଗୃହିତ ତଥ୍ୟ ଅନୁସାରେ ଜଗତସିଂହପୁର ଜିଲ୍ଲାରେ ବୈଧ ଓ ଜୈନ ସଂସ୍କୃତି ଓ ପୀଠଗୁଡିକ ପର୍ଯ୍ୟାୟ କ୍ରମେ ବିଭିନ୍ନ ଦେବଦେବୀଙ୍କ ନାମରେ ନାମିତ ହୋଇଯାଇଛି । ଜିଲ୍ଲାରେ ଥିବା ଶୈବ ପୀଠଗୁଡିକରେ ଥିବା ଭୂସମ୍ପତିକୁ ସେବାୟତ ଓ ଚତୁର ବ୍ୟକ୍ତି ମାନେ ନିଜ ଭୋଗ ଦଖଲରେ ରଖିଥିବା ସମୟରେ ଜିଲ୍ଲାର ଶହ ଶହ ଶୈବ ପୀଠ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏପରିକି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ମନ୍ଦିରର ସ୍ଥାବର ଅସ୍ଥାବର ସମ୍ପତିର ହିସାବ ମଧ୍ୟ ମିଳିପାରୁନାହିଁ । ଏତଦଭିନ୍ନ ଜିଲ୍ଲାରେ ଥିବା ଗଣପତି ମନ୍ଦିର, ବଳଦେବ ପୀଠ, ମହିମା ଧର୍ମର ପୀଠ, ଅରବିନ୍ଦ ଆଶ୍ରମ, ନିଗମାନନ୍ଦ ଆଶ୍ରମ, ଅନୁଗୁଳଚନ୍ଦ୍ର ଆଶ୍ରମ, ଶିରିଡି ସାଇ ଓ ସତ୍ୟସାଇ ମନ୍ଦିର ପୀଠ ଏବଂ ଅଭିରାମ ପରମହଂସ ପୀଠ, ବାଇଆବାବା ପୀଠର ଭୂସମ୍ପତି ଚତୁର ବ୍ୟକ୍ତିଙ୍କ କବ୍‌ଜାରେ ରହିଛି । ଏଠାରେ ପ୍ରକାଶ ଥାଉକି ଯେ ଶ୍ରୀ ଚୈତନ୍ୟ ଓଡ଼ିଆ ଆଗମନ ପରେ ଗଉଡ଼ିଆ ବୈଷ୍ଣବ ଧର୍ମର ପ୍ରଭାବରେ ଜିଲ୍ଲାରେ ଶହ ଶହ ମଠ ଗଢି ଉଠିଥିଲା । ଜଗତସିଂହପୁର ଜିଲ୍ଲା ଇତିହାସ ତଥ୍ୟ ଅନୁସାରେ ଜିଲ୍ଲାରେ ମୋଟ ୧୩୫ଟି ମଠ ରହିଛି ଓ ସେ ମଠ ଗୁଡିକର ଭୁ ସମ୍ପତିକୁ ସେବାୟତ, ମାରଫତଦାର ଓ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରିନେଇଛନ୍ତି । ଉଦାହରଣ ସ୍ୱରୂପ ତିର୍ତ୍ତୋଲ ବ୍ଲକ ଅଧିନ ମଣପୁର ମଠର ଦୁଇ ହଜାର ଏକର ସମ୍ପତିର ସଠିକ ହିସାବ ମିଳୁନାହିଁ । ଅନୁରୂପ ଭାବେ କୋଟିଆଁ ଶ୍ରୀ ଶ୍ରୀ ନୀଳମାଧବଜୀଉ ମଠର ୮୪ ଏକର ଭୂସମ୍ପତି ଥାଇ ମଧ୍ୟ ଠାକୁରଙ୍କ ନୀତି ନିର୍ଘଣ୍ଟ ସଠିକ ଭାବେ ହୋଇପାରୁନାହିଁ । ଜିଲ୍ଲା ସଦର ମହକୁମାରେ ବାଉଳି ବାବା ମଠ ଓ ଜୟବଢ଼ ଜଗନ୍ନାଥଙ୍କ ଭୂସମ୍ପତ୍ତି ମଧ୍ୟ ବେଆଇନ ଭାବେ ଖରଦି ଓ ବିକ୍ରି ହୋଇ ଚାଲିଛି । ଜିଲ୍ଲା ସଦର ମହକୁମାରେ ଥିବା ଦେବୋତ୍ତର ବିଭାଗ କାର୍ଯ୍ୟାଳୟଟି କଟକ ସ୍ଥାନାନ୍ତରିତ ହେବା ଓ ରାଜସ୍ୱ ବିଭାଗର ଦାଇତ୍ୱହୀନତା ଯୋଗୁଁ ଦେବୋତ୍ତର ସମ୍ପତିର ବେଆଇନ ଖରଦି ବିକ୍ରି ଓ ଜବରଦଖଲ ବ୍ୟାପକ ଭାବେ ଚାଲିଛି । ଦେବଦେବୀଙ୍କୁ ସୁରକ୍ଷିତ ରଖିବା ସହିତ ଦେବଦେବୀଙ୍କ ନାମରେ ଥିବା ଭୂସମ୍ପତି ଦେବୋତ୍ତର ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବସ୍ ଭଡ଼ା ଛାଡ ଦାବିରେ ବ୍ଲକ୍ ସମ୍ମୁଖରେ ଧାରଣା




ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା କଲେଜ ଏଆଇଏସ୍ଏଫ୍ ଛାତ୍ର ସଂସଦ ତରଫରୁ କଲେଜ ଛାତ୍ରଛାତ୍ରୀଙ୍କ ଆମ ବସ୍‌ରେ ଭଡ଼ା ଫ୍ରି ଓ ଘରୋଇ ବସ୍‌ରେ ୫୦ ଭାଗରୁ କମ୍ ଭଡ଼ା ନେବା ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ବ୍ଲକ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଦୋଳବେଦୀ ଛକ ଠାରେ ଥିବା ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ବଜାର ପରିକ୍ରମା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ । ନିମାପଡ଼ା ବ୍ଲକ୍ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ସଭାପତି ପପୁ ରାଉତ, ସଂପାଦକ ସାଗର ପ୍ରଧାନ, ସୋନାଲି ପ୍ରଧାନ, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରେମ ରଂଜନ ସେଠୀ, କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ର ନାଥ ସାହୁ ଓ ପ୍ରଫୁଲ୍ଲ ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ପୋକ୍‌ସୋ ଓ କିଶୋର ନ୍ୟାୟ ଆଇନ ସମ୍ପର୍କିତ ସଚେତନତା



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅଳସୁଧାସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧୀକରଣ ତରଫରୁ ପୋକ୍ସୋ ଆଇନ, କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ଓ ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ସହକାରୀ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପୋକ୍ସୋ ଆଇନ ଅନୁଯାଇ ଶିଶୁମାନଙ୍କ ସହ ହେଉଥିବା ଯୌନ ଅପରାଧ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଓଡିଶା ପୀଡ଼ିତା କ୍ଷତିପୂରଣ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ଅନୁଯାଇ ଯୌନ ଶୋଷଣର ଶିକାର ହେଉଥିବା ସମସ୍ତ ଶିଶୁଙ୍କୁ ଆର୍ଥିକ କ୍ଷତିପୂରଣ ରାସୀ ପ୍ରଦାନ କରାଯାଇଥାଏ । ଏହି କ୍ଷତିପୂରଣ ରାସୀ ଦୁଇଟି କିସ୍ତିରେ ପ୍ରଦାନ କରାଯାଇଥାଏ । ଏତିଲା ଦାଏର ହେବା ପରେ ପ୍ରଥମ କିସ୍ତି ଦିଆଯାଉଥିବାବେଳେ ଦ୍ୱିତୀୟ କିସ୍ତି ମୋକଦମ ସରିଲା ପରେ ଦିଆଯାଏ । ଏହା ପରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ କହିଥିଲେ ଯେ ଶିଶୁମାନଙ୍କ ସହ ଦୁଷ୍କର୍ମ କରୁଥିବା ୧୮ ବର୍ଷରୁ ଉର୍ଦ୍ଧ ଦୁଷ୍କର୍ମୀଙ୍କୁ ପୋକ୍ସୋ ଆଇନ ଅନୁଯାଇ ଫାଶୀ କିମ୍ୱା ଆଜୀବନ ଦଣ୍ଡରେ ଦଣ୍ଡିତ କରାଯାଇ ଜୋରିମାନାର ମଧ୍ୟ ବ୍ୟବସ୍ଥା ଅଛି । ତେଣୁ ଯୁବପିଢିମାନେ ଏହି ଅପରାଧରୁ ନିବୃତ ରହିବା ଉଚିତ । ସେହିପରି ସହକାରୀ ଆଇନ ସହାୟତା ପ୍ରତିରକ୍ଷା ଓକିଲ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ ବଳିଦାନ ଦିବସ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସାଧାରଣ ସଂପାଦକ ସୁନିଲ୍ ଶର୍ମାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ବଳିଦାନ ଦିବସ ପାଳିତ ହୋଇଯାଇଛି । ବିଜେପିର ସଂସ୍ଥାପକ ଡଃ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଷ୍ଟ୍ର ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବାରୁ ଏହି ଦିବସକୁ ବିଜେପି ପକ୍ଷରୁ ସମଗ୍ର ଦେଶରେ ବଳିଦାନ ଦିବସ ରୂପେ ପାଳନ କରାଯାଉଛି । ସ୍ୱର୍ଗତ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ଦେଶ ମାତୃକା ପାଇଁ କାର୍ଯ୍ୟ କରିଥିବାରୁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଶିବପ୍ରସାଦ ସାହୁ, କୋଷାଧ୍ୟକ୍ଷ ସଂଜୀବ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରନ ଭୂୟାଁ, ଅନିମେଶ ଚାନ୍ଦ, ବରିଷ୍ଠ ସଦସ୍ୟ ରମେଶ ସାମଲ, ନିରନ ଦାସଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଡଃ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିଥିଲେ ଓ ତାଙ୍କର ଫଟୋ ଚିତ୍ରରେ ଧୂପ ଓ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେହିପରି ଢେଙ୍କାନାଳ ବିଜେପି ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦକ୍ଷିଣକାଳୀସ୍ଥିତ କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପ-ସଭାପତି ରାମଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଓ ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଦେଶ ପ୍ରତି ତ୍ୟାଗ ଓ ବଳିଦାନ ଉପରେ ବିଷଦ ଭାବେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଡଃ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ଉପରୋକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସତ୍ୟାନନ୍ଦ ପାତ୍ର, ପୂର୍ବତନ ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ଦୀପକ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ହୋତା, ପ୍ରଦୀପ ମଲ୍ଲିକ, ବିଭୁତି ଭୂଷଣ ଷଣ୍ଢ, ସର୍ଫରାଜ୍ ଅଲ୍ଲୀ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ ଓ ପ୍ରତାପ ନାଏକ, ଭରତ ଚନ୍ଦ୍ର ଦାସ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଜନପ୍ରିୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟଗତ ଅସୁସ୍ଥତାଯୋଗୁ ମୁମ୍ବାଇ ସ୍ଥିତ ଏକ ଘରୋଇ ହସପିଟାଲରେ ରବିବାର ତାଙ୍କର ସଫଳ ଅସ୍ତ୍ରପଚାର କରାଯାଇଛି । ଏହି ପରିପେକ୍ଷୀରେ ତାଙ୍କର ନିରାମୟ ଦୀର୍ଘାୟୁ ଜୀବନ କାମନା କରି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ଉପାଧକ୍ଷା ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ରୀଶ୍ରୀ ପ୍ରଭୁ ରୁଦ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି ।ଏହି କର୍ଯ୍ୟକ୍ରମରେ ହଜାର ହଜାର ମହିଳା ଓ ପୁରୁଷ ଦୀପଦାନ କରିଥିଲେ ।ଏଥିରେ ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ, ବ୍ଲକ ଅଧକ୍ଷା ଲସହକ୍ଷ୍ମୀ ବେହେରା ଜିଲ୍ଲାପରିଷଦ ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ନାରୀ ନେତ୍ରୀ ଶାନ୍ତିଲତା ଦ୍ୱିବେଦୀ,ଗୌତମ ପାଲିତ, ଅନ୍ତର୍ଯ୍ୟାମି ରାଉତ, ସମାଜସେବୀ ଚନ୍ଦ୍ରକାନ୍ତ ପଣ୍ଡା, ବିଭିନ୍ନ ପଞ୍ଚାୟତରରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଦଳୀୟ କର୍ମୀ, ନେତା ଓ ଜ୍ୟୋତି ମହାସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଦିପଦାନ କରି ନବୀନ ବାବୁଙ୍କ ସୁଭକାମନା କରିଥିଲେ ।



## ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ, ଥାନାରେ ମାମଲା

ଗୋପ, (ଭାସ୍କର ନ୍ୟୁଜ୍) : ଗୋପ ଥାନା ଅଧିନ ବନ୍ତଳାଗ୍ରାମ ପଞ୍ଚାୟତ ସୁଜାନଗର ଗ୍ରାମରେ ଛୋଟ ପିଲା ସାଇକେଲ୍ ଚଳାଇବାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିବାବେଳେ ଥାନାରେ ପୃଥକ୍ ପୃଥକ୍ ଭାବେ ଅଭିଯୋଗ ହେବାପରେ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ, ସୁଜାନଗର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ କାଳନ୍ଦି ଚରଣ ବେହେରାଙ୍କ ୪ ବର୍ଷର ପୁଅ ସାଇକେଲ୍ ଚଲାଉଥିବାବେଳେ ସେହି ଗ୍ରାମର ସସ୍ମିତା ନାୟକଙ୍କ ପୁଅ କାନ୍ଦିବାକୁ ଲାଗିଥିଲା । ପରେ ସସ୍ମିତା ଏଠାରେ ସାଇକେଲ ଚଲାଅ ନାହିଁ କହିବାରେ କାଳନ୍ଦୀ ଉତ୍ତେଜିତ ହୋଇ ସସ୍ମିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏ ନେଇ ସସ୍ମିତା ଗୋପ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ କାଳନ୍ଦିଙ୍କୁ ମଧ ସସ୍ମିତା ଓ ତାଙ୍କ ସ୍ୱାମୀ ତପନ ଗାଳି ଗୁଲଜ କରିଥିବା ପାଲଟା ଅଭିଯୋଗ କରିଛନ୍ତି । ଏ ନେଇ ଗୋପ ପୋଲିସ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା

ବାଙ୍କୀ, (ଭାସ୍କର ନ୍ୟୁଜ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରୁ ଆଠଗଡ଼ ଉପଖଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା । ମୁଖ୍ୟ ରାସ୍ତା ଶୋଚନୀୟ ଥିବାରୁ ଯାତାୟତ ବାଧାପ୍ରାପ୍ତ । ଲୋକେ ହନ୍ତସନ୍ତ ରାସ୍ତାରେ ପଡ଼ି ହେଉଛନ୍ତି ଖଣ୍ଡିଆ ଖାବରା । ସୂଚନା ଥାଉ କି ପୂର୍ତ୍ତ ବିଭାଗ ଜରିଆରେ ଉକ୍ତ ରାସ୍ତା ଉଚ୍ଚା କରିବାକୁ ବିଶିଷ୍ଟ ପ୍ରଶସ୍ତି କରଣ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଅଛି । ମାଟି ପକାଇ ରାସ୍ତା ଉଚ୍ଚା କରାଯାଉଥିବା ବେଳେ ବର୍ଷା ଯୋଗୁ କାର୍ଯ୍ୟ ବନ୍ଦ ଥିବା ପରିଲକ୍ଷିତ ହୋଇଛି । ଏହାର ସୁଯୋଗ ନେଇ ବାଙ୍କୀ ତହସିଲ ଓ ଆଠଗଡ଼ ଜଳ ସମ୍ପଦ ବିଭାଗ ଅନ୍ତର୍ଗତ ସୁବର୍ଣ୍ଣ ପୁର ମୌଜାରେ ବେନିୟମ ଭାବେ ମାଫିଆ ମାନେ ଚୋରା ବାଲି ରାତି ତମାମ ଚାଲାଣ କରୁଥିବାରୁ ରାସ୍ତାର ଅବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହେଉଛି । ଫଳରେ ସୁବର୍ଣ୍ଣପୁର ପଞ୍ଚାୟତରୁ ଆଠଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା



ବିପଦ ପୂର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତାୟତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ବାଇକ ଚାଳକ ମାନେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ସ୍ଥାନୀୟ ଅଞ୍ଚଳ ବାସି ଓ ବାଟୋଇ ମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ରାସ୍ତା ର ଏଭଳି ଅବସ୍ଥା ଯେ ବିପଦ କାଳୀନ ସମୟରେ ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡ଼ି ବି ଯାଇ ପାରୁନାହିଁ । ଫଳରେ ଓସ୍ତିଆ, ଆନନ୍ଦପୁର, ବିଷ୍ଣୁପୁର , ନୂଆ ଓସ୍ତିଆ, କଦଳୀ ବାଡ଼ି ଆଦି ଗ୍ରାମର ହଜାର ହଜାର ପରିବାର ଗମନା ଗମନରୁ ବଞ୍ଚିତ ହେଉଛନ୍ତି । ଅନ୍ୟପଟେ ବିଦ୍ୟାଳୟ, କଲେଜ ଖୋଲିବା ପରେ ଛାତ୍ର ଛାତ୍ରୀ ମାନେ ଏହି ରାସ୍ତା ଦେଇ ଯିବାପାଇଁ ନିଜକୁ ସୁରକ୍ଷା ମଣୁ ନଥିବା ଅଭିଯୋଗ କରିଛନ୍ତି । ସୂଚନା ଥାଉ କି ସୁବର୍ଣ୍ଣ ପୁର ମୌଜାରେ ବେନିୟମ ଭାବେ ମହାନଦୀ ବନ୍ଧ କାଟି ଚୋରା ବାଲି ଚାଲାଣକାରୀଙ୍କ ଉପରେ ବାଙ୍କୀ ତହସିଲ ପକ୍ଷରୁ ଚଢ଼ାଉ କରି ଗଛିତ ଚୋରା ବାଲି ଜବତ କରିବା, ବଡ ହାଇଓ୍ୱା ଗାଡ଼ି, ବାଲି ଉଠା ପ୍ରୋକଲିନ ମେସିନ ଜବତ କରି ଲକ୍ଷ ଲକ୍ଷ ଟଙ୍କା ଫାଇନ ଆଦାୟ କରିଥିବା ବେଳେ ଚୋରା ବାଲି ଚାଲାଣ ନକରିବା ପାଇଁ ମହାନଦୀ ବନ୍ଧ ପୂର୍ବରୁ ବିରାଟ ଗାତ ଖୋଳିଥିଲେ । ଖଣି ବିଭାଗ ପକ୍ଷରୁ ଆସି ତଦନ୍ତ କରିଥିଲେ ମଧ ସେହି ଚୋରା ବାଲିଘାଟ ପ୍ରତି ଖଣି ବିଭାଗ ଅଧିକାରୀଙ୍କ ସିମ୍ପତି କାହିଁକି ରହୁଛି ବୋଲି ଜନ ମାନସରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପ୍ରତି କଟକ ଜିଲ୍ଲାପାଳ କିମ୍ବା ବିଭାଗୀୟ ରାଜସ୍ୱ ବିଭାଗ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବାକୁ ଅଞ୍ଚଳ ବାସି ଦାବି କରିଛନ୍ତି । ଏଭଳି ଘଟଣା ସମ୍ପର୍କରେ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ ବାରମ୍ବାର ଯୋଗା ଯୋଗ କରିଥିଲେ ମଧ ସମ୍ଭବ ହୋଇନଥିଲା । ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବେହେରାଙ୍କୁ ପଚାରିବାରୁ କହିଲେ ତଦନ୍ତ ପୂର୍ବକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜନ ସାଧାରଣ ସୁବିଧା ନିମନ୍ତେ ରାସ୍ତା ମରାମତି କରାଯିବ ବୋଲି ଉପ ଜିଲ୍ଲାପାଳ ବେହେରା କହିଛନ୍ତି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଅଲମ୍ପିକ୍ ଦିବସ ପାଳିତ




ଗୁଣୁପୁର, (ଭାସ୍କର ନ୍ୟୁଜ୍): ବିଶ୍ୱ ଅଲମ୍ପିକ୍ ଦିବସ ଅବସରରେ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଅଲମ୍ପିକ୍ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରଣ ଡ ପି ବିଜୟ କୁମାର ଯୋଗ ଦେଇ ଏହି ଦିବସ ବିଷୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେସିକ ସାଇନ୍ସ ଆଣ୍ଡ ହ୍ୟୁମନିଟିସ୍ ବିଭାଗର ମୁଖ୍ୟ ଡ ପ୍ରତିଭା କର ଏବଂ ଅଧ୍ୟାପିକା ସୁମନ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଦିବସ ପାଳନ ନିମନ୍ତେ ଅଲମ୍ପିକ ବିଷୟରେ ଏକ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ପ୍ରିୟଙ୍କା ସାହୁ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଆଶିଷ ନେହେରା ଦ୍ୱିତୀୟ ଓ ସୁବ୍ରତ କୁମାର ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ସମସ୍ତ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ସିଲ୍ଡ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ ଓ କ୍ରୀଡ଼ା ଅଧିକାରୀ ରବିନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ । ଅଧ୍ୟାପିକା ଘନିଷ୍ଠା ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ ।

# ୬୧ ପ୍ରଶିକ୍ଷଣାର୍ଥୀ ନେବେ ପାରାମେଡିକ୍ ବୃତ୍ତିଗତ ତାଲିମ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଗଠିତ ଦାନଗଦି ମଲ୍ଟି-ସ୍କିଲ ଡେଭଲପମେଣ୍ଟ ସେଣ୍ଟର (ଏମଏସଡ଼ିସି) ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି । ସୋମବାର ଦାନଗଦିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚର ୬୧ ଜଣ ଛାତ୍ରଛାତ୍ରୀମାନ ପାରାମେଡିକ୍ ବୃତ୍ତିଗତ ତାଲିମ ନେବା ପାଇଁ ବିଭିନ୍ନ ସଂସ୍ଥାକୁ ପ୍ରେରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତ ନିଗମ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଆଷ୍ଟନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜୁଲାଇ ୨୩, ୨୦୨୫ରେ ଶ୍ରେଣୀଗୃହ ତାଲିମ ସମାପ୍ତ ହେବା ପୂର୍ବରୁ, ଏହି ୬୧ ଜଣ ଛାତ୍ର-ଛାତ୍ରୀ ଭୁବନେଶ୍ୱର ଏବଂ ଯାଜପୁରର ପ୍ରମୁଖ ଡାକ୍ତରଖାନାମାନଙ୍କରେ



ବୃତ୍ତିଗତ ତାଲିମ ଆରମ୍ଭ କରିବେ । ଏଥିପାଇଁ କେୟାର ହସ୍ପିଟାଲ, ସନସାଇନ ହସ୍ପିଟାଲ, ମଣିପାଲ ହସ୍ପିଟାଲ ଏବଂ ଟାଟା ଷ୍ଟିଲ ମେଡିକାଲ ଭଳି ସୁପରିଚିତ ସଂସ୍ଥାଗୁଡ଼ିକୁ ବାଛାଯାଇଛି । ଏହା ଛାତ୍ରମାନଙ୍କ ବୃତ୍ତିଗତ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଦକ୍ଷତା ବିକାଶ ଓ ବାସ୍ତବ ଚାକିରି ମଧ୍ୟରେ ଥିବା ଦୂରତ୍ୱ କମାଇବାରେ ସେଣ୍ଟରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ୨୦୨୪ ଡିସେମ୍ବରରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରର ଉଦ୍ଦେଶ୍ୟ ହେଉଛି ଆର୍ଥିକ ସ୍ତରରେ ଦୁର୍ବଳ ଯୁବକ-ଯୁବତୀଙ୍କୁ ଶିଳ୍ପ-ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରି ସେମାନଙ୍କୁ ଚାକିରି ପାଇବାରେ ସାହାଯ୍ୟ କରିବା ଏବଂ ସ୍ୱାବଲମ୍ବୀ କରିବା । ପ୍ରଥମ ପର୍ଯ୍ୟାୟରେ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଗୁଡ଼ଗାଓଁ ସ୍ଥିତ ଆଷ୍ଟନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍ ସହ ମିଶି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକବର୍ଷୀୟ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିଛି । ଏଥିରେ ରେଡିଓଲୋଜି ଟେକ୍ନିସିଆନ୍, ଡାଏଲିସିସ୍ ଟେକ୍ନିସିଆନ୍ ଏବଂ ମେଡିକାଲ ଲାବୋରେଟୋରୀ ଟେକ୍ନିସିଆନ୍ ପାଇଁ ତାଲିମ ଦିଆଯାଉଛି ଯାହାର ବର୍ତ୍ତମାନ ବଜାର ଚାହିଦା ରହିଛି ଏବଂ ଏହି କ୍ଷେତ୍ର ଗୁଡ଼ିକରେ ଅନେକ ନିଯୁକ୍ତି ସୁଯୋଗ ମିଳୁଛି । ଏଠାରେ ପାଠ୍ୟକ୍ରମ ଏକ ସନ୍ତୁଳିତ ପଦ୍ଧତିରେ ଚାଲିଛି, ଯେଉଁଥିରେ ଛଅ ମାସ ତତ୍ତ୍ୱଗତ ଶିକ୍ଷା ଏବଂ ସ୍କିଲ ଲ୍ୟାବ୍ ସେସନ୍ ପରେ ଆଉ ଛଅ ମାସ ଯାଜପୁର ଓ ଭୁବନେଶ୍ୱରର ନାମୀ ଡାକ୍ତରଖାନାମାନଙ୍କରେ ବ୍ୟବହାରିକ ତାଲିମ ଦିଆଯାଏ । ସେଣ୍ଟରଟି ଆଧୁନିକ ସ୍କିଲ ଲ୍ୟାବ୍ ସହିତ ସଜ୍ଜିତ, ଯେଉଁଥିରେ ସିମୁଲେଟର ଏବଂ ରିଅଲ୍-ଟାଇମ୍ ଡାୟାଗ୍ନୋଷ୍ଟିକ୍ ଯନ୍ତ୍ର ଆଦି ରହିଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଜ୍ଞାନ ଦେବାରେ ସହାୟକ ହେଉଛି ।

# ରାଜ୍ୟସ୍ତରୀୟ ଧରିତ୍ରୀ ଉତ୍ସବ ଉଦ୍‌ଯାପିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକର ସମ୍ପତିଆ ଗ୍ରାମପଞ୍ଚାୟତର ବାଗପୁଞ୍ଜିଠାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୧୪ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଧରିତ୍ରୀ ସମାରୋହ ପାଳିତ ହୋଇ ଯାଇଛି । ରଜପର୍ବ ରଜ ଉତ୍ସବରେ ପୁଚି, ଖେଟି, ଦୋଳି ଖେଳ ସହିତ ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶନୀ ଓ ରଜ କୁଇନ୍ ପ୍ରତିଯୋଗିତା ହୋଇଥିଲା । ସଂଧ୍ୟାରେ ପଣ୍ଡିତଙ୍କ ଓ ଓଡିଶାରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ନୃତ୍ୟ ଓ ସଂଗୀତ ପ୍ରଦର୍ଶନ ହୋଇଥିଲା । ଶେଷ ଦିନରେ ରଜକୁଇନ୍ ପ୍ରତିଯୋଗିତାରେ କେନ୍ଦ୍ରାପଡାର ପ୍ରିୟାଂଶୀ ପରିଡା ପ୍ରଥମ ସ୍ଥାନ, ମୟୂରଭଞ୍ଜର ଶ୍ରେୟାଂଶୀ ମାଇତି ଦ୍ୱିତୀୟ ଓ ବାଲେଶ୍ୱର ଗୋପାଳଗାଁର




ମନାଲିସା ପ୍ରଧାନ ତୃତୀୟ ସ୍ଥାନ ଅଧିକାରୀ କରି ପୁରସ୍କୃତ ହୋଇଥିଲେ । ପୁରସ୍କାର ବିତରଣ ସଭାରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଓ ଜିଲାପରିଷଦ ଉପସଭାପତି ଅନୁସୟା ପ୍ରଧାନ ମୁଖ୍ୟ ବକ୍ତାଭାବେ ଯୋଗଦେଇ ରଜପର୍ବକୁ ଓଡିଶାବାସୀ ଗଣପର୍ବରେ ପରିଣତ କରି ଏତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଗୁରୁତ୍ୱ ଦେଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ସଂପ୍ରୀତି ସୃଷ୍ଟି ହୋଇ ପାରିଛି ବୋଲି କହିଥିଲେ ।

## ଡେରାବିଶ ମହାବିଦ୍ୟାଳୟରେ ଯୋଗ ଶିବିର

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲାହାଟ ପଂଚାୟତ ଅନ୍ତର୍ଗତ ଦୁମୁକା ସ୍ଥିତ ଡେରାବିଶ ମହାବିଦ୍ୟାଳୟ ପରିସରରେ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ଶେଖର ନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗର ଉପକାରିତା ଉପରେ ମତବ୍ୟକ୍ତ କରି ନିୟମିତ ଯୋଗ କରି ସୁସ୍ଥ ଜୀବନ ବିତାଇବା ପାଇଁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ କହିଥିଲେ । ଏହି ଶିବିରରେ ସରସ୍ୱତୀ ସିଂ, ଶୁଭଶ୍ରୀ ସରିତା ରାଉତ ଶିବିରାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଓ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି, କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ସୌଭିକ୍‌ଙ୍କ ଦୀପଦାନ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷଠାକୁରଙ୍କୁ ଦୀପ ଦାନ କରିଛନ୍ତି । ସ୍ଥାନୀୟ ୭ନଂ ଓ୍ୱାର୍ଡ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ବହୁ ଜନସାଧାରଣଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ବିଶ୍ୱାଳ ଆଜି ସନ୍ଧ୍ୟାରେ ଦୀପଦାନ କରିବା ସହିତ ଠାକୁରଙ୍କ ସଂଧ୍ୟା ଆଳତୀରେ ଯୋଗ ଦେଇଥିଲେ । ଏହି ଦୀପଦାନ କାର୍ଯ୍ୟକ୍ରମରେ ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ଚେୟାରମ୍ୟାନ୍ ପ୍ରେମଚାନ୍ଦ ନାୟକ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ସୁବ୍ରତ ସାମଲ, ସମସ୍ତ ବିଜେଡ଼ି କାଉନ୍‌ସିଲର, ପୂର୍ବତନ କାଉନ୍‌ସିଲର, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବନେତା ଅର୍ଜୁନ ପଣ୍ଡା, ମହିଳା ନେତ୍ରୀ କଲ୍ୟାଣୀ ସାହାଣୀ, ମୀନା ଚୌଧୁରୀଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ମନ୍ଦିର ପରିଚାଳନା କମିଟିର ଅଧକ୍ଷ ତଥା ବରିଷ୍ଠ କାଉନ୍‌ସିଲର ଦିଲ୍ଲୀପ ସାହୁ ପରିଚାଳନା କରିଥିଲେ ।

## ନବୀନଙ୍କ ପାଇଁ ମୃତ୍ୟୁଞ୍ଜୟ ମନ୍ତ୍ରରେ ଦୀପଦାନ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବୋଲଗଡ଼ ବ୍ଲକ ବିଜେଡ଼ି ପକ୍ଷରୁ ବଙ୍କୋଇ ସ୍ଥିତ ଶ୍ରୀଶ୍ରୀ ତାରେଶ୍ୱର ଦେବଙ୍କ ପୀଠରେ ମୃତ୍ୟୁଞ୍ଜୟ ମନ୍ତ୍ର ପାଠ ପୂର୍ବକ ୧୦୮ ଦୀପଦାନ କରାଯାଇଛି । କର୍ମୀଙ୍କ ଆୟୋଜନର ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧକ୍ଷ ତୁଳସୀ ପ୍ରଧାନ, ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କିଶୋର ଛୋଟରାୟ, ସୁବାଷ ରାୟଗୁରୁ, ବ୍ଲକ ମହିଳା ସଭାନେତ୍ରୀ ପ୍ରଭାତୀ ରାଉତରାୟ, ଗୀତା ମହାନ୍ତି ଆଦି ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ମାନେ ଯୋଗଦେଇଥିଲେ । ଏଥିରେ ବ୍ଲକ ୫ ଶହ କର୍ମୀ ଯୋଗଦେଇ ଆରୋଗ୍ୟ କାମନା କରିଛନ୍ତି ।

# ବାରଙ୍ଗ ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ଫୁଲନଖରା, (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକର ସମସ୍ତ ୧୬ ଗୋଟି ଗ୍ରାମ ପଞ୍ଚାୟତରେ ତାରିଖ ୧୩-୦୬ ଠାରୁ ୨୨.୦୬ ପର୍ଯ୍ୟନ୍ତ ବିକାଶ ବାହାନ ପରିକ୍ରମା ସମୟରେ ବିଭିନ୍ନ ଗ୍ରା.ପରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା, ସ୍ୱଚ୍ଛତା ପାଇଁ ଶପଥ ପାଠ, ହାତ ଧୋଇବା ପ୍ରଣାଳୀ ଓ ସଚେତନତା ବାର୍ତ୍ତା ବଣ୍ଟନ କରାଯାଇଥିଲା, ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ତରର ଜନପ୍ରତିନିଧି, ମାନ୍ୟବର ସାଂସଦ ଙ୍କ ପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଓ, ବିଡିଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପିଏ ଶାରଦା ପ୍ରସନ୍ନ ଦାସ, ମିଶନ ଶକ୍ତି ବିଭାଗର ଏମ୍ପ୍ଲିକେ, ସିଆରପି, ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ, ଅତିରିକ୍ତ ବିଡ଼ିଓ ବିଜୟ କେତନ ଚୌଧୁରୀ, ଗ୍ରା.ପ. ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରତିଜ୍ଞା ନନ୍ଦ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ମାନ୍ୟବର ବିଧାୟକଙ୍କ




ଶେଷରେ ହିତାଧିକାରୀ ମାନଙ୍କୁ ବାୟୋଡାଟନ କାର୍ଡ, ରେସନ କାର୍ଡ, ଅର୍ଡୋଦୟ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ, ଭତ୍ତା ଓ ଅନ୍ୟାନ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା ।

# ୧୫ଦିନ ହେବ ଅଚଳାବସ୍ଥାରେ ପାଇପ୍ ଜଳ ପ୍ରକଳ୍ପ

କଣାସ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଥିବାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଖ୍ୟକାର୍ଯ୍ୟ କାରଣ ହୋଇପଡ଼େ । ଗୌଡ଼ପଡ଼ ସମୟରେ ଏହା ଉତ୍କଟ ରୂପ ଧାରଣ କରେ । ପାନୀୟଜଳ ଯୋଗାଦେବା ପାଇଁ ପ୍ରଶାସନ ପକ୍ଷରୁ ଦୟା, ରାଜୁଆ, ମଲାଗୁଣି ନଦୀରେ କେତୋଟି ହାତଗଣତି ପାଇପଜଳ ପ୍ରକଳ୍ପ ବସିଛି । ସେଗୁଡ଼ିକ ମଧ ଠିକ ଭାବେ କାର୍ଯ୍ୟକରୁନଥିବାରୁ ଜଳ ପାଇଁ ଜନସାଧାରଣ ତହଳବିକଳ ହେଉଛନ୍ତି । ରାଜୁଆନଦୀର ତବଡପୁର ନିକଟରେ ନିର୍ମାଣ କରାଯାଇଥିବା ପାଇପି ଜଳ ପ୍ରକଳ୍ପ ଆଜକୁ ୧୫ଦିନ ହେଲା ଅଚଳ ହୋଇପଡ଼ିଥିବାରୁ ଗଡବଡପୁର, ବିରକେଶରପୁର, ବାରବା ଗ୍ରାମବାସୀ ୧୫ଦିନ ହେଲା ପାଇପ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସଂପର୍କରେ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଂଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଏ ସଂପର୍କରେ କିଛି ଜାଣିନାହିଁ, ପଚାରି କୁହୁଛି ।

## ସୁଦର୍ଶନ ଦାସଙ୍କୁ ଜଳ ମାନବ ଓ ନଦୀ ପ୍ରହରୀ ସମ୍ମାନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ନିକଟରେ ଜଳେଶ୍ୱର କଂଗ୍ରେସର ନେତା ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନ ର ଆବାହକ ସୁଦର୍ଶନ ଦାସ ଓଡ଼ିଶାର ଜଳ ମାନବ ଓ ନଦୀ ପ୍ରହରୀ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି ।ଓଡ଼ିଶାରେ ପରିବେଶ ଉପରେ ୧୯୮୨ ମସିହାରୁ ଉଲ୍ଲେଖନୀୟ କାର୍ଯ୍ୟ କରି ଆସୁଥିବା ସଂସ୍ଥା ଓଡ଼ିଶା ପରିବେଶ ସମିତି ଦ୍ୱାରା ସେ ଜଳ ମାନବ ଭାବରେ ସମ୍ମାନିତ ହୋଇଥିବା ବେଳେ ରାଜସ୍ଥାନ ର ତରୁଣ ଭାରତ ସଂଘର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଭାରତର ଜଳ ମାନବ ଡ ରାଜେନ୍ଦ୍ର ସିଂ ତାଙ୍କୁ ନଦୀ ପ୍ରହରୀ ସମ୍ମାନ ରେ ସମ୍ମାନିତ କରିଥିଲେ । ପ୍ରକାଶ ଥାଉ କି ଶ୍ରୀ ଦାସ ନଦୀ ସୁରକ୍ଷା କାର୍ଯ୍ୟରେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଆସୁଛନ୍ତି ଏବଂ ସେଇଥିପାଇଁ ସେ ଏଭଳି ସମ୍ମାନ ପାଇଛନ୍ତି ।ସୋମବାର ଜଳେଶ୍ୱର କଂଗ୍ରେସ ଦଳର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ବୈଠକରେ ସେଥିପାଇଁ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ତ୍ରିଲୋଚନ ନାୟକ, ଚନ୍ଦ୍ରକାନ୍ତ ଅଗ୍ରିଆ, ଖଗେନ୍ଦ୍ର ସାମଲ, ଚିତ୍ତରଞ୍ଜନ ସାହୁ, ଜଗଦୀଶ ନନ୍ଦୀ, ହେମନ୍ତ ଗିରି, ଅଞ୍ଜଳି ବେହେରା, ସୋଭିକ ଜେନା, ପଦ୍ମଲୋଚନ ବେହେରା, ଗୌରୀ ଶଙ୍କର ଜେନା, ତୁଳସୀ ଶଙ୍କର ଆଶ, ଦିପୁ ରାଜ, ଶ୍ରୀକାନ୍ତ ସିଂ, ନରେନ୍ଦ୍ର କର, ଭାଗବତ ଜେନା, ଅନାଦି ଚରଣ ରାୟ, ସୁଭାଷ ଚୌଧୁରୀ, ମନୋଜ ଭୂୟାଁ, ସଞ୍ଜୟ ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ବାବଲ ମହାନ୍ତି ପ୍ରମୁଖ କଂଗ୍ରେସ ନେତୃତ୍ୱ ଏହି ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ ।

# ଦୁର୍ଘଟଣା ପ୍ରବଣ ଜାତୀୟ ରାଜପଥ

- କେନ୍ଦୁଝରରେ ୧୦ଟି ବ୍ଲାକ ସ୍ପଟ୍ ଚିହ୍ନଟ
- ଆଇଆର୍‌ସି ଗାଇଡଲାଇନ ଅନୁଯାୟୀ ସଂଶୋଧନ କରିବାକୁ ନିର୍ଦ୍ଦେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ଶତକଡ଼ା ୯୫ ଭାଗ ସଡକ ଦୁର୍ଘଟଣା ଜାତୀୟ ରାଜପଥମାନଙ୍କରେ ହେଉଛି । ଅଧିକ ଦୁର୍ଘଟଣାର ମୂଳ କାରଣ ହେଉଛି ଅଧିକ ବେଗରେ ଗାଡ଼ି ଚଳାଇବା ଏବଂ ଏକ ଗାଡ଼ିକୁ ଓଭରଟେକ୍ କରିବା ଉଦ୍ଦେଶ୍ୟରେ ଅନ୍ୟ ଗାଡ଼ି ଚାଳନା, ବେପରୁଆ ଗାଡ଼ି ଚାଳନା, ଓଭରଟେକ୍, ବେଆଇନ ପାର୍କିଂ ଯୋଗୁଁ ଅଧିକ ଦୁର୍ଘଟଣା ହେଉଛି । ଜାତୀୟ ରାଜପଥ ୨୦ ଓ ୫୨୦ (ପାଣିକୋଇଲି ଠାରୁ ରିମୁଲି ଏବଂ ରିମୁଲିଠାରୁ ରାଜାମୁଣ୍ଡା)ର ତ୍ରୁଟିପୂର୍ଣ୍ଣ ରାସ୍ତା ଯୋଗୁଁ ମଧ୍ୟ ଅନେକ ଦୁର୍ଘଟଣା ଘଟୁଛି । ଏଭଳି କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ୧୦ଟି ବ୍ଲାକ ସ୍ପଟ ଚିହ୍ନଟ ହୋଇଛି । ଇଣ୍ଡିଆନ ରୋଡ କଂଗ୍ରେସ ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ମଧ୍ୟରେ ୧୦ ଟି ଦୁର୍ଘଟଣା କିମ୍ବା ୫ ଜଣ କିମ୍ବା ତା ଠାରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ଉକ୍ତ ସ୍ଥାନକୁ ବ୍ଲାକ ସ୍ପଟ ଭାବେ ଘୋଷଣା କରାଯିବ ଏବଂ ଉକ୍ତ ସ୍ଥାନକୁ ଟେକନିକାଲ ଟିମ ପରିଦର୍ଶନ କରି ତ୍ରୁଟି ସଂଶୋଧନ ପାଇଁ ପଦକ୍ଷେପ ନେବେ । ବ୍ଲାକ ସ୍ପଟ ଗୁଡ଼ିକ ହେଲା ବଡବିଲ ଥାନା ଅନ୍ତର୍ଗତ ୫୨୦ ଉଦ୍ୟାସାହି ଛକ,ଘଟଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ବାଲିଗୋଡି ଛକ ଏବଂ ପିପିଲିଆ,ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ବରପଣି ଏବଂ ପଟାଣଗଡ଼ ଛକ,ଘଟଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ର କପାସପଡା, ଗୁରୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଗୁଆଲି କେଏସଡବ୍ଲ୍ୟୁ ମେଡିକାଲ ଛକ, ଯୋଡା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ର ବିଲେଇପଦା ଛକ ଗତ ୩ବର୍ଷ ମଧ୍ୟରେ ବହୁ ଦୁର୍ଘଟଣା ଘଟିଛି । ସେହିପରି କେନ୍ଦୁଝର ଜିଲ୍ଲାରେ ଦୁର୍ଘଟଣାପ୍ରବଣ ସ୍ଥାନ ଭାବେ ୧୨ ଟି ସ୍ଥାନକୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ୪ଟି ସ୍ଥାନକୁ ତ୍ରୁଟି ସଂଶୋଧନ କରାଯାଇଛି । ଅନ୍ୟ ୮ଟି ସ୍ଥାନ ଜାତୀୟ ରାଜପଥ ୨୦ର ଗୋପାଳପୁର, ପଦ୍ମପୁର ଛକ, ରାଇସୁଆଁ ଓଭରବ୍ରିଜ, ଘଣ୍ଟିପୁରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଡଙ୍ଗଖଳା, ହରିଚନ୍ଦନପୁର ଥାନା ଅନ୍ତର୍ଗତ ଏନ୍.ଏଚ୍-୭୨୦ର କୁସୁମିଯୋଡି, ଚମ୍ପୁଆ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ରିମୁଲି କଲେଜ ବାଇପାସ ଛକ, ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ଖୁଣ୍ଡେଟାଙ୍ଗିରି, ଘଣ୍ଟିପୁରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ର ଶାଳପଡା ଛକକୁ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ଚିହ୍ନଟ କରାଯାଇ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ ପ୍ରକାଶ କରିଛନ୍ତି । ସଡକ ସୁରକ୍ଷା କମିଟି ଏବଂ ସଂସଦୀୟ କ୍ଷେତ୍ରସ୍ତରୀୟ ସଡକ ସୁରକ୍ଷା ବୈଠକରେ ନିଷ୍ପତ୍ତି ଅନୁସାରେ ଜାତୀୟ ରାଜପଥ, ଜଳସେଚନ ପୂର୍ତ୍ତ ବିଭାଗ ରାସ୍ତାର ମେଡିଆନରେ କ୍ରସ ବାରିୟର ଲଗାଇବାକୁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ କୁହାଯାଇଛି । ଏହି କାର୍ଯ୍ୟ ୧ମାସ ମଧ୍ୟରେ ଶେଷ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାସ୍ତା କଡ ଢାବା ଏବଂ ହୋଟେଲରେ ବେଧଡ଼କ ବେଆଇନ ମଦ କାରବାର ଯୋଗୁଁ ଡ୍ରାଇଭରମାନେ ମଦ ପିଇ ବେପରୁଆ ଗାଡି ଚାଳନା କରୁଛନ୍ତି । ଏଥିପାଇଁ ପୋଲିସ ଏବଂ ଅବକାରୀ ବିଭାଗ ନିୟମିତ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗତ ମାର୍ଚ୍ଚ ମାସରେ ରାଜପଥ ପାଖର ବିଭିନ୍ନ ଢାବାରେ ଚଢାଉ କରାଯାଇ ୮ଟି କେସ କରାଯାଇଛି । ବେଆଇନ ମଦ ରଖିବା ଏବଂ ବିକ୍ରି କରୁଥିବା ଅଭିଯୋଗରେ ୧୨ଜଣଙ୍କୁ ଗିରଫ କରାଯାଇଛି । ଜାତୀୟ ରାଜପଥ କଡରେ ସରକାରୀ ଜମିରେ ଢାବା କରି ବେଆଇନ ମଦ ବିକ୍ରି କରୁଥିବା ୩ଜଣ ଢାବାକୁ ଉଚ୍ଛେଦ କରିବା ପାଇଁ ତହସିଲଦାରଙ୍କ ଜରିଆରେ ନୋଟିସ ଦିଆଯାଇଛି । ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୧୫ଟି ପେଟ୍ରୋଲ ପମ୍ପ ଏନ୍‌ଏଚ୍‌ଆଇର ବିନା ଅନୁମତିରେ ଚାଲିଛି । ଏହି ସବୁ ପେଟ୍ରୋଲ ପମ୍ପକୁ ଏନ୍‌ଏଚ୍‌ଆଇ ଠାରୁ ଅନୁମତି ନେଇ ଚଳାଇବାକୁ କୁହାଯାଇଛି । ଜାତୀୟ ରାଜପଥରେ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଜାତୀୟ ରାଜପଥରେ ସ୍ପିଡ ସେନସିଂ କ୍ୟାମେରା ଲଗାଇବାକୁ ଏନ୍‌ଏଚ୍‌ଆଇକୁ କୁହାଯାଇଛି ।

## ଶୁଳିଆପଦା ପଞ୍ଚାୟତ ସମିତିର ବୈଠକ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ ଅଧକ୍ଷା ପାନମଣି ମାର୍ଣ୍ଣିଙ୍କ ଅଧକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ୧୦ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋରଡା ବିଧାୟକ ତଥା ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଏହି ସଭାକୁ ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧକ୍ଷ ଜ୍ୟୋତିଲାଲ ବାରିକ୍, ସହକାରୀ ଯନ୍ତ୍ରୀ ସଦବ ଆମଦେବ ଅଗ୍ନି, ତହସିଲଦାର ନାରାୟଣ ମାଝୀ, ଜିପିଓ ସୁଶାନ୍ତ କୁମାର ରାଉଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲାଇନ୍ ଡିପାର୍ଟମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ । ଜିପିଓଙ୍କ ଦ୍ୱାରା ପୂର୍ବ ବୈଠକରେ ଆଗତ ହୋଇଥିବା ଅଭିଯୋଗ ପାଠ ପରେ ଆଜିର ବୈଠକ ଆରମ୍ଭ ହୋଇଥିଲା । ଶୁଳିଆପଦାରେ ଗାଁମାନଙ୍କରେ ପାନୀୟ ଜଳର ସମସ୍ୟା ଲାଗିରହିଥିବା କେତେକ ଗାଁ ରେ ଟାଙ୍କି କାର୍ଯ୍ୟ ଶେଷ ହୋଇନଥିବାର ଅଭିଯୋଗ ହୋଇଥିଲା । ତୁରନ୍ତ ସମାଧାନାର୍ଥେ ଆରଡବ୍ଲ୍ୟୁଏସଏସ୍ ଯନ୍ତ୍ରୀ ବିରେନ୍ଦ୍ର ମହାନ୍ତଙ୍କୁ ତାଗିଦ୍ କରିଥିଲେ । ଆଗାମୀ ଦିନରେ ହଇଜାକୁ ଦୃଷ୍ଟିରେ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଶୁଳିଆପଦା ବ୍ଲକରେ ଏକ ଶୀତଳଭଣ୍ଡାର ନିର୍ମାଣ ଓ ମାଟି ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ବୈଠକ ମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା । ସ୍ୱାସ୍ଥ୍ୟ, କୃଷି,ସେବା, ହଟିକଲଚର /ଜଳ ସେଚନ/ଶିକ୍ଷା/ ବିଭାଗୀୟ ଅଧିକାରୀଙ୍କୁ ମନ ଦେଇ ସଠିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉଥିବା ଛତୁଆ ରମାନ ପରୀକ୍ଷା କରିବାକୁ ସିଡ଼ିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଶୁଳିଆପଦା ବ୍ଲକରେ ନୂତନ ଭାବେ ବିଡ଼ିଓ ଏବଂ ସହକାରୀ ଯନ୍ତ୍ରୀ ଯୋଗ ଦେଇଥିବା ବେଳେ ତାରାନ୍ତ୍ରିତ ଗତିରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ।



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରତିନିଧି ଶାନ୍ତନୁ କୁମାର ଭୁକ୍ତାଙ୍କ ନେତୃତ୍ୱରେ ହାଇସ୍କୁଲର ଅବସରକାଳୀନ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ପଣ୍ଡା, ଶିକ୍ଷକ ରୂପଶ୍ରୀ ଖଟୁଆ, ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଧାର କରି ବକ୍ତୃତା ପରିବେଷଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ସତ୍ୟମ୍ ପ୍ରିତମ ଖିଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଜ୍ଞାଜିତ ବିଶ୍ୱାଳ ଦ୍ୱିତୀୟ ଓ ବିଶ୍ୱଜିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସିଲ ଓ ଅର୍ଥ ରାଶି ପ୍ରଦାନ କରାଯାଇ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ ନାୟକ, ପ୍ରଶାନ୍ତ କୁମାର ସାହୁ (ମୁନା), ରିଣ୍ଟୁ ଦାସ, ସରୋଜ କୁମାର ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।



**ଯୌତୁକ ନିର୍ଯାତନା**

# ୪ ବର୍ଷର ପୁଅକୁ ମା'ଠାରୁ ଅଲଗା କଲା ପରିବାର

ଗୋପ (ଭାସ୍କର ନ୍ୟୁଜ୍) : ଗୋପ ଥାନା ଅଧିନ ବେଦପୁର ପଞ୍ଚାୟତ ସ୍ଥିତ ବେଦପୁର ଗ୍ରାମରେ ଜଣେ ଜୈନିକା ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ମହିଳାଙ୍କ ଠାରୁ ତାଙ୍କର ୪ ବର୍ଷର ଶିଶୁ ପୁତ୍ରକୁ ଛଡ଼ାଇ ରଖି ଘରୁ ବାହାର କରିଦେଇଥିବା ଗୁରୁତର ଅଭିଯୋଗ ଗୋପ ଥାନାରେ ହୋଇଛି। ହେଲେ ଗୋପ ଥାନା ପକ୍ଷରୁ ଏହି ଘଟଣାକୁ ନେଇ ୧୯୭/୨୫ ରେ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସିଥିବା ଅଭିଯୋଗ କରିଛନ୍ତି ମହିଳା। ସୂଚନା ମୁତାବକ, ଗୋପ ଥାନା ଅଧିନ ଗଣେଶ୍ୱରପୁର ପଞ୍ଚାୟତ ସ୍ଥିତ ଗଳଦରୀ ଗ୍ରାମର ଶ୍ରାବଣୀ ପାଢ଼ୀ ଏହି ଥାନା ଅଧୀନ ବେଦପୁର ପଞ୍ଚାୟତ ସ୍ଥିତ କୈଳାସ ଚନ୍ଦ୍ର ପାଢ଼ୀଙ୍କ ପୁଅ ଦେବୀପ୍ରସାଦ ପାଢ଼ୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ କରିବା ପରେ ସ୍ୱାମୀ ଦେବୀପ୍ରସାଦଙ୍କର ଅନ୍ୟ ମହିଳାଙ୍କ ସହିତ ସଂପର୍କ ଥିବା ଓ ସେ କଲିକତାରେ ରହୁଥିବା ଶ୍ରାବଣୀ ଅଭିଯୋଗ କରିଥିବାବେଳେ ଗତ ୨୦ ତାରିଖ ୯ ଘଟିକା ସମୟରେ ଶାଶୁ ଗୀତାଞ୍ଜଳି ପାଢ଼ୀ ଓ ଶ୍ୱଶୁର କୈଳାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିବା ସହ ବାପ ଘରକୁ ଦୁଇ ଲକ୍ଷ ଟଙ୍କା ଆଣିବାକୁ ଧମକ ଦେଇଥିଲେ। ପରେ ବିବାହିତ ନଣନ୍ଦ ଭାରତୀ ମହାପାତ୍ର ଟେଲିଫୋନ୍ ମାଧ୍ୟମରେ ଗାଳି ଗୁଲଜ କରିଥିଲେ। ଶ୍ରାବଣୀ ବାପ ଘରକୁ ଆସିବା ସମୟରେ ହାତରେ ୪ ବର୍ଷରୁ ପୁଅକୁ ଶାଶୁ ଶ୍ୱଶୁର ଛଡ଼ାଇ ରଖିଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଅଦ୍ୟାବଧି ଶିଶୁପୁତ୍ର ତା' ମାଆ ନିକଟରେ ପହଞ୍ଚି ନଥିବା ଜଣାପଡ଼ିଛି। ଏ ସଂପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି। ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୋଖରୀରେ ବୁଡ଼ି ମହିଳା ମୃତ

ମାଲକାନାଗିରି (ଭାସ୍କର ନ୍ୟୁଜ୍) : ମାଲକାନାଗିରି ଜିଲ୍ଲା କାଲିମେଲା ବ୍ଲକର ଏମଭି ୭୯ ଥାନା ଅନ୍ତର୍ଗତ ତାଣ୍ଡବାଇ ଗ୍ରାମର ଶିଙ୍ଗେ ସୋଦ୍ଧି (୩୦ବର୍ଷ) ପୋଖରୀକୁ ଲୁଗାପଟା ଏବଂ ବାସନ ଧୋଇବାକୁ ଯାଇ ଫେରିବାରେ ବିଳମ୍ବ ହେବାରୁ ସ୍ୱାମୀ ଖୋଜିଖୋଜି କରିଥିଲେ। ତେବେ ଗ୍ରାମ ପାଖ ଏକ ପୋଖରୀରେ ସ୍ତ୍ରୀ ଭାସୁଥିବାର ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ସରପଞ୍ଚଙ୍କୁ ଜଣାଇବା ସହ ଏମଭି ୭୯ ଥାନାକୁ ଜଣେଇ ଥିଲେ। ଘଟଣା ସ୍ଥଳରେ ଏମଭି ୭୯ ପୁଲିସ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଶ୍ରୀ ତାଣ୍ଡି ପ୍ରକାଶ କରିଛନ୍ତି।

# ଦିନ ଦି'ପହରରେ ଫୁଟୁଛି ଗୁଳି, ପୋଲିସ୍‌କୁ ଖୋଲା ଚ୍ୟାଲେଞ୍ଜ

ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡ଼ିଆ ଛକରେ ଶନିବାର ସନ୍ଧ୍ୟା ସମୟରେ ଘଟିଥିବା ଏକ ଗୁଳିକାଣ୍ଡରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକଙ୍କ ପରିଚୟରୁ ଜଣାଯାଇଛି ଯେ, ଶିବାନନ୍ଦ ବାରିକ୍ ଯିଏକି ସେହି ଅଞ୍ଚଳର ସ୍ଥାନୀୟ ବାସିନ୍ଦା। ସେ ଏକ ମଦ ଦୋକାନରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ପୋଲିସ୍ ସୂଚନା ଅନୁଯାୟୀ, ଦୁଇ ଅଜଣା ଯୁବକ ଏକ ବାଇକ୍‌ରେ ଘଟଣାସ୍ଥଳକୁ ଆସିବା ପରେ କିଛି କଥାବାର୍ତ୍ତା ହେବା ପୂର୍ବରୁ ବନ୍ଧୁକରୁ ଗୋଟିଏ ପରେ ଗୋଟିଏ ଗୁଳି ଚଳାଇ ଦେଇଥିଲେ। ଗୁଳିଟି ଶିବାନନ୍ଦଙ୍କ କାନ ନିକଟରୁ ଛୁଇଁ ଚାଲି ଯାଇଥିଲା।



ଘଟଣାସ୍ଥଳରୁ ପୋଲିସ ବନ୍ଧୁକର ୫ଟି ଗୁଳି ଉଦ୍ଧାର କରିଛି। ଘଟଣାସ୍ଥଳରେ କୁଳିଅଣା ଥାନା ପୋଲିସ ପହଞ୍ଚି,ସମ୍ପୂର୍ଣ୍ଣ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଛି। ଆହତ ଯୁବକଙ୍କୁ ତୁରନ୍ତ ବାରିପଦା ପି.ଆର.ଏମ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ପୋଲିସ ଏହାକୁ ପୂର୍ବ-ଯୋଜନା ଅନୁଯାୟୀ ଆକ୍ରମଣ ହୋଇଥିବା କହିଛି। ଦୁର୍ବୃତ୍ତ ଯୁବକଙ୍କ ପରିଚୟ ଓ ଉଦ୍ଦେଶ୍ୟ ଜାଣିବା ପାଇଁ ସିସିଟିଭି ଫୁଟେଜ ଓ ଗୁପ୍ତ ସୂଚନା ଆଧାରରେ ତଦନ୍ତ ଜାରି ରହିଛି। ଏହି ଆକ୍ରମଣ ପଛରେ କିଏ ଓ କାହିଁକି ଏହି ଘଟଣା ଘଟାଇଛି – ଏହା ନେଇ ଏବେ ବି ଅନେକ ପ୍ରଶ୍ନ ଜନସାଧାରଣଙ୍କ ମନରେ ଉତ୍ପନ୍ନ ହୋଇଛି। ଏବେ ଦେଖିବାକୁ ହେବ କୁଳିଅଣା ପୋଲିସ ଏହାର ସୂତ୍ର ଉଦ୍‌ଘାଟନ କେବେ କରିପାରିବ। ଅପରପକ୍ଷରେ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଜିଲ୍ଲାର ବୁଦ୍ଧିଜୀବୀ ଏବଂ ପୋଲିସର ପାରିବାପଣିଆକୁ ଅପରାଧ ଦୁନିଆର ଅସାଧୁଙ୍କ ଏହା ଏକ ଚ୍ୟାଲେଞ୍ଜ ବୋଲି ମତପ୍ରକାଶ କରିଛନ୍ତି। ଆହୁରି ମଧ୍ୟ କହିଛନ୍ତି ଯେ ଜିଲ୍ଲାରେ ଏଭଳି ଘଟଣା ସୁସ୍ଥ ସାମାଜିକ ଜୀବନ ପାଇଁ ଏକ ବିପଦରେ ସଂକେତ ହୋଇପାରେ। ତେଣୁ ପୋଲିସ୍ ପ୍ରଶାସନ ଅଧିକ ଯତ୍ନବାନ ହେବାର ଜରୁରି ଆବଶ୍ୟକତା ରହିଛି।

# ବନ୍ୟା ପ୍ଲାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବହୁ ଗାଁ ଗୁଡ଼ିକର ତଳିଆ ଅଞ୍ଚଳରେ ହଠାତ୍ ସୁବର୍ଣ୍ଣରେଖା ନଦୀର ପାଣି ମାଡ଼ିଯିବା ସହିତ ଧାନ ତଳି ଏବଂ ପରିବା ଚାଷ କ୍ଷୟକ୍ଷତି ହବା ସହିତ ବହୁ ଘର ପାଣି ଘେର ମଧ୍ୟରେ ଥିବାର ସୂଚନା ପାଇ ଏଆଇସିସି ସଦସ୍ୟ ତଥା ବାଲେଶ୍ୱର କଂଗ୍ରେସ ଦଳର ପୂର୍ବତନ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ସହାୟତାରେ ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ ସହିତ ବିପନ୍ନଙ୍କୁ ବନ୍ୟା ସହାୟତା (ରିଲିଫ ବଣ୍ଟନ) କରାଯାଇଛି। ଜଳେଶ୍ୱର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ କିଷାନ କଂଗ୍ରେସ ସଭାପତି ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ମଦନ ପାତ୍ର, ସରୋଜ ଦାସ, ଏସ୍‌କେ ରବାନି, ଏସ୍‌କେ କଲାମ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ରିଲିଫ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।

# ଖାନନଗର ମାଇନର ବନ୍ଧ ରାସ୍ତା ବିପଦସଙ୍କୁଳ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗାସ୍ଥିତ ତାରେଣୀ ମନ୍ଦିର ନିକଟରେ ଖାନନଗର ମାଇନର ଉପରେ ହୋଇଥିବା ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଡେରାବିଶ ବ୍ଲକର ଅଡ଼ଙ୍ଗା ଠାରୁ ଗରଦପୁର ବ୍ଲକର ଭଗବାନପୁର ଗ୍ରାମଯାଏ ନିର୍ମିତ ହୋଇଥିଲା। ତାରେଣୀ ମନ୍ଦିର ନିକଟରେ ଖାନନଗର ମାଇନର ଉପରେ ଦେଇ ଯାଇଥିବା ଏହି ରାସ୍ତାଟି ଢ଼ଳେଇ ହୋଇଥିଲା। ସେତେବେଳେ ଖାନନଗର ମାଇନର ଉପରେ ଅଡ଼ଙ୍ଗା ନିକଟରେ ଏହି କେନାଲକୁ ଅତିକ୍ରମ କରିବା ପାଇଁ କେନାଲରେ ଶୋଠ ବସାଯାଇ ରାସ୍ତାଟିଏ ନିର୍ମାଣ କରାଯାଇଥିଲା। ଏହି ରାସ୍ତାଟି ଉଭୟ ଡେରାବିଶ ବ୍ଲକ ଓ ଗରଦପୁର ବ୍ଲକକୁ ସଂଯୋଗ କରୁଥିଲା। ଏହି ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟା ଛାତ୍ରଛାତ୍ରୀ ଭଗବାନପୁର ହାଇସ୍କୁଲ ଓ ଛକନା ସ୍ଥିତ ଶାରଦା ଏକାଡେମୀକୁ ପାଠପଢ଼ିବା ପାଇଁ ଯାଇଥାନ୍ତି। ଏଥିସହିତ ଉଭୟ ବ୍ଲକର ଜନସାଧାରଣ ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଏହାକୁ ବ୍ୟବହାର କରିଥାନ୍ତି। ଏହାଛଡ଼ା ଏହି ରାସ୍ତା ଦେଇ ଛୋଟ ଟ୍ରକ ଓ ଟ୍ରାକ୍ଟରରେ ସ୍ଥାନୀୟ ଅଞ୍ଚଳକୁ ମାଲ୍ ପରିବହନ କରାଯାଇଥାଏ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାଟି ନିର୍ମାଣ କଲା ବେଳେ ରାସ୍ତାଟିକୁ ଅଧିକ ଚଉଡ଼ା କରାନଯାଇ ତା' ଉପରେ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ଢଳେଇକୁ ବାନ୍ଧି ରଖିବା ପାଇଁ ଉଭୟ ପଟରେ ଗାର୍ଡ଼ୱାଲ ମଧ୍ୟ ନିର୍ମାଣ କରାଯାଇନଥିଲା। ଯାହାଫଳରେ ପ୍ରତି ବର୍ଷା ଓ କେନାଲ ପାଣି ମାଡ଼ରେ ଏହି ରାସ୍ତାର ଉଭୟ ପାର୍ଶ୍ୱର ବାଲିମାଟି ଗୁଡ଼ିକୁ ଧୋଇଯିବାରେ ଲାଗିଛି। ତେବେ ଚଳିତ ବର୍ଷ ଏହି ପକ୍କା ରାସ୍ତା ତଳୁ ମାଟି ଓ ବାଲି



ଖସି ଏଭଳି ବିପଦସଙ୍କୁଳ ଅବସ୍ଥାରେ ଅଛି ଯେ, କେତେବେଳେ ଏହା ଭୁଶୁଡ଼ି ପଡ଼ିବ। ଏହା ଭୁଶୁଡ଼ି ପଡ଼ିଲେ ଡେରାବିଶ ଓ ଗରଦପୁର ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଜନସାଧାରଣ ଓ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେବେ। ତେଣୁ ତୁରନ୍ତ ଏହି ରାସ୍ତାରେ ଦୁଇ ପଟରେ ଗାର୍ଡ଼ୱାଲ ନିର୍ମାଣ କରାଯାଇ ରାସ୍ତାକୁ ସୁରକ୍ଷା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲ୍ଲା ବିଜେପିର ପ୍ରତିଷ୍ଠାତା ଫିଞ୍ଜୁସ ବର୍ମନଙ୍କ ପରଲୋକ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ତଥା ଜଗତସିଂହପୁର ଜିଲ୍ଲା ବିଜେପି ଦଳର ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ତଥା ବିଜେପିର ପ୍ରାକ୍ତନ ବରିଷ୍ଠ ନେତା ଫିଞ୍ଜୁସ କାନ୍ତି ଦେବ ବର୍ମନ (୮୧) ଙ୍କ ଗତ ରବିବାର ଦିନ କଟକ ସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବର୍ମନ ପାରାଦୀପ ଏବଂ ଜଗତସିଂହପୁର ଜିଲ୍ଲାରେ ବିଜେପି ଦଳର ସଂଗଠନ ଅଭିବୃଦ୍ଧିରେ ବେଶ୍ ସହାୟକ ହୋଇଥିଲେ। ଏତଦ୍‌ବ୍ୟତୀତ ଫିଞ୍ଜୁସ ବର୍ମନଙ୍କ ଚୌମୁହାଣୀ ଠାରେ ଏକ ଯାନ୍ତ୍ରିକ ମାଛଧରା ବୋଟ ନିର୍ମାଣ କାରଖାନା ରହିଥିଲା। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ମିଷ୍ଟଭାସି ଓ ସରଳ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗଭୀର ଶୋକ ବ୍ୟକ୍ତ କରି ସମବେଦନା ଜଣାଇବା ସହ ବିଜେପି ଜଣେ ପୁରୁଖା ନେତାଙ୍କୁ ହରାଇଲା ବୋଲି କହିଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ବରିଷ୍ଠ ବିଜେପି ନେତା ଅଜୟ ଦାଶ, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ ପ୍ରଧାନ, ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ଆଇନଜୀବୀ ରାଜେନ୍ଦ୍ର ପରିଡାଙ୍କ ସମେତ ବହୁ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ବିଜେପି ସମର୍ଥକ ପ୍ରମୁଖ ସ୍ୱର୍ଗତ ବର୍ମନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।



# ସହପାଠୀଙ୍କ ପୁଅକୁ ଆର୍ଥିକ ସହାୟତା ରାଶି ପ୍ରଦାନ

ମାହାଙ୍ଗା (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଡଂରାଜ ଗ୍ରାମର ଜଳଧର ସାହୁ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଅକାଳ ବିୟୋଗ ହୋଇଥିଲା। ଏହାର ୧୮ ଦିନ ପରେ ତାଙ୍କର ବିଧବା ପତ୍ନୀ ଶୁଭଶ୍ରୀ ସାହୁଙ୍କୁ ଏକ ବିଷାକ୍ତ ସାପ କାମୁଡାରେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଯାହାଫଳରେ ତାଙ୍କର ନାବାଳକ ପୁତ୍ର ବେସାହାରା ହେବା ସହ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏନେଇ ଜଳଧରଙ୍କ ସ୍କୁଲ ସାଙ୍ଗମାନେ ଏକତ୍ରିତ ହୋଇ ଏହି ବ୍ଲକ ଅନ୍ତର୍ଗତ ବଣ୍ଡୁଆ ମହାପୁରୁଷ ପିଠରେ ଏକ ଶୋକସଭା କରିବା ସହ ନାବାଳକଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସ୍ମୃତିସଭାରେ ବିଶ୍ୱ ବ୍ରହ୍ମଣ୍ଡ ପାଣି, ଶରତ ମହାପାତ୍ର, ପ୍ରତିମା ବିଶ୍ୱାଳ, ପ୍ରଦୀପ୍ତ ବିଶ୍ୱାଳ, ପ୍ରଶାନ୍ତ କୁମାର ସାମଲ, ସଞ୍ଜୟ ଖୁଣ୍ଟିଆ, ମନୋଜ ଜେନା, ଗୌତମ ପରିଡା, ଖଗେଶ୍ୱର ଜେନା, ପ୍ରଭାସିନୀ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ଦେବେନ୍ଦ୍ର ଦାସଙ୍କୁ 'ଗୋପବନ୍ଧୁ ଦାସ ସ୍ମାରକ ସମ୍ମାନ'

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ଦାସଙ୍କୁ 'ଦି ଓଡିଶା ସୋସାଇଟି ଅଫ ଆମେରିକାସ'ର ୫୫ତମ ବାର୍ଷିକ ଉତ୍ସବରେ 'ଉତ୍କଳମଣି ଗୋପବନ୍ଧୁ ଦାସ ସ୍ମାରକ ସମ୍ମାନ' ପ୍ରଦାନ କରାଯାଇଛି। ଡ. ଦାସଙ୍କୁ ସମାଜସେବା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଅନୁଷ୍ଠାନ ଏଭଳି ସମ୍ମାନରେ ସମ୍ମାନିତ କରିଛି। ଡ. ଦାସ କେନ୍ଦ୍ରାପଡା ସହରର ବଡହାଟ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବେଳେ ଆମେରିକାରେ ଗତ ୫୦ବର୍ଷ ହେବ ରହୁଛନ୍ତି। କିନ୍ତୁ ସେ ନିଜ ଜନ୍ମମାଟି କେନ୍ଦ୍ରାପଡା ଜିଲ୍ଲାରେ



ସମାଜସେବା କାର୍ଯ୍ୟ ଜାରି ରଖିଛନ୍ତି। ରୋଗରେ ପଡୁଥିବା ଗରିବ ଓ ନିଷ୍ପେସିତ ଲୋକମାନଙ୍କୁ ଏବଂ ଘରପୋଡି ବିପନ୍ନମାନଙ୍କୁ ସେ ଆର୍ଥିକ ସହଯୋଗ କରିବା ସହ ସେମାନଙ୍କୁ ଖାଦ୍ୟ ଏବଂ ବସ୍ତ୍ର ମଧ୍ୟ ପ୍ରତ୍ୟେକ ବର୍ଷ ପ୍ରଦାନ କରିଥାନ୍ତି। କେବଳ କେନ୍ଦ୍ରାପଡା ଜିଲ୍ଲା ନୁହେଁ ଓଡିଶାର ଜଗତସିଂହପୁର, କଟକ, ପୁରୀ, ମୟୁରଭଞ୍ଜ, କୋରାପୁଟ, ରାୟଗଡା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି ଭଳି ବିଭିନ୍ନ ଜିଲ୍ଲାର ଏଭଳି ଗରିବ ଲୋକ ଓ ପିଲାମାନଙ୍କୁ ସେ ସହାୟତାର ହାତ ବଢାଇଥାନ୍ତି। ଏଥିସହ ଗରିବ ଛାତ୍ରଛାତ୍ରୀମାନଙ୍କୁ ପାଠପଢିବା ପାଇଁ ମଧ୍ୟ ସେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଏହିସବୁ ସମାଜସେବା ମୂଳକ କାର୍ଯ୍ୟ ନିମନ୍ତେ ଡ. ଦାସ ତାଙ୍କ ବାପା ଓ ମାଙ୍କ ନାମରେ 'ବାଞ୍ଛାନିଧି ଦାସ ଓ ଶ୍ରୀମତୀଦେବୀ ଚାରିଟେବୁଲ ଟ୍ରଷ୍ଟ' ନାମକ ଏକ ସଂସ୍ଥା ଗଠନ କରିଛନ୍ତି। ସେହି ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଏଭଳି କାର୍ଯ୍ୟ କରାଯାଇଥାଏ। ପ୍ରତିବର୍ଷ ଡ. ଦାସ ୨ମାସ ପାଇଁ ଜନ୍ମମାଟି କେନ୍ଦ୍ରାପଡାକୁ ଆସିଥାନ୍ତି ଓ ଏଠାରେ ସମସ୍ତ ସମାଜସେବା କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ କରିବା ସହ ବିଭିନ୍ନ ଦୁର୍ଗମ ଅଞ୍ଚଳ ବୁଲି ଲୋକମାନଙ୍କୁ ସହାୟତାର ହାତ ବଢାଇଥାନ୍ତି। ତାଙ୍କର ଏହି ସେବାମୂଳକ କାର୍ଯ୍ୟ ପାଇଁ ତାଙ୍କୁ "ଦି ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ" ସମ୍ମାନିତ କରିଛି।

# ଯୋଡା-ବାମେବାରି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବ କେବେ ?

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଖଣିଜ ସଂପଦରେ ପୂର୍ଣ୍ଣ ଯୋଡା ଖଣି ଅଞ୍ଚଳର ବିକାଶ ଅଟକି ରହିଛି। ଖଣି ଟଙ୍କାରେ ଧନୀ ବୋଲି ନିଜକୁ ପରିଚିତ କରୁଥିବା ବେଳେ ଖଣି ଅଞ୍ଚଳର ଗମନାଗମନର ଭିତ୍ତିଭୂମିରେ ଦାରିଦ୍ର୍ୟତାର ଚିତ୍ର ଦେଖିବା ପାଇଁ ମିଳିଛି। ପ୍ରାୟ ୮ବର୍ଷ ଧରି ପୂର୍ତ୍ତ ବିଭାଗ ଅଧୀନରେ ଥିବା ଯୋଡା-ବାମେବାରି ରାଜ୍ୟ ରାଜପଥ ନଂ ୨ର ନିର୍ମାଣ ଓ ସମ୍ପ୍ରସାରଣ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଜିଲ୍ଲା ଖଣିଜ ପାଣ୍ଠି (ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ, ଡିଏମଏଫ୍)ରୁ ମଞ୍ଜୁର ହୋଇଥିବା ଅର୍ଥ ପ୍ରକୃତରେ ରାସ୍ତା ନିର୍ମାଣରେ କେତେ ବିନିଯୋଗ ହୋଇଛି, ଏ ପର୍ଯ୍ୟନ୍ତ ତାହାର କୌଣସି ସଠିକ୍ ସୂଚନା ମିଳିପାରୁ ନାହିଁ। ସରକାରୀ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଯୋଡା ଖଣି ଅଞ୍ଚଳ ଏବେ ଅବହେଳିତ ହୋଇ ପଡ଼ିଛି। ଏହି ରାସ୍ତା ଖଣି ଅଞ୍ଚଳର ମୁଖ୍ୟ ରାସ୍ତା। ଯୋଡାରୁ ବାମେବାରି ଏବଂ ବାମେବାରିରୁ ପଳାସପଙ୍ଗା ରାସ୍ତା ଜିଲ୍ଲାର ଦୁଇଟି ଜାତୀୟ ରାଜପଥ ସହିତ ସଂଯୋଗ ହୋଇଛି। ଖଣି ଅଞ୍ଚଳରୁ ଏହି ରାସ୍ତା ଦେଇ ପ୍ରତିଦିନ ପ୍ରାୟ ତିରିଶ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଯାତାୟାତ କରୁଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ଅତ୍ୟଧିକ ଖଣିଜ ବୋଝେଇ ଟ୍ରକ ଚଳାଚଳ



ଯୋଗୁଁ ରାସ୍ତା ଓ ପୋଲଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ବାରମ୍ବାର ଦାବି ହେଲେ ସୁଦ୍ଧା ରାସ୍ତାର ନିର୍ମାଣ ଓ ସମ୍ପ୍ରସାରଣ କରାଯାଉ ନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଯୋଡା ଓ ଖୁଣ୍ଟୁରା ବ୍ଲକର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତିଦିନ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖା ଦେବା ସହିତ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଜୀବନ ହାନି ଘଟୁଛି। ୨୦୦୯ ମସିହାରେ ବେଧଡକ ଖଣି ଖନନ ଓ ଖଣିଜ ପରିବହନ ପରେ ଖଣି ଦୁର୍ନୀତି ପର୍ଦ୍ଦାଫାଶ ହୋଇଥିଲା। ଯାହାର ଜଷ୍ଟିସ ଶାହା କମିଶନ ତଦନ୍ତ କରିଥିଲେ। ଶାହା କମିଶନଙ୍କ ଖଣି ଅଞ୍ଚଳ ଗସ୍ତ ସମୟରେ ଖଣି ଅଞ୍ଚଳର ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଯୋଗାଣ ବ୍ୟବସ୍ଥା ନଥିବା ଦେଖି ଚକିତ ପ୍ରକାଶ କରିଥିଲେ। ଶାହା କମିଶନଙ୍କ ପ୍ରସ୍ତାବ କ୍ରମେ ଖଣି ଅଞ୍ଚଳର ବିକାଶ ପାଇଁ ୨୦୧୫ ନୂତନ ଖଣି ନିୟମ ଅନୁଯାୟୀ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଥିଲା। ପ୍ରତି ଖଣିରୁ କିଛି ଟଙ୍କା ଆଦାୟ କରାଯାଇ ଡିଏମଏଫ୍ ମାଧ୍ୟମରେ ଖଣି ଅଞ୍ଚଳର ବିକାଶ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଗତ ୨୦୧୫ ମସିହାରୁ ଖଣିରୁ ଏହି ଟଙ୍କା ଆଦାୟ କରାଯାଉଛି। ଏପର୍ଯ୍ୟନ୍ତ ପ୍ରାୟ ୧୧ ହଜାର କୋଟି ଟଙ୍କା ଆଦାୟ ହୋଇଥିବା ଖଣି ବିଭାଗ ସୂତ୍ରରୁ ଜଣାପଡିଛି। ସରକାରଙ୍କ ନିୟମ ଅନୁଯାୟୀ, ଏହି ଟଙ୍କାକୁ ଖଣି କ୍ଷତିଗ୍ରସ୍ତ ତଥା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ମୌଳିକ ସୁବିଧା କ୍ଷେତ୍ରରେ ବିନିଯୋଗ କରାଯିବ। ମାତ୍ର ଯୋଡା ଖଣି ଅଞ୍ଚଳରେ ଏହାର କିପରି ସୁବିନିଯୋଗ ହୋଇଛି, ତାହା ଗୋଟିଏ ଉଦାହରଣ ଦେଲେ ଖଣି ଅଞ୍ଚଳର ବିକାଶ ପ୍ରତି କେତେ ଆନ୍ତରିକତା ଅଛି ତାହା ଜଣାପଡ଼ିଯିବ। ଗମନା ଗମନରେ ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଖଣି ଅଞ୍ଚଳର ବିକାଶରେ ବାଧକ ସୃଷ୍ଟି ହେଉଛି। ଏଥିପାଇଁ ଖଣିରୁ ଆଦାୟ ହେଉଥିବା ଟଙ୍କାରେ ଭଲ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଖଣି ଅଞ୍ଚଳବାସୀ ସବୁବେଳେ ଦାବି କରି ଆସୁଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୮ ମସିହାରେ ଯୋଡାରୁ ବାମେବାରି ପ୍ରାୟ ୧୫ କିମି ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ପୂର୍ତ୍ତ ବିଭାଗ ଓ ପ୍ରଶାସନର ଖାମଖିଆଲି ନୀତି ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଅଧାରେ ଅଟକି ରହିଛି। ଖବର ନେବାରୁ ଜଣାପଡିଛି ଯେ, ଏହି ରାସ୍ତାର ବାଂଶପାଣି ଓଭରବ୍ରିଜ ଠାରେ ପୂର୍ବପରି ରାସ୍ତା ସଙ୍କୁଚିତ ହୋଇ ପଡ଼ିରହିଛି। ଜୁରୁଡ଼ି ଛକ, ହାଟପଦା ଛକ, ଅନ୍ତରମାନ୍ତରା ପୋଲର ଅବସ୍ଥା ଅତ୍ୟନ୍ତ ବିପଦ ପୂର୍ଣ୍ଣ ହୋଇ ପଡ଼ି ରହିଛି। ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ରହିଥିଲେ ମଧ୍ୟ ରାସ୍ତା ସମ୍ପ୍ରସାରଣ କରାଯାଇ ନାହିଁ। ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣର ଆବଶ୍ୟକତା ଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗର ଖାମଖିଆଲି ଯୋଗୁଁ ଏହା ମଧ୍ୟ ଫାଇଲ୍ ତଳେ ରହି ଯାଇଛି। ଅତ୍ୟଧିକ ଯାନବାହାନ ଚଳାଚଳ ହେତୁ ଟ୍ରାଫିକ ସମସ୍ୟା ଉପୁଜିଛି। ଏହି ସ୍ଥାନ ମାନଙ୍କରେ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନଥିବା ସାଧାରଣରେ ଅଭିଯୋଗ ହୋଇଆସୁଛି। ଏହି ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେବା ପରେ ଦୀର୍ଘ ୪ ବର୍ଷ ଧରି କିଛି କିଛି ସ୍ଥାନରେ ରାସ୍ତାରେ ପିଚୁ ନିର୍ମାଣ କରାଯାଇଥିଲା। ଏହି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ରାସ୍ତା ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଯୋଡାରୁ ପଳାସପଙ୍ଗା ପର୍ଯ୍ୟନ୍ତ ପ୍ରାୟ ୪୫ କିମି ରାସ୍ତାକୁ ୬ ଲେନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୪ ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି। ଜମି ଅଧିଗ୍ରହଣ ପରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମେଗା ରକ୍ତଦାନ ଶିବିର

ପାରାଦୀପ (ଭାସ୍କର ନ୍ୟୁଜ୍) : ଷ୍ଟେଟ ବ୍ୟାଙ୍କ ପାରାଦୀପ ମୁଖ୍ୟଶାଖା ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମୁଖ୍ୟ ଆଞ୍ଚଳିକ ବାଣିଜ୍ୟ ଶାଖା ପରିଚାଳକ ବିଜୟ କୁମାର ବେହେରା ଉଦଘାଟନ ରିବାବେଳେ ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଓ ଏଥିରେ ପାରାଦୀପର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଆହ୍ୱାନ ଫାଉଣ୍ଡେଟସ ର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗୀ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ରକ୍ତଦାନ ଶିବିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଶିବିରରେ ୧୦୨ ୟୁନିଟ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଏଚଆର ସୁକାନ୍ତ ସାହୁ ଓ ମୁଖ୍ୟ ଶାଖାର ସମସ୍ତ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କଟକ ସେଣ୍ଟ୍ରାଲ ରେଡକ୍ରସ ଟିମ୍ ଉକ୍ତ ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରିଥିଲେ।




## ରାଶିଫଳ

ମଙ୍ଗଳବାର, ୨୪ ଜୁନ୍ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।




**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ। ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ୍): ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁମ୍ବାଇର ପ୍ରଖ୍ୟାତ କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ଅସ୍ତ୍ରୋପଚାର ହୋଇଛି । ନବୀନଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନର ଅପରେସନ ହୋଇଛି। ତେଣୁ ନବୀନ କିପରି ଶୀଘ୍ର ସୁସ୍ଥ ହୋଇ ନିଜ କର୍ମସ୍ଥଳୀକୁ ଫେରି ଆସିବେ ସେଥିପାଇଁ ଉମରକୋଟ ବିଜୁ ଜନତା ଦଳ ତରଫରୁ ସମସ୍ତ ଦଳୀୟ କାର୍ଯ୍ୟ କର୍ତ୍ତା କର୍ମୀ ଓ ଶୁଭେଚ୍ଛୁ ଦୀର୍ଘାୟୁ କାମନା କରି ମା ପେଣ୍ଡ୍ରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ୱଳନ କରିଛନ୍ତି। ସମସ୍ତଙ୍କ ଆଶା ଅଛି ନବୀନଙ୍କର ଯେଉଁ ଅସ୍ତ୍ରୋପଚାର ହୋଇଛି ତାହା ସଫଳ ହେବ। ଆଉ ନବୀନ ଶୀଘ୍ର ସୁସ୍ଥ ହୋଇ ଶଙ୍ଖ ଭବନ ଫେରିବେ। ଆଉ ପୂର୍ବ ପରି ଦଳର ଦାୟିତ୍ୱ ନେବେ। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ "ଜୁନ୍ ୨୨ ତାରିଖରେ ସର୍ଭାଇକାଲ ଆର୍ଥ୍ରାଇଟିସ୍ ପାଇଁ ମୁମ୍ବାଇର କୋକିଲାବେନ ଧୀରୁବାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସା ପାଇଁ ଯିବେ ବୋଲି ନିଜେ ନବୀନ ଟ୍ୱିଟ୍ କରି ସୂଚନା ଦେଇଥିଲେ। ଆଉ ଜୁନ ୨୧ ରେ ନବୀନ ମୁମ୍ବାଇ ଅଭିମୁଖେ ବାହାରିଥିଲେ। ନବୀନ ଯିବା ପୂର୍ବରୁ ନବୀନ ନିବାସ ଓ ଏୟାରପୋର୍ଟରେ ତାଙ୍କ ଶୁଭେଚ୍ଛୁଙ୍କ ଭିଡ ଜମିଥିଲା।



## ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

# ପୀଡ଼ିତାଙ୍କ ପରିବାରକୁ ଭେଟିଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

- ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ କଲେ ଆଲୋଚନା
- ଚାର୍ଜସିଟ୍ ଦାଖଲ ହୋଇନଥିବାରୁ ଅସନ୍ତୋଷ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ରବିବାର କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ରାଷ୍ଟ୍ରୀୟ କଂଗ୍ରେସର ଏକ ପ୍ରତିନିଧି ଦଳ। ସେମାନେ ଟିକାବାଲି ଯାଇ ଗତ ମାର୍ଚ୍ଚରେ ଘଟିଥିବା ନାବାଳିକା ହତ୍ୟାକାଣ୍ଡର ପୀଡ଼ିତାଙ୍କ ପରିବାରକୁ ସାକ୍ଷାତ କରିବା ସହ ଘଟଣାର ଅନୁଧ୍ୟାନ କଲେ। ପରେ ଫୁଲବାଣୀ ଆସି ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ଏହି ଟିମ୍‌ରେ ଥିଲେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମର ଆବାହକ ଦୀପା ଦାସ ମୁନସିଂ, ସାଂସଦ ରଞ୍ଜିତ ରଞ୍ଜନ, ପରିଣୀତି ସିଂ ଦେ, ସାଂସଦ ଏସ୍. ଜ୍ୟୋତିମଣି, ଶୋଭା ଓଝା। ସୂଚନା ଅନୁସାରେ ଗତ ଫେବୃଆରି ୨୭ରେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ପରେ ନିର୍ମମ ଭାବେ ଛୁରିରେ ତାଙ୍କ ଗଳାକୁ କାଟି ହତ୍ୟା କରାଯାଇ ଥିଲା। ପରେ ଶବକୁ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦିଆଯାଇଥିଲା। ଏକମାସ ପରେ ସୋରଡ଼ା ଥାନା ଗାଜଲବାଡ଼ି ଜଙ୍ଗଲରୁ ତାଙ୍କ ଗଳିତ ଶବ ମିଳିଥିବା ବେଳେ ଏହି ଜଘନ୍ୟ କାଣ୍ଡରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ଏଆଇସିସିର ଫ୍ୟାକ୍ଟ ଫାଇଣ୍ଡି ଟିମ୍ କନ୍ଧମାଳ ଜିଲ୍ଲା ଆସି ମାମଲାର ତଦନ୍ତର ଅଗ୍ରଗତି ନେଇ ଅନୁଧ୍ୟାନ କରିଛନ୍ତି। ଟିମ୍ ସଦସ୍ୟଗଣ ମୃତକଙ୍କ ଗ୍ରାମକୁ ଯାଇ ତାଙ୍କ ପରିବାରବର୍ଗ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ଉଚିତ ନ୍ୟାୟ ପ୍ରଦାନ ଦାବି କରିଛନ୍ତି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସାଂସଦ ରଞ୍ଜିତ ରଞ୍ଜନ ଦାବି କରିଛନ୍ତି। ରାଜ୍ୟ ସରକାର ଓ ପୁଲିସ ଏଥିପ୍ରତି ସମ୍ବେଦନଶୀଳ ହେବାକୁ ଶ୍ରୀମତୀ ରଞ୍ଜନ କହିଛନ୍ତି। ପରେ ଟିମ୍ ସଦସ୍ୟମାନେ ଫୁଲବାଣୀ ସର୍କିଟ୍ ହାଉସରେ କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ ଏବଂ ଏସ୍‌ପି ହରୀଶ ବିସିଙ୍କ ସହ ବହୁ ସମୟ ଧରି ଆଲୋଚନା କରିଥିଲେ। କନ୍ଧମାଳ ଏସ୍‌ପି ହରୀଶ ବିସି କହିଛନ୍ତି, କମିଟି ସମ୍ମୁଖରେ ସମସ୍ତ ତଥ୍ୟ ରଖାଯାଇଥିଲା। ତଦନ୍ତକୁ ନେଇ ସଦସ୍ୟମାନେ ସନ୍ତୋଷ ପ୍ରକଟ କରିଛନ୍ତି। ସେହିପରି ଟିମ୍ ସହ ଯାଇଥିବା ଘୁ ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଦୋଷୀଙ୍କୁ ଫାଶୀଦଣ୍ଡ ଦାବି କରିଛନ୍ତି। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ସାନଖେମୁଣ୍ଡି ବିଧାୟକ ତଥା କନ୍ଧମାଳ ଜିଲ୍ଲା କଂଗ୍ରେସ ପ୍ରଭାରୀ ରମେଶ ଜେନା, କନ୍ଧମାଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା ସାମିଲ ହୋଇଥିଲେ। ବହୁ କଂଗ୍ରେସ କର୍ମୀ ଯଥା ଶ୍ରମିକ ନେତା ଘନ ଶବର, ବସନ୍ତ ପାଢ଼ୀ, ରଜତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷି ବୀମା ଟଙ୍କା ବାଟମାରଣା ଅଭିଯୋଗ, ୩ କୋର୍ଟଚାଲାଣ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ଅନକାମରା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟ ମାରଣା ଅଭିଯୋଗରେ ତିନି ଜଣକୁ ଖପ୍ରାଖୋଲ ପୋଲିସ କୋର୍ଟଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ଅନକାମରା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମି ରେ ୨୦୨୩/୨୪ ମସିହା ରେ ପ୍ରଧାମନ୍ତ୍ରୀ ଫସଲ ବୀମା ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରରେ ମଧୁସୂଦନ ସାହୁ ଓ ରୋହିତ ସାହୁ ମିଶି କରିଥିଲେ । ଉକ୍ତ ବର୍ଷ ମାଟିଆଭଟା ପଞ୍ଚାୟତ ମରୁଡ଼ି ଘୋଷଣା ହୋଇଥିଲା । ତେଣୁ ଫସଲ ବୀମା ଟଙ୍କା ବିଭିନ୍ନ ଚାଷୀ ପାଇଥିଲେ । ହେଲେ ନନ୍ଦଲାଲ ବରିହାଙ୍କ ଜମା ଖାତା ରେ ବିମାରାଶି ଟଙ୍କା ପଡ଼ିନଥିଲା। ତେଣୁ ସେ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରିଥିବାବେଳେ ତାଙ୍କ ଜମିରେ ଦେବାନନ୍ଦ ସାହୁ , ମାଟିଆଭଟା ଗ୍ରାମର ମଧୁସୂଦନ ସାହୁ ଓ ରୋହିତ ସାହୁ ତାଙ୍କ ଚାଷ ଜମି କୁ ଅନ୍ୟ ଚାଷୀ ନାମରେ ଭାଗ ଚାଷୀ ଭାବରେ ବୀମା କରେଇ ତାଙ୍କ ବୀମା ରାଶି ଟଙ୍କା କୁ ବାଟ ମରଣା କରିଥିବା ଜାଣି ଥିଲେ। ଶନିବାର ଚାଷୀ ନନ୍ଦଲାଲ ବରିହା ଖପ୍ରାଖୋଲ ଥାନା ର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ ଅଭିଯୋଗକୁ ଭିତ୍ତି କରି କେଶ ନମ୍ବର - ୧୪୧/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଗ୍ରାହକ ସେବା କେନ୍ଦ୍ରର ଏକ ଲାପଟପ୍, ଦୁଇଟି ପ୍ରିଣ୍ଟର, ଏଟି ଏମ କାର୍ଡ , ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ୍ କରି ତଦନ୍ତ ପରେ ଅଭିଯୁକ୍ତ ତିନି ଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧମକୁ ସୂଚନା ଦେଇଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୋଗ ଦିବସ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଅଦାଲତ ପରିସରରେ ଗତକାଲି ଜିଲ୍ଲା ଆଇନିସେବା ପ୍ରାଧିକରଣ ଆନୁକୁଲ୍ୟରେ ଓ ଜିଲ୍ଲା ଦୌରା ଜଜ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଏଂ ଜିଲ୍ଲା ଆଇନିସବା ପ୍ରାଧିକରଣ ସଚିବ ସୁଶ୍ରୀ ସଂଗୀତା ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅଦାଲତ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଦାଲତର ସମସ୍ତ ବିଚାରପତି, ସମସ୍ତ କର୍ମଚାରୀ, ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଗଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ବିଚାରପତି ଡକ୍ଟର ପ୍ରସନ୍ନ କୁମାର ପଣ୍ଡା ଯୋଗର ଉପଯୋଗୀତା ଏହାର ସ୍ୱାସ୍ଥ୍ୟ ଉପରେ ହେଉଥିବା ଉପକାର ସମ୍ପର୍କରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରି ସମସ୍ତଙ୍କୁ ଯୋଗ ମାଧ୍ୟମରେ ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଯୋଗ ଗୁରୁ ନିରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଯୋଗ ଶିକ୍ଷା ଦେବା ସହ ଯୋଗ ଦ୍ୱାରା ଉପଲବ୍ଧ ବିଭିନ୍ନ ପ୍ରକାରର ଉପକାର ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଅଭ୍ୟାସ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ଶାନ୍ତନୁ କୁମାର ଦାଶ, ମହିଳା ଅଦାଲତ ବିଚାରପତି ବବିତା ଦାସ, ଜିଲ୍ଲା ଅଦାଲତର ରେଜିଷ୍ଟ୍ରାର କୈଳାସ ସାହୁ, ବରିଷ୍ଠ ଦେୱାନି ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, ଉପଖଣ୍ଡିୟ ଦଣ୍ଡାଧିକାରି ପ୍ରତିମା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଆଇନିସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କାରାଗାରରେ ଓ ସ୍ଥାନୀୟ ପରିବର୍ତ୍ତନ ଶିଶୁ ଗୃହରେ ମଧ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହାସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯଥା ଏମ ଭି -୭୯, ମାଥିଲି, କୁଡୁମୁଲୁଗୁମା ଅଦାଲତ ପରିସରରେ ଆଇନ ସେବା ପ୍ରାଧିକରଣ ତରଫରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହୋଇଯାଇଛି।

# ୯ ଚାଷୀଙ୍କ ଧାନ ଜବତ, ଅଧିକାରୀଙ୍କୁ ତାଲା ପକାଇଲେ ଚାଷୀ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ମାର୍କେଟ ୟାର୍ଡରେ ମଥୁରା ପାକ୍ସର ୯ ଜଣ ଚାଷୀଙ୍କ ଧାନ ପ୍ରଶାସନ ଜବତ କରିବା ପ୍ରତିବାଦରେ ମାର୍କେଟ ୟାର୍ଡରେ ତାଲା ପକାଇଛନ୍ତି ଚାଷୀ । ଫଳରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ୟାର୍ଡ ମଧ୍ୟରେ ରହିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୧୯ ତାରିଖ ଦିନ ମଥୁରା ପାକ୍ସର ୯ ଜଣ ଚାଷୀ ଟୋକନ ପାଇ ମଣ୍ଡିକୁ ଧାନ ଆଣି ରଖିଥିଲେ । ପାକ୍ସ ସମ୍ପାଦକଙ୍କୁ ପଞ୍ଚାୟତକୁ ଆସିଥିବା ବିକାଶ ବାହନ ରଥ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ନିୟୋଜିତ କରିଥିବାରୁ ଚାଷୀଙ୍କ ନାମ ମଣ୍ଡି ଧାନ ଆଗମନ ଖାତାରେ ଚଢି ପାରି ନଥିଲା । ଉକ୍ତ ସମୟରେ ମଣ୍ଡି ପରିଦର୍ଶନରେ ଯାଇଥିବା ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ଚାଷୀ ମାନଙ୍କ ଧାନକୁ ବେଆଇନ ଧାନ ଦର୍ଶାଇ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଦୁଇ ଦିନ ହେଲା ମଣ୍ଡିରେ ଧାନ ପଡ଼ି ରହିଛି । ସନ୍ଧ୍ୟାରେ ମଣ୍ଡି ପରିଦର୍ଶନରେ ଯାଇଥିବା ଏ ଆର ସି ଏସ ଓ ଆର ଏମ ସି ସମ୍ପାଦକ ମଣ୍ଡି ଭିତରେ ଥିବା ବେଳେ ଚାଷୀ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି ।

## ଇକୋ ପାର୍କ ପରିଦର୍ଶନ କଲେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ ରବିବାର ଦିନ ମର୍ଜାକୁଦ ନିକଟ କୁଲାରୀ କୁଦ ଇକୋ ପାର୍କ ପରିଦର୍ଶନ କରିଛନ୍ତି । ଚତୁଃପାର୍ଶ୍ୱରେ ମହାନଦୀ ପରିବେଷ୍ଟିତ ଉକ୍ତ କୁଲାରୀ କୁଦର ପ୍ରାକୃତିକ ପରିବେଶକୁ ଜଷ୍ଟିସ୍ ରଥ ଉପଭୋଗ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ବରିଷ୍ଠ ସାମ୍ବାଦିକ ତପନ ରଞ୍ଜନ ଦାଶଙ୍କ ମାତା ସୋଭାଗିନୀ ଦାଶ (୭୮) ସ୍ୱର୍ଗତ ଭାଗିରଥ୍ ଦାଶଙ୍କ ସହ ଧର୍ମଣୀଙ୍କ ପରଲୋକ ହୋଇଯାଇଛି। କିଛିଦିନ ହେବ ତାଙ୍କର ଶାରୀରିକ ଅସୁସ୍ଥତା ଯୋଗୁଁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅନ୍ତିମ ସମୟରେ ତିନିପୁଅ ପ୍ରଫୁଲ ଦାଶ, ବରିଷ୍ଠ ସାମ୍ବାଦିକ ତପନ ରଞ୍ଜନ ଦାଶ, ସପନ ରଞ୍ଜନ ଦାଶ ସମେତ ତିନି ବୋହୂ ଓ ପାଞ୍ଚଟି ନାତି-ନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇ ଥିବା ବେଳେ ବଡ଼ ପୁଅ ପ୍ରଫୁଲ ଦାଶ ମୁଖାଗ୍ନି ଦେଇଥିଲେ।

## ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ୟୁରିଆ ସାର ଓ ବିହନ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବର୍ତ୍ତମାନ ଚିନ୍ତାରେ ଚାଷୀ। ଏହା ଏକ ଆଦିବାସି ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି କିଛି ବ୍ୟବସାୟୀ। ପ୍ରକାଶଥାଉକି କେତେକ ବ୍ୟବସାୟୀ ସରକାରଙ୍କ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରି ଗରିବ ଚାଷୀଙ୍କୁ ଶୋଷଣ କରୁଥିବା ଦେଖିବକୁ ମିଳିଛି। କିଛି ବ୍ୟବସାୟୀ ବିହନ ନ ନେଲେ ସାର ଦିଆଯିବ ନାହିଁ କିମ୍ବା ମୋରି ପାଖରେ ସାର ନାହିଁ କହି କହୁଥିବା ଜଣାଯାଇଛି। ବ୍ୟବସାୟୀଙ୍କ ଏ ଭଳି ବ୍ୟବହାରକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ୟୁରିଆ ଓ ଡିଏପି ସାର୍ ସରକାରୀ ଦରଠାରୁ ଚଢ଼ା ଦରରେ ବିକ୍ରି ହେଉଥିବା ଦେଖିବକୁ ମିଳିଛି। କିଛି ଅସାଧୁ ବ୍ୟବସାୟୀ ସାଙ୍ଗକୁ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ମଧ ପ୍ରତି ବର୍ଷ ଭଳି ଏହି ବର୍ଷ ଆରମ୍ଭରୁ ନିରୀହ ଚାଷୀଙ୍କୁ ଶୋଷଣ କରିବା ଆରମ୍ଭ କରୁଥିବା ଖବର ଆସୁଛି। ଚଢ଼ା ଦରରେ ବିକ୍ରି କରି ବ୍ୟବସାୟୀ ମାଲେମାଲ ହେଉଥିବା ନଜିର ରହିଛି। ବ୍ଲକର ୨୬ ଗୋଟି ପଞ୍ଚାୟତ ରେ କିଛି ବ୍ୟବସାୟୀ ବିହନ ଲାଇସେନ୍ସ ଥିବା ବେଳେ ବହୁତଗୁଡ଼ାଏ ବ୍ୟବସାୟୀ ବିନା ଲାଇସେନ୍ସରେ ଖୁଲମ୍‌ଖୁଲା ଚଢ଼ା ଦରରେ ବିହନ ସାଂଗକୁ ସାର ମଧ୍ୟ ବିକ୍ରି କରୁଛନ୍ତି। ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀମାନଙ୍କ ନିମନ୍ତେ ଷ୍ଟକ ତାଲିକା ଦୋକାନ ସମ୍ମୁଖରେ ଲଗାଇବା ନିୟମ ଥିବାବେଳେ ଏହାର ମଧ୍ୟ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି। ବର୍ତ୍ତମାନ ଟ୍ରକ ଟ୍ରକ ସାର ଆସୁଥିବା ବେଳେ ବହୁ ଲୋକଙ୍କ ପାଖରେ ସାର ପହଞ୍ଚିପାରିନାହିଁ। ଗତ କିଛି ଦିନ ତଳେ କୃଷି ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା ତଥାପି ଚଡା ଦରରେ ସାର ବିକ୍ରି ହଉଛି। ପ୍ରକାଶ ଥାଉ କି ଗତ କିଛି ଦିନ ପୂର୍ବେ ପୁନଃ ସରକାରୀ ସାର ଦୋକାନ ଖୋଲିବାକୁ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ତେଣୁ ଗତ ବର୍ଷ ଭଳି ଏହି ବର୍ଷ ମଧ କଳା ବଜାରୀ କରୁଥିବା ବ୍ୟବସାୟୀଙ୍କୁ ଚଢ଼ାଉ କରି କଳା ବ୍ୟବସାୟୀଙ୍କ ଉପରେ ରୋକ୍ ଲଗାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରିଛନ୍ତି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ବ୍ଲକ ବିଜୁ ଜନତା ଦଳ ତରଫରୁ ୧୯ ଟି ଗ୍ରାମ ପଞ୍ଚାୟତର ପଞ୍ଚାୟତ କମିଟି ଓ ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ସଦର ବ୍ଲକ ଥାପାଗୁଡା ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ମାଲକାନଗିରି ବ୍ଲକ ବିଜୁ ଜନତା ଦଳ ତରଫରୁ ବ୍ଲକ ସଭାପତି ସର୍ବ କୁମାର ବିଶୋଇ ଙ୍କ ନେତୃତ୍ୱରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ନବ ନିଯୁକ୍ତ ସମସ୍ତ ପଞ୍ଚାୟତ କମିଟି କର୍ମକର୍ତ୍ତା ଓ ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସମସ୍ତ କର୍ମକାର୍ତ୍ତାଙ୍କ ଉପସ୍ଥିତିରେ ଥାପାଗୁଡା ଶିବ ମନ୍ଦିର ମହାପ୍ରଭୁ ଶ୍ରୀ କୁଣ୍ଡଳେଶ୍ୱରଙ୍କ ନିକଟରେ କୋଟି ଓଡ଼ିଆଙ୍କ ପ୍ରିୟ ଜନନେତା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ ସାଙ୍ଗକୁ ପ୍ରାର୍ଥନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା ଉପସ୍ଥିତ ସମସ୍ତ ନବ ନିଯୁକ୍ତ ପଞ୍ଚାୟତ କମ୍ମିଟି ଓ ବ୍ଲକ କମ୍ମିଟି ଙ୍କୁ କିଭଳି ଭାବେ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ଯାଇ ବିଜୁ ଜନତା ଦଳକୁ ମଜବୁତ୍ କରିବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ବୁଝାଇଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ ,ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ ,ମାଲକାନଗିରି ପୌର ଉପାଧ୍ୟକ୍ଷା କବିତା ମହନ୍ତ , ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ ,ବରିଷ୍ଠ ବିଜେଡି ନେତା ଘନଶ୍ୟାମ ମାଡକାମୀ ,ବରିଷ୍ଠ ନେତା ଡମ୍ବରୁ ବାଘ , ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ ,ବରିଷ୍ଠ ନେତା ସହଦ୍ୱେ ମୁଦୁଲି ,ଯୁବ ନେତା ଗାନ୍ଧୀ ପଣ୍ଡା ,ଯୁବ ନେତା ତଥା ସରପଞ୍ଚ ସୁଦର୍ଶନ କୋପେ ଙ୍କ ସହିତ ୧୯ଟି ଗ୍ରାମ ପଞ୍ଚାୟତର ସମସ୍ତ ପଞ୍ଚାୟତ କମିଟି ଓ ବ୍ଲକ କମିଟି କର୍ମକର୍ତ୍ତାଙ୍କ ସହିତ ବିଜୁ ଜନତା ଦଳର ସମସ୍ତ ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ସହରରେ ଅବସ୍ଥିତ ସାଇ ମନ୍ଦିର ଠାରେ ସତ୍ୟସାଇ ସେବା ସଙ୍ଗଠନ ତରଫରୁ ପ୍ରେମ ସଂଜୀବନୀ ନାମରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳିତ କରି ଉଦଘାଟନ କରିଥିଲେ। ଏଥିରେ ସଂଗଠନର ୨୪ ଜଣ ସଦସ୍ୟ ରକ୍ତଦାନ କରି ଶିବିରକୁ ସଫଳ କରିଥିଲେ । ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ସଙ୍ଗଠନ ର ସଭାପତି ନବ କିଶୋର ସ୍ୱାଇଁ ।

# ବନ ଓ ବନ୍ୟ ପ୍ରାଣୀର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର



କୁଚିଣ୍ଡା, (ଭାସ୍କର ନ୍ୟୁଜ୍): କୁଚିଣ୍ଡା ବ୍ଲକର କିରା ଶାସନ ସ୍ଥିତ ମହାଦେବ ମନ୍ଦିର ଚାରିପଟେ ସ୍ୱପ୍ନ ସାଗର କଳା ପରିଷଦର ସଭ୍ୟା ଓ ସାମାଜିକ କର୍ମୀ ପଚାଶଟି ଦେବଦାରୁ ଚାରା ଲଗାଇବା ସହ ଆଗାମୀ ଦିନରେ ପ୍ରତ୍ୟେକଙ୍କ ଜନ୍ମ ଦିନରେ ଏପରି ଚାରାରୋପଣ କରିବାକୁ ଶପଥ ନେଇଛନ୍ତି । ଏହି ଉପଲକ୍ଷେ ପରିଷଦର ସଭାପତି ଅରୁଣ ପଟେଲଙ୍କ ସଭା ପତିତ୍ୱରେ ପରିବେଶ ସନ୍ତୁଳନ ପାଇଁ ବନ ଓ ବନ୍ୟ ପ୍ରାଣୀର ସୁରକ୍ଷାର ଆବଶ୍ୟକତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ,ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ପୁରାଣର ଉଦାହରଣ ଦେଇ ଉଭୟର ସଂରକ୍ଷଣ ହିଁ ବାସ୍ତବ ପୂଜା ବୋଲି କହିଥିଲେ । ଉଦ୍ୟାନ କର୍ମଚାରୀ ରବିନ୍ଦ୍ର କୁମାର ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବୃକ୍ଷ ଓ ବନ୍ୟ ପ୍ରାଣୀ ଙ୍କ ସୁରକ୍ଷାର ଆବଶ୍ୟକତା ଉପରେ ଚର୍ଚ୍ଚା କରିଥିଲେ । ସ୍ଥାନୀୟ ସରପଞ୍ଚ ପଦ୍ମାବତୀ କିଶନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ ।ଏହି ଅବସରରେ ପ୍ରକୃତିବନ୍ଧୁ ସୁବାସ ନାୟକ ଓ ସରପଞ୍ଚ ପଦ୍ମାବତୀ ପ୍ରଧାନ ଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରା ଯାଇ ଥିଲା ।ପ୍ରାରମ୍ଭରେ ପରିଷଦର ସମ୍ପାଦକ ସୌକିତ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ଆଲୋଚନା ଚକ୍ର କୁ ସଂଯୋଜନା କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ନାରାୟଣ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ,ମୁନା ମହାପାତ୍ର, ସୁଶାନ୍ତ ନାୟକ, ଡମ୍ବରୁ ମେହେର ପ୍ରମୁଖ ଚାରାରୋପଣ କରିଥିଲେ ।

## ରାସ୍ତା ଶୋଚନୀୟ,ମରାମତି ଦାବି



ରାଇଘର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ କୋଦଭାଟା ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି କୋଦଭାଟା ଛକ ଠାରୁ ଅଗ୍ନିଶମ ଅଫିସ ଏବଂ ତହସିଲ ଅଫିସ କୁ ସଂଯୋଗ କରୁଥିବା ସାହି ର ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଅଛି। ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ମରାମତି ଅଭାବରୁ ରାସ୍ତା ଉପରେ ପାଣି ଜମି ରହିଅଛି। ଏହି ଅବସ୍ଥା ସବୁବେଳେ ରହୁଥିବା ବେଳେ କିଛି କିଛି ମୁରୁମ୍ ମାଟି ପକାଇ କାମ ସାରି ଦେଉଛନ୍ତି। ଯାହାଫଳରେ କିଛି ଦିନ ପରେ ପୁଣି ଯେମିତି ଅବସ୍ଥା କୁ ସେମିତି ଅବସ୍ଥା ରହିଅଛି। ବର୍ତମାନ ପାଣି ଜମି ରହିଥିବାରୁ ସେହି ରାସ୍ତା ଦେଇ ଯିବା ଆସିବା କରିବାରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ତେଣୁ ସ୍ଥାନୀୟ ପ୍ରଶାସନ ତଥା ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସାହି ବାସିନ୍ଦା ତରଫରୁ ଦାବି କରିଛନ୍ତି।

# ବର୍ଷା ଦିନେ ବି ଜଳକଷ୍ଟ ଭୋଗୁଛନ୍ତି ଗୁଡବାହାଲିବାସୀ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଋତୁ ଯାଇ ବର୍ଷା ଋତୁ ଆସିଲା। ହେଲେ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ସୁଧୁରିଲାଣି। ସକାଳ ପାହିଲେ ଲୋକଙ୍କ ପାଣି ଚିନ୍ତା। ଏ ହେଉଛି ବୌଦ୍ଧ ବ୍ଲକ ଉପାନ୍ତ ଅଞ୍ଚଳ ଟିକରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ବାହାଲି ଗ୍ରାମର କଥା। କେନ୍ଦ୍ର ସରକାର ୨୦୨୫ ମସିହା ସୁଦ୍ଧା ହର ଘର ମେଁ ଜଲ ନାରା ଏମାନଙ୍କ ପାଇଁ ଅଭିଶାପ ପାଲଟିଛି। ପାଇପ ଯୋଗେ ପିଇବା ପାଣି ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଦୀର୍ଘ ବର୍ଷ ହେଲା ପାନୀୟ ଜଳର ସମସ୍ୟା ଲାଗି ରହିଥିବା ବେଳେ ସରପଞ୍ଚ ଠାରୁ ବିଧାୟକ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କେହି ଏମାନଙ୍କ କଥା କୁ ଗୁରୁତ୍ୱ ଦିଅନ୍ତି ନାହିଁ। ଫଳରେ ବର୍ଷ ସାରା ଗ୍ରାମବାସୀ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କ୍ଷ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଥିବା ପ୍ରାୟ ୨୦ ଗୋଟି ପରିବାର ପାଇଁ ଥିବା ଏକ ମାତ୍ର ନଳକୂଅରୁ ପାଣି ଠିକ ଭାବେ ବାହାରୁନ ଥିବାରୁ ସକାଳ ପାହିଲେ ଲୋକେ ପାଣି ପାଇଁ ନଳ କୂଅ ରେ ଗହଳି କରୁଛନ୍ତି। ଦୀର୍ଘ ସମୟ ନଳକୂପ ମାରିଲେ ପାଣି ବାଲଟିଏ ବାହାରୁଛି । ଫଳରେ ଗ୍ରାମର ମହିଳା ମାନେ ଚାଲି ଚାଲି ୩ କିଲୋମିଟର୍ ଦୁରରୁ ପାଣି ଆଣି ବ୍ୟବହାର କରୁଛନ୍ତି। ନିର୍ବାଚନ ଆସିଲେ ନେତା ମନ୍ତ୍ରୀ ଭୋଟ ପାଇଁ ଆସନ୍ତି, ନିର୍ବାଚନ ସରିଲେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାହାରି ଆଉ ଦେଖା ମିଳେନାହିଁ। ଗାଁ ରେ ଥିବା ଏକମାତ୍ର ନଳକୂଅ ସାହା ଭରସା। ହେଲେ ଏଥିରୁ ମଧ୍ୟ ପାଣି ଠିକ ଭାବରେ ବାହାରୁ ନ ଥିବାରୁ ଗ୍ରାମବାସୀଙ୍କ ଦୁଃଖ ଦୁଇଗୁଣ ହୋଇଯାଏ। ତେଣୁ ଗ୍ରାମରେ ଅଚଳ ଥିବା ନଳକୁପର ଶୀଘ୍ର ମରାମତି କିମ୍ବା ନୂତନ ଏକ ନଳକୂପ ଖୋଳା ଯିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): କୁନ୍ତରା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀ ଖଗପତି ଅମାତଙ୍କ ତତ୍ତ୍ୱାବଧାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି ।ଶିବିରଟିକୁ ଘଝଝ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସଂସ୍କୃତ ଅଧାପକ ଶ୍ରୀ ତରୁଣ କୁମାର ପୃଷେଠ ପରିଚାଳନା କରିଥିଲେ । ଇତିହାସ ବିଭାଗର ଅଧାପକ ଶ୍ରୀ ରାଜେଶ ମାକର ଯୋଗ ପ୍ରଶିକ୍ଷକ ଭାବରେ କାର୍ଯ୍ୟ ତୁଲାଇଥିଲେ । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧାପକ ଅଧାପିକା ଓ ଅର୍ଦ୍ଧଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଯୋଗାଭ୍ୟାସ ପାଶ୍ଚାତ କଲେଜ ପରିସର ସଫେଇ ଓ ଚାରା ରୋପଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ।ଅଣଶିକ୍ଷକ କର୍ମଚାରୀ ୀରେନ୍ଦ୍ର ଷଣ୍ଢ ଓ ଗୀତା କଉଡ଼ି ସମସ୍ତ ବ୍ୟବସ୍ଥା ବୁଝିଥିଲେ । ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ସମାଜ ସୁସ୍ଥ ଶରୀର ଓ ଅଭ୍ୟାସ ଗଠନ ପାଇଁ ଅଧ୍ୟକ୍ଷ ଅମାତ ଆହ୍ୱାନ ଦେଇଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ଶ୍ରୀ ଅଲାରନାଥଙ୍କ ପୀଠରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ଭଜନ ସମାରୋହର ଉଦଘାଟନ ଉତ୍ସବରେ ବ୍ରହ୍ମଗିରି ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଛନ୍ତି ଅନୁଷ୍ଠିତ ଭାବେ ଉଦଘାଟନ କରିଛନ୍ତି।ମହାପ୍ରଭୁଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ବ୍ରହ୍ମଗିରି ବାସୀଙ୍କ ମଙ୍ଗଳ ହେଉ, ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିମୟ ହେଉ ଏହାହିଁ ପ୍ରାର୍ଥନା କରିଛନ୍ତି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା। ଏହି ଉଦଘାଟନ ଉତ୍ସବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାଙ୍କୀର ମାନ୍ୟବର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚାନ୍ଦବାଲି ମାନ୍ୟବର ବିଧାୟକ ବ୍ୟୋମକେଶ ରାୟ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନବାଳା ବେହେରା ଉପାଧକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ, ଉପାଧକ୍ଷ ଯୁଧିଷ୍ଠିର ନାୟକ, ବରିଷ୍ଠ ନେତା ଭଗବାନ ନାୟକ, ସରପଞ୍ଚ ରାଧାରାଣୀ ବିଶ୍ୱାଳ, ଅମୂଲ୍ୟ ଜେନା, ସର୍ବେଶ୍ୱର ପଲାଇ ନାରୀ ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ପ୍ରତିମା ଜେନା ଏବଂ ଶହ ଶହ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

# ଏଏମ୍ /ଏନ୍ଏସ ଇଣ୍ଡିଆ ପକ୍ଷରୁ ଓଡିଶାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷ ମିଳିତ ଜାତିସଂଘର ବିଷୟବସ୍ତୁ - 'ଗୋଟିଏ ପୃଥିବୀ ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ' କୁ ନେଇ ଓଡ଼ିଶାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କର୍ମଚାରୀ, ସହଯୋଗୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଓ ମନ, ଶରୀର ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ପାରାଦ୍ୱୀପଠାରେ ଏଏମ୍/ଏନ୍ ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପ ଗଲ୍ଫ କ୍ଲବରେ ନୀଳଚକ୍ର କ୍ଲବ୍ (ଜଗନ୍ନାଥ କଲୋନି), ଗଣେଶ କ୍ଲବ୍ (ଲକପଡ଼ା), ସ୍ୱାମୀ ବିବେକାନନ୍ଦ କ୍ଲବ୍ (ବିଜୟଚାନ୍ଦପୁର)ର ସଦସ୍ୟ ଏବଂ ମା' ଅମ୍ବିକା ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଧ୍ୟାନ ଅଧିବେଶନ ଏବଂ 'ଓମ୍' ଉଚ୍ଚାରଣ ଦ୍ୱାରା ଏକ ସକାରାତ୍ମକ ଏବଂ ଶାନ୍ତ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସେହିଦିନ ଏଏମ୍/ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ଟିମ୍ ପକ୍ଷରୁ ନୂଆଗଡ଼ସ୍ଥିତ ଜିସି ହାଇସ୍କୁଲରେ ଏକ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ଏଏମ୍/ଏନ୍ ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ୍ ମୁଖ୍ୟ ୟୁଏସ୍ଆର୍ ରାଜୁ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦ୍ୱୀପ ପାୱାର ପ୍ଲାଣ୍ଟ୍ ମୁଖ୍ୟ ଶ୍ରୀ ରାଜର୍ଷି ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ସହଯୋଗୀ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଉତ୍ସର୍ଗୀକୃତ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଆସନ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ। ଏହି ଅବସରରେ ଶ୍ରୀ ରାଜୁ କର୍ମଚାରୀମାନଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତାରେ ଉନ୍ନତି ଆଣିବା ପାଇଁ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରୋତ୍ସାହିତ କରିଥିଲେ। ସେହିପରି ଏଏମ୍/ଏନ୍ଏସ୍ ଇଣ୍ଡିଆର ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ସମସ୍ତ କର୍ମଚାରୀ, ସହଯୋଗୀକର୍ମଚାରୀ ଓ ଅଂଶୀଦାରଙ୍କ ପାଇଁ ଏକ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ଡାବୁନାର ଲଜିଷ୍ଟିକ୍ସବିଭାଗ ମୁଖ୍ୟ ଜୟକିଶନ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏକ ଜରୁରୀ କୌଶଳ ଭାବେ ଯୋଗ ଶିକ୍ଷା ଲାଭ କରିବାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ବଡ଼ବିଲର ସୋୟାବାଲି ଓ ଆର୍ଯ୍ୟ କଲୋନୀରେ କର୍ମଚାରୀ, ସହଯୋଗୀ କର୍ମଚାରୀ ଓ ପରିବାର ସଦସ୍ୟଙ୍କ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି କ୍ଷେତ୍ରଗୁଡିକରେ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକ ମାନ୍ୟତାପ୍ରାପ୍ତ ଯୋଗ ଶିକ୍ଷ୍ୟଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯାହା ସମସ୍ତଙ୍କୁ ଉତ୍ସାହୀ ଓଚାପମୁକ୍ତ କରିବାରେ ସହଯୋଗ କରିଥିଲା । ଏହି ପଦକ୍ଷେପଗୁଡିକ କମ୍ପାନୀର ବିଭିନ୍ନ କାର୍ଯ୍ୟବିଧିରେ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁସ୍ଥତା ଏବଂ ସଚେତନତାର ସଂସ୍କୃତିକୁ ଆଗେଇ ନେବା ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।


## ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନମ୍ବର: ଏସ୍ଇଆର୍-ଇପିସି-ଏମ୍ୟୁଆର୍ଆଇ-ଆର୍ଏନ୍ସି-ଟିଓଆର୍ଆଇ- ୨X୨୫ କେଭି, ତାରିଖ: ୧୯.୦୬.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ପ୍ରକଳ୍ପ), ଦକ୍ଷିଣ ପୂର୍ବ ରେଳପଥ, ୧୧, କନଭେଣ୍ଟ ଲେନ୍, ବେଲିଆଘାଟା, କୋଲକାତା-୭୦୦୦୧୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। କାର୍ଯ୍ୟର ନାମ ଏବଂ ଏହାର ସ୍ଥାନ: ଦକ୍ଷିଣ ପୂର୍ବ ରେଳବାଇର ରାଞ୍ଚି ଡିଭିଜନର ମୁରି-ରାଞ୍ଚି-ଟୋରି ସେକ୍ସନରେ ୨X୨୫ କେଭି ସିଷ୍ଟମରେ ୧୩୨ କେଭି ଟ୍ରାକ୍ସନ୍ ସବଷ୍ଟେସନ୍, ସେକ୍ସନିଂ ଏବଂ ସମାନ୍ତରାଳ ପୋଷ୍ଟ (ଏସ୍ପିଏସ୍), ଏବଂ ସବସେକ୍ସନିଂ ଏବଂ ସମାନ୍ତରାଳ ପୋଷ୍ଟ (ଏସ୍ଏସ୍ପିଏସ୍) ଇପିସି ମୋଡ୍‌ରେ ୩୦୦୦ଏମ୍‌ଟି ଲୋଡିଂ ଲକ୍ଷ୍ୟ ପୂରଣ କରିବା ପାଇଁ ଡିଜାଇନ୍, ଯୋଗାଣ, ନିର୍ମାଣ, ପରୀକ୍ଷଣ ଏବଂ କମିଶନିଂ। କାର୍ଯ୍ୟ ସମାପ୍ତି ଅବଧି: ନିଯୁକ୍ତ ତାରିଖରୁ ୫୪୦ ଦିନ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୧୬୨,୧୭,୯୬,୩୭୭.୧୯। ବିଡ୍ ସୁରକ୍ଷା: ଟ.୮୨,୫୯,୦୦୦। ପ୍ରସ୍ତାବର ବୈଧତା: ଟେଣ୍ଡର ଖୋଲିବା ତାରିଖରୁ ୧୮୦ ଦିନ। ପ୍ରଶ୍ନ ଗ୍ରହଣ କରିବାର ଶେଷ ତାରିଖ: ୦୩.୦୭.୨୦୨୫। ବିଡ୍ ପୂର୍ବରୁ ବୈଠକ: ୦୭.୦୭.୨୦୨୫ ରାତି ୧୧.୩୦ ଘଣ୍ଟା। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ। ଧାରା ସଂଖ୍ୟା ୨.୧୧.୨ ରେ ତାଲିକାଭୁକ୍ତ ସମସ୍ତ ଡକ୍ୟୁମେଣ୍ଟର ଭୌତିକ ଦାଖଲ: ୧୧.୦୮.୨୦୨୫ (୧୫.୦୦ ଘଣ୍ଟା ଆଇଏସ୍ଟି)। ଟେଣ୍ଡର ଶେଷ ତାରିଖ: ୦୭.୦୮.୨୦୨୫ (୧୪:୦୦ ଘଣ୍ଟା ଆଇଏସ୍ଟି)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଦେଖାଯାଇପାରିବ।

**(PR-300)**

ଟେଣ୍ଡର ନୋଟିସ ନମ୍ବର: ସିକେପି-ଅପରେଟିଂ-୨୫-୨୬-୦୧, ତାରିଖ: ୨୦.୦୬.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ଡିଭିଜନାଲ ରେଲୱେ ମ୍ୟାନେଜର (ଅପରେଟିଂ), ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ସେବା ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ, ଏବଂ ଏପରି କୌଣସି ମାନୁଆଲ୍ ଅଫରକୁ ଅଣଦେଖା କରାଯିବ। କାର୍ଯ୍ୟର ନାମ: ଡିଭିଜନାଲ କଣ୍ଟ୍ରୋଲ ଅଫିସ/ଚକ୍ରଧରପୁରରେ ଦୁଇ ବର୍ଷ (୭୩୦ ଦିନ) ପାଇଁ ୨୧ ଜଣ ଡାଟା ଏଣ୍ଟ୍ରି ଅପରେଟର/ସିଓଏ ଏଣ୍ଟ୍ରି-କମ-ସେକ୍ସନ୍ ନିୟନ୍ତ୍ରକଙ୍କ ସହାୟକଙ୍କ ନିୟୋଜନ। ଟେଣ୍ଡର ମୂଲ୍ୟ: ଟ.୧,୨୬,୬୭,୧୭୯। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୧୩,୩୦୦। ଟେଣ୍ଡର ଫର୍ମର ମୂଲ୍ୟ: କୌଣସି ନାହିଁ। ଟେଣ୍ଡର ଖୋଲିବାର ସ୍ଥାନ: ସିନିୟର ଡୋମ (ସମିତି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳବାଇର କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: ୧୪.୦୭.୨୦୨୫ ଦିନ ୧୫:୦୦ ଘଣ୍ଟା। ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ପାଖରେ ଶ୍ରେଣୀ-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ।

(PR-305)



## AFFIDAVIT

By virtue of an affidavit sworn before the Notary Public, Cuttack, Affidavit No-1115, dated: 19.05.2025, I Biswajit Das, aged about 52 years, S/o- Sri Harekrushna Das, residing At- Sabalpur, Po- Bentkar, Ps- 42 Mouza Bentkar, Dist- Cuttack-754112, Odisha, declares that my minor son changed his name from Sudept Narayan Das to Sudeep Narayan. Henceforth, my minor son shall be known as Sudeep Narayan for all purposes and declare that my minor son changed his DOB from 17.12.2009 to 07.12.2009. Henceforth, my minor son DOB shall be known as 07.12.2009 for all purposes.

## AFFIDAVIT

By virtue of an affidavit Sl.No.3724, dated: 10.06.2025, I Maldey Murmu, S/o- Ramachandra Murmu, resident of village/post-Chhaparpur, Ps-Badasahi, Dist-Mayurbhanj,PIN-757026, declares that I have changed my name from Malede Murmu to Maldey Murmu. Henceforth, I shall be known as Maldey Murmu for all purposes.

Sd/- Maldey Murmu

## AFFIDAVIT

By virtue of an affidavit sworn before Notary Public, Bhubaneswar, Odisha, dated: 19.06.2025 I Gundra Krishna Rao, S/o Gundra Bairag Rao Resident of At- Jakar, VTC-Bamokei, Sub-Dist. -Jarada, Dist- Ganjam, Pin-761042, Odisha have changed my daughter's name from G. Rani Kumari to Gundra Rani Kumari Rao. Henceforth she will be known as Gundra Rani Kumari Rao for all purpose.

Sd/-Gundra Krishna Rao



OFFICE OF THE PRINCIPAL
## BELPAHAR DEGREE COLLEGE
At/Po- BELPAHAR (R.S.), DIST- JHARSUGUDA (ORISSA)
E-mail: belpahardegreecollege@gmail.com
Mobile-9437880842

No. 232 Date. 21.06.2025

TENDER QUOTATION CALL NOTICE

Sealed quotations are invited for the supply of Desktop computers, UPS, Printer, LED Tv, Wireless MIC and Camera and Internet connection from the interested registered firm/ authorized dealers having IT and GST clearance. The sealed tender paper should reach the office of the undersigned on or before 29.06.2025 by 5 PM only through speed post or registered post.

For more details about the specification of item and bidding procedure, please mail us :– belpahardegreecollege@gmail.com .

Sd/- Principal
Belpahar Degree College, Belpahar
Dist- Jharsuguda


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘାରୁଛି...

ଜାତିସଂଘ ସୁରକ୍ଷା ପରିଷଦରେ ଚୀନ୍, ରୁଷ ଓ ପାକିସ୍ତାନ ପକ୍ଷରୁ ଇସ୍ରାଏଲର ଆକ୍ରମଣ ନେଇ ଏକ ପ୍ରସ୍ତାବ ଉତ୍ଥାପନ କରାଯାଇଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ପ୍ରବେଶକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଏହା ଠିକ୍ ନୁହେଁ। ଏଥିନେଇ ସେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏବଂ ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ତେବେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରୁ ତେଲ ଆମଦାନି ବନ୍ଦ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ବିଶ୍ୱ ତେଲ ଯୋଗାଣର ପ୍ରମୁଖ ରାସ୍ତାକୁ ଇରାନ ବନ୍ଦ କରିଦେବାର ସମ୍ଭାବନା ଥିବାରୁ ଉଭୟ ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବ। ଏଥିରେ ଭାରତ ମଧ୍ୟ କ୍ଷତିଗ୍ରସ୍ତ ହେବ। ହୋର୍ମଜ ସାମୁଦ୍ରିକ ପଥଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ ପରିବହନ ହୋଇଥାଏ। ଏହି ରାସ୍ତା ବନ୍ଦ ହୋଇଗଲେ ବିଶ୍ୱରେ ଘୋର ତୈଳ ସଂକଟ ଦେଖାଦେବ। କାରଣ ଭାରତ ତେଲ ଆବଶ୍ୟକତାର ୯୦ ପ୍ରତିଶତ ଆମଦାନିରେ ପୂରଣ କରୁଥିବାବେଳେ ୪୦ ପ୍ରତିଶତ ତେଲ ମଧ୍ୟପ୍ରାଚ୍ୟରୁ ଆଣିଥାଏ ।

### ଅସ୍ତ୍ରୋପଚାର...

ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ସର୍ଭାଇକାଲ ସ୍ପଣ୍ଡିଲୋସିସ୍ ପାଇଁ ଏକ ସଫଳ ମେରୁଦଣ୍ଡ ଅସ୍ତ୍ରୋପଚାର କରାଯାଇଥିଲା। ପ୍ରସିଦ୍ଧ ସର୍ଜନ ଡାକ୍ତର ରମାକାନ୍ତ ପଣ୍ଡା ଏହାର ଦାୟିତ୍ୱ ନେଇଥିଲେ। ଅସ୍ତ୍ରୋପଚାର ପାଇଁ ଦୁଇଘଣ୍ଟା ସମୟ ଲାଗିଥିଲା।

### ଅଫିସର ଜାଣନ୍ତିନି...

ଲୋକ ଯୋଜନାଗୁଡ଼ିକ ବିଷୟରେ ଜାଣନ୍ତି ନାହିଁ, କିନ୍ତୁ ସଚେତନ ରହିଛନ୍ତି। ସେମାନେ ଯୋଜନାଗୁଡ଼ିକରେ କିପରି ଯୋଗଦେବେ ତାହା ମଧ୍ୟ ଜାଣି ନାହାନ୍ତି। ଏହାର କାରଣ କ'ଣ ମୁଁ ବୁଝିପାରୁ ନାହିଁ ବୋଲି ରାଜ୍ୟପାଳ କହିଥିଲେ। ଏହା ଦର୍ଶାଉଛି ଯେ ୯୫ ପ୍ରତିଶତ ଲୋକ କଲ୍ୟାଣକାରୀ ଯୋଜନାରେ ଯୋଗଦାନ ଦେଉନାହାନ୍ତି।

### କଠୋର ଦଣ୍ଡପାଇଁ...

ସମ୍ଭାବନା ରହିଛି। ତେବେ ଏହି ଗଣଦୁଷ୍କର୍ମ ଘଟଣାର ୧୦ ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ନାବାଳକ ରହିଛନ୍ତି। ୩ଜଣ ଗଣଦୁଷ୍କର୍ମ କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ଦୁଇଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀହେଲେ ବାବୁରାମ ଦଳାଇ ଓ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାପାଇଁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ଡିଜି କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାର ସ୍ୱତଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମାନବାଧିକାର କମିଶନ। ନିଜଆଡୁ ମାମଲା ରୁଜୁକରି କମିଶନ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ନୋଟିସ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଗୁଜରାଟରେ ଆପ୍...

ଆଶିଷ ଘୋଷଙ୍କୁ ୫୦ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ଟିଏମ୍‌ସିର ନସିରୁଦ୍ଦିନ ଅହମ୍ମଦ ଏହି ଆସନରୁ ଦୁଇଥର ନିର୍ବାଚିତ ହୋଇଥିବାବେଳେ ତାଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ଆଲିଫାଙ୍କୁ ଟିଏମସି ପ୍ରାର୍ଥୀ କରିଥିଲା। ସେହିପରି ପଞ୍ଜାବର ଲୁଧିଆନା ବିଧାନସଭା ଉପନିର୍ବାଚନରେ ଆପ୍‌ର ସଞ୍ଜୀୟ ଆରୋରା କଂଗ୍ରେସର ଭାରତ ଆଶୁଙ୍କୁ ୧୦ ହଜାର ଭୋଟରେ ପରାସ୍ତ କରି ବିଜୟଲାଭ କରିଛନ୍ତି। ୨୦୨୨ରେ ଆପର ଗୁରୁପ୍ରୀତ ଗୋଗି ବିଜୟୀ ହୋଇଥିଲେ। ତେବେ ତାଙ୍କ ପରଲୋକ ପରେ ଏଠାରେ ଉପନିର୍ବାଚନ ହୋଇଥିଲା।

### ଯୁବବର୍ଗ...

ଏହି ପ୍ରଡକ୍ଟିଭ ଏଜ୍ ଗ୍ରୁପରେ ୧୫ ରୁ ୩୫ ବର୍ଷ ମଧ୍ୟରେ ଜନସଂଖ୍ୟା ହେଉଛି ୧.୭ କୋଟି । ଆମର ଏହି ବିପୁଳ ଯୁବ ଶକ୍ତିର ସାମର୍ଥ୍ୟ ଉପରେ ଭରସା କରି ଆମେ ଭବିଷ୍ୟତ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛୁ। ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛୁ। ମୌଳିକ ଶିକ୍ଷାର ଉନ୍ନତି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛୁ। ପିଲାମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ୫୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟବହାରିକ ଶିକ୍ଷା ଜ୍ଞାନରେ ତାଲିମ ଦେଉଛୁ। ଯୁବ ବର୍ଗଙ୍କ ଦକ୍ଷତା ବୃଦ୍ଧି ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଆମର ଏହି ସବୁ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ଯୁବ ବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଯୋଗ୍ୟ କରି ଗଢିତୋଳିବ। ସାରା ବିଶ୍ୱରେ ସେମାନଙ୍କର ଚାହିଦା ବଢ଼ିବ। ସେ ପୁଣି କହିଥିଲେ କ୍ରୀଡ଼ା ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ଆପଣ ଦକ୍ଷତା ବଳରେ ଯଶ ଓ ଅର୍ଥ ପାଇପାରିବେ। ଆମ ସରକାର ରାଜ୍ୟରେ ଖେଳକୁଦ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି, ତେଣୁ ଯୁବ ସମାଜ ଏହାର ସୁବିଧା ନେଇ ନିଜ ପ୍ରତିଭାକୁ ବ୍ୟବହାର କରି ସେ କ୍ରୀଡାକୁ କ୍ୟାରିଅର କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପାୟନ ଉପରେ ଆଲୋକପାତ କରି ସେ କହିଥିଲେ, ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଆମେ ଗୋଟିଏ ବି ମୁହୂର୍ତ୍ତ ନଷ୍ଟ କରିନାହିଁ। ମାତ୍ର ୧୫୦ ଦିନ ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛୁ। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ମିଳିବା ନିଶ୍ଚିତ ହୋଇଛି। ଏକବର୍ଷ ମଧ୍ୟରେ ୨୮ ହାଜର ୩୪୬ ସରକାରୀ ନିଯୁକ୍ତି ଦେଇଛୁ। ଯୁବ ବର୍ଗଙ୍କ ପାଇଁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ। ଯୁବ ବର୍ଗଙ୍କୁ ଉତ୍ସାହିତ କରି ସେ କହିଥିଲେ ଆପଣ ମାନେ ନିଜ ନିଜର ପ୍ରତିଭାକୁ ଜାଣନ୍ତୁ ଏବଂ ତାର ବିକାଶ ପାଇଁ କାମ କରନ୍ତୁ। ନିଜର ଚିନ୍ତାଧାରାକୁ ବିଶ୍ୱସ୍ତରୀୟ କରନ୍ତୁ। ଆପଣ ନିଜେ ସଫଳ ହେବେ ଏବଂ ଆପଣଙ୍କ ଯୋଗୁ ସାରା ଓଡ଼ିଶା ସଫଳ ହେବ। ଦେଢ଼ କୋଟିରୁ ଅଧିକ ଯୁବ ବର୍ଗ ଯେତେବେଳେ ସଫଳ ହେବେ, ସେତେବେଳେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବରପୁତ୍ର ମାନଙ୍କ ସହିତ ମହାନ ଜନନେତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା ତୃଣମୂଳରୁ ଶୀର୍ଷ ସୋପାନ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଭଞ୍ଜନଗର, କବିସୂର୍ଯ୍ୟନଗର, ବ୍ରହ୍ମପୁର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ଚିକିଟି ଓ ସୋରଡ଼ାର ବିଧାୟକ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆସ୍କା ସାଂସଦ ଅନିତା ଶୁଭଦର୍ଶୀନି ସ୍ୱାଗତ ଭାଷଣ ଦେଇଥିଲେ ଓ ବିଧାୟକ ଆସ୍କା ସରୋଜ କୁମାର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।


PARADIP PORT AUTHORITY
No.CE/PRD/ACCTS-16/24/233, dtd.: 18.06.2025
e-TENDER CALL NOTICE
Name of the work : Providing Concrete Road along MCHP pond including construction of drain near MCHP workshop of Paradip Port.
Estimated Cost : Rs.2,21,62,724.02.
Last Date & time of submission : 08.07.2025 upto 17:00 Hrs.
Refer our website for details : eprocure.gov.in/eprocure/app.
Executive Engineer, PRD, PPA
PPA/PR/19/2025-2026, dt.20/06/2025

CUTTACK MUNICIPAL CORPORATION
"e" PROCUREMENT NOTICE
Tender ID : 2024_ORULB_114239
Tender Call Notice No. 7706(PW) Date.23.06.2025
No of Works : 16 No
Bid Value : Rs.3.12 Lakhs to Rs.46.73 Lakhs
Period of Completion: One Calendar Month to Three Calendar Month
Date and Time schedule :

| Start | End | Opening |
|---|---|---|
| 11.00 AM on dt. 25.06.2025 | 5.00 PM on dt.05.07.2025 | 11:00 A.M. on dt.09.07.2025 |

Tender Details : can be seen from the procurement portal : www.tendersorissa.gov.in

Executive Engineer
City Division-III,CMC
OIPR 13031/11/0191/2526 C-581

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BOLANGIR FOREST DIVISION - 767001
MM-98
Tel: - 06652-232948, Fax:-06652232948,
e-mail:- dfo.bolangir@odisha.gov.in & dfobalangir@gmail.com
Bid Identification No. DFO,BLG 03 / 2025-2026 dated. 20.06.2025

NOTICE INVITING TENDER

| Sl. No | Name of the Work | Procurement of Silent DG Set, High Mast Solar Light and Solar Street Light of various specification |
|---|---|---|
| 1 | Estimated Cost | Depending upon funds allocation |
| 3 | Period & time of completion | 15 days from the date of issue of orders |
| 4 | Date & time of availability of the bid document | 24.06.2025 to 10.07.2025 |
| 5 | Last date/Time for receipt of bids in the portal | Up to 5.00 PM of 10.07.2025 |
| 6 | Date & Time of bid opening | 11.30 hours on Dated. 11.07.2025 |
| 7 | Name & Address of the inviting Bid | Divisional Forest Officer, Bolangir Forest Division., Pin-767001 |

Others can be seen from Detailed Notice inviting Tenders, available in website- https://balangir.odisha.gov.in Corrigendum if any, shall only be published in the above website

Sd/-Divisional Forest Officer
Bolangir Forest Division
OIPR 08061/11/0006/2526

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
A-328
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDL-02/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDL - 02/ 2025-26
5. Estimated Cost : Rs. 25,93,429.00
6. Period of Completion : 30 Days
7. Date & time of availability of bid documents in the Portal : From dt.25.06.2025 (10.00 AM) to dt.08.07.2025(5.30 PM)
8. Last date/ time for receipt of bid In the Portal : dt. 08.07.2025 (up to 5.30 PM)
9. Date and Place of opening of Bid : dt.09.07.2025 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR 32520/11/0048/2526



ଅନ୍ତରୀକ୍ଷ ବିଭାଗ, ଭାରତ ସରକାର
ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ(ଇସ୍ରୋ)
ଇସ୍ରୋ କେନ୍ଦ୍ରୀକୃତ ନିଯୁକ୍ତି ବୋର୍ଡ (ଆଇସିଆରବି)

ସିଭିଲ, ବୈଦ୍ୟୁତିକ, ରେଫ୍ରିଜେରେସନ ଏବଂ ବାତାନୁକୂଳିତ ଏବଂ ବାସ୍ତୁକଳା ପାଇଁ ବୈଜ୍ଞାନିକ/ଯନ୍ତ୍ରୀ ଏସ.ସିରେ ନିଯୁକ୍ତି

ଇସ୍ରୋର କେନ୍ଦ୍ରଗୁଡ଼ିକରେ ବେତନ ମେଟ୍ରିକ୍ସ ସ୍ତର ୧୦ରେ ବୈଜ୍ଞାନିକ/ଯନ୍ତ୍ରୀ ଏସ.ସି (ଗ୍ରୁପ୍ 'ଏ' ଗେଜେଟେଡ ପଦବୀ) ଏବଂ ଡିଏସ୍ଓ ଅନ୍ତର୍ଗତ ସ୍ୱାୟତ୍ତ ସଂସ୍ଥା (ପିଆରଏଲ)ରେ ବେତନ ମେଟ୍ରିକ୍ସ ୧୦ରେ ବୈଜ୍ଞାନିକ/ଯନ୍ତ୍ରୀ 'ଏସ.ସି' (ସମସ୍ତ ପଦବୀ ନନ୍ ଗେଜେଟେଡ୍)ରେ ନିଯୁକ୍ତି ପାଇଁ ପ୍ରତିଭାବାନ ସ୍ନାତକଙ୍କଠାରୁ ନିମ୍ନୋକ୍ତ ବିବରଣୀ ଅନୁଯାୟୀ ଅନ୍‌ଲାଇନ୍ ଆବେଦନପତ୍ର ଆହ୍ୱାନ କରାଯାଉଛି।

| ପଦବୀ କୋଡ୍ ନଂ | ପଦବୀର ନାମ | ମୋଟ ଖାଲି ସ୍ଥାନସଂଖ୍ୟା |
|---|---|---|
| ବି.ଇ./ବିଇ୦୦୪ | ବୈଜ୍ଞାନିକ/ଯନ୍ତ୍ରୀ 'ଏସ୍‌ସି' (ସିଭିଲ) | ୧୮ (ପିଡବ୍ଲୁବିଡି-୦୧) |
| ବି.ଇ./ବିଇ୦୦୫ | ବୈଜ୍ଞାନିକ/ଯନ୍ତ୍ରୀ 'ଏସ୍‌ସି' (ବିଦ୍ୟୁତ) | ୧୦ |
| ବି.ଇ./ବିଇ୦୦୬ | ବୈଜ୍ଞାନିକ/ଯନ୍ତ୍ରୀ 'ଏସ୍‌ସି' (ରେଫ୍ରିଜେରେସନ ଏବଂ ବାତାନୁକୂଳିତ) | ୦୯ (ପିଡବ୍ଲୁବିଡି-୦୧) |
| ବି.ଇ./ବିଇ ୦୦୭ | ବୈଜ୍ଞାନିକ/ଯନ୍ତ୍ରୀ 'ଏସ୍‌ସି' (ବାସ୍ତୁକଳା) | ୦୧ |
| ବି.ଇ./ବିଇ ୦୦୪ଏ | ବୈଜ୍ଞାନିକ/ଯନ୍ତ୍ରୀ 'ଏସ୍‌ସି' (ସିଭିଲ) ସ୍ୱୟଂଶାସିତ ସଂସ୍ଥା | ୦୧ |

୨. ବିସ୍ତୃତ ଚୟନ ପ୍ରକ୍ରିୟା ଏବଂ ଆବେଦନପତ୍ର ଦାଖଲ ପାଇଁ ଦୟାକରି ଆମର ୱେବସାଇଟ୍ www.isro.gov.in ଦେଖନ୍ତୁ।
ଅନ୍‌ଲାଇନ ଆବେଦନପତ୍ର ଦାଖଲର ଅନ୍ତିମ ତାରିଖ: ୧୪.୦୭.୨୦୨୫ ଅଟେ।

CBC 49101/11/0008/2526



ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

ଆପେଣ୍ଡିକ୍ସ ୫ (ରୁଲ୍ ୮(୧)
ପଜେସନ ନୋଟିସ
(ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୨.୦୩.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ମହମ୍ମଦ ଅମିନ,୨. ଶାହାଜାହାନ ବେଗମ,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୬,୦୨,୯୩୨.୩୭** (ଛଅଲକ୍ଷ ଦୁଇ ହଜାର ନଅଶହ ବତିଶି ଏବଂ ସଇଁତିରିଶ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୨.୦୩.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୬ ଜୁନ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୬,୦୨,୯୩୨.୩୭** (ଛଅଲକ୍ଷ ଦୁଇ ହଜାର ନଅଶହ ବତିଶି ଏବଂ ସଇଁତିରିଶ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।
**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

| ବନ୍ଧକ ସମ୍ପତ୍ତିର ବିବରଣୀ |
|---|
| ସମସ୍ତ ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାକି ପ୍ଲଟ ନଂ ୧୬୩୬/୧୨୧୧୨, ଏରିଆ ଏ.୦.୦୭୫ ଡିସିମିଲ, ଖାତା ନଂ ୨୪୧୪/୧୩୬୧୨, ମୌଜା ଅବସ୍ଥିତି: ବରଗଡ଼, ପିଏସ୍/ତହସିଲ- ବରଗଡ଼, ଜିଲ୍ଲା-ବରଗଡ଼, ଓଡ଼ିଶା ୭୬୮୦୨୮, ଏବଂ ବାଉଣ୍ଡରୀ ଯଥା: ପୂର୍ବ- ମହମ୍ମଦ ସାମସୁଦ୍ଦିନ, ପଶ୍ଚିମ- ମହମ୍ମଦ ହାର୍କ, ଉତ୍ତର- ଉଜ୍ଜ୍ୱଳ ସାହୁ, ଦକ୍ଷିଣ- ରାସ୍ତା। |

ତାରିଖ : ୧୬.୦୬.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୮୪୧୭୮୨୩୨ ଏବଂ ୧୩୩୫୯୧୬୨୬

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



ଗୁଣ୍ଟୁର: ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ବିରୋଧରେ ଏକ ସଡ଼କ ଦୁର୍ଘଟଣାରେ ଅଭିଯୋଗ ଆସିଛି। ପୋଲିସର ସୂଚନା ଅନୁଯାୟୀ, ଜଗନ ମୋହନ ରେଡ୍ଡି ପାଲନାଡୁର ରେଣ୍ଟାପାଲ୍ଲ ଗାଁ ଅଭିମୁଖେ ଯାଉଥିବା ସମୟରେ ତାଙ୍କ କାର ଜଣଙ୍କୁ ଧକ୍କା ଦେଇଥିଲା, ଯାହାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁଣ୍ଟୁର ଏସ୍‌ପି ସତୀଶ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ମାମଲା ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ରବିବାର ଜଣେ ବୃଦ୍ଧ ସିଙ୍ଗୈୟାଙ୍କର ଦୁର୍ଘଟଣା ହୋଇଥିଲା। ସେ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କର ପ୍ରଚୁର ରକ୍ତସ୍ରାବ ହେଉଥିଲା। ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ସମୟରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ ମୋହନ ରେଡ୍ଡିଙ୍କ କାର ଏକ୍ସପ୍ରେସ ବାଇପାସ ଦେଇ ଗଲା। ଏହି ସମୟରେ ସିଙ୍ଗୈୟା ତାଙ୍କ କାର ତଳେ ପଡ଼ିଗଲେ। ପୋଲିସ ସମ୍ପୂର୍ଣ୍ଣ ମାମଲାର ପ୍ରମାଣ ସଂଗ୍ରହ କରିଛି। ମୃତକଙ୍କ ପତ୍ନୀ ଚିଲି ଲୂର୍ଦ୍ଧୁ ମେରୀ ସ୍ଥାନୀୟ ପୋଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି।

## 'ୱିଙ୍ଗସ୍ ଟୁ ଆୱାର ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକର ପ୍ରଥମ କପି ଗ୍ରହଣ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ସୋମବାର ରାଷ୍ଟ୍ରପତି ଭବନ ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ୱିଙ୍ଗସ୍ ଟୁ ଆୱାର ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକ ଦ୍ୱିତୀୟ ଭାଗର ପ୍ରଥମ କପି ପ୍ରଦାନ କରିଛନ୍ତି। ଏହି ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱିତୀୟ ବର୍ଷର କାର୍ଯ୍ୟକାଳ ସମୟରେ ସେ ଦେଇଥିବା ଅଭିଭାଷଣର ସଂକଳନକୁ ନେଇ 'ୱିଙ୍ଗସ୍ ଟୁ ଆୱାର ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇଛି। ଏହା ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି। ସୋମବାର ସକାଳେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ସମାରୋହରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପୁସ୍ତକର ଦ୍ୱିତୀୟ ଭାଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୫୧ଟି ବକ୍ତା ବକ୍ତା ଭାଷଣ ରହିଛି। ଏଗୁଡ଼ିକୁ ୧୧ଟି ବିଭାଗରେ ବିଭକ୍ତ କରାଯାଇଛି। ବିଭାଗ ଗୁଡ଼ିକ ହେଲା: ଜାତି ଉଦ୍ଦେଶ୍ୟରେ ସମ୍ବୋଧନ, ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ, କର୍ମଯୋଗୀମାନଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ପ୍ରେରଣା, ସଶସ୍ତ୍ର ବାହିନୀ-ଆମର ଜାତୀୟ ଗର୍ବ, ନାଗରିକ ସଶକ୍ତିକରଣରେ ପ୍ରଶାସନର ଭୂମିକା, ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି, ବିଶ୍ୱ ସମ୍ପର୍କ ସ୍ଥାପନ ଓ ସୁଦୃଢ଼ୀକରଣ, ଆମର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ, କୃଷିରେ ନବସୃଜନ: ଭାରତର ଅଭିବୃଦ୍ଧିକୁ ଆଗେଇ ନେବା, ଆତ୍ମ ଓ ପ୍ରକୃତିକୁ ଏକୀକୃତ କରିବା, ଏବଂ ମହିଳା ସଶକ୍ତିକରଣ: ପ୍ରତିବନ୍ଧକକୁ ଭାଙ୍ଗିବା।

## ସମାଜବାଦୀ ପାର୍ଟିରୁ ତିନି ବିଧାୟକ ବିଦା



ନୂଆଦିଲ୍ଲୀ: ସମାଜବାଦୀ ପାର୍ଟିର ୩ ବିଧାୟକଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ଏହି ବିଧାୟକମାନେ ହେଲେ ଅଭୟ ସିଂହ, ରାକେଶ ସିଂହ ଓ ମନୋଜ ପାଣ୍ଡେ। ଏହି ୩ ଜଣଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଦଳରୁ ବହିଷ୍କାର କରାଯାଇଛି। ସମାଜବାଦୀ ପାର୍ଟି ଟା'ର ବିବୃତିରେ କହିଛି, ନେତାମାନଙ୍କୁ ମହିଳା ବିରୋଧୀ, ଚାଷୀ ବିରୋଧୀ, ଯୁବ ବିରୋଧୀ, ବ୍ୟବସାୟ ବିରୋଧୀ, ପଛୁଆ ବିରୋଧୀ, ଦଳିତ ବିରୋଧୀ ଏବଂ ସାମାନ୍ୟ ବର୍ଗର ଅଧିକାର ବିରୋଧରେ ରାଜନୈତିକ ଉପାଦାନ ଏବଂ ଚିନ୍ତାଧାରାକୁ ସକ୍ରିୟ ଭାବରେ ସମର୍ଥନ ଏବଂ ସାହାଯ୍ୟ କରିବା ପାଇଁ ଦାୟୀ କରିଛି। ଦଳ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ, ପୂର୍ବରୁ ତିନି ନେତାଙ୍କୁ ନିଜକୁ ସୁଧାରିବା ପାଇଁ ସମୟ ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ସମୟ ଶେଷ ହୋଇଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଜନ କଲ୍ୟାଣ କିମ୍ବା ଏହାର ମୂଳ ଆଦର୍ଶଗତ ଢାଞ୍ଚା ବିରୋଧରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦଳରେ କୌଣସି ସ୍ଥାନ ନାହିଁ।

## କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଉତ୍ତର ପ୍ରଦେଶର ବାରାଣସୀରେ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକରେ ଅଧ୍ୟକ୍ଷତା କରିବେ। ଏହି ବୈଠକରେ ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ପ୍ରତ୍ୟେକ ରାଜ୍ୟର ଦୁଇ ଜଣ ବରିଷ୍ଠ ମନ୍ତ୍ରୀ ଯୋଗଦେବେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିବେ। କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ରାଜ୍ୟକୁ ନେଇ ଗଠିତ। ଉତ୍ତର ପ୍ରଦେଶ ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଆନ୍ତଃରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଉଛି। ରାଜ୍ୟ ପୁନର୍ଗଠନ ଅଧିନିୟମ, ୧୯୫୬ ର ଧାରା ୧୫ ରୁ ୨୨ ଅନୁଯାୟୀ ପାଞ୍ଚଟି ଆଞ୍ଚଳିକ ପରିଷଦ ପ୍ରତିଷ୍ଠା କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ପାଞ୍ଚଟି ଜୋନାଲ ପରିଷଦର ଅଧ୍ୟକ୍ଷ ଏବଂ ସଦସ୍ୟ ରାଷ୍ଟ୍ର ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ/ଲେଫ୍ଟନାଣ୍ଟ ଗଭର୍ଣ୍ଣର/ପ୍ରଶାସକ ଏହାର ସଦସ୍ୟ ଅଟନ୍ତି। ଏହି ସଦସ୍ୟମାନଙ୍କ ମଧ୍ୟରେ, ଗୋଟିଏ ସଦସ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ (ପ୍ରତିବର୍ଷ ପରିବର୍ତ୍ତନ କରି) ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥାନ୍ତି। ପ୍ରତ୍ୟେକ ସଦସ୍ୟ ରାଜ୍ୟରୁ ରାଜ୍ୟପାଳ ଦୁଇ ଜଣ ମନ୍ତ୍ରୀଙ୍କୁ ପରିଷଦର ସଦସ୍ୟ ଭାବେ ମନୋନୀତ କରିଥାନ୍ତି। ପ୍ରତ୍ୟେକ କ୍ଷେତ୍ରୀୟ ପରିଷଦ ମଧ୍ୟ ମୁଖ୍ୟ ସଚିବ ସ୍ତରରେ ଏକ ସ୍ଥାୟୀ କମିଟି ଗଠନ କରିଛନ୍ତି। ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ପ୍ରସଙ୍ଗଗୁଡ଼ିକ ପ୍ରଥମେ ଆଲୋଚନା ପାଇଁ ସମ୍ପୃକ୍ତ କ୍ଷେତ୍ରୀୟ ପରିଷଦର ସ୍ଥାୟୀ କମିଟି ନିକଟରେ ଉପସ୍ଥାପନ କରାଯାଇଥାଏ। ସ୍ଥାୟୀ କମିଟି ଦ୍ୱାରା ବିଚାର କରାଯିବା ପରେ, ଅବଶିଷ୍ଟ ପ୍ରସଙ୍ଗଗୁଡ଼ିକ ପରବର୍ତ୍ତୀ ବିଚାରବିମର୍ଶ ପାଇଁ ଆଞ୍ଚଳିକ ପରିଷଦ ବୈଠକରେ ଉପସ୍ଥାପିତ ହୁଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସାମଗ୍ରିକ ବିକାଶ ପାଇଁ ସହଯୋଗାତ୍ମକ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ସଂଘୀୟ ବ୍ୟବସ୍ଥାର ଲାଭ ଉଠାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଖଣି କ୍ଷେତ୍ରର ସଂସ୍କାରଗୁଡ଼ିକ ଉପରେ ଆଲେଖ୍ୟ ଶେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଗତ ୧୧ ବର୍ଷରେ ଖଣି କ୍ଷେତ୍ରରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂସ୍କାରଗୁଡ଼ିକ ବିଷୟରେ ବର୍ଣ୍ଣନା କରୁଥିବା ଏକ ଆଲେଖ୍ୟ ଶେୟାର କରିଛନ୍ତି । ପରିବର୍ତ୍ତନକାରୀ ସଂସ୍କାର ସହ କିପରି ଖଣି କ୍ଷେତ୍ର ସମବାୟ ସଂଘୀୟତା ଏବଂ ସ୍ୱଚ୍ଛ ଶାସନର ପ୍ରତୀକ ଭାବରେ ସ୍ଥାପିତ ହୋଇଛ ସେ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି । କେନ୍ଦ୍ର ମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କ ପକ୍ଷରୁ ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି; 'କେନ୍ଦ୍ର ମନ୍ତ୍ରୀ ମନ୍ତ୍ରୀ କିଶନ ରେଡ୍ଡୀ ଲେଖିଛନ୍ତି ଯେ ଗତ ୧୧ ବର୍ଷରେ କରାଯାଇଥିବା ସଂସ୍କାରଗୁଡ଼ିକ ସମବାୟ ସଂଘୀୟତାକୁ ଖଣି କ୍ଷେତ୍ରର ପରିଚୟ କରିବା ସହ କେନ୍ଦ୍ର-ରାଜ୍ୟ ସହଯୋଗକୁ ମଜବୁତ କରିଛି ଏବଂ ସାମଗ୍ରିକ ଶାସନକୁ ଉନ୍ନତ କରିଛି ।'

### ଯମୁନୋତ୍ରୀରେ ବଡ଼ଧରଣର ଭୂସ୍ଖଳନ

## ମାଟି ତଳେ ଅନେକ ଯାତ୍ରୀ



ଉତ୍ତରାଖଣ୍ଡ: ଉତ୍ତରକାଶୀର ଯମୁନୋତ୍ରୀ ପଦଯାତ୍ରା ରାସ୍ତାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ରାସ୍ତାରେ ହଠାତ୍ ଭୂସ୍ଖଳନ ଯୋଗୁଁ ଯାତ୍ରୀମାନେ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ। ଏହି ଅଘଟଣରେ ମାଟି ଅତଡା ତଳେ ୩ ଜଣ ଶ୍ରଦ୍ଧାଳୁ ପୋତି ହୋଇ ପଡିଥିବା ଆଶଙ୍କା କରାଯାଉଛି। ଜିଲ୍ଲା ବିପର୍ଯ୍ୟୟ ନିୟନ୍ତ୍ରଣ କକ୍ଷ ଘଟଣାସ୍ଥଳରୁ ଛୋଟ ଝିଅର ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ଦେଇଛି। ସୋମବାର ଅପରାହ୍ନ ପ୍ରାୟ ୪ଟା ସମୟରେ, ଯମୁନୋତ୍ରୀ ଧାମ ପାଦଚଲା ପଥରେ ଭୈରବ ମନ୍ଦିର ନିକଟ ନୌ କୈଞ୍ଚିରେ ଭୂସ୍ଖଳନ ଘଟିଥିଲା। ପୋଲିସ ଏବଂ ଏସ୍‌ଡିଆର୍‌ଏଫ୍ ଦଳ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବର୍ତ୍ତମାନ, ସୁରକ୍ଷା କାରଣରୁ ପୋଲିସ ନୌକୈଞ୍ଚି ନିକଟରେ ପଦଯାତ୍ରୀଙ୍କ ଚଳାଚଳକୁ ନିଷେଧ କରିଛି। ପୋଲିସର ସୂଚନା ଅନୁଯାୟୀ, ପୋଲିସ ଏବଂ ଏସ୍‌ଡିଆର୍‌ଏଫ୍ ଦ୍ୱାରା ଜଣେ ଯାତ୍ରୀଙ୍କୁ ଭଗ୍ନାବଶେଷ ମଧ୍ୟରୁ ବାହାର କରି ଆହତ ଅବସ୍ଥାରେ ଚିକିତ୍ସା ପାଇଁ ପିଏଚ୍‌ସି ଜାନକିଚଟି ପଠାଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି। ଡାକ୍ତର ହରଦେବ ସିଂହ ପନୱାର କହିଛନ୍ତି ଯେ ସେ ବିପଦମୁକ୍ତ ଅଛନ୍ତି। ଉତ୍ତରକାଶୀ ଜିଲ୍ଲାଧିକାରୀ ଘଟଣା ଉପରେ ଲଗାତାର ନଜର ରଖି ରହିଛନ୍ତି ଓ କଣ୍ଟ୍ରୋଲ ରୁମରୁ ପ୍ରତି ମୁହୂର୍ତ୍ତ ମନିଟରିଂ କରାଯାଉଛି। ସମ୍ପର୍କିତ ସବୁ ଏଜେନ୍ସୀଙ୍କୁ ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପାଣିପାଗ ବିଭାଗ ଆଗାମୀ ଦିନମାନଙ୍କରେ ଭୀଷଣ ବର୍ଷା ସତର୍କତା ଜାରି କରିଛନ୍ତି। ଏଣୁ ଆଗକୁ ଚାରିଧାମ ଯାତ୍ରା କଷ୍ଟକର ହେବ ବୋଲି ଅନୁମାନ କରାଯାଉଛି।

## ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥିରେ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ନିଜ ଆବାସିକ କାର୍ଯ୍ୟାଳୟରେ ଭାରତର ପ୍ରଥମ ଉଦ୍ୟୋଗ ମନ୍ତ୍ରୀ, ମହାନ ଶିକ୍ଷାବିତ୍ ତଥା ଭାରତୀୟ ଜନ ସଂଘର ସଂସ୍ଥାପକ ଡକ୍ଟର ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥିରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ର ନିର୍ମାଣରେ ଡା. ମୁଖାର୍ଜୀଙ୍କ ଅତୁଳନୀୟ ଯୋଗଦାନ ରହିଥିବା ସେ କହିଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ଶ୍ୟାମାପ୍ରସାଦ ଦେଶର ଏକତା, ସାମାଜିକ ନ୍ୟାୟ ଏବଂ ଆତ୍ମ ନିର୍ଭର ଭାରତର ପରିକଳ୍ପନାକୁ ଶାକାର କରିବା ପାଇଁ ତାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସମର୍ପଣ କରିଥିଲେ। ସେ କେବଳ ଜଣେ କୁଶଳ ସଂଗଠକ ନଥିଲେ ବରଂ ଜଣେ ଦୂରଦ୍ରଷ୍ଟା ରାଷ୍ଟ୍ର ନାୟକ ଓ ଭାରତୀୟ ରାଜନୀତି ଏବଂ ରାଷ୍ଟ୍ରୀୟତା ତଥା ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିଥିଲେ। ସେ ଆହୁରି କହିଥିଲେ ଯେ, ଜନସଂଘ ମାଧ୍ୟମରେ ସେ ଏକ ନୂତନ ବିଚାରାଧାରାର ଜନକ ଥିଲେ। ରାଷ୍ଟ୍ରର ହିତ ପାଇଁ ସେ ନୂତନ ଦିଶା ଦେଉଥିଲେ। ସେ ଆହୁରି କହିଥିଲେ ତାଙ୍କ ଜୀବନୀ ଆମକୁ ରାଷ୍ଟ୍ର ସେବାରେ ଦୀକ୍ଷିତ କରାଯାଇଛି। ତାଙ୍କ ଆଦର୍ଶ ଆଜି ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି। ତାଙ୍କ ମାର୍ଗରେ ଚାଲିଲେ ଦେଶ ଓ ରାଜ୍ୟ ସମୃଦ୍ଧ, ସଶକ୍ତ ଏବଂ ଆତ୍ମ ନିର୍ଭର ହୋଇପାରିବ ବୋଲି ସେ କହିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଦିଲ୍ଲୀରେ ଚଳାଚଳ କରୁଥିବା ସମସ୍ତ ପୁରୁଣା ଗାଡିଗୁଡ଼ିକୁ ଜୁଲାଇ ୧ରୁ ଇନ୍ଧନ ଭରିବାକୁ ସୁଯୋଗ ଦିଆଯିବ ନାହିଁ। ଜୀବନ ଅବଧି ଶେଷ (ଇଓଏଲ୍) ହୋଇଥିବା ଗାଡି, ଅର୍ଥାତ୍ ୧୦ବର୍ଷରୁ ଅଧିକ ପୁରୁଣା ଡିଜେଲ ଗାଡି ଓ ୧୫ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଗାଡିଗୁଡ଼ିକୁ ପେଟ୍ରୋଲ/ଡିଜେଲ୍ ପମ୍ପଗୁଡ଼ିକରେ ଇନ୍ଧନ ଭରିବାକୁ ଅନୁମତି ଦିଆଯିବ ନାହିଁ। ଏହି ବର୍ଗର ପୁରୁଣା ଗାଡିଗୁଡ଼ିକ ଯେଉଁ ରାଜ୍ୟରେ ପଞ୍ଜୀକୃତ ହୋଇଥାଉନା କାହିଁକି ସେଗୁଡ଼ିକ ଦିଲ୍ଲୀରେ ଇନ୍ଧନ ଭରିପାରିବେ ନାହିଁ। ଏ ସମ୍ପର୍କରେ ଦିଲ୍ଲୀ କମିସନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶନାମା ଜାରି କରିଛନ୍ତି। ସିଏକ୍ୟୁଏମ୍ ଦିଲ୍ଲୀର ସମସ୍ତ ପେଟ୍ରୋଲ/ଡିଜେଲ୍ ପମ୍ପଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାହା ଜୁଲାଇ ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଦିଲ୍ଲୀରେ କେବଳ ଦିଲ୍ଲୀ ପଞ୍ଜିକୃତ ପୁରୁଣା ଗାଡିଗୁଡ଼ିକୁ ପୂର୍ବରୁ ଇନ୍ଧନ ଭରିବାକୁ ଅନୁମତି ଦିଆଯାଉ ନଥିଲା। ମାତ୍ର ଆଇନରେ ଥିବା ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀବାସୀ ସେମାନଙ୍କ ପୁରୁଣା ଗାଡିଗୁଡ଼ିକୁ ଅନ୍ୟ ରାଜ୍ୟରେ ପଞ୍ଜିକରଣ କରାଇ ନେଉଥିଲେ। କାରଣ ଅନ୍ୟ ରାଜ୍ୟର ପଞ୍ଜିକରଣ ଥିବା ପୁରୁଣା ଯାନବାହନକୁ ଦିଲ୍ଲୀର ପେଟ୍ରୋଲ ଓ ଡିଜେଲ ପମ୍ପରେ ଇନ୍ଧନ ଭରିବାକୁ ସୁଯୋଗ ମିଳୁଥିଲା।

### ମାଲାବାର ସୁନା ଏବଂ ହୀରାର ୪୦୦ତମ ଶୋ'ରୁମ୍ ଆରମ୍ଭ

## ୭୮ହଜାର କୋଟି ଟଙ୍କାରୁ ଅଧିକ ବ୍ୟବସାୟ ବୃଦ୍ଧି କରିବାକୁ ଲକ୍ଷ୍ୟ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଶ୍ୱର ସର୍ବବୃହତ ଅଳଙ୍କାର ମଧ୍ୟରୁ ଗୋଟିଏ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଖୁଚୁରା ବିକ୍ରେତା ଏହାର ୪୦୦ତମ ଶୋ'ରୁମ୍ ଆରମ୍ଭ ସହିତ ଗର୍ବର ସହିତ ଏକ ପ୍ରମୁଖ ବିଶ୍ୱ ମାଇଲଖୁଣ୍ଟ ସ୍ଥାପନ କରୁଛି। ଏହି ଐତିହାସିକ ବିସ୍ତାର ନୋଏଡାର ସେକ୍ଟର ୧୮ରେ ଏକ ନୂତନ ଶୋ'ରୁମ୍ ଖୋଲିବା ଦ୍ୱାରା ଚିହ୍ନିତ ହୋଇଥିଲା, ଯାହା ବ୍ରାଣ୍ଡର ଦ୍ରୁତ ବିଶ୍ୱ ପ୍ରସାରଣକୁ ସୁଦୃଢ଼ କରିଥିଲା। ମାଲାବାରର ୪୦୦ତମ ଶୋ'ରୁମ୍ ଆରମ୍ଭ ଏକ ବ୍ୟାପକ ରଣନୀତିର ଅଂଶ ଯାହା ସମଗ୍ର ଭାରତ ଏବଂ ବିଶ୍ୱ ସ୍ତରରେ ମାଲାବାରର ଉପସ୍ଥିତିକୁ ଗଭୀର କରିବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନର ୬୩ ହଜାର କୋଟି ଟଙ୍କାର କାରବାର ଏବଂ ୧୩ଟି

MALABAR GOLD & DIAMONDS

ଦେଶରେ ଉପସ୍ଥିତି ସହିତ, ବ୍ରାଣ୍ଡ ୭୮ହଜାର କୋଟି ଟଙ୍କା ରାଜସ୍ୱକୁ ବୃଦ୍ଧି କରିବା ଏବଂ ୬୦ଟି ଶୋ'ରୁମ୍ ଖୋଲିବା ପାଇଁ ଲକ୍ଷ୍ୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ୧୫ଟି ଦେଶ ଏବଂ ୨୨ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଭାରତରେ ଏହାର ଉପସ୍ଥିତିକୁ ବିସ୍ତାର କରୁଛି। ଏହି ବ୍ୟାପକ ବ୍ୟବସାୟ ରଣନୀତି ଅଛି ଯାହା ୬୦ଟି ନୂତନ ଶୋ'ରୁମ୍ ଏବଂ ଉତ୍ପାଦନ ୟୁନିଟ୍ ସହିତ ବିସ୍ତାର କରିବା ଲକ୍ଷ୍ୟ ରଖିଛି । ଯାହା ଚଳିତ ଆର୍ଥିକ ବର୍ଷରେ ୭୮ହଜାର କୋଟିର କାରବାର ପାଇଁ ଲକ୍ଷ୍ୟ ରଖିଛି ଏବଂ ଅଭିବୃଦ୍ଧିକୁ ୫,୦୦୦ କୋଟିରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମାଲାବାର ଗ୍ରୁପର ଉପାଧ୍ୟକ୍ଷ ଅବଦୁଲ ସଲାମ କେପି ମତ ଦେଇଛନ୍ତି। ଏଥି ସହିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପରିଚାଳନା ନିର୍ଦ୍ଦେଶକ ଇଣ୍ଡିଆ ଅପରେସନ୍ସ ଆଶେର କହିଛନ୍ତି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସାରା ଭାରତରେ ବହୁତ ଭଲ ଅଗ୍ରଗତି କରୁଛି, ଯାହା ଆମର ସବୁଠାରୁ ବଡ଼ ବଜାର ଏବଂ ସୁଯୋଗ ରହିଛି, ଏବଂ ଅଭିବୃଦ୍ଧି ଗତି ଜାରି ରଖିବା ପାଇଁ ଆମର ସ୍ପଷ୍ଟ ଯୋଜନା ଅଛି। ଆମେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୨୨ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିବା ସହିତ ବିଦ୍ୟମାନ ଏବଂ ନୂତନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବୁ।

## ବନ୍ଧନ ବ୍ୟାଙ୍କ ପକ୍ଷରୁ୧୮ଟି ଶାଖାର ଶୁଭାରମ୍ଭ




ନୂଆଦିଲ୍ଲୀ: ଓଡ଼ିଶାରେ ତିନିଟି ନୂଆଶାଖା ଖୋଲା ଯାଇଥିବା ବିଷୟରେ ବନ୍ଧନ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ଝାଡ଼ଖଣ୍ଡରେ ୭ଟି, ଆନ୍ଧ୍ରପ୍ରଦେଶରେ ୫ଟି ଓ ବିହାରରେ ୩ଟି ଶାଖା ସମେତ ଚାରିଟି ରାଜ୍ୟରେ ୧୮ଟି ଶାଖାର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତାଙ୍କ ସମେତ ଇଡି ଓ ସିବିଓ ରାଜିନ୍ଦର କୁମାର ବବର, ଇଡି ଓ ସିଓଓ ରତନ କୁମାର କେଶ ଓ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଶାଖାଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାରେ ଖୋଲା ଯାଇଥିବା ନୂଆ ଶାଖାଗୁଡ଼ିକ କନ୍ଧମାଳ (ବାଲିଗୁଡ଼ାଶାଖା), ବରଗଡ଼ (ବରପାଲିଶାଖା) ଓ ବଲାଙ୍ଗୀରରେ (କଂଟାବାଞ୍ଜି) ଖୋଲାଯାଇଛି। ଏହି ନୂଆ ଶାଖାଗୁଡ଼ିକ ରାଜ୍ୟର ଅର୍ଦ୍ଧ ସହରାଞ୍ଚଳଗୁଡ଼ିକରେ ସେବା ପ୍ରଦାନ କରିବେ। ସର୍ବଭାରତୀୟ ସ୍ତରରେ ବିବିଧତା ଓ ଦୃଢ଼ ଉପସ୍ଥିତି ଉପସ୍ଥାପନ କରିବା ଲାଗି ବ୍ୟାଙ୍କର ରହିଥିବା ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଅନୁସାରେ ଶାଖା ନେଟ୍‌ୱର୍କର ସମ୍ପ୍ରସାରଣ କରାଯାଇଛି। ଓଡ଼ିଶାରେଏହି ତିନି ନୂଆ ଶାଖାସମେତ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ୨୫୯ ଆଉଟଲେଟ୍ ଓ ସାରା ଭାରତରେ ୬୩୦୦ରୁ ଅଧିକ ବ୍ୟାଙ୍କିଂ ଆଉଟ୍‌ଲେଟ୍‌ର ଦୃଢ଼ ନେଟ୍‌ୱର୍କ ଜରିଆରେ ଗ୍ରାହକଙ୍କୁ ସେବା ପ୍ରଦାନ କରାଯିବ। ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତିମସେନ ଗୁପ୍ତା କହିଛନ୍ତି ଯେ, 'ଉଦୀୟମାନ ଆବଶ୍ୟକତା ପୂରଣ କରିବା ଲାଗି ଆମ ଉତ୍ପାଦ ଓ ସେବାକୁ ଗ୍ରହଣ କରି ଆମେ ଉଲ୍ଲେଖନୀୟ ଗ୍ରାହକ ଅନୁଭୂତି ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ଏହା ସହିତ ଓଡ଼ିଶାରେ ତିନିଟି ନୂଆ ଶାଖା ସମେତ ଚାରିଟି ରାଜ୍ୟରେ ୧୮ଟି ଶାଖା ଖୋଲା ଯାଇଥିବ ।ଘୋଷଣା କରି ଆମେ ଉଲ୍ଲସିତ। ବନ୍ଧନ ବ୍ୟାଙ୍କର ଉପସ୍ଥିତି ଏବେ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ୩୫ଟିରେ ରହିଛି।

## ଲଜାଇଲର ନୂତନ ଗ୍ଲୋବାଲ୍ ଇନୋଭେସନ୍ ସେଣ୍ଟର ଉଦ୍‌ଘାଟନ କଲେ ମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଭୁବନେଶ୍ୱରରେ ରିଟେଲ ଅପ୍ଟିମାଇଜେସନ୍ ଏବଂ ଯୋଗାଣ ଶୃଙ୍ଖଳା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ଲଜାଇଲର ନୂତନ ଗ୍ଲୋବାଲ୍ ଇନୋଭେସନ୍ ସେଂଟରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ,ଏଆଇ ବିପ୍ଲବରେ ଅଗ୍ରଣୀ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି। ସେ କହିଛନ୍ତି ଯେ, 'ଆମର ଏଆଇ ନୀତି ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦନ ପାଇଛି, ଯାହା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଓଡ଼ିଶାକୁ ଏକ ନେତୃତ୍ୱ ଭାବରେ ସ୍ଥାନିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରମୁଖ ସଚିବ ବିଶାଲ ଦେବ ଭୁବନେଶ୍ୱରକୁ ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ଭାବରେ ଉନ୍ନୀତ କରିବା ପାଇଁ ରାଜ୍ୟର ମହତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, 'ଆମର ଲକ୍ଷ୍ୟ ହେଉଛି ପ୍ରତିଦିନ ଏକ ନୂତନ ଆଇଟି କମ୍ପାନୀକୁ ଭୁବନେଶ୍ୱରକୁ ଆକର୍ଷିତ କରିବା।' ଲଜାଇଲର ଆଗାମୀ ସମ୍ପ୍ରସାରଣ ବିଷୟରେ ଆଲୋଚନା କରି ଶ୍ରୀ ଦେବ ଜୋର ଦେଇ କହିଛନ୍ତି, 'ଲଜାଇଲ କେବଳ ଖର୍ଚ୍ଚ ଦକ୍ଷତା ନୁହେଁ, ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ମଧ୍ୟ ପ୍ରତିବଦ୍ଧ। ସେମାନେ ଖୁବ୍ ଶୀଘ୍ର ଏଠାରେ ନିଜର କ୍ୟାମ୍ପସ୍ ପ୍ରତିଷ୍ଠା କରିବେ, ଏବଂ ଏହି ଅଭିବୃଦ୍ଧିକୁ ସହଜ କରିବା ପାଇଁ ସରକାର ପୂର୍ଣ୍ଣ ସମର୍ଥନ ଯୋଗାଇବେ।' ଲଜାଇଲର ପ୍ରତିଷ୍ଠାତା ଓ ସିଇଓ ପୂର୍ଣ୍ଣ ମିଶ୍ର ତାଙ୍କ ନିଜ ରାଜ୍ୟରେ ଏହି ସେଣ୍ଟର୍ ସ୍ଥାପିତ ହେବାକୁ ନେଇ ଗର୍ବିତ ଅନୁଭବ କରିବା ସହ ଉଲ୍ଲେଖ କରିଛନ୍ତି, ଏହି କେନ୍ଦ୍ର ଉଦ୍ଭାବନ ପାଇଁ ଆମର ଦୃଷ୍ଟିକୋଣ ଏବଂ ଏକ ଟେକ୍ନୋଲୋଜି ହବ୍ ଭାବେ ଓଡିଶାର ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ସ୍ୱତନ୍ତ୍ର ସଚିବ (ଆଇଟି ଆଣ୍ଡ ଇ) ମାନସ ପଣ୍ଡା ଏବଂ ଲଜାଇଲର ଭାରତ ମୁଖ୍ୟ ଶୁଭାଶିଷ ପଟ୍ଟନାୟକ ଏହି ଅବସରରେ ଯୋଗ ଦେଇଥିଲେ ଏବଂ ରାଜ୍ୟ ଆଇଟି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଏବଂ ଓଡ଼ିଶା କିପରି ଦେଶର ଏକ ପ୍ରମୁଖ ଆଇଟି ହବ୍‌ରେ ପରିଣତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ।

## ଓପୋ ପକ୍ଷରୁ କେ୧୩ଏକ୍ସ ୫ଜି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଓପୋ ଇଣ୍ଡିଆ ପକ୍ଷରୁ ନିଜ ସେଗମେଣ୍ଟର ସବୁଠାରୁ ମଜବୁତ ୫ଜି ସ୍ମାର୍ଟଫୋନ ଓପୋ କେ୧୩ଏକ୍ସ ୫ଜିର ଶୁଭାରମ୍ଭ କରାଯାଇଛି। ଏହି ସ୍ମାର୍ଟଫୋନକୁ ସ୍ଥାୟିତ୍ୱ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଚାହୁଁଥିବା ଛାତ୍ରଛାତ୍ରୀ ଓ ଯୁବ ପେସାଦାରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। କେ୧୩ଏକ୍ସ ୫ଜି ଏସ୍‌ଜିଏସ ଗୋଲ୍ଡ ଡ୍ରପ ସାର୍ଟିଫିକେଶନ, ଏସ୍‌ଜିଏସ ମିଲିଟାରୀ ଷ୍ଟାଣ୍ଡାର୍ଡ ସାର୍ଟିଫିକେଶନ ଓ ଏମ୍‌ଆଇଏଲ-ଏସ୍‌ଟିଡି ୮୧୦ଏଚ ମିଲିଟାରୀ-ଗ୍ରେଡ ଷ୍ଟାଣ୍ଡାର୍ଡ ସହ ଆସୁଛି । ଯାହା ଏହାକୁ ନିଜ ଶ୍ରେଣୀର ସବୁଠାରୁ ମଜବୁତ ଡିଭାଇସରେ ପରିଣତ କରୁଛି। ଏହାର ୩୬୦ ଡିଗ୍ରୀ ଡ୍ୟାମେଜ-ପ୍ରୁଫ ଆର୍ମର ବଡିକୁ ଏରୋସ୍ପେସ-ଗ୍ରେଡ ଏଏମ୦୪ ଆଲୁମିନିୟମ ଆଲୟର ବ୍ୟବହାର କରି ନିର୍ମାଣ କରାଯାଇଥିବା ବେଳେ କ୍ରିଷ୍ଟାଲ ସିଲ୍ଡ ଗ୍ଲାସ ସହ ସୁଦୃଢ କରାଯାଇଛି ଏବଂ ଡିପ୍-ସି ସ୍ପ ଦ୍ୱାରା ଅନୁପ୍ରାଣିତ ଏକ ବାୟୋମିମେଟିକ ସ୍ପ ସକ୍ ଆବ୍‌ଜରପ୍ସନ ସିଷ୍ଟମ ଦ୍ୱାରା ଉନ୍ନତ କରାଯାଇଛି। ଏହି ଶୁଭାରମ୍ଭ ଅବସରରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ, ସାଭିଓ ଡି'ସୁଜା କହିଛନ୍ତି, 'ଓପୋ ୧୩ଏକ୍ସ ୫ଜି ସହିତ ଆମେ ଜେନ୍ ଜିଙ୍କ ବାସ୍ତବ ଦୁନିଆର ଆବଶ୍ୟକତା ଯେପରିକି ଚମତ୍କାର ସ୍ଥାୟିତ୍ୱ, ସୁଗମ କାର୍ଯ୍ୟଦକ୍ଷତା ଓ ଉନ୍ନତ ଶକ୍ତି ଦକ୍ଷତାକୁ ସୁଲଭ ମୂଲ୍ୟରେ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ।

## ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗରେ ନୂତନ ଅଗ୍ନିବାହନ ସାମିଲ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗ ଗୋଟିଏ ନୂତନ ଫୋମ୍ ଫାୟାର ଟେଣ୍ଡର ଏବଂ ଦୁଇଟି ଫାୟାର ମାଷ୍ଟର ଜିପ୍ ସାମିଲ କରି ଏହାର ଜରୁରୀକାଳୀନ ପ୍ରତିକ୍ରିୟା ବାହନସମୂହକୁ ବୃଦ୍ଧି କରିଛି। ଜୁନ୍ ୨୧ ତାରିଖରେ କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକାଲ୍ ଓ ସମ୍ବ ବିଭାଗର ସିଜିଏମ ଇନ ଚାର୍ଜ ଆର ଏନ୍ ରାଜେନ୍ଦ୍ରନ୍, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଆଶା ଏସ୍ କାର୍ଥା, ପ୍ଲେଟ ମିଲ ବିଭାଗର ସିଜିଏମ ଏତୁଆ ଓରାମ, ମେକାନିକାଲ୍ ବିଭାଗର ସିଜିଏମ ଡି ପାଲୋ ଏବଂ ଅଗ୍ନିଶମ ସେବା ବିଭାଗର ଜିଏମ ଜେ ବି ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ବାହନଗୁଡ଼ିକୁ କମିଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଯୋଗାଣକାରୀ ମେସର୍ସ ରୋହିତ ଏଣ୍ଟରପ୍ରାଇଜେସ୍, ନୂଆଦିଲ୍ଲୀ ଏବଂ ମେସର୍ସ ଇଣ୍ଟିଗ୍ରେଟେଡ୍ ଫାୟାର ପ୍ରୋଟେକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍, କୋଲକାତାର ପ୍ରତିନିଧିଙ୍କ ସମେତ ଆରଏସପିର ବହୁ ଅଗ୍ନିଶମ ସେବା କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଭାବରେ ସାମିଲ ହୋଇଥିବା ଯାନଗୁଡ଼ିକ ଅତ୍ୟାଧୁନିକ ଅଗ୍ନି ନିର୍ବାପନ ପ୍ରଣାଳୀ ଏବଂ ପ୍ରକ୍ସିମିଟି ସୁଟ୍ ସମେତ ଉନ୍ନତ ଉଦ୍ଧାର ଗିଅର୍ ସହିତ ସଜ୍ଜିତ ଅଟେ। ଉଚ୍ଚ ଦକ୍ଷତା ଏବଂ ଦ୍ରୁତ ପ୍ରତିକ୍ରିୟା ପାଇଁ ଡିଜାଇନ୍ ହୋଇଥିବା ଏହି ଯାନଗୁଡ଼ିକ ପ୍ଲାଣ୍ଟ ଏବଂ ଟାଉନସିପ୍ ମଧ୍ୟରେ ସଂକୀର୍ଣ୍ଣ ଏବଂ ଭିଡ଼ ଅଞ୍ଚଳଗୁଡ଼ିକୁ ଯାଇ ପାରିବ, ଜରୁରୀକାଳୀନ ସମୟରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବ। ସେମାନଙ୍କର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପ୍ରତିକ୍ରିୟା ସମୟ ହ୍ରାସ କରିବ ଏବଂ ସାମଗ୍ରିକ ଅଗ୍ନି ନିରାପତ୍ତା ଭିତ୍ତିଭୂମିକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶୁଭବ୍ରତ ସାହୁ ସଂଯୋଜନା କରିଥିଲେ।

## ଇପିଏଫ୍‌ଓରେ ୧୯ ଲକ୍ଷ ନୂଆ ସଦସ୍ୟ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରେ ଚଳିତ ବର୍ଷ ଏପ୍ରିଲ୍‌ରେ ୧୯.୧୪ ଲକ୍ଷ ସଦସ୍ୟ ଯୋଡ଼ି ହୋଇଛନ୍ତି। ସେଥିରୁ ୮.୪୯ ଲକ୍ଷ ହେଉଛନ୍ତି ନୂଆ ସଦସ୍ୟ। ବର୍ଦ୍ଧିତ ନିଯୁକ୍ତି ସୁଯୋଗ, କର୍ମଚାରୀ ଲାଭକୁ ନେଇ ସଚେତନତାରେ ବୃଦ୍ଧି ଓ ଇପିଏଫ୍‌ଓର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ପାଇଁ ସଦସ୍ୟ ସଂଖ୍ୟା ବଢୁଥିବା ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥର ୧୮-୨୫ ବର୍ଷ ବୟସ ବର୍ଗରେ ୪.୮୯ ଲକ୍ଷ ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ତୁଳନାରେ ଏପ୍ରିଲ୍‌ରେ ଏହି ବର୍ଗରେ ନୂଆ ସଦସ୍ୟ ସଂଖ୍ୟା ୧୦ ପ୍ରତିଶତ ବଢ଼ିଛି। କୌଣସି ନା କୌଣସି କାରଣ ପାଇଁ ପୂର୍ବରୁ ଇପିଏଫ୍‌ଓରୁ ବାହାରି ଯାଇଥିବା ୧୫.୭୭ ଲକ୍ଷ ସଦସ୍ୟ ଗତ ଏପ୍ରିଲ୍‌ରେ ପୁଣି ଥରେ ଫେରିଛନ୍ତି। ସେମାନେ ନିଜ ଚାକିରି ବଦଳାଇ ଥାଇପାରନ୍ତି ବୋଲି ବିଚାର କରାଯାଉଛି। ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରୁ ସର୍ବାଧିକ ୨୧.୨୨ ପ୍ରତିଶତ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏହା ବ୍ୟତୀତ କର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ତେଲେଙ୍ଗାନା ମଧ୍ୟ ୫ ପ୍ରତିଶତରୁ ଅଧିକ ସସଦ୍ୟ ଯୋଡ଼ିଛନ୍ତି।



ନୂଆଦିଲ୍ଲୀ: ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ରାଜନୀତିରେ ପ୍ରବେଶକୁ ସ୍ପଷ୍ଟ ଭାବେ ମନା କରି ଦେଇଛନ୍ତି । ସେ ଏହା ମଧ୍ୟ କହିଛନ୍ତି, ଭାରତୀୟ ଦଳର କୋଚ୍ ହେବା ପାଇଁ ତାଙ୍କର କୌଣସି ଆପତ୍ତି ନାହିଁ । ଜୁଲାଇ ମାସରେ ୫୩ ବର୍ଷ ବୟସରେ ପାଦ ଦେବାକୁ ଯାଉଥିବା ଗାଙ୍ଗୁଲି ୨୦୧୮-୧୯ ଓ ୨୦୨୨-୨୪ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ନିର୍ଦ୍ଦେଶକ ଥିଲେ । ଭାରତୀୟ ଦଳର କୋଚ୍ ହେବାକୁ ନେଇ ପିଟିଆଇକୁ ଦେଇଥିବା ପଡକାଷ୍ଟ ସାକ୍ଷାତକାରରେ ଗାଙ୍ଗୁଲି କହିଛନ୍ତି, ମୁଁ ଏହି ବିଷୟରେ ଚିନ୍ତା କରି ନାହିଁ, କାରଣ ମୁଁ ଭିନ୍ନ ଭିନ୍ନ ଭୂମିକାରେ ରହି ଆସିଛି । ସେ ଏହା ମଧ୍ୟ କହିଛନ୍ତି, ମୁଁ ୨୦୧୩ରେ ପ୍ରତିଯୋଗିତାମୂଳକ କ୍ରିକେଟ୍ ଖେଳରୁ ସନ୍ନ୍ୟାସ ନେଇଥିଲି । ପୁଣି ବିସିସିଆଇର ଅଧ୍ୟକ୍ଷ ହେଲି । କଣ ଭାରତର କୋଚ୍ ହୋଇ ଆହୁରି ଯୋଗଦାନ ଦେଇ ପାରିବେ ? ଗାଙ୍ଗୁଲି କହିଛନ୍ତି ଦେଖିବା ଆଗକୁ କଣ ହେଉଛି । ମୋର ବୟସ ୫୦ ବର୍ଷରୁ ଅଧିକ ହେଲାଣି । ଦେଖିବା ଆଗକୁ କଣ ହେଉଛି । ମୋତେ ଏଥିରେ କୌଣସି ଆପତ୍ତି ନାହିଁ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେ ରାଜନୀତିକୁ ଆସିବେ ନାହିଁ । ପଶ୍ଚିମବଙ୍ଗରେ ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ କଣ ସେ କୌଣସି ରାଜନୀତି ପାର୍ଟିରେ ସାମିଲ ହେବେ । ଏଥିରେ ସ୍ମିତହାସ୍ୟ ଦେଇ ଗାଙ୍ଗୁଲି କହିଛନ୍ତି, ରାଜନୀତି ପ୍ରତି ମୋର କୌଣସି ରୁଚି ନାହିଁ । ଯଦି ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦିଆଯାଏ ତଥାପି ମୋର କୌଣସି ରୁଚି ନାହିଁ ବୋଲି ଗାଙ୍ଗୁଲି କହିଛନ୍ତି ।

### ଭାରତ-ଇଂଲଣ୍ଡ ଟେଷ୍ଟର ଚତୁର୍ଥ ଦିନ

# ଇଂଲଣ୍ଡକୁ ୩୭୧ ରନ୍‌ର ଟାର୍ଗେଟ

ହେଡିଙ୍ଗଲେ: ହେଡିଙ୍ଗଲେ ଟେଷ୍ଟର ୪ର୍ଥ ଦିନରେ ଭାରତୀୟ ଦଳ ନିଜର ୨ୟ ଇନିଂସରେ ୩୬୪ ରନରେ ଅଲଆଉଟ ହୋଇଯାଇଛି । ଏହା ଫଳରେ ଇଂଲଣ୍ଡ ଆଗରେ ୩୭୧ ରନର ଲକ୍ଷ୍ୟ ରହିଛି । ୨ୟ ଇନିଂସରେ ଭାରତ ପକ୍ଷରୁ କେଏଲ ରାହୁଲ ଓ ଋଷଭ ପନ୍ତ ଶତକ ଅର୍ଜନ କରିଛନ୍ତି । କେଏଲ ରାହୁଲ ୧୩୭ ରନ କରିଥିବାବେଳେ ପନ୍ତ ୧୧୮ ରନ କରିଛନ୍ତି । ପନ୍ତ ପ୍ରଥମ ଇନିଂସରେ ବି ଶତକ ଅର୍ଜନ କରିଥିଲେ । ସେହିପରି ସାଇ ସୁଦର୍ଶନ ୩୦ ଓ ରବୀନ୍ଦ୍ର ଜାଡେଜା ୨୫ ରନ କରିଥିଲେ । ଶେଷ ୬ ୱିକେଟ୍ ମାତ୍ର ୩୧ ରନରେ ହରାଇବାରୁ ଭାରତ ବଡ ସ୍କୋର କରିବାରେ ବିଫଳ ହୋଇଥିଲା । ପ୍ରଥମ ଇନିଂସରେ ଭାରତ ୪୭୧ ରନ କରିଥିବାବେଳେ ଇଂଲଣ୍ଡ ୪୬୫ ରନ କରିଥିଲା । ଭାରତୀୟ କ୍ରିକେଟ୍




ଇତିହାସରେ ଏହା କେବଳ ଦ୍ୱିତୀୟ ଥର ଯେ ବିଦେଶରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଭାରତର ୪ ଜଣ ବ୍ୟାଟ୍ସମ୍ୟାନ୍ ଶତକ ହାସଲ କରିଛନ୍ତି । ଏହା ପୂର୍ବରୁ ଏହି ସଫଳତା ୨୦୦୭ ମସିହାରେ ହାସଲ କରାଯାଇଥିଲା । ତାପରେ ଭାରତର ଚାରି ଜଣ ବ୍ୟାଟ୍ସମ୍ୟାନ୍ ବାଂଲାଦେଶ ବିପକ୍ଷରେ ତାଙ୍କ ଘରେ ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ୪ଟି ଶତକ ହାସଲ କରିଥିଲେ । ତାପରେ ଦିନେଶ କାର୍ତ୍ତିକ (୧୨୯), ୱାସିମ୍ ଜାଫର (୧୩୮), ରାହୁଲ ଦ୍ରାବିଡ୍ (୧୨୯) ଏବଂ ସଚିନ୍ ତେନ୍ଦୁଲକର (୧୨୨) ଭାରତ ପାଇଁ ଶତକ ହାସଲ କରିଥିଲେ । ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନହରାଇ ୬ ଓଭରରେ ୨୧ରନ୍ ସଂଗ୍ରହ କରି ନେଇଛି । ଦଳ ପକ୍ଷରୁ ଜାକ୍ କ୍ରାୱଲେ ୧୨ ଓ ବେନ୍ ଡକେଟ୍ ୯ ରନ୍ କରିଛନ୍ତି ।

## ଯୋଗ୍ୟତା ଅର୍ଜନ କଲା କାନାଡା, ଖେଳିବ ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ: ଆମେରିକାରେ ଅନୁଷ୍ଠିତ କ୍ୱାଲିଫାୟର୍ସରେ ବାହାମାସକୁ ୭ୱିକେଟରେ ପରାସ୍ତ କରି କାନାଡାର ପୁରୁଷ କ୍ରିକେଟ ଦଳ ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଦଳ ଟୁର୍ଣ୍ଣାମେଣ୍ଟରେ ୫ଟି ମ୍ୟାଚ ଖେଳିଥିବା ବେଳେ ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା । କାନାଡା ଗତବର୍ଷ ଆମେରିକାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ମଧ୍ୟ ସ୍ଥାନ ପାଇଥିଲା । ଏହି ଦଳ ବର୍ତ୍ତମାନ ଆସନ୍ତା ଟି୨୦ ଇଭେଣ୍ଟ ଲାଗି ଗତ ଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ସହିତ ଯୋଗଦେଇଛି । ଆହୁରି ୭ଟି ଦଳ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ । ୟୁରୋପିଆନ କ୍ୱାଲିଫାୟର୍ସ (ଜୁଲାଇ ୫ରୁ ୧୧) ଦୁଇଟି, ଆଫ୍ରିକା କ୍ୱାଲିଫାୟର (ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪) ଦୁଇଟି ଏବଂ ଏସିଆ-ଇଏପି କ୍ୱାଲିଫାୟର (ଅକ୍ଟୋବର ୧ରୁ ୧୭)ରୁ ୩ଟି ଦଳ ଆଞ୍ଚଳିକ କ୍ୱାଲିଫାୟର୍ସ ଯୋଗେ ପୁରୁଷ ଟି୨୦ ବିଶ୍ୱକପ୍ ?ରେ ଅଂଶଗ୍ରହଣ କରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ କୁହାଯାଇଛି । ସ୍ଥାନୀୟ କିଙ୍ଗ୍ ସିଟି ଅନ୍ତର୍ଗତ ମାପଲ ଲିଫ୍ ନର୍ଥ-ୱେଷ୍ଟ ଗ୍ରାଉଣ୍ଡରେ କାନାଡା ଏହାର ଫାଇନାଲ ଗେମ୍‌ରେ ଟସ୍ ଜିତି ବୋଲିଂ ନେଇଥିଲା । ବାହାମାସ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୧୯.୫ ଓଭରରେ ୫୬ରନ୍ କରି ଅଲଆଉଟ ହୋଇଯାଇଥିଲା । କାନାଡାର ପେସ୍-ସ୍ୱିନ୍ ଯୋଡ଼ି କଲିମ ସାନା (୩/୬) ଓ ଶିଭମ ଶର୍ମା (୩/୧୬) ଚମତ୍କାର ବୋଲିଂ କରି ମିଳିତ ଭାବେ ୬ ୱିକେଟ ଅକ୍ତିଆର କରିଥିଲେ । କାନାଡା ମାତ୍ର ୫.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ପକ୍ଷରୁ ପ୍ରଭାବୀ ବ୍ୟାଟିଂ ସହ ଦିଲପ୍ରୀତ ବାଜୱା ୩୬ ରନ୍ କରି ଅପରାଜିତ ରହିଥିଲେ । ନିକୋଲାସ କିର୍ଟନଙ୍କ ନେତୃତ୍ୱରେ କାନାଡା ୧୧୦ରନରେ ବରମୁଡାକୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଥିଲା ।


कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, डालटनगंज
अल्पकालीन पुर्न ई–निविदा आमंत्रण सूचना संख्या – 05 RIII / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

1. कार्य का नाम : दिनांक–23.06.2025

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | EE/RWD/ DALTONGANJ /17/2024-25 | जरका मोड़ मंदिर से गेरूआ भाया कांदु टोला तक पथ निर्माण । 2.00कि0मी0 | 214.650 | दो करोड़ चौदह लाख पैंसठ हजार रू0 मात्र | 09 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई–निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज ।

PR 355757 Rural Development(25-26)D


## ହକିରୁ ଅବସର ନେଲେ ଲଳିତ ଉପାଧ୍ୟାୟ

ନୂଆଦିଲ୍ଲୀ: ଭାରତର ଭେଟେରାନ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି । ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ଲଳିତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ୨୦୧୪ ବିଶ୍ୱକପ୍‌ରେ ଲଳିତଙ୍କ ପ୍ରଥମ ପଦାର୍ପଣ ହୋଇଥିଲା । ତାଙ୍କ ଉପସ୍ଥିତିରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା । ୩୧ ବର୍ଷୀୟ ଲଳିତ ୟୁରୋପିଆନ ଲେଗ୍‌ରେ ରବିବାର ଭାରତର ବେଲଜିୟମ ବିପକ୍ଷରେ ଅନ୍ତିମ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ ପରେ ଏକ ସୋସିଆଲ ମିଡିଆରେ ଏକ ହୃଦୟସ୍ପର୍ଶୀ ପୋଷ୍ଟ କରି ଅବସର ଘୋଷଣା କରିଛନ୍ତି ।


## ଜାତୀୟ ମିନି ଗଲ୍ଫ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ନାଗପୁର ଯାତ୍ରା

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଚଳିତ ମାସ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ନାଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଦଶମ ଜାତୀୟ ବରିଷ୍ଠ ମିନି ଗଲ୍ଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ପୁରୁଷ ଓ ମହିଳା ଦଳ ନାଗପୁର ଯାତ୍ରା କରିଛି । ୫ଜଣିଆ ପୁରୁଷ ଦଳର ଅଧିନାୟକ ଓ କୋଚ ଭାବେ ବିକାଶ ଚନ୍ଦ୍ର ପଟ୍ଟନାୟକ ରହିଥିଲା ବେଳେ ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ଦଳରେ ସାମିଲ ଅଛନ୍ତି । ସେହିପରି ମହିଳା ଦଳର ନେତୃତ୍ୱ ସୌମ୍ୟାଶ୍ରୀ ରଥ ନେଉଥିବା ବେଳେ କୋଚ ଭାବେ ଅଭିସ୍ପା ପଣ୍ଡା ଓ ମ୍ୟାନେଜର ଭାବେ ଲତା ସମର୍ଥା ଦଳ ସହ ଯାତ୍ରା କରୁଛନ୍ତି । ଦଳର




ଅନ୍ୟ ଖେଳାଳିମାନେ ହେଲେ ଅନିକା ପଟ୍ଟନାୟକ, ଆଦିତି ପାଟିଲ, ରେଶମା ମାଝି ଓ ଆଇଶା ଘଟୁଆଳ । ବିଗତ ବର୍ଷ ଭଳି ଚଳିତ ଥର ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମିନି ଗଲ୍ଫ ଆସୋସିଏସନର ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି ।ବିଶିଷ୍ଟ ଫୁଟବଲ କୋଚ ଜୟଦେବ ମହାପାତ୍ର ଓ ଆସୋସିଏସନର ସଭାପତି ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ ପତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି ।

## ଲଜ୍ଜାଜନକ ରେକର୍ଡ କଲେ ପ୍ରସିଦ୍ଧ କ୍ରିଷ୍ଣା




ଲିଡ୍ସ: ଭାରତୀୟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଲିଡ୍ସ ଟେଷ୍ଟରେ ଓଲି ପୋପ, ହ୍ୟାରି ବ୍ରୁକ ଏବଂ ଜେମି ସ୍ମିଥ ରୂପରେ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ନେଇଥିଲେ, ତଥାପି ତାଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ସୃଷ୍ଟି ହୋଇଥିଲା । ଜସପ୍ରିତ ବୁମରା ଇଂଲଣ୍ଡର ଶ୍ରେଷ୍ଠ ୩ ୱିକେଟ ନେଇଥିଲେ, ଏହି ସମୟରେ ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର ପ୍ରଭାବହୀନ ଦେଖାଯାଉଥିଲେ । ତଥାପି, ତୃତୀୟ ଦିନ କୃଷ୍ଣ ଓଲି ପୋପ ରୂପରେ ଏକ ଗୁରୁତ୍ୱପୂର୍ଣ୍ଣ ୱିକେଟ ପାଇଥିଲେ । ଏହାପରେ, ସେ ଗୁରୁତ୍ୱପୂର୍ଣ୍ଣ ସମୟରେ ଜାମି ସ୍ମିଥ (୪୦) ଏବଂ ହ୍ୟାରି ବ୍ରୁକ (୯୯)ଙ୍କୁ ମଧ୍ୟ ଆଉଟ କରିଥିଲେ । କିନ୍ତୁ ଇଂଲିସ ବ୍ୟାଟସମ୍ୟାନମାନେ ତାଙ୍କୁ ପ୍ରହାର କରିଥିଲେ । ତାଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ସୃଷ୍ଟି ହୋଇଥିଲା । କ୍ରିଷ୍ଣା ପ୍ରଥମ ଇନିଂସରେ ୨୦ ଓଭର ବୋଲିଂ କରିଥିଲେ, ୩ ଉଇକେଟ ନେଇଥିଲେ । କିନ୍ତୁ ବହୁତ ରନ ମଧ୍ୟ ଦେଇଥିଲେ । ତାଙ୍କର ଇକୋନୋମି ବହୁତ ଖରାପ ଥିଲା, ସେ ୬.୪୦ ଇକୋନୋମିରେ ୧୨୮ ରନ ଦେଇଥିଲେ । ଶାର୍ଦ୍ଦୁଳ ଠାକୁର ମଧ୍ୟ ୬.୩୩ ଇକୋନୋମିରେ ୩୮ ରନ ଦେଇଥିଲେ କିନ୍ତୁ ଅଧିନାୟକ ତାଙ୍କୁ କେବଳ ୬ ଓଭର ବୋଲିଂ କରାଇଥିଲେ । ପ୍ରସିଦ୍ଧ କୃଷ୍ଣ ଭାରତ ପାଇଁ ଟେଷ୍ଟ କ୍ରିକେଟର ଏକ ଇନିଂସରେ ସବୁଠାରୁ ମହଙ୍ଗା ସ୍ପେଲ ବୋଲିଂ କରିଥିବା ବୋଲର ହୋଇଛନ୍ତି, ଯିଏ ଅତି କମରେ ୨୦ ଓଭର ବୋଲିଂ କରିଥିଲେ । ପୂର୍ବରୁ ଏହି ଅଲୋଡା ରେକର୍ଡ ବରୁଣ ଆରନଙ୍କ ନାମରେ ଥିଲା, ଯିଏ ୨୦୧୪ରେ ଆଡିଲେଡରେ ଖେଳାଯାଇଥିବା ଟେଷ୍ଟରେ ୫.୯୧ ଇକୋନୋମିରେ ରନ ଦେଇଥିଲେ । ପ୍ରସିଦ୍ଧ ପ୍ରଥମ ଭାରତୀୟ ବୋଲର ଯିଏ ଗୋଟିଏ ଇନିଂସରେ ଅତି କମରେ ୨୦ ଓଭର ବୋଲିଂ କରିଥିଲେ ଏବଂ ପ୍ରତି ଓଭରରେ ୬ରୁ ଅଧିକ ରନ ଦେଇଥିଲେ ।

## ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ




ବାରିପଦା (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ନିକଟସ୍ଥ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ଭଲିବଲ ଆସୋସିଏସନର ଉପ ସଭାପତି ମନୋରଞ୍ଜନ ଜୀଉ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ମୋଟ ୯ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଗୁହାଳଡ଼ିହି ଦଳ ଢିପାସାହିକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ରେଫେରି ଭାବେ ଚିନ୍ମୟ ମିଶ୍ର, ଦୀପକ ବେହେରା, ଇନ୍ଦ୍ରଜିତ ଶତପଥି, ଯାମିନୀକାନ୍ତ ପାଣି ଖେଳ ପରିଚାଳନା କରିଥିବା ବେଳେ ସତ୍ୟଜିତ ଷଡ଼ଙ୍ଗୀ, ସପନ ରଣା ଓ ପ୍ରସନ୍ନ ମହାପାତ୍ର ସ୍କୋରିଂରେ ସହାୟତା କରିଥିଲେ । ଚାମ୍ପିଅନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଆପ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ ପୁରସ୍କାର ବିତରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭାନୁ ପ୍ରତାପ ଭଞ୍ଜଦେଓ, ବସନ୍ତ ମିଶ୍ର, ମଙ୍ଗଲ ମାଝୀ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମୁକ୍ତେଶ୍ୱର ଜୀଉ ଖେଳିବା ସହ ନିୟମିତ ଯୋଗ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଉପଦେଶ ଦେଇଥିଲେ ।

## ଟେଷ୍ଟରୁ ଅବସର ନେଲେ ମାଥ୍ୟୁସ

କଲମ୍ବୋ: ଶ୍ରୀଲଙ୍କାର ଷ୍ଟାର ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସେ ପୂର୍ବରୁ ଏ ସମ୍ପର୍କରେ ସୂଚନା ଦେଇଥିଲେ । ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ସମାପ୍ତି ପରେ ସେ ଏହି ଘୋଷଣା କରିଥିଲେ । ସେ ଟି୨୦ ଖେଳିବା ଜାରୀ ରଖିବେ ବୋଲି ସ୍ପଷ୍ଟ କରିଛନ୍ତି । ୨୦୨୬ ଟି୨୦ ବିଶ୍ୱକପ ଜିତିବା ମୋର ସ୍ୱପ୍ନ ବୋଲି ସେ କହିଛନ୍ତି । ବିଶ୍ୱକପ ଜିତି କ୍ୟାରିୟର ଶେଷ କରିବାକୁ ଚାହୁଁଛି । ମୋ ଶରୀର ଏଥିନେଇ କେତେ ସହଯୋଗ କରୁଛି ତାହା ଦେଖିବା କଥା । ୨୦୧୪ ଟି୨୦ ବିଶ୍ୱକପ ଶ୍ରୀଲଙ୍କା ଜିତିଥିଲା । ଫାଇନାଲରେ ଭାରତକୁ ହରାଇବାରେ ମାଥ୍ୟୁସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ତାଙ୍କ ପ୍ରଶଂସକଙ୍କ ପାଖରେ ସର୍ବଦା ଋଣୀ ରହିବେ ବୋଲି କହିଛନ୍ତି । ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ଡ୍ର ରହିଛି । ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪୯୫ ରନ କରିଥିଲା । ଜବାବରେ ଶ୍ରୀଲଙ୍କା ୪୮୫ ରନ ସଂଗ୍ରହ କରିଥିଲା । ମାଥ୍ୟୁସ ୩୯ ରନ କରିଥିଲେ । ବାଂଲାଦେଶ ୬ ୱିକେଟରେ ୨୮୫ ରନ ସଂଗ୍ରହ କରିବା ପରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା । ଶ୍ରୀଲଙ୍କା ୪ ୱିକେଟରେ ୭୨ ରନ କରିଥିବା ବେଳେ ମ୍ୟାଚ ଡ୍ରରେ ଶେଷ ହୋଇଥିଲା । ମାଥ୍ୟୁସ ୧୧୯ ଟେଷ୍ଟରେ ୮୨୧୪ ରନ ସଂଗ୍ରହ କରିଛନ୍ତି । ଏଥିରେ ୧୬ ଶତକ ସାମିଲ ।

## ୭୮ତମ ସିନିୟର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିୟନସିପ୍: ସ୍ୱର୍ଣ୍ଣ ଜିତିଲେ ସୃଷ୍ଟି




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ପ୍ରତିଯୋଗିତା (ସନ୍ତରଣ ପ୍ରତିଯୋଗିତା) ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗିତା ଜୁନ୍ ୨୨ ତାରିଖ ଠାରୁ ଆରମ୍ଭ ହୋଇ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ସ୍ୱିମିଙ୍ଗ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରୁ ୭ଜଣ ପୁରୁଷ ଓ ୭ ଜଣ ମହିଳା ସର୍ବମୋଟ୍ ୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ରବିବାର ପ୍ରଥମ ଦିନରେ ଓଡ଼ିଶାର କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟ ୧୦୦ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଓଡ଼ିଶାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସୁନାମ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି । ଏଥିସହିତ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି । ଓଡ଼ିଶାରେ ସନ୍ତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଦିନରେ ୧୩ ଟି ଜିଲ୍ଲାରେ ୧୩ଟି ସୁଇମିଙ୍ଗ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ପ୍ରେସିଡେଣ୍ଟ ଆର.ଏନ ଜୟପ୍ରକାଶ, ଏସିଆନ୍ ଆକ୍ୱାଟିକ୍ ଫେଡ଼େରେସନ୍‌ର ଭାଇସ୍ ପ୍ରେସିଡେଣ୍ଟ ବିରେନ୍ଦ୍ର ନାନାବତୀ, ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ମୋନାଲ ଚୋକ୍ସି, ଓଡ଼ିଶା ଷ୍ଟେଟ ସ୍ୱିମିଙ୍ଗ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ଗୋଲାପମଣି ମହାନ୍ତ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।


झारखण्ड सरकार, ग्रामीण कार्य विभाग
कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल0सी0 रोड, धनबाद

ई- निविदा आमंत्रण सूचना

ई–निविदा संख्या:- 04/RWD/DHANBAD/25-26 दिनांक :- 23.06.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) | | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | DMFT 10/25-26 | बलियापुर | दुधिया पंचायत अन्तर्गत बेड़ा नियामतपुर मो0 सिराज के घर के कब्रिस्तान तक पथ निर्माण कार्य (लम्बाई – 1.00 कि0मी0) | 125.026 | एक करोड़ पचीस लाख दो हजार छह सौ | 09 माह | प्रथम |
| 2 | DMFT 11/25-26 | बलियापुर | वीरसिंहपुर पंचायत अन्तर्गत दास कुल्ही से कमल मराण्डी के घर तक पथ निर्माण कार्य (लम्बाई – 1.00 कि0मी0) | 107.227 | एक करोड़ सात लाख बाईस हजार सात सौ | 09 माह | प्रथम |
| 3 | DMFT 12/25-26 | बलियापुर | दुधिया मेन रोड से सहिस टोला होते हुए मोको तक पथ निर्माण कार्य (लम्बाई – 2. 40 कि0मी0) | 147.930 | एक करोड़ सैतालिस लाख तिरानवे हजार | 09 माह | प्रथम |
| 4 | DMFT 13/25-26 | बलियापुर | बेंगा मोड़ से सालपात्रा तक पथ निर्माण कार्य (लम्बाई – 2.20 कि0मी0) | 137.754 | एक करोड़ सैतिस लाख पचहतर हजार चार सौ | 09 माह | प्रथम |
| 5 | DMFT 14/25-26 | बलियापुर | सलपात्रा बड़ा तालाब से श्मशान घाट होते हुए दुधिया आदिवासी टोला तक पथ निर्माण कार्य (लम्बाई – 1.675 कि0मी0) | 181.959 | एक करोड़ एकासी लाख पनचानवे हजार नौ सौ | 12 माह | प्रथम |
| 6 | DMFT 15/25-26 | बलियापुर | भिखराजपुर पंचायत में पहाड़पुर हीरक रोड से उपर टोला होते हुए मध्य विधालय पिपड़ा टोला से हुडसो कुल्ही तक पथ निर्माण कार्य (लम्बाई – 1.70 कि0मी0) | 205.185 | दो करोड़ पॉच लाख अठारह हजार पॉच सौ | 12 माह | प्रथम |
| 7 | DMFT 16/25-26 | निरसा | बिराज भंडारपुर काली मंदिर से जोराडीह मिडिल स्कूल तक पथ निर्माण कार्य (लम्बाई – 1.00 कि0मी0) | 99.728 | निनानवे लाख बहतर हजार आठ सौ | 06 माह | प्रथम |
| 8 | DMFT 17/25-26 | कलियासोल | बरबरी पी0डब्ल्यु0डी0 रोड से बराबरी बस्ती जाहेरथान तक पथ निर्माण कार्य (लम्बाई – 1.30 कि0मी0) | 83.190 | तैरासी लाख उनीस हजार | 06 माह | प्रथम |
| 9 | DMFT 18/25-26 | बाघमारा | 08 लेन पथ से मोहलीडीह तक पथ निर्माण कार्य (लम्बाई – 1.40 कि0मी0) | 159.98 | एक करोड़ उनसठ लाख अनठानवे हजार | 12 माह | प्रथम |
| 10 | DMFT 19/25-26 | बाघमारा | राजगंज –बरटॉड़ मुख्य पथ से बड़दार गॉव होते हुए नीचे की ओर तक पथ निर्माण | 49.041 | उनचास लाख चार हजार एक सौ | 06 माह | प्रथम |
| 11 | DMFT 20/25-26 | झरिया | मिडिल स्कूल खास झरिया से धर्मनगर भाया ऑगनबाड़ी केन्द्र भाया गोपालचक तक पथ निर्माण कार्य (लम्बाई – 1.00 कि0मी0) | 69.042 | उनहतर लाख चार हजार दो सौ | 06 माह | प्रथम |
| 12 | DMFT 21/25-26 | झरिया | जियालगोड़ा चेक पोस्ट बिकास किराना दुकान से जवाहर लाल नेहरू स्टेडियम भाया जियालगोड़ा 16 नम्बर (लम्बाई – 0. 70 कि0मी0) | 59.463 | उनसठ लाख छियालिस हजार तीन सौ | 06 माह | प्रथम |
| 13 | DMFT 22/25-26 | झरिया | जियालगोड़ा चेक पोस्ट शिव मंदिर से बागडीगी दुर्गा मंदिर सराफतपुर बस्ती भाया हाथी तालाब (लम्बाई – 1.00 कि0मी0) | 74.174 | चौहतर लाख सतरह हजार चार सौ | 06 माह | प्रथम |
| 14 | DMFT 23/25-26 | झरिया | खास झरिया दुर्गा मंदिर से मिडिल स्कूल खास झरिया भाया भालगड़हा कोलियरी तक पथ निर्माण(लम्बाई – 1.05 कि0मी0) | 73.305 | तिहतर लाख तीस हजार पॉच सौ | 06 माह | प्रथम |
| 15 | DMFT 24/25-26 | बाघमारा | कानु दॉ किराना स्टोर से स्व0 राजु के घर भाया टिन्कू शर्मा के घर नगरिकला दक्षिण (लम्बाई – 0.710 कि0मी0) | 73.373 | तिहतर लाख सैतिस हजार तीन सौ | 06 माह | प्रथम |
| 16 | DMFT 25/25-26 | बाघमारा | लेदोडीह सामुदायिक भवन से एन0एच0 मेन रोड तक प्थ निर्माण (लम्बाई – 0.40 कि0मी0) | 37.764 | सैतिस लाख छिहतर हजार चार सौ | 06 माह | प्रथम |
| 17 | DMFT 16/24-25 | निरसा | निरसा प्रखण्ड अन्तर्गत मथुरायडीह से बनकुली अंगुलकाटा तक पथ निर्माण (लम्बाई –1.00 कि0मी0) | 74.801 | चौहतर लाख अस्सी हजार एक सौ | 06 माह | द्वितीय |
| 18 | DMFT 01/25-26 | झरिया | झरिया अंचल अन्तर्गत होरलाडीह रेलवे फाटक से अम्बेडकर चौक जामाडोबा पुटकी मुख्य पथ तक पथ निर्माण कार्य (लम्बाई –1.20 कि0मी0) | 135.743 | एक करोड़ पैतीस लाख चौहतर हजार तीन सौ | 09 माह | प्रथम |
| 19 | DMFT 02/25-26 | झरिया | झरिया अंचल अन्तर्गत बागडिगी हाथी तालाब से कर्बला रोड होते हुए एल्युमिनियम क्वार्टर तक पथ निर्माण कार्य (लम्बाई –1.85 कि0मी0) | 138.364 | एक करोड़ अड़तीस लाख छतीस हजार चार सौ | 09 माह | प्रथम |
| 20 | DMFT 03/25-26 | झरिया | झरिया अंचल अन्तर्गत भोटियापट्टी राजकुमार राम के घर से सामुदायिक भवन तक पथ निर्माणकार्य (लम्बाई –1.40 कि0मी0) | 117.058 | एक करोड़ सतरह लाख पॉच हजार आठ सौ | 09 माह | प्रथम |
| 21 | DMFT 04/25-26 | निरसा | पगला मोड़ से नगराडीह तक पथ निर्माण (लम्बाई –1.35 कि0मी0) | 131.375 | एक करोड़ एकतीस लाख सैतीस हजार पॉच सौ | 09 माह | प्रथम |
| 22 | DMFT 05/25-26 | निरसा | तालबेड़िया से सुभाष मराण्डी के घर से श्मशान घाट तक पथ निर्माण (लम्बाई –1. 70 कि0मी0) | 182.883 | एक करोड़ बेरासी लाख अठासी हजार तीन सौ | 12 माह | प्रथम |
| 23 | DMFT 06/25-26 | निरसा | डांगासाल स्कूल से पहारगढ़ा तक पथ निर्माण कार्य (लम्बाई – 1.25कि0मी0) | 117.997 | एक करोड़ सतरह लाख निनानवे हजार सात सौ | 09 माह | प्रथम |
| 24 | DMFT 07/25-26 | निरसा | भागाबांध पंचायत भवन से उदीरडंगा तक पथ निर्माण कार्य (लम्बाई–1.38कि0मी0) | 120.107 | एक करोड़ बीस लाख दस हजार सात सौ | 09 माह | प्रथम |
| 25 | DMFT 08/25-26 | निरसा | धरमपुर से चैनपुर तक पथ निर्माण कार्य (लम्बाई–1.75 कि0मी0) | 156.551 | एक करोड़ छप्पन लाख पच्चपन हजार एक सौ | 12 माह | प्रथम |
| 26 | DMFT 09/25-26 | निरसा | झोरबुड़ी गरमकुण्ड से बेलडांगा तिलका बाबा मोड़ भैली स्कूल होते हुए बेनागोड़िया सुभाष चौक तक पी0सी0सी0 पथ निर्माण (लम्बाई–1.70 कि0मी0) | 145.592 | एक करोड़ पैतालिस लाख उनसठ हजार दो सौ | 09 माह | प्रथम |

2. वेबसाईट में निविदा प्रकाशन की तिथि:– 03.07.2025
3. ई–निविदा प्राप्ति की अंतिम तिथि एवं समय:– 14.07.2025 अपराह्न 5.00 बजे तक।
4. निविदा खोलने की तिथि एवं समय:– 16.07.2025 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद

PR 355766 Rural Work Department (25-26)_D



ମୁଗଡାଲିରେ ଭରପୂର ରହିଛି ଆଣ୍ଟିଅକ୍ସିଡାଣ୍ଟ। ଏମିତିକି ଗୁରୁତର ଓ ଦୀର୍ଘ ଦିନରୁ ଥିବା ରୋଗକୁ ଭଲ କରିବାରେ ସାହାଯ୍ୟ କରିଥାଏ । ତେବେ ଆସନ୍ତୁ ଜାଣିବା ଡାଲିର ଉପକାରିତା ବାବଦରେ... ମୁଗଡାଲିରେ ଆଣ୍ଟିଅକ୍ସିଡାଣ୍ଟ ଭଳି ଫେନୋଲିକ ଏସିଡ୍, ଫ୍ଲୋବୋନାଇଡସ, କୈଫିକ ଏସିଡ୍ ଭର୍ତ୍ତି ହୋଇ ରହିଥାଏ । ଆଣ୍ଟିଅକ୍ସିଡାଣ୍ଟ ହାନିକାରର ରୋଗଜୀବାଣୁକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ଯେଉଁଥିରେ ଗମ୍ଭୀର ରୋଗରୁ ମିଳିଥାଏ ମୁକ୍ତି । ମୁଗଡାଲି କୋଲେଷ୍ଟ୍ରୋଲ ସ୍ତରକୁ ଠିକ ରଖିବାରେ ବଡ଼ ଭୂମିକା ଲିଭାଇଥାଏ । ଗବେଷଣା ଅନୁଯାୟୀ, ଡାଲି କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଆଜିକାଲି ଅନିୟନ୍ତ୍ରିତ ଜୀବନଶୈଳୀ କାରଣରୁ ବ୍ଲଡ଼ ପ୍ରେସର ଏକ ସାଧାରଣ ସମସ୍ୟା । ମୁଗ ଡ଼ାଲି ଖାଇବା ଦ୍ୱାରା ବ୍ଲଡ଼ ପ୍ରେସର କଣ୍ଟ୍ରୋଲରେ ରହିଥାଏ । ଏଥିରେ ଥିବା ପୋଟାସିୟମ, ମାଗ୍ନେସିୟମ ଓ ଫାଇବର ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରଥାଏ ।



# ବିବାଦରେ ବିଜୟ

ସାଉଥ ଅଭିନେତା ବିଜୟ ଦେବରକୋଣ୍ଡା ପ୍ରାୟତଃ ଚର୍ଚ୍ଚାରେ ରହିଥାନ୍ତି । କେତେବେଳେ ରଶ୍ମିକାଙ୍କ ସହ ରିଲେସନସିପକୁ ନେଇ ତ ଆଉ କେତେବେଳେ ପ୍ରଫେସନାଲ ଲାଇଫକୁ ନେଇ। କିନ୍ତୁ, ଗତ କିଛି ଦିନ ଧରି ବିଜୟ ତାଙ୍କର ଏକ ବୟାନ ଯୋଗୁଁ ବିବାଦ ମଧ୍ୟକୁ ଟାଣିହୋଇ ଯାଇଛନ୍ତି। ଆଦିବାସୀ ସମୁଦାୟର ଭାବନାକୁ ଆଘାତ ଦେଉଥିବା ମନ୍ତବ୍ୟ ଦେବା ଅଭିଯୋଗରେ ତାଙ୍କ ବିରୋଧରେ ଏସ୍‌ସି/ ଏସ୍‌ଟି ଆଇନ ଅନୁଯାୟୀ ଏକ ମାମଲା ଦାଖଲ କରାଯାଇଛି । ଘଟଣାଟି ଏପ୍ରିଲ ୨୬ର। ଯେତେବେଳେ ବିଜୟ ହାଇଦ୍ରାବାଦରେ ‘ରେଟ୍ରୋ’ ଫିଲ୍ମର ପ୍ରି-ରିଲିଜ୍ ଇଭେଣ୍ଟରେ ପହଞ୍ଚିଥିଲେ। ଏହି ସମୟରେ ସେ ଆଦିବାସୀ ସମୁଦାୟ ଉପରେ ଏକ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଯାହା ସେମାନଙ୍କ ପାଇଁ ଅପମାନଜନକ ଥିଲା। ଏହାପରେ ସାଇବରାବାଦର ରାଇଦୁର୍ଗମ୍ ପୁଲିସ ଷ୍ଟେସନରେ ଅଭିନେତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି । ତେବେ ଏହି ମାମଲାରେ ଅଭିନେତା କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି- ‘ଏହା ଏବେ ମୋର ନଜରକୁ ଆସିଛି ଯେ ରେଟ୍ରୋ ଅଡିଓ ଲଞ୍ଚ ଇଭେଣ୍ଟ ସମୟରେ ମୋ ଦ୍ୱାରା ଦିଆଯାଇଥିବା ଏକ ମନ୍ତବ୍ୟ କିଛି ସଦସ୍ୟଙ୍କ ମଧ୍ୟରେ ବିବାଦ ଏବଂ ଚିନ୍ତା ସୃଷ୍ଟି କରିଛି। ମୁଁ ଆନ୍ତରିକତାର ସହ ସ୍ପଷ୍ଟ କରିବାକୁ ଚାହୁଁଛି ଯେ କୌଣସି ସମୁଦାୟକୁ, ବିଶେଷକରି ଅନୁସୂଚିତ ଜନଜାତିଙ୍କୁ, ଆଘାତ ଦେବା କିମ୍ବା ଅପମାନିତ କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ଯାହାକୁ ମୁଁ ଗଭୀର ଭାବରେ ସମ୍ମାନ କରେ ଏବଂ ଆମ ଦେଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ବିବେଚନା କରେ।



# ଯୋଗ ପ୍ରଶିକ୍ଷକରୁ ଦାମୀ ଅଭିନେତ୍ରୀ

ଭାଗ୍ୟ ଏକ ଅଦ୍ଭୁତ ଜିନିଷ । କେହି ଜାଣନ୍ତି ନାହିଁ କେବେ ବଦଳିଯିବ । ଅନେକ ଉଦାହରଣ ରହିଛି, କେହି କେହି ଅତି ଗରୀବରୁ ହୋଇଛନ୍ତି ଧନୀ । କିନ୍ତୁ ଏହା କେବଳ ସେତେବେଳେ ସମ୍ଭବ ଯେତେବେଳେ ଭାଗ୍ୟ ଦେଇଥାଏ ଆପଣଙ୍କ ସାଥ୍ । ଏମିତି ହିଁ ଭାଗ୍ୟ ସାଥ୍ ଦେଇଥିଲା ଜଣେ ଅଭିନେତ୍ରୀଙ୍କୁ । ଜଣେ ଯୋଗ ପ୍ରଶିକ୍ଷକରୁ ହୋଇଥିଲେ ଅଭିନେତ୍ରୀ । ସେ କେବେବି ଭାବିନଥିଲେ ତାଙ୍କୁ ଭାଗ୍ୟ ଏପରି ଉପହାର ଦେବ । ସେ ଏବେ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ । ଫିଲ୍ମ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି ପୂର୍ବରୁ ସେ ଯୋଗ ଶିକ୍ଷକ ଥିଲେ । କିନ୍ତୁ ଫିଲ୍ମରେ ଏଣ୍ଟ୍ରି କରିବା ପରେ ସେ ହୋଇଗଲେ ଦକ୍ଷିଣର ଶ୍ରେଷ୍ଠ ଅଭିନେତ୍ରୀ । ଏହି ଶ୍ରେଷ୍ଠ ଅଭିନେତ୍ରୀ ଆଉ କେହି ନୁହଁନ୍ତି ବରଂ ସାଉଥ ଅଭିନେତ୍ରୀ ଅନୁଷ୍କା ସେଟ୍ଟି । ଅନୁଷ୍କା ସେଟ୍ଟି ସାଉଥ୍ ଇଣ୍ଡଷ୍ଟ୍ରିରେ ଏକ ବଡ଼ ନାଁ । ସେ ସାଉଥ୍‌କୁ ସର୍ବାଧିକ ଆୟକାରୀ ଫିଲ୍ମ ଦେଇଛନ୍ତି । ଅନୁଷ୍କାଙ୍କ ଜନ୍ମ ୭ ନଭେମ୍ବର ୧୯୮୧ରେ ହୋଇଥିଲା। ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ଅଭିନେତ୍ରୀ ଯୋଗ ପ୍ରଶିକ୍ଷକ ଭାବରେ କାମ କରୁଥିଲେ । ସେ ଲୋକମାନଙ୍କୁ ଯୋଗ ଶିଖାଉଥିଲେ । ଯୋଗ ଶିଖାଇବା ବେଳେ ନିର୍ଦ୍ଦେଶକ ମେହେର ରମେଶଙ୍କ ଉପରେ ତାଙ୍କର ପଡିଥିଲା ନଜର । ନିର୍ଦ୍ଦେଶକ ପ୍ରଥମ ଦେଖାରେ ଅନୁଷ୍କାଙ୍କୁ କରିଥିଲେ ପସନ୍ଦ । ସେ ତାଙ୍କୁ ଫିଲ୍ମରେ କାମ କରିବାକୁ ଦେଇଥିଲେ ପ୍ରସ୍ତାବ । ସେହି ଗୋଟିଏ ସୁଯୋଗ ଅନୁଷ୍କାଙ୍କୁ ଯୋଗ ପ୍ରଶିକ୍ଷକରୁ ସିଧାସଳଖ କରିଥିଲା ନାୟିକା । ମେହେର ରମେଶ ଅନୁଷ୍କାଙ୍କ ପାଇଁ ପୁରୀ ଜଗନ୍ନାଥଙ୍କ ସହିତ କଥା ହୋଇଥିଲେ । ସେ ରାଜି ହୋଇଥିଲେ ଏବଂ ତାଙ୍କୁ ଅଭିନୟ ପାଇଁ ମିଳିଥିଲା ସୁଯୋଗ । ଅନୁଷ୍କା ଶର୍ମାଙ୍କ ପ୍ରଥମ ଫିଲ୍ମ ‘ସୁପର’ ୨୦୦୫ ମସିହାରେ ମୁକ୍ତିଲାଭ କରିଥିଲା। କିନ୍ତୁ ତାଙ୍କର ପ୍ରଥମ ଫିଲ୍ମ ବକ୍ସ ଅଫିସରେ କିଛି ଖାସ୍ କରିପାରିନଥିଲା । ଏହାପରେ ତାଙ୍କୁ ’ମହାନଦୀ’ ଫିଲ୍ମରେ କାମ କରିବାର ମିଳିଥିଲା ସୁଯୋଗ । କିନ୍ତୁ ଅନୁଷ୍କାଙ୍କୁ ପରିଚୟ ଦେଇଥିଲା ଏସଏସ ରାଜାମୌଲିଙ୍କ ଗୋଟିଏ ଫୋନ୍ କଲ । ଏହି ଫୋନ୍ କଲ୍ ଅନୁଷ୍କାଙ୍କ ପୁରା ଭାଗ୍ୟ ବଦଳାଇ ଦେଇଥିଲା । ଦକ୍ଷିଣର ବଡ଼ ନିର୍ଦ୍ଦେଶକ ରାଜାମୌଲି । ତାଙ୍କ ବ୍ଲକବଷ୍ଟର ଫିଲ୍ମ ‘ବାହୁବଳୀ’ରେ ଦେବସେନା ଭୂମିକା ପାଇଁ ଅନୁଷ୍କା ଶର୍ମାଙ୍କ ସହ କଥା ହୋଇଥିଲେ । ଆଉ ତୁରନ୍ତ ରାଜି ହୋଇଗଲେ ଅନୁଷ୍କା । ଅଭିନେତ୍ରୀ ଦେବସେନା ହୋଇ ସମସ୍ତଙ୍କ ହୃଦୟ ଜିତିଲେ । ‘ବାହୁବଳୀ’ରେ ଦେବସେନାଙ୍କ ଚରିତ୍ରକୁ ଲୋକଙ୍କଠାରୁ ବହୁତ ଭଲ ମିଳିଥିଲା । ଏହାପରେ, ସେ ‘ରୁଦ୍ରମାଦେବୀ’, ‘ଅରୁନ୍ଧତୀ’ ଏବଂ ‘ବେଦମ’ ଭଳି ବ୍ଲକବଷ୍ଟର ଫିଲ୍ମରେ ମଧ୍ୟ କାମ କରିଥିଲେ । ସବୁଠାରୁ ଖାସ୍ କଥା ହେଉଛି ବାହୁବଳୀ ଏବଂ ବାହୁବଳୀ ୨ ଏକାକି ହିଁ ୨୪୦୦କୋଟିର କଲେକ୍ସନ୍ କରିଥିଲା । କୁହାଯାଉଛି କି ବର୍ତ୍ତମାନ ଅନୁଷ୍କାଙ୍କ ମୋଟ ସମ୍ପତ୍ତି ୧୪୦ କୋଟି। ସେ ଏବେ ଲଗଜୁରୀ ଲାଇଫ୍ ଷ୍ଟାଇଲ୍ ମେଣ୍ଟେନ୍ କରୁଛନ୍ତି ।




# ବାସିଭାତ ଖାଇଲେ ଲାଭ ଓ କ୍ଷତି ବିଷୟରେ ଜାଣନ୍ତୁ



*ପ୍ରତ୍ୟେକ ଭାରତୀୟଙ୍କ ଘରେ ସାଧାରଣତଃ ବାସିଭାତ ଖିଆଯାଇଥାଏ। ହେଲେ ଏହାକୁ ଖାଇବାର ଲାଭ ଏବଂ କ୍ଷତି ଉଭୟ ହୋଇପାରେ। ଏହା ଭାତକୁ କିପରି ଏବଂ କେତେ ଦିନ ରଖାଯାଇଛି ତାହା ଉପରେ ନିର୍ଭର କରେ। ଯଦି ଏହାକୁ ସଠିକ୍ ଭାବରେ ସଂରକ୍ଷଣ ଏବଂ ବ୍ୟବହାର କରାଯାଏ, ତେବେ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। କିନ୍ତୁ ଭୁଲ ଭାବରେ ସଂରକ୍ଷଣ କରାଯାଇଥିବା ବାସି ଭାତ ସମସ୍ୟା ସୃଷ୍ଟି କରିପାରେ। ତେଣୁ ବାସି ଭାତ ଖାଇବା ପୂର୍ବରୁ, ଏହାର ଗୁଣବତ୍ତା ଏବଂ ସତେଜତା ନିଶ୍ଚିତ ଭାବରେ ଯାଞ୍ଚ କରନ୍ତୁ। ଆସନ୍ତୁ ଜାଣିବା ବାସି ଭାତ ଖାଇବାର ଲାଭ ଏବଂ କ୍ଷତି ବିଷୟରେ...*

ବାସି ଭାତରେ ପ୍ରଚୁର ପରିମାଣର ଫାଇବର ଥାଏ, ଯାହା ପାଚନ କ୍ରିୟାକୁ ଉନ୍ନତ କରିଥାଏ । ଏହା କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ କମ କରିବାରେ ସାହାଯ୍ୟ କରେ ।

## ହଜମ ପାଇଁ ସହାୟକ

ବାସି ଭାତରେ ପ୍ରଚୁର ପରିମାଣର ଫାଇବର ଥାଏ, ଯାହା ପାଚନ କ୍ରିୟାକୁ ଉନ୍ନତ କରିଥାଏ । ଏହା କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ କମ କରିବାରେ ସାହାଯ୍ୟ କରେ।

## ଶରୀରକୁ ଶୀତଳତା ପ୍ରଦାନ କରେ

ବାସି ଭାତକୁ ଥଣ୍ଡା କରିବା ପରେ ଖାଇବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ, ବିଶେଷକରି ଗ୍ରୀଷ୍ମ ଋତୁରେ। ଏହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

## ପ୍ରୋବାୟୋଟିକ୍ସର ଉତ୍ସ

ଯଦି ଭାତକୁ ସଠିକ ଭାବରେ ସଂରକ୍ଷଣ କରାଯାଏ, ତେବେ ଏଥିରେ ପ୍ରାକୃତିକ ପ୍ରୋବାୟୋଟିକ୍ସ ବିକଶିତ ହୋଇପାରେ, ଯାହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।

## ଶକ୍ତିର ଭଲ ଉତ୍ସ

ବାସି ଭାତରେ ପ୍ରଚୁର ପରିମାଣର କାର୍ବୋହାଇଡ୍ରେଟ ଥାଏ, ଯାହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ।

## ବାସି ଭାତ ଖାଇବାର ଅସୁବିଧା

ଜୀବାଣୁ ଏବଂ କବକ ହେବାର ଆଶଙ୍କା ବାସି ଚାଉଳରେ ଜୀବାଣୁ (ଯେପରିକି ବାସିଲସ ସେରିୟସ) ଏବଂ କବକ ବଢ଼ିପାରେ, ଯାହା ଖାଦ୍ୟ ବିଷାକ୍ତକରଣର କାରଣ ହୋଇପାରେ । ଏହା ପେଟ ଯନ୍ତ୍ରଣା, ବାନ୍ତି ଏବଂ ଝାଡ଼ା ଭଳି ସମସ୍ୟା ସୃଷ୍ଟି କରିପାରେ ।

## ପୁଷ୍ଟିକର ଅଭାବ

ଦୀର୍ଘ ସମୟ ଧରି ସଂରକ୍ଷଣ ହୋଇଥିବା ଭାତରେ ପୁଷ୍ଟିକର ପରିମାଣ ହ୍ରାସ ପାଏ, ଯାହାଦ୍ୱାରା ଶରୀରକୁ ପର୍ଯ୍ୟାପ୍ତ ପୁଷ୍ଟି ମିଳି ନ ଥାଏ।



# ଅକ୍ଷୟ କୁମାରଙ୍କୁ ପ୍ରଶଂସା କଲେ ଚିତ୍ରାଙ୍ଗଦା

ଚଳିତ ମାସ ଆରମ୍ଭରେ ରିଲିଜ୍ ହୋଇଥିଲା କମେଡି ଫିଲ୍ମ ‘ହାଉସ୍‌ଫୁଲ୍-୫’ । ଫିଲ୍ମରେ ଚିତ୍ରାଙ୍ଗଦା ସିଂହଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା । ‘ହାଉସ୍‌ଫୁଲ୍-୫’ ବକ୍ସ ଅଫିସ୍‌ରେ ସଫଳ ହେବା ସହିତ ସେଥିରେ ଚିତ୍ରାଙ୍ଗଦାଙ୍କର ଅଭିନୟକୁ ମଧ୍ୟ ଦର୍ଶକୀୟ ଆଦୃତି ମିଳିଛି । ଏହି ପରିପ୍ରେକ୍ଷୀରେ ଏକ ୱେବସାଇଟ୍‌କୁ ଦେଇଥିବା ସାକ୍ଷାତକାରରେ ଚିତ୍ରାଙ୍ଗଦା ସହ କଳାକାର ଅକ୍ଷୟ କୁମାରଙ୍କୁ ଭୁରିଭୁରି ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଅକ୍ଷୟ ଯେତିକି ଭଲ କଳାକାର ସେତିକି ଶୃଙ୍ଖଳିତ ମଣିଷ । ସମସ୍ତେ ତାଙ୍କ ନିକଟରୁ ଶୃଙ୍ଖଳା ଶିଖିବା କଥା । ସୁଟିଂ ସେଟ୍‌ରେ ତାଙ୍କର ଉତ୍ସାହ ଆରମ୍ଭରୁ ଶେଷ ଯାଏ ସମାନ ରହିଥାଏ । କେବଳ ସେତିକି ନୁହେଁ, ସହ କଳାକାରମାନଙ୍କୁ ସବୁ ପ୍ରକାର ପ୍ରସଙ୍ଗରେ ସେ ସହାୟତା କରିବାକୁ ସର୍ବଦା ଆଗଭର ରହିଥାନ୍ତି । ପୂର୍ବରୁ ମଧ୍ୟ ଚିତ୍ରାଙ୍ଗଦା ଅକ୍ଷୟଙ୍କ ସହିତ ୨୦୧୧ରେ ରିଲିଜ୍ ହୋଇଥିବା ‘ଦେଶୀ ବୟେଜ୍’ରେ କାମ କରିଥିଲେ । ସେହି ଫିଲ୍ମରେ ଉପରୋକ୍ତ ଦୁଇ କଳାକାରଙ୍କ ସହ ଜନ୍ ଆବ୍ରାହମ୍ ଓ ଦୀପିକା ପାଦୁକୋନ୍‌ଙ୍କୁ ଦେଖିବାକୁ ମିଳିଥିଲା । ସେହିପରି ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଆଗକୁ ଚିତ୍ରାଙ୍ଗଦାଙ୍କୁ ‘ରାତ୍ ଅକେଲି ହୈ-୨’ରେ ଦେଖିବାକୁ ମିଳିବ ।



# ଓଜନ ନିୟନ୍ତ୍ରଣ କରେ ଶାଗ

ସ୍ୱାସ୍ଥ୍ୟ ପାଇଁ ଶାଗ କେତେ ଉପକାରୀ ତାହା ଅନେକ ଜାଣନ୍ତି। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍ ବ୍ୟତୀତ ଭିଟାମିନ୍-ଏ, ସି ଏବଂ ଇ ଆଦି ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଶାଗ ଖାଆନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। ‘ଶାଗ ଏବଂ ଓଜନ ନିୟନ୍ତ୍ରଣ’ ବିଷୟରେ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶାଗରେ ଥିବା ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ତା’ସହ ଦୃଷ୍ଟି ଶକ୍ତି ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହା ଲିଭର୍ ସେଲ୍‌କୁ ମଧ୍ୟ ସୁରକ୍ଷା ଦେଇଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ଅସ୍ଥିକୁ ମଜବୁତ୍ ରଖିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ଆଶଙ୍କାକୁ ଏହା ମଧ୍ୟ କେତେକାଂଶରେ ଦୂର କରିଥାଏ। ଯହେତୁ ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ତେଣୁ ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାକୁ ଔଜ୍ଜ୍ୱଲ୍ୟତା ପ୍ରଦାନ କରେ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବନ ବିଭାଗ ପକ୍ଷରୁ ଅଁଳ ପଞ୍ଚାୟତର ମହଙ୍ଗପଡ଼ା ପିଙ୍ଗଳେଶ୍ୱର ହାଇସ୍କୁଲ କୁକୁରଗାଡିଆରେ ବନବିଭାଗ ପକ୍ଷରୁ ୭୫ଟା ଗଛ ୨୦୨୨/୨୩ରେ ଲଗାଯାଇଥିଲା। ଯାହାଫଳରେ ହଜାର ହଜାର ଟଙ୍କା ରାଜ୍ୟ ସରକାରଙ୍କ ବନବିଭାଗ ପକ୍ଷରୁ ଖର୍ଚ୍ଚ ହୋଇଥିଲା। ହେଲେ ବନବିଭାଗର ବିନା ଅନୁମତିରେ ଗଛଗୁଡିକ କାଟି ଦିଆଯାଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ବନବିଭାଗ ପାଖରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ବନବିଭାଗ ପାଖରୁ ସରପଞ୍ଚଙ୍କୁ ପକ୍ଷ ରଖିବା ନିମନ୍ତେ ନୋଟିସ ଜାରି କରାଯାଇଛି। ସୋମବାର ଦିନ ଫୁଲନଖରା ରେଞ୍ଜର ମୌସୁମୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପିଙ୍ଗଳେଶ୍ୱର ହାଇସ୍କୁଲଙ୍କ ପ୍ରଧାନ ଶିକ୍ଷକଙ୍କ ବୟାନ ନେବା ପରେ ତଦନ୍ତ ସାରି ଦୋଷୀଙ୍କୁ ଗିରଫ କରାଯିବ ବୋଲି ଫୁଲନଖରା ରେଞ୍ଜର ସୂଚନା ଦେଇଛନ୍ତି। ବିନା ଅନୁମତିରେ ବନବିଭାଗର ଗଛକୁ ଜେସିବି ସହାୟତାରେ ସରପଞ୍ଚ କାଟି ଦେଇଥିବା ଗ୍ରାମବାସୀମାନେ ଅଭିଯୋଗ ଆଣିଛନ୍ତି। ଏମିତିକି ଗ୍ରାମବାସୀମାନେ ବନ ବିଭାଗ ଆଗରେ ବୟାନ ରଖିଛନ୍ତି ଏବେ ବନ ବିଭାଗ ଉପରେ ରାଜନୀତିକ ଚାପ ପକାଇ ଘଟଣାକୁ ଚାପିଦେବା ନିମନ୍ତେ ଉଦ୍ୟମ କରାଯାଉଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି।

## କାର୍ଯ୍ୟକ୍ଷମ ହେବାକୁ ଯାଉଛି ରିମୁଳି ଆରଡ଼େଇ ନଦୀ ପୋଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଦୀର୍ଘ ୧୪ ବର୍ଷ ଧରି ନିର୍ମାଣାଧୀନ ଅବସ୍ଥାରେ ଥିବା ରିମୁଳି ଅରଡେଇ ପୋଲ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସୂଚନାଯୋଗ୍ୟ କି ପୋଲ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆପ୍ରୋଚ ରୋଡ଼ ପାଇଁ ପୋଲଟି ଲୋକଙ୍କ କାର୍ଯ୍ୟରେ ଆସିପାରୁ ନଥିଲା। ପୋଲ ପାଇଁ ନିର୍ମାଣ ହେବାକୁ ଥିବା ଆପ୍ରୋଚ ରୋଡ଼ କିଛି ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଯାଉଥିବାରୁ ଜମି ଅଧିଗ୍ରହଣ ନେଇ ଅପ୍ରୋଚ ରୋଡ଼ କାମ ଅଟକି ରହିଥିଲା। ତେବେ ଆଜି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧକ୍ଷତାରେ ଚମ୍ପୁଆ ତହସିଲଦାର ସଜତ ମାର୍କି, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ରାମଚନ୍ଦ୍ର ପ୍ରଧାନ, ରିମୁଳି ଆରଆଇ ରାମେଶ୍ୱର ମାରାଣ୍ଡି ଓ ଅନ୍ୟାନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ରିମୁଳି ବାଳିକା ୟୁପି ସ୍କୁଲ ଠାରେ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ରିମୁଳି ଗ୍ରାମବାସୀ ଓ ପୋଲ ଆପ୍ରୋଚ ରୋଡ଼ ପାଇଁ ଜମି ହରାଉଥିବା ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଉଦ୍ୟମ ଯୋଗୁଁ ଆପ୍ରୋଚ ରୋଡ଼ ପାଇଁ ଲାଗିରହିଥିବା ଜମି ସମସ୍ୟାର ସମାଧାନ ହୋଇପାରିଥିଲା। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ ଓ ପୋଲ ନିର୍ମାଣକାରୀ ଠିକା ସଂସ୍ଥାର ଅଧିକାରୀଙ୍କୁ ଆଗାମୀ ଜୁଲାଇ ମାସ ସୁଦ୍ଧା ରିମୁଳି ଅରଡ଼େଇ ପୋଲ ଆପ୍ରୋଚ ରୋଡ଼ କାର୍ଯ୍ୟ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରିମୁଳି ଆରଡ଼େଇ ନଦୀ ପୋଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ଥିବା ନେଇ ଉପଜିଲ୍ଲାପାଳ ସୂଚନା ପ୍ରଦାନ କରିଥିବା ବେଳେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି।

## ବେଆଇନ ଦୋକାନ ଗୃହ ଉଚ୍ଛେଦ ହେବ କେବେ !




ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବଜାର ମଧ୍ୟଭାଗରେ ୧୯୬୧ ମସିହା ନୀଳମଣି ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଉଦ୍ଦେଶ୍ୟ ଥିଲା ନିଆଳି ବ୍ଲକ ଓ ଆଖପାଖ ଅଞ୍ଚଳ ଛାତ୍ରୀମାନେ ପାଠ ପଢ଼ିବେ। ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ବ୍ୟବସ୍ଥା କରାଯାଇଛି। ଶ୍ରେଣୀଗୃହ ସାଙ୍ଗକୁ ଦୂରଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନଙ୍କ ଲାଗି ହଷ୍ଟେଲ ବ୍ୟବସ୍ଥା କରାଯାଇଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ପରବର୍ତ୍ତୀ କାଳରେ ହଷ୍ଟେଲ ବନ୍ଦ ହେବା ସହିତ ଭାଙ୍ଗିରୁଜି ଚିହ୍ନବର୍ତ୍ତ ହଜିଯାଇଛି। ପରବର୍ତ୍ତୀ ସମୟରେ ପୂର୍ବ ସରକାର ସମୟରେ ୨୦୧୮ ମସିହାରେ ବିଭିନ୍ନ ସରକାରୀ ବିଦ୍ୟାଳୟକୁ ମିଶ୍ରଣ କଲେ। ଫଳସ୍ୱରୂପ ନୀଳମଣି ବାଳିକା ହାଇସ୍କୁଲ ବଦଳରେ ନୀଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ ନାମ ପରିବର୍ତ୍ତନ କରାଗଲା। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଛାତ୍ରଛାତ୍ରୀ ଏଠାରେ ପାଠ ପଢି ଆସୁଛନ୍ତି। ବଡ ବିଡ଼ମ୍ବନାର ବିଷୟ ଏହି ସର୍ବ ପୁରୁତନ ବିଦ୍ୟାଳୟ ପ୍ରତି ରାଜ୍ୟ ଶିକ୍ଷା ବିଭାଗ, କଟକ ଜିଲ୍ଲା ଶିକ୍ଷା ବିଭାଗ କିମ୍ବା ନିକଟରେ ବିଦ୍ୟାଳୟକୁ ଲାଗି ରହିଥିବା ବିଇଓ ଅଧିକାରୀ ହୁଅନ୍ତୁ କିମ୍ବା ଏଠାକାର ନିର୍ବାଚିତ ଲୋକ ପ୍ରତିନିଧି ଏହି ବିଦ୍ୟାଳୟ ପ୍ରତି ନଥିବା ପରି ମନେହେଉଛି। ବିଦ୍ୟାଳୟର ପ୍ରବେଶ ପଥ ଏବଂ ବିଦ୍ୟାଳୟ ଜମିରେ କୋଠା ନିର୍ମାଣ ହେବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗଢିଉଠିଛି। ବିଦ୍ୟାଳୟର ଉଦ୍ଦିଷ୍ଟ ଜମିକୁ କିପରି ଜଣେ ବ୍ୟକ୍ତି ନିଜ ଦଖଲକୁ ନେଇ ଦୋକାନ ଗୃହ ନିର୍ମାଣ କଲେ ବିଇଓ, ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ନିଆଳି ଅଞ୍ଚଳର ରାଜନେତା କାହିଁକି ନିରବ ରହିଲେ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଲୋକେ। ସରକାରୀ ବିଦ୍ୟାଳୟ ଜମି ଜବରଦଖଲ ସମ୍ପର୍କରେ କଟକ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଜମି ମାପଚୁପ କିମ୍ବା କାର୍ଯ୍ୟାନୁଷ୍ଠାନ ନହେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳର ଶିକ୍ଷାବିତ ମାନେ କହିଛନ୍ତି। ଜଣେ ବ୍ୟକ୍ତି କିଭଳି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟର ଜମିକୁ ଦଖଲକୁ ନେଲେ ଏବଂ କୋଠା ନିର୍ମାଣ କଲେ ଏ ସାହାସ କିଏ ଦେଲା ବୋଲି ଅଭିଯୋଗ ହୋଇଛି। ନିଆଳି ଅଞ୍ଚଳରେ ସର୍ବପୁରୁତନ ଶିକ୍ଷାନୁଷ୍ଠାନ ନୀଳମଣି ଉଚ୍ଚ ବିଦ୍ୟାଳୟ ଉପରେ ହଜାରହଜାର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢିବା ପାଇଁ ରାଜ୍ୟ ସରକାର ବିଦ୍ୟାଳୟର ଜମିକୁ ଉଦ୍ଦିଷ୍ଟ ରଖିଥିବା ବେଳେ କିଏ ଓ କାହିଁକି ଜଣେ ବ୍ୟକ୍ତିଙ୍କ ହାତକୁ ଟେକିଦେଲେ ବିଦ୍ୟାଳୟ ଜମିକୁ ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟର ଜମି ଜବରଦଖଲରେ ବିଇଓ କିମ୍ବା ପ୍ରଧାନ ଶିକ୍ଷକ ହାତ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ନଚେତ ଏନେଇ ସ୍ଥାନୀୟ ପ୍ରଶାସନ କାହିଁକି ନିରବ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ନିଆଳି ଅଞ୍ଚଳର ଯୁବକ ସ୍ଥାନୀୟ ପ୍ରଶାସନ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ସର୍ବପୁରୁତନ ଶିକ୍ଷାନୁଷ୍ଠାନ ନୀଳମଣି ଉଚ୍ଚ ବିଦ୍ୟାଳୟ ଜବରଦଖଲ ଜମିକୁ ଉଚ୍ଛେଦ ପାଇଁ ବିଭିନ୍ନ ମହଲରୁ ଚାପ ସୃଷ୍ଟି ପାଇଁ ଦାବି ହୋଇଛି।

## ଜଙ୍ଗଲରୁ ଗଳିତ ଶବ ଉଦ୍ଧାର

କୋଇଡା, (ଭାସ୍କର ନ୍ୟୁଜ୍): କୋଇଡା ଥାନା ଅନ୍ତର୍ଗତ ଗିତାରାଣୀ ଖଣି ନିକଟ ସାରକୁଣ୍ଡା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର ହେବା ସହ ଗଛରେ କପଡା ଓ ରଶି ଲାଖିରହି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସୂଚନାନୁଯାୟୀ ସ୍ଥାନୀୟ ଗିତାରାଣୀ ମହାନ୍ତି ଖଣିରେ ତ୍ରିବେଣୀ ଆର୍ଥମୋଭର୍ସ ଠିକାସଂସ୍ଥାରେ କାର୍ଯ୍ୟରତ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ନାରାୟଣପୁର ଗ୍ରାମର ଅଭିଷେକ ନାଏକ (୨୩) ଗତ ୧୦ ଜୁନ ଠାରୁ କାର୍ଯ୍ୟରତ ଅବସ୍ଥାରୁ କୁଆଡେ ନିଖୋଜ ଥିଲେ। ପୋଲିସ ସୋମବାର ଘଟଣାସ୍ଥଳରୁ ଶବ ଜବତ କରିବା ସହ ପିନ୍ଧିଥିବା ଖଣି ଜୋତା ଓ କପଡାରୁ ଅନୁମାନ କରୁଛି ଯେ ଏ ଶବ ଅଭିଷେକଙ୍କର ବୋଲି। ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଅଧିକ ତଦନ୍ତ କରୁଛି କୋଇଡା ପୋଲିସ।

## ଜାତୀୟ ରାଜପଥ ଦୁଇ ପାର୍ଶ୍ୱ ସରକାରୀ ଜମି ଜବରଦଖଲ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ୨୦ ନମ୍ବର ଜାତୀୟ ରାଜପଥ ନୂଆଗଡ଼ ଗୋଲେଇଠାରୁ ରଗଡ଼ି ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱର ସରକାରୀ ଅନାବାଦୀ, ଆବାଦ ଯୋଗ୍ୟ ଜମିକୁ ଜମି ମାଫିଆମାନେ ଓ ବ୍ୟବସାୟୀମାନେ ଦିନକୁଦିନ ଜବରଦଖଲ କରିଚାଲିଛନ୍ତି। ସ୍ଥାୟୀ ଭାବରେ କୋଠାଘର ନିର୍ମାଣ କରି ତାହାକୁ ବ୍ୟବସାୟୀ କେନ୍ଦ୍ର ଭାବେ ରୂପ ଦେଇଛନ୍ତି। ରାସ୍ତା ଦୁଇପାର୍ଶ୍ୱରେ ଚାଷୀମାନେ ଜମି କିଣି ଜମି ଆଗରେ ଥିବା ଅନାବାଦି ସ୍ଥାନଗୁଡିକରେ ନିଜ ଦାଖଲକୁ ନେଇଛନ୍ତି। ରାସ୍ତାରେ ଭାରିଯାନ ଗଲାବେଳେ ସାଇକେଲ ଠାରୁ ଆରମ୍ଭ କରି ଦୁଇଚକିଆ ଯାନମାନ ରାସ୍ତା କଡ଼ରେ ଯିବାର ବ୍ୟବସ୍ଥା ନଥାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ନୂଆଗଡ଼ ଗୋଲେଇ ଠାରୁ ରଗଡ଼ି ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଆଉ ଇଞ୍ଚିଟିଏ ଜାଗା ନାହିଁ। ଏହା ଦ୍ୱାରା ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦେଉଛି। ଅନେକ ଲୋକ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ସୂଚନାଯୋଗ୍ୟ କି ଗୋଲେଇଛକ ଠାରେ ନୂଆଗଡ଼ ମୌଜାରେ ଅନାବାଦୀ ୧୧୩ ଏକର ୩୦ ଡିସିମିଲ ଆବାଦି ୪୧୮ ଏକର ୫୧ଡିସିମିଲ ମଶାଣି ୧ଏକର ଗୋଚର ୨୦ଏକର ସରକାରୀ ଯାଗା ଥିବାବେଳେ ଏଥିରୁ ବହୁତ ଜମିମାଫିଆମାନେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ବିକ୍ରି କରିଚାଲିଛନ୍ତି। ଏହି ଜମି ଉପରେ ବହୁ ଅଟ୍ଟାଳିକା ଛିଡା ହେବାର ଦେଖିବାକୁ ମିଳୁଛି। ଏହି ସରକାରୀ ଜମିକୁ ଜମି ମାଫିଆଙ୍କ କବଳରୁ ଉଦ୍ଧାର କରିବାକୁ ଏ ଅଞ୍ଚଳର ଜନସାଧାରଣ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

## ଅସ୍ତରଙ୍ଗରୁ ୩ ଶିଶୁଶ୍ରମିକ ଉଦ୍ଧାର

## ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବଜାର ସମେତ ଆଖପାଖ ଅଞ୍ଚଳ ବିଭିନ୍ନ ଗାଡି ଗ୍ୟାରେଜ, ଗୁପଚୁପ ଦୋକାନ, ବାଦାମ ବ୍ୟବସାୟୀଙ୍କ ପାଖରୁ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୩ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ମାଲିକମାନେ ତୁରନ୍ତ ତାଙ୍କ ଘରେ ଛାଡିବାକୁ ନିର୍ଦ୍ଦେଶ ଦେବାସହ ନୋଟିସ ମଧ୍ୟ ଦିଆଯାଇଛି ବୋଲି କହିଛନ୍ତି ଜିଲ୍ଲା ଶ୍ରମ ବିଭାଗ ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ତହସିଲ ଅଫିସ ସାମ୍ନାରେ ଏକ ଗାଡି ଗ୍ୟାରେଜରେ ବିହାର ଅଞ୍ଚଳର ଜଣେ ନାବାଳକ କାମ କରୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ସେହିଭଳି ମୁଖ୍ୟବଜାରରେ ବାଦାମ ବ୍ୟବସାୟୀଙ୍କ ନିକଟରୁ ଉତ୍ତରପ୍ରଦେଶ ଅଞ୍ଚଳ ନାବାଳକ ଉଦ୍ଧାର କରାଯାଇଛି। ସେହିଭଳି ଶ୍ରମ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଆଲଙ୍ଗପୁର ଅଞ୍ଚଳରୁ ବିହାର ଅଞ୍ଚଳର ଜଣେ ନାବାଳକ ଗୁପଚୁପ ବିକ୍ରି କରୁଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ଉଦ୍ଧାର କରିଥିଲା। ୩ ଜଣ ଶିଶୁ ଶ୍ରମିକ କାମ କରୁଥିବା ମାଲିକଙ୍କୁ ଅସ୍ତରଙ୍ଗ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ କାରଣ ଦର୍ଶାଅ ନୋଟିସ ଦେବା ସହ ଉକ୍ତ ୩ଜଣ ନାବାଳକଙ୍କୁ ତୁରନ୍ତ ଘରେ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଜଣାପଡିଛି ଯେଉଁ ସ୍ଥାନରେ କାମ କରୁଥିଲେ ଉକ୍ତ ମାଲିକ ମାନେ ଅଳ୍ପ ବେତନ ଦେଇ କାମ କରାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଚଢ଼ାଉରେ ଜିଲ୍ଲା ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ, ଆଶିଷ କୁମାର ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ସହାୟକ ସୂର୍ଯ୍ୟକାନ୍ତ ପଣ୍ଡା, ପରାମର୍ଶଦାତା ଭବାନୀଶଙ୍କର ପଲାଇଙ୍କ ସହ ଅସ୍ତରଙ୍ଗ ଥାନା ପୋଲିସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବି ଏହି ଚଢ଼ାଉ ଅସ୍ତରଙ୍ଗ ବଜାର ସମେତ ଅନ୍ୟ ଗାଁରେ ଜାରି ରହିବ ବୋଲି କହିଛନ୍ତି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ। ବିପଦସଂକୁଳ ସ୍ଥିତିରେ ଯଦି କୌଣସି ଶିଶୁ ଶ୍ରମିକ କାମ କରୁଛନ୍ତି ତେବେ ତୁରନ୍ତ ଜିଲ୍ଲା ଶ୍ରମ ବିଭାଗକୁ ସୂଚନା ଦେବାକୁ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଅନୁରୋଧ କରିଛନ୍ତି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାଲକାନଗିରି ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗାଭ୍ୟାସ ଶିକ୍ଷା ସହ ଯୋଗ ଦିବସ ପାଳନ ହୋଇଛି। ଏହି ଯୋଗ ଦିବସରେ ଷଷ୍ଠରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଏବଂ ପ୍ରାୟ ୨୦ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଶଶଧର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିବା ସହ ମନୁଷ୍ୟ ଜୀବନରେ ଯୋଗର ଉପକାରିତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଭାଷ ସାକ୍ଷ ପ୍ରାୟ ୧ଘଣ୍ଟା ଧରି ପ୍ରାଣାୟାମ ସହ ବିଭିନ୍ନ ଆସନଗୁଡିକ ଅଭ୍ୟାସ କରାଇଥିଲେ ଏବଂ ତା'ର ଉପକାର ସମ୍ବନ୍ଧରେ ଧାରଣା ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ 'ଯୋଗା ସେ ହି ହୋଗା' ନାରା ଦେଇଥିଲେ। ଶେଷରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା



ଅନୁଷ୍ଠାନର ଏନସିସି ଶିକ୍ଷକ ମହେଶ ପଞ୍ଚାର୍ଯ୍ୟ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକାମକୁ ଶେଷ କରିଥିଲେ।

## ପୀଡ଼ିତା ଛାତ୍ରୀର ପରିବାରକୁ ଭେଟିଲେ କଂଗ୍ରେସ କେନ୍ଦ୍ରୀୟ ଟିମ୍



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଦିନକୁଦିନ ନାରୀ ନିର୍ଯ୍ୟାତନା, ଗଣଧର୍ଷଣ ଏବଂ ହତ୍ୟା ବଢ଼ିଚାଲିଛି। ତଥାପି ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଯାହାଫଳରେ ଅପରାଧ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଏକ କେନ୍ଦ୍ରୀୟ ଅନୁସନ୍ଧାନ କମିଟି ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସମୁନିସିଙ୍କ ନେତୃତ୍ୱରେ ସାଂସଦ ରଂଜିତ ରଞ୍ଜନ, ସାଂସଦ ସୁଶ୍ରୀ ପରିଣତା ସିନ୍ଧେ, ସାଂସଦ ଏସ ଜୋଠିମଣି ଓ ଶୋଭା ଓଝା ପ୍ରମୁଖ ଗଣଧର୍ଷଣ ଓ ହତ୍ୟା ହୋଇଥିବା ଆଦିବାସୀ ନାବାଳିକା ପରିବାରକୁ ଭେଟି ତଦନ୍ତ କରିଥିଲେ। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ ପଣ୍ଡାପଡା ଥାନାର ତେନ୍ତଲାପଶି ଗ୍ରାମର ଜୈନକ ଆଦିବାସୀ ନାବାଳିକା ଛାତ୍ରୀକୁ ପ୍ରଥମେ ଗଣଧର୍ଷଣ ଓ ପରେ ହତ୍ୟା କରି ନିଜ ବାଡ଼ିର ଏକ ସଜନା ଗଛରେ ଟାଙ୍ଗି ଦିଆଯାଇଥିଲା। ଏହି ଘଟଣା ପ୍ରଘଟ ହେବାପରେ ପ୍ରଥମେ ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା କଂଗ୍ରେସର ଏକ ଟିମ ଏହି ଅଞ୍ଚଳକୁ ଆସି ମୃତ ନାବାଳିକାର ପରିବାରବର୍ଗକୁ ଭେଟିଥିଲେ। ତା'ପରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ଏକ କଂଗ୍ରେସ ଟିମ ଏହି ଗ୍ରାମକୁ ଆସି ତୁରନ୍ତ ଦୋଷୀଙ୍କୁ ଦଣ୍ଡଦେବା ସହିତ ଅତି କମରେ ୨୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସାହାଯ୍ୟ ସରକାର ପକ୍ଷରୁ ଦିଆଯାଉ। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଉ। ଏପରି ଏକ ସମ୍ବେଦନଶିଳ ପ୍ରସଙ୍ଗକୁ କଂଗ୍ରେସ ଦଳ ଏହା ଏକ ଜାତୀୟ ପ୍ରସଙ୍ଗ କରି ଅଖିଳ ଭାରତ କଂଗ୍ରେସ କମିଟି ତରଫରୁ ଏକ ଉଚ୍ଚ ଅନୁସନ୍ଧାନକାରି ଦଳ ତେନ୍ତଲାପଶି ଗ୍ରାମକୁ ଯାଇ ଅନୁସନ୍ଧାନ କରିଥିଲେ। ଆଦିବାସୀ ଓ ନାରୀ ପ୍ରତି ଅତ୍ୟାଚାର ଯାହାକି ଆଗାମୀ ଦିନରେ ପାର୍ଲିଆମେଣ୍ଟରେ ଏହାକୁ ଏକ ମୁଖ୍ୟ ପ୍ରସଙ୍ଗ କରିବ କଂଗ୍ରେସ ଦଳ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମନୋଜ ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶବନ୍ତ ସିଂ ଲାଗୁରି, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପିସିସି ସଂଯୋଜକ ସୁଧାଂଶୁ ଶେଖର ଦେଓ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ମହିଳା କଂଗ୍ରେସ ପୂର୍ବତନ ଉପ ସଭାନେତ୍ରୀ ସଂଗୀତା ସିଂହ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ତେଲକୋଇ କଂଗ୍ରେସ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ସଦର କଂଗ୍ରେସ ପ୍ରାର୍ଥୀନୀ ପ୍ରତିଭା ମଞ୍ଜରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦଳିତଙ୍କୁ ମରଣାନ୍ତକ ଆକ୍ରମଣ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଧରାକୋଟ ବ୍ଲକ ଅଧିନସ୍ଥ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ ମରଣାନ୍ତକ ଆକ୍ରମଣ ଓ ସର୍ବସାଧାରଣରେ ନିର୍ଯାତନାକୁ ବିରୋଧ କରି ମାନବାଧିକାର ସୁରକ୍ଷା ମଞ୍ଚ ଓ ଅନୁସୂଚିତ ଜାତି ଓ ଜନଜାତି ଅଧିକାର ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ଅଧିକାଂଶ ସମୟରେ ବିଭିନ୍ନ ଜାତିଆଣ ପ୍ରସଙ୍ଗରେ ସାମାଜିକ ବାସନ୍ଦ, ମରଣାନ୍ତକ ଆକ୍ରମଣ, ସର୍ବସାଧାରଣରେ ଅପମାନ, ଆର୍ଥିକ ଜୋରିମାନା ଆଦି ଜଘନ୍ୟ ଘଟଣାମାନ ନିୟମିତଭାବେ ଘଟିଚାଲିଛି। ଏହି ଅମାନୁଷିକ ଘଟଣା ଗୁଡ଼ିକୁ ରୋକିବା ପାଇଁ କୌଣସି ପ୍ରକାର ପ୍ରଭାବଶାଳୀ ସରକାରୀ ଅଙ୍କୁଶ କାମ କରୁନାହିଁ। ରବିବାର ଧରାକୋଟ ବ୍ଲକ ଓ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ସିଙ୍ଗିପୁର ଗ୍ରାମର ଦଳିତ ବର୍ଗର ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଳାଇ ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଇବା ଘଟଣା ଘଟିଛି। ସୂଚନା ଯେ, ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ ଝିଅକୁ ଯୌତୁକ ଦେବା ପାଇଁ ହରିପୁର ଗ୍ରାମରୁ ତିନୋଟି ଗାଇ ଧରି ନିଜ ଗ୍ରାମକୁ ଯାଉଥିଲେ। ରାସ୍ତାରେ ଖାରିଗୁମ୍ମା ଗ୍ରାମରେ ଆଠଜଣ ଅସାମାଜିକ ବ୍ୟକ୍ତି ସେମାନଙ୍କୁ ଅଟକାଇ ଦାଦା ବଟି ୩୦ ହଜାର ଟଙ୍କା ମାଗିଥିଲେ। ବୁଲୁ ଓ ବାବୁଲା ମନା କରିବାରୁ ଗୋଚାଲାଣ କଥା ଅପପ୍ରଚାର କରି ଗାଁରେ ଅନ୍ୟମାନଙ୍କୁ ଉତ୍ତେଜିତ କରି ଉକ୍ତ ଆଠ ଜଣ ଅସାମାଜିକ ବ୍ୟକ୍ତି ସର୍ବସାଧାରଣରେ ବୁଲୁ ଓ ବାବୁଲାଙ୍କୁ ମରଣାନ୍ତକ ଆକ୍ରମଣ ଓ ଅମାନୁଷିକ ନିର୍ଯାତନା ଦେଇଥିଲେ। ଏହି ଜଘନ୍ୟ କାଣ୍ଡର ଶିକାର ହୋଇଥିବା ଉକ୍ତ ଦୁଇଜଣ ଦଳିତ ବର୍ଗର ବ୍ୟକ୍ତିଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବାସହ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ରାଷ୍ଟ୍ରୀୟ ବ୍ୟବସ୍ଥା ଉପରେ ଜନଗଣଙ୍କ ବିଶ୍ୱାସର ହାନି ଘଟିଛି। ଦେଶ ସ୍ୱାଧିନତାର ୭୮ବର୍ଷ ପରେ ବି ମଣିଷକୁ ମଣିଷ ଭଳି ନ ଦେଖିବା ଏହା ଭାରତବର୍ଷର ସମ୍ବିଧାନ ଓ ସର୍ବବୃହତ ଗଣତନ୍ତ୍ର ପ୍ରତି ଅପମାନ। ଏଣୁ ଏହି ଜଘନ୍ୟ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବୁଲୁ ନାୟକ ଓ ବାବୁଲା ନାୟକଙ୍କ ପରିବାରର ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର ବେଳେ ମାନବାଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଏସ. କେଶବ ଲିଙ୍ଗମ୍, ଆଇନଜୀବୀ ଅବନୀ ଗୟା, ଅନୁସୂଚିତ ଜାତି ଓ ଜନଜାତି ଅଧିକାର ମଞ୍ଚର ଅଭିମନ୍ୟୁ ନାହାକ, କଂଗ୍ରେସ ନାହାକ ଏବଂ ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ଜିଲ୍ଲା ଆବାହକ ନିରାକାର ନିରାକାର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଶିକ୍ଷାଦାନରେ ସହକାରୀ ଶିକ୍ଷକଙ୍କ ଅବହେଳା ଅଭିଯୋଗ

## ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତ ଅଧୀନ ଗାଜିପୁର ପାଟଣା ନୋଡାଲ ୟୁପି ସ୍କୁଲର ସହକାରୀ ଶିକ୍ଷକ ବିଜୟ କୁମାର ସାହୁ ଶିକ୍ଷାଦାନରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ସହକାରୀ ଶିକ୍ଷକ ସାହୁଙ୍କୁ ବଦଳି ଦାବିରେ ସୋମବାର ପୂର୍ବାହ୍ନରେ ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ସିଆରସିସି ସସ୍ମିତା ମଞ୍ଜରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିବା ସହିତ ତୁରନ୍ତ ସାହୁଙ୍କ ବଦଳି ଦିଗରେ ପଦକ୍ଷେ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍କୁଲ ତାଲା ଖୋଲି ଶିକ୍ଷାଦାନ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଗାଜିପୁର ପାଟଣା ନୋଡାଲ ୟୁପି ସ୍କୁଲର ସହକାରୀ ଶିକ୍ଷକ ବିଜୟ କୁମାର ସାହୁ ସ୍କୁଲରେ ପିଲାମାନଙ୍କୁ ପାଠପଢ଼ାରେ ଅବହେଳା କରିବା ସହିତ ଗ୍ରାମକୁ ଯାଇ ଅଭିଭାବକମାନଙ୍କୁ ଏଲଆଇସି କରିବା ପାଇଁ କହୁଛନ୍ତି। ଏଥିସହିତ ଗ୍ରାମକୁ ଯାଇ ରାଜନୈତିକ ବିଭେଦୀକରଣ ସୃଷ୍ଟି କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତପାର୍ଥକ୍ୟ କଳହର ସୂତ୍ରପାତ କରାଇ ବିଶୃଙ୍ଖଳା ପରିବେଶ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକମାନେ କିଛିମାସ ତଳେ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇ ସାହୁଙ୍କ ବଦଳି ଦାବି କରିଥିଲେ। ମାତ୍ର ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆ ନଯିବାରୁ ବିଜେଶ କୁମାର ସାହୁ, ରବିନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରମାକାନ୍ତ ଗିରି, ଅନୀତା ସାହୁ, ବନ୍ଦିତା ପାଣିଗ୍ରାହୀ, ସାବିତ୍ରୀ ଗିରି, ମଧୁସ୍ମିତା ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଜୟନ୍ତୀ ଗିରି, ରଶ୍ମିତା ମାହାନା, ଜୟନ୍ତୀ ମାଝୀ ପ୍ରମୁଖ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସହକାରୀ ଶିକ୍ଷକ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅଭିଯୋଗର କୌଣସି ସତ୍ୟତା ନାହିଁ, ଆକ୍ରୋଶମୂଳକ ଭାବେ ଅଭିଯୋଗ କରାଯାଇଛି।

## ନିମ୍ନମାନର ଛତୁଆ ଯୋଗାଣ

## କାର୍ଯ୍ୟାନୁଷ୍ଠାନ ଦାବିରେ ଅନଶନରେ ବସିଲେ ମହିଳା ଗୋଷ୍ଠୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ବର୍ଷ ବର୍ଷ ଧରି ନିମ୍ନମାନର ଛତୁଆ ଯୋଗାଉଥିବା ବିଶ୍ୱନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ମହିଳା ଓ ଶିଶୁ ବିକାଶ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଅନଶନରେ ବସିଥିଲେ। ସମ୍ପୃକ୍ତ ଯୋଗାଣ କାରୀ ସଂସ୍ଥା ଦ୍ୱାରା ଯୋଗାଣ ହେଉଥିବା ଛତୁଆ ନିମ୍ନମାନର ଓ ସେହି ଛତୁଆର ପରୀକ୍ଷା ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା କରାଯାଇ ମାନ ଯାଞ୍ଚ କରାଯାଉ ବୋଲି ଦାବି କରିଥିଲେ ଅନଶନକାରୀ ମହିଳାମାନେ। ବିଶ୍ୱନାଥ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ଏଭଳି ଅଭିଯୋଗ ଗ ୨୦୨୪ ମସିହା ସେପ୍ଟେମ୍ବର ୬ ତାରିଖରେ ହୋଇଥିଲା। ଗତ ନଭେମ୍ବର ୨୮ ତାରିଖରେ ଜିଲ୍ଲାପାଳ ଅଚାନକ ଗସ୍ତ କରି ଛତୁଆ ଯାଞ୍ଚ କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଗତ ଫେବୃୟାରୀ ୧୯ ତାରିଖ ପତ୍ର ସଂଖ୍ୟା ୨୩୭୦ ଅନୁଯାୟୀ ଭଦ୍ରକ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଛତୁଆ ମାନ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଯାଞ୍ଚ ହୋଇ ନଥିଲା କି ଫଳାଫଳ ଜଣାପଡିନଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଭାତୀ ବେହେରା, ରେଖା ନାୟକ, ରଜନି ନାୟକ, ରଶ୍ମିତା ନାୟକ, ବିମଳା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ନାୟକ, ସଶ୍ମିତା ବେହେରା, ରଶ୍ମି ବେହେରା, ଲକ୍ଷ୍ମୀ ବେହେରା, ସୁଷମା ଦେହୁରୀ, ଶିଳ୍ପା ଆରଖ, ପ୍ରିୟଙ୍କା ଆରଖ ପ୍ରମୁଖ ଶତାଧିକ ମହିଳା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଅନଶନ କରିଥିଲେ। ବିଡିଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ଅନଶନ ସ୍ଥଗିତ ରହିଥିଲା।

## ବାଇକରୁ ପଡି ଯୁବକ ଗୁରୁତର

କୋଷାଗୁମୁଡା, (ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନ ୪ଟା ରେ ଜଣେ ଯୁବକ ବାଇକରୁ ପଡି ଗୁରୁତର ଅବସ୍ଥାରେ ଡ଼ଙ୍ଗର ଦେଇ ମନ୍ଦିର ତଥା କୋଡ଼ିଙ୍ଗା ରାସ୍ତାରେ ପଡିଥିଲା। ବିଶେଷ ସୂଚନା ୧୧୨ର ଦ୍ୱାରା ଅଗ୍ନିଶମ ବିଭାଗ କର୍ମଚାରୀ ନିଜ ଗାଡ଼ିରେ ଆଣି କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଭର୍ତ୍ତି କରିଛନ୍ତି। ଯୁବକ ବିଏମସେମେଲା ଗ୍ରାମର ଭୀମ ଭତ୍ରା ବୋଲି ଜଣାପଡ଼ିଛି। ଏପଟେ ଯୁବକର ବାମ ଗଡ଼ ଓ ହାତ ଭାଙ୍ଗିଯାଥିବା ବେଳେ ଡାକ୍ତର ଆଶିଷ ମୁନୀ ପ୍ରାଥମିକ ଚିକିତ୍ସା କରି ନବରଙ୍ଗପୁର ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜଣାପଡିଛି। ଏପଟେ କୋଷାଗୁମୁଡା ପୋଲିସ ଘଟଣା ଉପରେ ଯାଞ୍ଚ କରିଥିବା ବେଳେ ଯୁବକର ବାଇକକୁ ଅନୁସନ୍ଧାନ କରୁଥିବା ଜଣାପଡିଛି।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦେଶୀ, ବିଦେଶୀ ଚୋରା ମଦ, ଗଞ୍ଜେଇ, ଅଫିମ, ଚରସ, ହିରୋଇନ, ବ୍ରାଉନ ସୁଗାର ବେପାର ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପାଉଛି। ଅଭିଯୋଗ ଗ୍ରହଣ ପାଇଁ ଅବକାରୀ ବିଭାଗକୁ ଖୋଜି ପାଉନାହାନ୍ତି ଲୋକେ। ନିଶା ବେପାରୀଙ୍କୁ ଧରମବନ୍ଧୁ କରି ଅବକାରୀ ବିଭାଗ କର୍ମଚାରୀ ନିଜ ପକେଟ ଭରୁଛନ୍ତି। ଏପରି ସ୍ଥଳେ କି ସଚେତନତା ପାଇଁ ଆସିଛନ୍ତି ବୋଲି ସୋମବାର ବ୍ଲକ ମିଶନଶକ୍ତି ସଭାଗୃହରେ ଅନୁଷ୍ଠିତ ମହିଳା ସଚେତନତା ଶିବିରରେ ଅବକାରୀ ଅଧିକାରୀଙ୍କୁ ମହିଳାମାନେ ପ୍ରଶ୍ନ କରି ତାଚ୍ଛଲ୍ୟ କରିଥିଲେ। ପ୍ରତି ଗାଁ ଛକମୁଣ୍ଡରେ ମଦ ବେପାର ହେଉଛି। ବୟାବନାପୁର ନୂଆନଇ କେନାଲ ଛକରେ ବ୍ରାଉନସୁଗାର ବେପାର ଖୋଲାଖୋଲି ହେଉଛି। ସେହିପରି ପାଳଦାବାଙ୍କରେ ମଧ୍ୟ ଅନୁରୂପ ବେପାର ହେଉଛି। ଧାମନଗର ଅବକାରୀ ଥାନା କର୍ମଚାରୀଙ୍କୁ ଅଭିଯୋଗ କରିବାକୁ ଲୋକେ ଅପେକ୍ଷା କରିଛନ୍ତି। ହେଲେ ମହିଳା ସଚେତନ ହେଲେ ନିଶା ବେପାର କମିବ ବୋଲି ଅବକାରୀ ଅଧିକାରୀଙ୍କ ଉକ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି କହି ଘେରିଥିଲେ ମହିଳାମାନେ। ଅବକାରୀ ନିରୀକ୍ଷକ ସଙ୍ଗୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଆମ ସଙ୍କଳ୍ପ ନିଶା ନୁହେଁ, ଜୀବନ' ସଚେତନତା କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଉପନିରୀକ୍ଷକ ରବି ବେହେରା, ସହକାରୀ ଉପନିରୀକ୍ଷକ ଦେବେନ୍ଦ୍ର କୁମାର ସିପାହୀ, ମିଶୁନ ଜେନା ଉପସ୍ଥିତ ରହି ମାଦକଦ୍ରବ୍ୟ ବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଭୁକ୍ତ ମହିଳାମାନେ ଯୋଗ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ବିଷମକଟକ ସିଡିପିଓ ଏବଂ କିରାଣୀ





ରାୟଗଡା, (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ବିଷମକଟକ ସିଡିପିଓ ସୁଶିଳା ଶବର ଏବଂ କିରାଣୀ ରାମଚନ୍ଦ୍ର ପାତ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଚାଟିକଣା ପଞ୍ଚାୟତ ହୁତେଶି ଗ୍ରାମର ଅଙ୍ଗନୱାଡି କର୍ମୀ ସୀତା ୱାଡେକାଙ୍କ ଠାରୁ ସେ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଅଙ୍ଗନବାଡି କର୍ମୀ ଚୟନ ପାଇଁ ସୀତା ୱାଡେକାଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମେ ୨୦ ହଜାର ଟଙ୍କା ନେଇଥିବା ବେଳେ ସୋମବାର ବଳକା ୮୦ ହଜାର ଲାଞ୍ଚ ନେଉଥିଲେ। ସେହି ସମୟରେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରିଥିଲା। ଏହାପରେ ଗିରଫ କରି ରାୟଗଡା ଭିଜିଲାନ୍ସ କାର୍ଯ୍ୟାଳୟ ଆଣି ସେଠାରେ ପଚରାଉଚରା କରୁଛି। ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ମଙ୍ଗଳବାର ଉଭୟଙ୍କ କୋର୍ଟ ଚାଲାଣ କରାଯିବ।

## ଦୁର୍ଘଟଣାରେ ମହିଳା ଗୁରୁତର

ଆଳି, (ଭାସ୍କର ନ୍ୟୁଜ): ଆଳି ବ୍ଲକସ୍ଥିତ ଡାକବଙ୍ଗଳା ଛକ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ତଳେ ପଡିଯିବାରୁ ଜଣେ ମହିଳା ତଳେ ପଡ଼ିଯାଇ ତାଙ୍କ ହାତ, ବାମ ଗୋଡ଼ ଏବଂ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସୂଚନା ମୁତାବକ ରାଜକନିକା ବ୍ଲକ ପିଝୁଡି ନିବାସୀ ଲିଲି ପଟ୍ଟନାୟକ (୩୧) ସୋମବାର ସନ୍ଧ୍ୟାରେ କଟକରୁ ସ୍ୱାମୀଙ୍କ ସହ କାମସାରି ବାଇକ ଯୋଗେ ତାଙ୍କ ଘର ରାଜକନିକାକୁ ଫେରୁଥିଲେ। ସେହି ସମୟରେ ଆଳି ଡାକବଙ୍ଗଳା ହମ୍ପସ ନିକଟରେ ହଠାତ ଭାରସାମ୍ୟ ହରାଇ ସେ ବାଇକରୁ ତଳେ ପଡିଯାଇଥିଲେ। ପ୍ରଥମେ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ସ୍ଥାନୀୟ ଲୋକମାନେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠି ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରାଇ ଥିଲେ। ପରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ସ୍ୱାସ୍ଥ୍ୟ ସ୍ଥିତି ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ।

# ସୂଚନା ଫଳକ ଅଛି, ସୂଚନା ନାହିଁ



କେନ୍ଦୁଝର, (ଭାସ୍କର ନ୍ୟୁଜ): ସଦର ବ୍ଲକ ନରଣପୁର ପଞ୍ଚାୟତ ଅନ୍ତର୍ଗତ ନରଣପୁର ହାଟ ନିକଟରେ ଥିବା ପୋଖରୀକୁ ଅମୃତ ସରୋବରରେ ପୁନଃରୁଦ୍ଧାର ଏବଂ ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ଏଥିପାଇଁ ମନରେଗାରେ ୧୦ଲକ୍ଷ ଏବଂ ବିକଶିତ ଗାଁ ବିକଶିତ ଓଡିଶା ସ୍କିମରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ ମନରେଗା ସୂଚନା ଫଳକରେ ଏ ନେଇ ସୂଚନା ନଥିବା ଦେଖିବାକୁ ମିଳିଛି। ମେ ମାସ ୨୨ରେ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ବର୍ଷା ଆରମ୍ଭରେ କାମ ଆରମ୍ଭ ହୋଇଛି। ମନରେଗା ଯୋଜନାରେ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟର କୋଡ ନମ୍ବର,କାର୍ଯ୍ୟ ଆରମ୍ଭ ତାରିଖ, କାର୍ଯ୍ୟ ଶେଷ ତାରିଖ, ପ୍ରକଳ୍ପ ଅଟକଳ ପରିମାଣ, ପ୍ରକଳ୍ପ ଖର୍ଚ୍ଚର ପରିମାଣ, ଶ୍ରମିକ ଏବଂ ସାମଗ୍ରୀ ବାବଦ କେତେକ ଟଙ୍କା ଖର୍ଚ୍ଚ ହେବ, ଦୈନିକ ମଜୁରୀ କେତେ ଟଙ୍କା, ସରୋବରର କ୍ଷେତ୍ରଫଳ, ସରୋବରର ଦୈର୍ଘ୍ୟ ଓ ପ୍ରସ୍ଥ, କାର୍ଯ୍ୟ ନିର୍ବାହୀ ସଂସ୍ଥାର ନାମ ଓ ଯୋଗାଯୋଗ ନମ୍ବର ଲିପିବଦ୍ଧ କରାଯାଇ ନାହିଁ। କେନ୍ଦୁଝର ମୁଖ୍ୟାଳୟ ଠାରୁ ମାତ୍ର ୬ କିଲୋମିଟର ଦୂରରେ ଏହି ପୋଖରୀର ପୁନରୁଦ୍ଧାର ଏବଂ ଉନ୍ନତିକରଣ ଚାଲିଥିଲେ ମଧ୍ୟ ବ୍ଲକର କୌଣସି ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ନାହିଁ। ଏ ସମ୍ପର୍କରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଇଂ ସମୀର କବି କହିଛନ୍ତି ଯେ, ବିକଶିତ ଗାଁ ବିକଶିତ ଓଡିଶା ସ୍କିମରେ ୫ ଲକ୍ଷ ଟଙ୍କାର କାମ ଚାଲିଛି ଏବଂ ମନରେଗା କାମ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଆରମ୍ଭ ହୋଇନାହିଁ। ମନରେଗାରେ କାମ ଆରମ୍ଭ ହେଲେ ସୂଚନା ଫଳକରେ ତଥ୍ୟ ଲିପିବଦ୍ଧ କରାଯିବ। ଅମୃତ ସରୋବରରେ ବିଳମ୍ବରେ କାର୍ଯ୍ୟାଦେଶ ଦିଆଯାଇଥିବାରୁ ଚଳିତ ଆର୍ଥିକ ବର୍ଷରେ କାମ ଶେଷ ହେବା ନେଇ ଆଶଙ୍କା ଦେଖାଦେଇଛି। ଫଳରେ ଉକ୍ତ ପୋଖରୀ ଉପରେ ନିର୍ଭରଶୀଳ ଲୋକମାନେ ହଇରାଣ ହେବେ। କେନ୍ଦୁଝର ସଦର ବ୍ଲକରେ ୨୧ ଟି ପୋଖରୀକୁ ଅମୃତ ସରୋବର ଯୋଜନାରେ ଉନ୍ନତିକରଣ କରାଯାଉଛି। ମାର୍ଚ୍ଚ କିମ୍ବା ଅପ୍ରେଲ ମାସରେ ଏହାର ଉନ୍ନତିକରଣ କାମ ଆରମ୍ଭ ନ କରାଯାଇ ବହୁ ବିଳମ୍ବରେ ଜୁନ ମାସରେ ଉନ୍ନତିକରଣ କାମ ଆରମ୍ଭ ହୋଇଛି। ଫଳରେ ଏହି ସବୁ ପୋଖରୀ ଉପରେ ନିର୍ଭରଶୀଳ ଲୋକ ଗାଧେଇବା ଏବଂ ଶୌଚ ପାଇଁ ହଇରାଣ ହେଉଛନ୍ତି।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆରୋଗ୍ୟ କାମନା କରି ଦୀପଦାନ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ୮ଟି ମନ୍ଦିରରେ ୧୦୨୦ ଦୀପଦାନ କରା ଯାଇଛି। ବିଜେଡି ଜିଲା ସମ୍ପାଦକ କମଳାକାନ୍ତ ଲେଙ୍କା ଓ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନାଟିଆ ସ୍ଥିତ ଲକ୍ଷ୍ମୀନାରାୟଣ ଓ ଶିବ ମନ୍ଦିର, ଗନ୍ଧର୍ବପୋଖରୀର ହନୁମାନ ମନ୍ଦିର, ମଙ୍ଗଳପୁରର ମା' ମଙ୍ଗଳା ମନ୍ଦିର, କମାରିଆରେ ମା' ତାରିଣୀ, ହନୁମାନ ଓ ଶିବ ମନ୍ଦିର ଓ ସନ୍ଥପୁରାରେ ଦୁଇଟି ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। ଏହି ଦୀପଦାନ କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିବା ବେଳେ ସଂଜୟ ମହାନ୍ତି, ଦେବାଶିଷ ମହାଳିକ, ବିଦ୍ୟାଧର ମହାଳିକ, ଭରତ କାଣ୍ଡି, ସୁଶାନ୍ତ ସେଠୀ, ରବିନ୍ଦ୍ର ପାଣି, ଦିବାକର ମହାଳିକ, ରବିନ୍ଦ୍ର ଦାସ ପ୍ରମୁଖ ସାମିଲ ଥିଲେ।

## ରେସଓ୍ୱାରେ ଆନ୍ତର୍ଜାତୀୟ ଯୋଗ ଦିବସ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଗରାପୁରସ୍ଥିତ ରେସଓ୍ୱା ଶକ୍ତିସଦନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରେସଓ୍ୱା ଅନ୍ତେବାସୀଙ୍କ ସମେତ କର୍ମକର୍ତ୍ତା ଏବଂ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଡିପିସି (ମମତା) ମନୋରଞ୍ଜନ ଦାସ, ଡିସି (ମହିଳା ହବ୍) ଲଲାଟେନ୍ଦୁ ଭୋଇ, ଆକାଉଣ୍ଟାଟ ସୁନିଲ କୁମାର ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରବେସନ ଅଧିକାରୀ ବିବେକାନନ୍ଦ ଅତବୁଦ୍ଧି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଭିନ୍ନ ଯୋଗାସନର ଅଭ୍ୟାସ କରିଥିଲେ। ଏଥିସହିତ ଦୈନିକ ଯୋଗ କରିବା ଦ୍ୱାରା ସୁସ୍ଥ,ନିରୋଗ ଜୀବନ ଯାପନ ତଥା ଯୋଗର ଉପକାରିତା ସମ୍ପର୍କରେ ଅନ୍ତେବାସୀ ମାନଙ୍କୁ ଅତିଥିମାନେ ଅବଗତ କରାଇଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ମୋଟ ୧୬୦ଟି ଅଭିଯୋଗର ଶୁଣାଣି ହୋଇଛି। ଏହି ଅଭିଯୋଗଗୁଡିକ ମଧ୍ୟରେ ୧୪୫ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୫ ଟି ସାମୂହିକ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ବ୍ୟକ୍ତିଗତ ଅଭିଯୋଗ ଗୁଡିକ ମଧ୍ୟରେ ରାସନ କାର୍ଡ, ଭିର୍ନ୍ନକ୍ଷମ ମାନଙ୍କର ପ୍ରମାଣ ପତ୍ର ଡିଜିଟାଲ ହେବା ଫଳରେ ବହୁ ଭିନ୍ନକ୍ଷମ ହିତାଧିକାରୀ ମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବା ଫଳରେ ସେମାନେ ବହୁସଂଖ୍ୟାରେ ଆସି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ତତସହିତ ସାମୁହିକ ଆବେଦନ ମଧ୍ୟରେ ମୁଖ୍ୟତଃ 'ବାତ୍ୟା ଦାନା' ଓ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାରେ ସରକାରଙ୍କ ତରଫରୁ ମଞ୍ଜୁର ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବିଡ଼ିଓଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଆଳି ପଞ୍ଚାୟତ ସମିତିର ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦର ସମସ୍ତ ସଭ୍ୟସଭ୍ୟା ମାନେ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଥିଲେ ଯଦି ସେମାନଙ୍କୁ ୭ ଦିନ ଭିତରେ କାର୍ଯ୍ୟକରିବାକୁ ଦିଆ ନଯାଏ ତେବେ ସେମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ ବ୍ଲକ ପ୍ରଶାସନକୁ ଅଚଳ କରିବା ସହିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଲକାଟି ପଞ୍ଚାୟତର ୧୨ ନମ୍ବର ୱାର୍ଡ ରେ ଦୀର୍ଘବର୍ଷ ରାସ୍ତା ନଥିବା ନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନଥିବା ଯୋଗୁଁ ଆଜି ସେମାନେ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ବଡାମ୍ବିଳା ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଆଜି ଉପ ଜିଲାପାଳଙ୍କୁ ଭେଟି କୁଣ୍ଡାଖିଆ ଯୋଡ଼ ଉପରେ ଏକ କଲଭର୍ଟ ଏବଂ ଆଡି ବନ୍ଧ ନିର୍ମାଣ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଆଜିର ଏହି ଜନଶୁଣାଣିରେ ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଦେବାଶିଷ ଧଳ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଯେନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜାମ୍ବର ମହାନ୍ତି, ବିଡ଼ିଓ ଅଭିନାଶ ବିଶ୍ୱଜିତ ସେଠି, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମାମିନାବାଳା ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ସେବକ ସେନାର ଲୋଗୋ ଉନ୍ମୋଚିତ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ସମାଜସେବୀ ରାଜୀବ କୁମାର ନାୟକ ଦୀର୍ଘ ୧୨ବର୍ଷ ଧରି ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସୁଛନ୍ତି। ସେ ଗୋପବନ୍ଧୁଙ୍କ ନାମରେ ଏକ ସଂଗଠନ କରି ସେବା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ସେବକ ସେନା ସଂଗଠନର ଲୋଗୋ ଉନ୍ମୋଚିତ ହୋଇ ଯାଇଛି। ଗୋପବନ୍ଧୁଙ୍କ ନାମରେ ସଂଗଠନକୁ ନବ କଳେବର କରି ନୂତନ ଲୋଗୋ ଓ ପୋଷାକ ଉନ୍ମୋଚନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ସେବକ ସେନାର ସଭାପତି ରାଜୀବ କୁମାର ନାୟକଙ୍କ ସଭାପତିତ୍ୱ ଓ ତିହିଡ଼ି ଯୁବମଞ୍ଚର ସଭାପତି କୈଳାସ ବେହେରାଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୀବନ ଜ୍ୟୋତି ସଂଗଠନର ପ୍ରତିଷ୍ଠାତା ଜ୍ୟୋତିର୍ମୟ ପାଣ୍ଡବ, ବରେଣ୍ୟ ଅତିଥି ଭାବେ ଇଣ୍ଡିଆନ ୱାରିୟର୍ସର ସତ୍ୟରଞ୍ଜନ ସାବତ, ସାହାଡ଼ାଶୁଣୀ ସେବ ଟ୍ରଷ୍ଟର ଉମାକାନ୍ତ ସାହୁ, ସେବକ ସେନାର ଉପଦେଷ୍ଟା ବସନ୍ତ କୁମାର ଦାସ, କର୍ମକର୍ତ୍ତା ଅଭିରାମ ଦାସ ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ସେବକ ସେନା ସେବା କାର୍ଯ୍ୟ ପୂର୍ବରୁ ଯେମିତି କରି ଆସୁଥିଲା ସେମିତି କରିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଭାତ କୁମାର ରାଉଳ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସଂଜୀତ କୁମାର ବଳ, ସମାଜସେବୀ ନିରଞ୍ଜନ ବାରିକ, ହରିହର ମଲିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସେବକସେନାର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ରାଜୀବ କୁମାର ନାୟକ, ଉପସଭାପତି ଅଭିରାମ ଦାସ, ସମ୍ପାଦକ ଅଶୋକ କୁମାର ନାୟକ, ସହସମ୍ପାଦକ ବୀରେନ କୁମାର ସେନାପତି, କୋଷାଧ୍ୟକ୍ଷ ସେକ୍ ଲିଆକତ, ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରୀତିଶ କୁମାର ତ୍ରିପାଠୀ, ଉପଦେଷ୍ଟା ବସନ୍ତ କୁମାର ଦାସ, କ୍ଷୀରସିନ୍ଧୁ ସାବତ, ରାମଚନ୍ଦ୍ର ନାୟକ, ରବିଶଂକର ଦାସ, ରାଜେଶ କୁମାର ସେଠୀ, ହରିହର ମଲିକ, ମଧୁସୂଦନ ପାଢ଼ୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତିହିଡ଼ି ବ୍ଲକର ବହୁ ସମାଜସେବୀ ଉପସ୍ଥିତ ଥିଲେ।

## ପଞ୍ଚାୟତ ସ୍ତରୀୟ ଝୁମର କାର୍ଯ୍ୟକ୍ରମ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ଗାଁ ଝୁମର ଆଖଳା ମୟୁରଭଞ୍ଜ ତରଫରୁ ପଞ୍ଚାୟତ ସ୍ତରୀୟ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ନରେନ୍ଦ୍ର ନାଥ ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ ଓ ଝୁମର ଜଗତର ସୁନାମଧନ୍ୟ ଢୋଲ ବାଦକ ତଥା କଣ୍ଠଶିଳ୍ପୀ ରବୀନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରଜନୀକାନ୍ତ ମହାନ୍ତ କୁଡୁମି ଜାତିର ପ୍ରଥା, ପରମ୍ପରା, ସଂସ୍କୃତି ଓ କୁଡୁମାଲୀ ଭାଷାର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ଗ୍ରାମରେ ଝୁମର କାର୍ଯ୍ୟକ୍ରମ କରିବା ପାଇଁ କୁଡୁମୀ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ। ଶୃଙ୍ଖଳିତ ଓ ସଂସ୍କୃତି ସମ୍ପନ୍ନ ସମାଜ ଗଠନ ପାଇଁ ନିଶା ନିବାରଣ ସମ୍ପର୍କରେ ସଚେତନ କରିଥିଲେ। ଏହାପରେ ସୁରେଇଡିହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ବିଶିଷ୍ଟ ଝୁମର ଶିଳ୍ପୀ ସୁକାନ୍ତ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ନିଜ ନିଜର ଝୁମର ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ମିଳିତ ଭାବରେ ଝୁମର ନୃତ୍ୟ ପରିବେଷଣ କରିଥିଲେ । ପାଖାପାଖି ଗ୍ରାମର ବହୁ ସଂଖ୍ୟକ ଝୁମର ପ୍ରେମୀ ଉପସ୍ଥିତ ହୋଇ ଝୁମରର ମଜା ନେଇଥିଲେ ।

## ଲୋକଙ୍କୁ ଥଇଥାନ ନ କଲେ ଆନ୍ଦୋଳନ ହେବ : ପୂର୍ବତନ ସାଂସଦ



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଉମରକୋଟ ସ୍ଥିତ ବାସଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମାଝୀ କହିଛନ୍ତି ଯେ ଉମରକୋଟ, ଝରିଗାଁ,ରାଇଘର ଅଞ୍ଚଳ ରେ ପ୍ରାୟ ୫୦ ବର୍ଷ ରୁ ଉର୍ଦ୍ଧ୍ୱ ଗାଁ ଗହଳିରେ ଛୋଟିଆ ଘରଟିଏ ଦୋକାନ କରି ଚଳୁଥିବା ଏହି ନିରୀହ ଲୋକଙ୍କୁ ଜିଲ୍ଲା ପ୍ରଶାସନ ଗୋଟିଏ ନୋଟିସ କରି ଘର ସବୁ ଭାଙ୍ଗି ଦେଇଛନ୍ତି। ସେମାନଙ୍କୁ କୌଣସି ଥଇଥାନର ବ୍ୟବସ୍ଥା କରିନାହାନ୍ତି ଜିଲ୍ଲା ପ୍ରଶାସନ। ଝରିଗାଁ ବ୍ଲକର ହାତୀ ବାଡି ଗ୍ରାମରେ ୨୮ ପରିବାରଙ୍କ ଘର ଭାଙ୍ଗି ଦେଇଛନ୍ତି। ସେଭଳି ଉମରକୋଟର ମେନ୍ଦାବେଡାର ରାସ୍ତା କଡରେ ଥିବା ଦୋକାନ କରି ଚଳୁଥିବା ଦୋକାନ ଘର ଗୁଡ଼ିକ ମଧ୍ୟ ଭାଙ୍ଗି ଦେଇଛନ୍ତି। ଏହା ଉଚ୍ଛେଦ ଉପରେ ଟାର୍ଗେଟ କରିଛନ୍ତି ନବରଙ୍ଗପୁର ବିଜେଡି ସଭାପତି ରମେଶ ମାଝୀ ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଉଚିତ୍ ପଦକ୍ଷେପ ଗ୍ରହଣ ପୂର୍ବକ ଥଇଥାନ ବ୍ୟବସ୍ଥା ନ କରନ୍ତି ତେବେ ରାଜ ରାସ୍ତାରେ ଓହ୍ଲାଇ ନିରୀହ ଲୋକଙ୍କ ହକ୍ ପାଇଁ ଲଢେଇ କରିବା ସହ ଜୋରଦାର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ଫଟୋ ସାମ୍ବାଦିକ ବୀରୁ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଇପିଏ ଉଇକ୍ଲି ଗଣମାଧ୍ୟମରେ କାର୍ଯ୍ୟରତ ଯୁବ ଫଟୋ ସାମ୍ବାଦିକ ବୀରୁ ସାହୁଙ୍କ ସୋମବାର ସକାଳେ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ ଥିବା ଯୋଗୁଁ ଏମ୍ସରେ ଚିକିତ୍ସାଧୀନ ଥିଲେ। ଗତକାଲି ରାତ୍ରିରେ ଖାଇ ପିଇ ସୋଇଥିଲେ କିନ୍ତୁ ସକାଳ ହେବା ପରେ ସେ ଆଉ ଉଠି ନଥିଲେ। ପରିବାର ଲୋକ ତାଙ୍କୁ ମେଡିକାଲ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଫଟୋ ସାମ୍ବାଦିକ ମାନଙ୍କ ପକ୍ଷରୁ ଡ଼ଟ୍ କମ୍ ଠାରେ ତାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅନେକ ସାମ୍ବାଦିକ ଓ ଫଟୋ ସାମ୍ବାଦିକମାନେ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ପ୍ରସାଶନର ବିଫଳତା ବିରୁଦ୍ଧରେ ମହିଳା ସଂଗଠନର ପ୍ରତିବାଦ

କଣିହାଁ, (ଭାସ୍କର ନ୍ୟୁଜ୍): ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅଂଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପ୍ରଦାନ କରିବା, ନାରୀର ନିରାପତ୍ତା ପାଇଁ ମଦ-ମାଦକ ଦ୍ରବ୍ୟ ତଥା ଅଶ୍ଳୀଳତା ଓ ଯୌନତାର ପ୍ରସାରଣ ବନ୍ଦ କରିବା, ମହିଳା ଓ ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ପୋଲିସ-ପ୍ରସାଶନର ବିଫଳତା ଦୂର କରିବା ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଣିହାଁ ବ୍ଲକ କମିଟି ପକ୍ଷରୁ ସୋମବାର ଦିନ ଅପରାହ୍ନରେ ଏନଟିପିସି ବାଇପାସ ଛକ ଠାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିବାଦ ବିକ୍ଷୋଭରେ ସଂଗଠନର ଅନୁଗୋଳ ଜିଲ୍ଲା ସଂପାଦିକା ମାନସୀ ସ୍ୱାଇଁ ଯୋଗଦେଇ ରାଜ୍ୟରେ ବୃଦ୍ଧି ପାଉଥିବା ଗଣ ଦୁଷ୍କର୍ମ ଓ ହତ୍ୟା, ନାରୀ ନିର୍ଯାତନା ଏବଂ ପୋଲିସର ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ମହିଳା ଓ ଛାତ୍ରୀମାନଙ୍କୁ ନିରାପତ୍ତା ଓ ସୁରକ୍ଷା ଦେବା କ୍ଷେତ୍ରରେ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ଡ୍ରଗ୍ସ, ମଦ, ମାଦକ ଦ୍ରବ୍ୟର ବ୍ୟାପକ କାରବାର ସହିତ ମୋବାଇଲ -ଇଣ୍ଟରନେଟ ଓ ଟିଭି ପରଦା ରେ ଅନବରତ କୁତ୍ସିତ, ଅଶ୍ଳୀଳ, ଯୌନ ବିକୃତ ଅପରାଧ ପ୍ରବଣ ସିନେମା ସଙ୍ଗୀତ, ସିରିଏଲ, ବିଜ୍ଞାପନ ଆଦିର ପ୍ରସାରଣ ଯୋଗୁଁ ଅଧପତିତ ଅବକ୍ଷୟ ସମାଜିକ ଓ ସାଂସ୍କୃତିକ ପରିବେଶ ଫଳରେ ଏହିଭଳି ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଯାହା ସରକାରୀ ପ୍ରଣଦିତ ବୋଲି ସେ କହିଥିଲେ। ଅବିଳମ୍ବେ ଏସବୁକୁ ରୋକିବା ପାଇଁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ର ବ୍ଲକ ସଂପାଦିକା ମିନତୀ ସାମଲ, ପଙ୍କଜିନୀ ସିଂ, କାବେରୀ ଜେନା, ସୁଷମା ନାଏକ ଉପସ୍ଥିତ ହୋଇ ଦାବି କରିଥିଲେ।

## ଟାଟା ଅଧକ୍ଷ ଏନ୍ ଚନ୍ଦ୍ରଶେଖରନଙ୍କ ଉଦାହରଣ ସୃଷ୍ଟିକାରୀ ପ୍ରତିକ୍ରିୟାକୁ ଶିଳ୍ପ ଲିଡରଙ୍କ ମିଳିତ ସମର୍ଥନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୨୦୨୫ ଜୁନ ୧୨ ତାରିଖରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଏଆଇ୧୭୧ ଦୁର୍ଘଟଣାରେ ୨୭୫ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଟାଟା ସନ୍ସ ଅଧକ୍ଷ ଏନ୍ ଚନ୍ଦ୍ରଶେଖରନଙ୍କ କାର୍ଯ୍ୟଦକ୍ଷତାକୁ ଏକ ଆଦର୍ଶ ଭାବେ ଶିଳ୍ପ ଜଗତର ଲିଡରମାନେ ସ୍ୱୀକାର କରିଛନ୍ତି। ଏକ ଟେଲିଭିଜନ ସାକ୍ଷାତକାରରେ ଚନ୍ଦ୍ରଶେଖରନ୍ କହିଥିଲେ ଯେ, 'ଏହି ଘଟଣା ଘଟିଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମୋତେ ବହୁତ ଦୁଃଖ ଲାଗୁଛି।" ଅଧକ୍ଷଙ୍କ ସେହି ସଚ୍ଚୋଟ ଆଭିମୁଖ୍ୟ ତାଙ୍କ ଦାୟିତ୍ୱରେ ପ୍ରତିଫଳିତ ହୋଇଥିବା ବେଳେ ବିମାନ ଚଳାଚଳ ବିଶେଷଜ୍ଞ ଓ ବ୍ୟବସାୟ ଲିଡରମାନେ ତାହାକୁ ଭୂୟସୀ ପ୍ରଶଂସା କରିଥିଲେ। ଭାରତୀୟ ବିମାନ ଦୁର୍ଘଟଣା ତଦନ୍ତ ବିଭାଗର ପୂର୍ବତନ ଅଧିକାରୀ କ୍ୟାପଟେନ କିଶୋର ଚିନ୍ତା ବିବିସିକୁ କହିଛନ୍ତି ଯେ, 'ଏହା ବିମାନ ଚଳାଚଳ ଇତିହାସରେ ଏକ ଅସାଧାରଣ ଘଟଣା। ମୋର ଜ୍ଞାନ ଅନୁସାରେ ଏଭଳି ଘଟଣା ପୂର୍ବରୁ କେବେ ଘଟିନାହିଁ।' ଚନ୍ଦ୍ରଶେଖରନ୍ ନିଜକୁ ଟାଟା ଗ୍ରୁପର ପୂର୍ବତନ କିମ୍ବଦନ୍ତୀ ଲିଡର ଜେଆରଡି ଏବଂ ଆରଏନଟି (ରତନ ନାଭାଲ ଟାଟା)ଙ୍କ ସହିତ ତୁଳନା କରି କହିଛନ୍ତି ଯେ,'ମୁଁ ଜେଆରଡି ନୁହେଁ, ମୁଁ ଆରଏନଟି ନୁହେଁ। କିନ୍ତୁ ଆମେ ସମସ୍ତେ ସେମାନଙ୍କ ମୂଲ୍ୟବୋଧରେ ପ୍ରେରିତ ଏବଂ ଆଶା କରୁ ଯେ ଆମେ ସେମାନଙ୍କ ପରି ଚରିତ୍ର ଏବଂ ସ୍ଥିରତା ପ୍ରଦର୍ଶନ କରିବୁ।' ଏହି ଦୃଷ୍ଟିଭଙ୍ଗୀକୁ ଶିଳ୍ପ ଜଗତରେ ସକାରାତ୍ମକ ଭାବେ ସ୍ୱାଗତ କରାଯାଇଛି। ଆରପିଜି ଗ୍ରୁପର ହର୍ଷ ଗୋଏଙ୍କା ଇକୋନମିକ ଟାଇମସରେ ଲେଖିଛନ୍ତି ଯେ, 'ଏହିଭଳି ଘଟଣାରରେ ଟାଟା ଗ୍ରୁପ ବାରି ହୋଇପଡେ। ସେମାନେ ଦାୟିତ୍ୱରୁ ପଛଘୁଞ୍ଚା ଦିଅନ୍ତି ନାହିଁ। ସେମାନେ କୌଣସି ଦାୟିତ୍ୱ ବହନ କରିବାକୁ ମନା କରିନାହାନ୍ତି।' ୨୬/୧୧ ମୁମ୍ବାଇ ଆତଙ୍କୀ ଆକ୍ରମଣ ସମୟରେ ଗ୍ରୁପର ଦୃଷ୍ଟାନ୍ତମୂଳକ ପରିଚାଳନା ସହ ଏହାକୁ ତୁଳନା କରି ସେ ଲେଖିଛନ୍ତି 'ଏଭଳି ସମୟରେ ଲିଡରସିପ କେଉଣସି ରଣନୀତି କିମ୍ବା ନିବେଶକ କଲର ବିଷୟ ନୁହେଁ, ବରଂ ଉପସ୍ଥିତ ରହିବା, ଷ୍ଟାଫଙ୍କୁ ପ୍ରତିଶ୍ରୁତି ଦେବା, ପରିବାରକୁ ଆଶ୍ୱାସନା ପ୍ରଦାନ କରିବା, ବିଫଳତାକୁ ମାନିବା, ବିନମ୍ରତାର ସହ ଶୁଣିବା ଓ ସ୍ୱଚ୍ଛତାର ସହ ପଦକ୍ଷେପ ନେବା।' କମ୍ପାନିର ଆଇନ ଟିମର ପ୍ରଚ୍ଛଦରେ ଲୁଚିବା ବଦଳରେ ଚନ୍ଦ୍ରଶେଖରନ୍ ବିମାନର ରକ୍ଷଣାବେକ୍ଷଣ ବିଷୟରେ ସ୍ୱଷ୍ଟ ସୂଚନା ଦେବାକୁ ଉଚିତ ମଣିଥିଲେ। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ ମଧ୍ୟ ଏହି ପାରଦର୍ଶିତାକୁ ସମର୍ଥନ ଜଣାଇଛନ୍ତି। ଏୟାର ଇଣ୍ଡିଆ ନିୟମିତ ଆବଶ୍ୟକତାକୁ ଅତିକ୍ରମ କରି ସୁରକ୍ଷା ଯାଞ୍ଚ ପାଇଁ ଆନ୍ତର୍ଜାତିକ ଫ୍ଲାଇଟ୍ ୧୫% କମ କରିଛି। ପୂର୍ବତନ ଜେଟ୍ ଏୟାରୱେଜ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୀବ କପୁର ଏହାକୁ ସମର୍ଥନ କରି କହିଛନ୍ତି, 'ଏୟାର ଇଣ୍ଡିଆର ଦଶକ ଦଶକ ଧରି ଏକ ଉତ୍କୃଷ୍ଟ ସୁରକ୍ଷା ରେକର୍ଡ୍ ରହିଛି। ଗୋଟିଏ ଦୁର୍ଘଟଣା ପରେ ଲୋକେ ସମସ୍ତ ଦୃଷ୍ଟିକୋଣ ବଦଳାଇ ଦେଉଛନ୍ତି।' 'ଆମେ କେବଳ ଏହା ପ୍ରତିଶ୍ରୁତି ଦେଇପାରିବା ଯେ ଆମେ ସେମାନଙ୍କ ସହିତ ରହିବୁ ଏବଂ ମୁଁ ସେମାନଙ୍କ ସହିତ ରହିଛୁ ବୋଲି ସେ କହିଛନ୍ତି। ବରିଷ୍ଠ ସାମ୍ବାଦିକ ବିର ସାଂଘବୀ ଏହାକୁ 'ଟାଟାର ସହାନୁଭୂତି, ଶିଷ୍ଟାଚାର ଏବଂ ଆନ୍ତରିକତାର ପ୍ରତୀକ' ବୋଲି ବର୍ଣ୍ଣନା କରିଛନ୍ତି। ଚନ୍ଦ୍ରଶେଖରନ୍ ଏବଂ ୱିଲସନ ଦୁର୍ଘଟଣା ସ୍ଥଳକୁ ଯାଇଥିଲେ ଏବଂ ଚନ୍ଦ୍ରଶେଖରନ୍ ପ୍ରତିଶ୍ରୁତି ଦେଇଥିଲେ ଯେ ଅମେ ଆମ ଦାୟିତ୍ୱରୁ ପଛଘୁଂଚା ହେବୁ ନାହିଁ। କପୁର ସ୍ମରଣ କରାଇଛନ୍ତି ଯେ 'ବିମାନ ଯାତାୟତ ବର୍ତ୍ତମାନ ମଧ୍ୟ ସବୁଠାରୁ ସୁରକ୍ଷିତ', କିନ୍ତୁ ଯେତେବେଳେ ଦୁର୍ଘଟଣା ଘଟେ, ସେତେବେଳେ ତାହାର ନେତୃବୃନ୍ଦଙ୍କ ଆଚରଣ ସଂସ୍ଥାକୁ ପରିଭାଷିତ କରିଥାଏ।

# ଟ୍ରକ୍ ଧକ୍କାରେ ମହିଳା ମୃତ

ବୋଲଗଡ଼, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତ ଟିକାତାଳ ଟୋଲଗେଟ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ରାଜସୁନାଖଳା ରତ୍ନପୂର ସାହିର ପତିପତ୍ନୀ ନିଜ ହିରୋହୁଣ୍ଡା ପାସନ ବାଇକ୍ ?ରେ ନିଜ ପୁଅ ବିବାହ କାର୍ଯ୍ୟର ବନ୍ଧୁ ନିମନ୍ତ୍ରଣ ପାଇଁ ରବିବାର ସକାଳ ସାଢ଼େ ୯ଟା ସମୟରେ ବାଘମାରି ଅଭିମୁଖେ ଯାଉଥିଲେ। ନିକଟରେ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାଇ ଟିକାତାଳ ଟୋଲଗେଟ ପୁର୍ବରୁ ଥିବା ରାସ୍ତା ହମ୍ପସ ଏଡ଼ାଇ ପାଶ୍ୱରେ ଯାଇ, ପୁଣି ବାଇକ୍‌କୁ ପିଚୁ ଉପର ବାଇକ୍ ଉଠାଇ ନେଉଥିବା ସମୟରେ ମଧ୍ୟପ୍ରଦେଶର ଏକ ମାଲବାହୀ ଟ୍ରକ୍ ହମ୍ପସରେ ବ୍ରେକ ନଦେଇ ଦୃତଗତିରେ ବାଇକଟିର ପଛରେ ପିଟି ଦେଇଥିଲା। ଫଳରେ ବାଇକ୍ ଚାଳକ ଶାନ୍ତନୁ ଆଚାର୍ଯ୍ୟ ରାସ୍ତା ପାଶ୍ୱରେ ପଡି ଆହତ ହୋଇଥିବା ବେଳେ ତାଙ୍କ ପତ୍ନୀ ମାମୁନି ଆଚାର୍ଯ୍ୟଙ୍କ ଡାହାଣ ହାତ ଉପରେ ଟ୍ରକ ଚକା ଚଢିଯାଇଥିଲା । ଘଟଣାସ୍ଥଳରେ ମାମୁନିଙ୍କର ମୃତ୍ୟୁ ହୋଇ ଯାଇଥିଲା। ଘଟଣାସ୍ଥଳରେ ଟ୍ରକଚାଳକକୁ ସ୍ଥାନୀୟ ଲୋକ ଅଟକାଇବା ପରେ ଆଖି ଲାଗି ଯାଇଥିବା ଚାଳକ କହିଛି। ଉଭୟ ପତିପତ୍ନୀଙ୍କୁ ରୋଗିବୁହା ଯାନରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିଲା। ଘଟଣାସ୍ଥଳରେ ବେଗୁନିଆ ପୁଲିସ ପହଞ୍ଚି ଗାଡିକୁ ଜବତ କରି ଟ୍ରକ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ପ୍ରତିମାସରେ ସେହି ସ୍ଥାନରେ ବହୁ ଦୁର୍ଘଟଣାରେ ଯାତ୍ରୀଙ୍କର ଧନ ଜୀବନ ହାନି ହେଉଥିବା ସ୍ଥାନୀୟ ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ବିଭାଗ ଏହା ପରେ ଗୁରୁତ୍ୱ ଦେଇ ବିପଦ ଏଡ଼ାଇବା ପାଇଁ ସୂଚନା ଫଳକ ଲଗାଇବାକୁ ଦାବି ହୋଇଛି।

## ପିକ୍-ଅପ୍ ଭ୍ୟାନ ଓଲଟି ଜଣେ ମୃତ, ୬ ଆହତ



ଟାଙ୍ଗୀ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ କୟଥପଲ୍ଲୀ ଛକ ନିକଟରେ ଜାତୀୟ ରାଜପଥରେ ହଠାତ୍ ଓଲଟି ପଡିଥିଲା ଏକ ପିକ୍-ଅପ୍ ଭ୍ୟାନ। ଏହି ପିକ୍-ଅପ୍ ଭ୍ୟାନଟି ମୟୂରଭଞ୍ଜରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଓଲଟି ପଡିଥିଲା। ଏହି ପିକ୍-ଅପ୍ ଭ୍ୟାନ ରେ ସର୍ବମୋଟ ୭ ଜଣ ଥିବା ବେଳେ ୬ ଜଣ ଶ୍ରମିକ ଥିଲେ। ମୟୂରଭଞ୍ଜର ୬ ଜଣ ଶ୍ରମିକ ଏକ ଟାଓାର ନିର୍ମାଣ ଓ ମରାମତି କାର୍ଯ୍ୟ କରିବା ପାଇଁ ଯାଇଥିବା ଜଣାପଡିଛି। ପିକ୍-ଅପ୍ ଭ୍ୟାନଟି ଓଲଟି ପଡ଼ିବା ଯୋଗୁଁ ଜଣେ ଶ୍ରମିକ (ମୟୂରଭଞ୍ଜ ନିକଟସ୍ଥ ବିଷୋଇ ଥାନା ଅଞ୍ଚଳର ମହୁ-ଭଣ୍ଡାର ଗାଁର) ବ୍ରହ୍ମା ବେହେରାଙ୍କର ମୃତ୍ୟୁ ହୋଇଛି। ଅନ୍ୟମାନେ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ଟାଙ୍ଗୀ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜୁନ୍ ୨୫ ତାରିଖ ଦିନ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରା ଦେଇଛି । ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଜୁନ୍ ୨୫ ତାରିଖରେ ବିଜେଡି ତରଫରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ ।

## ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ



ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି କହିଥିଲେ । ଏହି ଅବସରରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଗଣିତକୁ ପ୍ରୟୋଗ କରି ମାନବସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ପ୍ରଶଂସନୀୟ କାର୍ଯ୍ୟ ପାଇଁ ତିନି ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କଓ୍ୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତ୍ତମ କୁମାର, ସିମାଞ୍ଚଳମ ନର୍ଥ ଷ୍ଟେସନ ତାହାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହାଁସଦା ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି।

## ବିପଦ ସଙ୍କେତ ତଳେ ସୁବର୍ଣ୍ଣରେଖା ବନ୍ୟାଜଳ: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟକୁ ଏବେ ବନ୍ୟା ଭୟ ନାହିଁ । ସୁବର୍ଣ୍ଣ ରେଖାରେ ବିପଦ ନାହିଁ କ୍ଷ ସ୍ଥିତି ନିୟନ୍ତ୍ରଣରେ ରହିଛି । ଭୟ କରିବାର କାରଣ ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ । ସେ କହିଛନ୍ତି ଯେ, ଉପର ମୁଣ୍ଡରେ ବର୍ଷା ହେଲେ, ତଳ ମୁଣ୍ଡରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବୁ । ୨୪ ଘଣ୍ଟାରେ ମୟୁରଭଞ୍ଜ ଓ ନୟାଗଡ଼ରେ ସର୍ବାଧିକ ବର୍ଷା ହୋଇଛି, ଚାନ୍ଦିଲିରୁ ଆଉ ଡିସଚାର୍ଜ ନାହିଁ । ବିପଦ ସଙ୍କେତ ତଳେ ରହିଛି ସୁବର୍ଣ୍ଣରେଖା । ଗାଲୁଡ଼ିହିରେ ବି ପାଣି କମିଛି । ଉପର ମୁଣ୍ଡରେ ବର୍ଷା ହେଲେ ବନ୍ୟା ଆଶଙ୍କା ବଢ଼ିପାରେ । ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି । ସକାଳ ୯ଟା ସୁଦ୍ଧା ସୁବର୍ଣ୍ଣରେଖା ରେ ୮.୬୮ ମିଟର ଅଛି ଜଳସ୍ତର ।ବିପଦ ସଂକେତ ତଳେ ଅଛି । ସୁବର୍ଣ୍ଣରେଖା ପାଣି ତଳକୁ ଖସୁଛି । କିନ୍ତୁ ବର୍ଷା ପାଇଁ ପାଣି ବଢିଲେ ପଦକ୍ଷେପ ନିଆଯିବ ।

## ୨୫ରେ କାର୍ଯ୍ୟକ୍ଷମ ହେବ ଡମପଡା ଦେୱାନୀ ଅଦାଲତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡମପଡାରେ ନବ ନିର୍ମିତ ହୋଇଥିବା ଦେୱାନୀ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୫ରେ କାର୍ଯ୍ୟକ୍ଷମ ହେବ ବୋଲି ରେଜିଷ୍ଟ୍ରାର, ଦେୱାନୀ ଅଦାଲତ ସୂଚନା ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ନ୍ୟାୟମୂର୍ତି ହରିଶ ଟଣ୍ଡନ, ପ୍ରଶାସନିକ ବିଚାରପତି ନ୍ୟାୟମୂର୍ତି ଏସ.କେ ସାହୁ ଏବଂ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଯିବ ।

## ଗୁଜବ ସୃଷ୍ଟି କରୁଛି ବିଜେଡି: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦିଲ୍ଲୀରେ ଅଦିନିଆ ରଥଯାତ୍ରାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବିରୋଧୀ କଥା କହିବା ଛଡା କିଛି କରିନାହାନ୍ତି । ସମାଲୋଚନା କରିବା ସହ ବାକ ବିତଣ୍ଡା କରିଛନ୍ତି । ଗୁଜବ ସୃଷ୍ଟି କରୁଛି ବିଜେଡି । ବିଜେଡି କେବେ ବିରୋଧୀ ଆସନରେ ବସିନି ତ ତେଣୁ ଗୁଜବ କରୁଛନ୍ତି। ଯେଉଁଠି ବି ଅଦିନିଆ ରଥଯାତ୍ରା ହେଉଛି ସରକାର ତା ଉପରେ ନଜର ରଖିଛନ୍ତି। ଦିଲ୍ଲୀରେ ଯେଉଁ ଘଟଣା ଘଟିଛି ଆଗରୁ ହେଉ ନଥିଲା। କିନ୍ତୁ ଅଜ୍ଞାତ ବସତଃ ହେଉ କିମ୍ବା କେଉଥି ପାଇଁ କରିଛନ୍ତି ନଜର ରଖିଛୁ। ତାଙ୍କ ସହ ଆଲୋଚନା କରାଯିବ। ତାଗିଦ୍ ସହ ଯଦି କୌଣସି ଫୋରମରେ କଥା ହୋଇ ସମାଧାନ ହୋଇଯାଏ ସେଥିପାଇଁ ଆମେ ପଦକ୍ଷେପ ନେଉଛୁ। ଆମେ ସେଥିପାଇଁ ସମ୍ପୂର୍ଣ ସଜାଗ ରହିଛୁ। ବିଶ୍ୱ ସାରା ନିତିକାନ୍ତୀରେ କେମିତି ରଥଯାତ୍ରା ଶ୍ରୀମନ୍ଦିର ପ୍ରଶାସନ ନିୟମ ଅନୁଯାୟୀ ହେବ ତାକୁ ଧ୍ୟାନ ଦେଇଛୁ। ଯଦି ତା ସତ୍ତ୍ୱେ ନ ଶୁଣନ୍ତି ଆଇନର ଆଶ୍ରୟ ନେବୁ। ନୂଆପଡାରେ ବି ଆଗରୁ ଅଦିନିଆ ରଥଯାତ୍ରା ହେଉଥିଲା ଆମେ କିନ୍ତୁ ଆଲୋଚନା କଲା ପରେ ତାର ସମାଧାନ ହୋଇଛି। ବିଶ୍ୱରେ ବି ଯେଉଁଠି ଯେଉଁଠି ଅଦିନିଆ ରଥଯାତ୍ରା ହେଉଥିଲା ସେଥିପାଇଁ ଆମେ ଆଲୋଚନା ଦ୍ୱାରା ସମାଧାନ ପାଇଁ ଚେଷ୍ଟା କରିଛୁ। କିଛି ସ୍ଥାନରେ ବି ସେମାନେ ରଥଯାତ୍ରା ଏକା ସାଙ୍ଗରେ କରିବାକୁ ରାଜି ଅଛନ୍ତି । ୨୪ବର୍ଷ ବିଜେଡି ସରକାର ଥିବା ସମୟରେ ମଧ୍ୟ ଅଦିନିଆ ରଥଯାତ୍ରା ହେଉଥିଲା ସେମାନେ କଣ କରୁଥିଲେ ବୋଲି ଆଇନ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

## ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ ସ୍ଥାନୀୟ ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ତଥା ବୋର୍ଡର ଅଧ୍ୟକ୍ଷ ଗଣେଶ ରାମ ସିଂ ଖୁଣ୍ଟିଆ ଅଧ୍ୟକ୍ଷତା କରି କହିଲେ ଯେ ଶ୍ରମ ବିନା ସମୃଦ୍ଧି ଅସମ୍ଭବ । ଶ୍ରମିକମାନେ ହେଉଛନ୍ତି ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ, ଦେଶର ମୂଳଦୁଆ, ଦେଶ ନିର୍ମାଣର ମେରୁଦଣ୍ଡ, ପ୍ରକୃତ ରାଷ୍ଟ୍ରନିର୍ମାତା। ସେମାନଙ୍କୁ ଅବହେଳା କରି ଦେଶ ଅଗ୍ରଗତି କରିପାରିବ ନାହିଁ। ଶ୍ରମିକକୁ ମର୍ଯ୍ୟାଦା ଦେଲେ ହିଁ ଶ୍ରମର ଗୌରବ ମିଳିଥାଏ । ଓଡ଼ିଶା ହେଉଛି ଏକ ଶ୍ରମିକ ବହୁଳ ରାଜ୍ୟ ଏବଂ ଓଡ଼ିଶାର ଅଭିବୃଦ୍ଧି, ଅର୍ଥନୈତିକ ଓ ସାମଗ୍ରିକ ଉନ୍ନତି ଦିଗରେ ଶ୍ରମିକ ଭାଇଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମଜୀବି ଭାଇଭଉଣୀଙ୍କର ସମସ୍ୟାଗୁଡିକ ବାସ୍ତବ କ୍ଷେତ୍ରରେ ହୃଦୟଙ୍ଗମ କରି ସେଗୁଡ଼ିକର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଓ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଓ ଆଇନଗତ ତଥା ସାମାଜିକ ସୁରକ୍ଷା ଓ ଅଧିକାର ପ୍ରଦାନ ଦିଗରେ ନିଷ୍ଠାପର ଓ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବାକୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଉପାଧ୍ୟକ୍ଷା ଶ୍ରୀମତୀ ଚିତ୍ରା ଅରୁମୁଗମ କହିଲେ ଯେ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶ୍ରମ ଆୟୁକ୍ତ, ଓଡ଼ିଶା ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଆଭିମୁଖ୍ୟ ତଥା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

## ପ୍ରକାଶ ପାଇଲା ପିଜି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା, ୭୫୨୯ ମନୋନୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୫-୨୬ଶିକ୍ଷାବର୍ଷ ଲାଗି ରାଜ୍ୟର ୧୨୧ଟି ଶିକ୍ଷାନୁଷ୍ଠାନରେ ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ୧୨୧ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ୨୦ଟି ବିଶ୍ୱବିଦ୍ୟାଳୟ ଏବଂ ୧୦୧ଟି କଲେଜ ରହିଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ମୋଟ ୩୧ହଜାର ୧୫୪ ଟି ସିଟ୍ ରହିଥିବା ବେଳେ ୬୨୩୨୧ଜଣ ଆବେଦନ କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ୨୨୨୨୬ଜଣ ମନୋନିତ ହୋଇଥିବା ବେଳେ ସେଥିରୁ ୭୮୭୪ଜଣ ନାମ ଲେଖାଇଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ୭୫୨୯ଜଣ ମନୋନୀତ ହୋଇଛନ୍ତି। ସେଥିରୁ ଛାତ୍ରଙ୍କ ସଂଖ୍ୟା ୨୩୫୬ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୫୧୭୩ଜଣ ରହିଛନ୍ତି। ଏହି ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତକାଲି ଅର୍ଥାତ ୨୪ତାରିଖ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଆସନ୍ତା ୨୬ତାରିଖ ନାମଲେଖାଇ ପାରିବେ। ସେହିପରି ତୃତୀୟ ପର୍ଯ୍ୟାୟ ତଥା ଶେଷ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୩ତାରିଖ ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୪ରୁ ୮ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତିତ ଚାଲିବ। ଜୁଲାଇ ୧୦ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି।

## ଦୋଳମୁଣ୍ଡାଇ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ସଭା




କଟକ(ଭାସ୍କର ନ୍ୟୁଜ୍): କଟକ ଦୋଳମୁଣ୍ଡାଇ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ଆଇନଜୀବୀ ଲିଙ୍ଗରାଜ ହାତୀ ପରିଚାଳନା କରିଥିଲେ । ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥାଇ ରାସ୍ତାଘାଟ, ଡ୍ରେନ, ବିଦୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିମଳ, କେବୁଲ, ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ , ମୁଖ୍ୟବକ୍ତା ଭାବେ ମେୟର ସୁବାସ ସିଂ, ସମ୍ମାନୀୟ ଅତିଥିଭାବେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସେଣ୍ଟ୍ରାଲ ରେଡ କ୍ରସ ଆଓ୍ୱର୍ନେସ କମିଟିର ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ଇତିଶ୍ରୀ ଦାସ, ସୁଶ୍ରୀ ସୁମିତ୍ରା ବସ୍ତିଆ, ପଦ୍ମିନୀ ସାହୁ,ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଏସିପି ଜୋନ-୬ ଅଶୋକ କୁମାର ଗିରି, ଏସିପି ଟ୍ରାଫିକ ଜୟନ୍ତ କୁମାର ଡୋରା, ଭାରପ୍ରାପ୍ତ ଅଧିକାରୀ ପୁରୀଘାଟ ଥାନା ବିଶ୍ୱ ରଞ୍ଜନ ନାୟକ, ୨୫ ଦିଗଭାଗ ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ୨୨ ଦିଗଭାଗ କାର୍ଯ୍ୟକାରୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ,୨୫ ଦିଗଭାଗ ସର୍ବ ମହନ୍ତ ରବିନ୍ଦ୍ର ବସ୍ତିଆ, ଗ୍ରାମ ଅଧିକାରୀ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ବାଉରୀ ବନ୍ଧୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।


## ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ସାଂସଦ ସୁଜିତ କୁମାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କଲେ ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର । ସେ କହିଛନ୍ତି ଯେ, ନବୀନ ବାବୁ ସୁସ୍ଥ ହୋଇ ଫେରନ୍ତୁ । ନବୀନ ବାବୁଙ୍କୁ ଲୋକମାନେ ଭଲ ପାଉଛନ୍ତି, ଏହା ନିରାଟ ସତ୍ୟ କଥା । ପ୍ରଭୁ ଜଗନ୍ନାଥ ତାଙ୍କୁ ଆଶୀର୍ବାଦ କରନ୍ତୁ । ତାଙ୍କ ସର୍ଜରୀ ଭଲ ଭାବେ ହୋଇଛି, ଭଲ ହୋଇ ଜଲଦି ଫେରନ୍ତୁ ଏବଂ ବିରୋଧୀ ଦଳ ନେତା ଦାୟିତ୍ୱ ନିର୍ବାହ କରନ୍ତୁ । ପ୍ରଭୁ ଜଗନ୍ନାଥଙ୍କ ପାଖରେ ମୁଁ କାମନା କରୁଛି ଏବଂ ସମଗ୍ର ଓଡିଶାବାସୀ ମଧ୍ୟ କାମନା କରୁଛନ୍ତି । ଆଜି ବି ଲୋକମାନେ ତାଙ୍କୁ ଭଲ ପାଉଛନ୍ତି । ଗଣତନ୍ତ୍ରରେ ଲୋକପ୍ରିୟତା, ନିର୍ବାଚନ ସମୟରେ ନେଇଥିବା ନିଷ୍ପତି ଉପରେ ନିର୍ଭର କରେ । ଲୋକେ ୨୪ରେ ପରିବର୍ତ୍ତନ ଚାହିଁଲେ । ଲୋକପ୍ରିୟ କିଏ ତୁଳନା କରିବା ଠିକ ନୁହେଁ । ନବୀନ ବାବୁ କିମ୍ବା ଆଉ କିଏ ଲୋକପ୍ରିୟ ତୁଳନା କରିବା ଠିକ ହେବନି ବୋଲି ସୁଜିତ କୁମାର କହିଛନ୍ତି ।

## ‘ସରକାର ଓ ଗଜପତି ଚାହିଁଲେ ଅଦିନିଆ ରଥଯାତ୍ରା ବନ୍ଦ ହୋଇପାରିବ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାର ଓ ଗଜପତି ମହାରାଜ ଚାହିଁଲେ ହିଁ ଅଦିନିଆ ରଥ ଯାତ୍ରା ବନ୍ଦ ହୋଇପାରିବ। ଅଦିନିଆ ରଥଯାତ୍ରା କରୁଥିବା ଲୋକଙ୍କ ପାଖେ ରଥଯାତ୍ରା ନେଇ ଜ୍ଞାନ ନାହିଁ ବୋଲି କହିଛନ୍ତି ଇସ୍କନ ଭୁବନେଶ୍ୱରର ପ୍ରଚାର ଅଧିକାରୀ ରାଧାକାନ୍ତ ଦାସ। ସେ କହିଛନ୍ତି ପ୍ରତ୍ୟେକ ମନ୍ଦିର ସ୍ୱୟଂ ଚାଳିତ। କିଏ କେଉଁଠି କେତେବେଳେ ରଥଯାତ୍ରା କରିବ ତାହା ତାଙ୍କ ଉପରେ କଥା। ଅଦିନିଆ ରଥ ଯାତ୍ରାକୁ ବନ୍ଦ କରିବା ପାଇଁ ଚାହିଁଲେ ବି ଆମେ ହସ୍ତକ୍ଷେପ କରିପାରୁ ନାହୁଁ। ଅତୀତରେ କିମ୍ବା ବର୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଇସ୍କନ ସହ ଅଦିନିଆ ରଥ ଯାତ୍ରା ଆରମ୍ଭ ନେଇ କୌଣସି ଆଲୋଚନା ହୋଇ ନାହିଁ। ଦେଶ, ବିଦେଶରେ ହେଉଥିବା ଅଦିନିଆ ରଥ ଯାତ୍ରା ବନ୍ଦ ହୋଇପାରିବ ଯଦି ଗଜପତି ମହାରାଜ ଓ ରାଜ୍ୟ ସରକାର ହସ୍ତକ୍ଷେପ କରନ୍ତି। ସମାଧାନର ବାଟ ଅଛି। ଯେଉଁମାନେ ଅଦିନିଆ ରଥ ଯାତ୍ରା କରୁଛନ୍ତି ସେମାନଙ୍କର ଜଗନ୍ନାଥ ସଂସ୍କୃତି କିମ୍ବା ରଥ ଯାତ୍ରା ଉପରେ ଜ୍ଞାନ ନାହିଁ। ଭୁବନେଶ୍ୱର ଇସ୍କନ ଦ୍ୱାରା କେବେ ଭୁଲ ହୋଇନାହିଁ। ଆମେ ନୀତି ନିୟମରେ ରଥଯାତ୍ରା କରୁଛୁ। ଅଦିନିଆ ରଥଯାତ୍ରା ବାହାରେ ହେଲେ ଓଡ଼ିଆ ଭାବେ ବ୍ୟକ୍ତିଗତ ମତେ କଷ୍ଟ ଲାଗେ। କିନ୍ତୁ ଆମେ ନାଚାର।

## ଆୟୁସି ପଣ୍ଡାଙ୍କୁ ମିସ୍ ଓଡ଼ିଶା ଇଣ୍ଡିଆ ଟାଇଟେଲ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ଗ୍ରାଣ୍ଡ ଫାଇନାଲ ଶେଷ ହୋଇଛି । ଏହି ପ୍ରତିଯୋଗିତାରେ ୧୨ ଜଣ ଫାଇନାଲିଷ୍ଟ ପ୍ରତିଭା, ସୁନ୍ଦରତା, ବୁଦ୍ଧିମତ୍ତା ଏବଂ ଶାନ୍ତତାର ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସପ୍ତାହର ସୌନ୍ଦର୍ଯ୍ୟ, ଉପ-ପ୍ରତିଯୋଗିତା ଏବଂ ଜନସାଧାରଣଙ୍କ ସହଭାଗିତା ପରେ, ଜୁନ୍ ୨୨ ତାରିଖ ସନ୍ଧ୍ୟାରେ ଓଡ଼ିଶାର ଚୂଡ଼ାନ୍ତ ତିନି ତାରକାଙ୍କୁ ଉନ୍ମୋଚନ କରାଯାଇଥିଲା। ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ର ପ୍ରତିଷ୍ଠିତ ଟାଇଟଲ ଆୟୁସି ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା, ତା'ପରେ ଭାସ୍ୱତି ପତିଙ୍କୁ ପ୍ରଥମ ରନର୍ସ ଏବଂ ନବ୍ୟା ସାହାରାନ୍‌ଙ୍କ ଦ୍ୱିତୀୟ ରନର୍ସ ଅପ୍ ପ୍ରଦାନ କରାଯାଇଥିଲା, ଯେଉଁମାନେ ଦର୍ଶକ ଏବଂ ଏକ ସମ୍ମାନିତ ବିଚାରକ ପ୍ୟାନେଲ ଉଭୟଙ୍କୁ ପ୍ରଭାବିତ କରିଥିଲେ।ଏହି ବର୍ଷର ବିଶିଷ୍ଟ ଜୁରୀ ସଦସ୍ୟଙ୍କ ମଧ୍ୟରେ ଥିଲେ ନିକିତା ପୋରୱାଲ - ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪,ନତାଶା ଗ୍ରୋଭର - ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ, ମିସ୍ ଇଣ୍ଡିଆ ସଂଗଠନ, ଟାଇମ୍ସ ଗ୍ରୁପ,ଭୂମିକା ଦାଶ - ବ୍ରାଣ୍ଡ ଆମ୍ବାସାଡର, ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫,ସୋମା ମହାନ୍ତି - ନିର୍ଦ୍ଦେଶକ, ଏସ୍‌ଏନ୍‌ଏମ୍ ଗ୍ରୁପ୍ ।

**ଗୋପାଳପୁରରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା**

## ନିଜ ଆଡୁ ହସ୍ତକ୍ଷେପ କଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ଗତ ୧୫ ତାରିଖରେ ଗୋପାଳପୁର ବେଳାଭୂମିରେ ଜନୈକା ୨୦ ବର୍ଷୀୟା ଛାତ୍ରୀଙ୍କୁ ୧୦ ଜଣ ପୁରୁଷ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ତାଙ୍କର ପୁରୁଷ ବନ୍ଧୁଙ୍କ ସହ ବେଳାଭୂମିକୁ ଯାଇଥିବା ସମୟରେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଅପରାଧୀମାନେ ପୁରୁଷ ବନ୍ଧୁଙ୍କୁ ବଳପୂର୍ବକ ଧରି ପୀଡ଼ିତାଙ୍କର ଯୌନ ଉତ୍ପୀଡ଼ନ କରିଥିଲେ। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏହାକୁ ଏକ ଗମ୍ଭୀର ମାନବାଧିକାର ଉଲ୍ଲଂଘନ ଭାବେ ଆୟୋଗ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହିତ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କର ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ/ପରାମର୍ଶ ସମ୍ପର୍କରେ ସୂଚନା ରିପୋର୍ଟରେ ସାମିଲ କରିବାକୁ କହିଛନ୍ତି। ୧୬ ଜୁନ୍ ୨୦୨୫ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ମୁତାବକ, ପୀଡ଼ିତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ରହ୍ମପୁରର ଏମକେସିଜି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଥିଲା। ପୋଲିସ ଏହି ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୃଷ୍ଟିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ୨୦୨୫ର ୧୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୃଷ୍ଟି ଉପାଧ୍ୟାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ୨୦୨୫ ର ୧୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆପଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

## ଡ଼ାଇରିଆ ସ୍ଥିତିକୁ ଗୁରୁତ୍ୱର ସହ ନେଇଛନ୍ତି ସରକାର: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଡ଼ାଇରିଆ ସ୍ଥିତିକୁ ଗୁରୁତର ସହିତ ନେଉଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ୪ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି । ଡ଼ାଇରିଆର ନୂଆ କେସ ଆସିବା କମିଛି । ନିୟନ୍ତ୍ରଣ କରିବା ପାଇଁ ସଚେତନତା କରାଯାଉଛି । ସ୍ଥିତି ନିୟନ୍ତ୍ରଣରେ ଅଛି । ଲୋକଙ୍କୁ ନିବେଦନ ସତର୍କ ରୁହନ୍ତୁ ସଚେତନ ରୁହନ୍ତୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ସେ କହିଛନ୍ତି ଯେ, ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା କରାଯାଇଥିଲା । ଡ଼ାଇରିଆ ଯେମିତି ପୁରୀରେ ନ ବ୍ୟାପିବ ସେଥିପାଇଁ ୩୮୭ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ ନିଯୁକ୍ତ କରାଯାଇଛି । ଏହାସହ ଫାଷ୍ଟ ଏଡ଼ ସେଣ୍ଟର ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ଲୋକଙ୍କୁ ଆରଓ ପାଣି ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି ।

## କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ବୈଠକ

କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାର୍ଚ୍ଚ -୨୦୨୫ବର୍ଷ ଅବଧି ପାଇଁ କରଯାଇଥିବା ବାର୍ଷିକ କ୍ରେଡିଟ୍ ପ୍ଲାନର ଲକ୍ଷ୍ୟ, ବଣ୍ଟନ ଓ ଅନୁଷ୍ଠାନ ଉପରେ ଆଲୋଚନା କରି ସାଂସଦ ଶ୍ରୀ ମହତାବ କ୍ରେଡିଟ୍-ଡିପୋଜିଟ୍ ଅନୁପାତ, ଶାସନ ପ୍ରୋତ୍ସାହିତ ଋଣ ଦେୟ ଓ ମୁକ୍ତି, ଏବଂ ବ୍ଲକ୍ ସ୍ତରୀୟ ବ୍ୟାଙ୍କ ବୈଠକ ଉପରେ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ। ପଦକ୍ଷେପ ସ୍ୱରୂପ ସେ ଆଗାମୀ ମାର୍ଚ୍ଚ -୨୦୨୬ ବର୍ଷ ପାଇଁ କ୍ରେଡିଟ ପ୍ଲାନ ମଧ୍ୟ ଉଦଘାଟନ କରିଥଲେ। ବୈଠକରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏହି ସମୀକ୍ଷା ବୈଠକରେ ଯୋଗ ଦେଇ ବ୍ଲକ୍ ସ୍ତରରେ ଆର୍ଥିକ ସାକ୍ଷରତା କ୍ୟାମ୍ପେନ୍ ଓ ଇଖଇଉ ବୈଠକ ପାଇଁ ବ୍ୟାଙ୍କମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯିବାନେଇ ମତରଖି ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତରେ ଆଗତ ଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ପୂର୍ବକ ଋଣ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକ ଲିଡ ଜିଲ୍ଲା ପ୍ରବନ୍ଧକ ରମଣୀ ରଞ୍ଜନ ମଲ୍ଲିକଙ୍କ ସଂଯୋଜନା କରିବା ସହ ଚଳିତ ଆର୍ଥିକ ବର୍ଷରେ କଟକ ଜିଲ୍ଲା ବାର୍ଷିକ କ୍ରେଡିଟ ପାରାମିଟର୍ସରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ସଂମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ୍ ରାଉତ, ୟୁକୋ ବ୍ୟାଙ୍କ ଜୋନାଲ ପ୍ରବନ୍ଧକ ବର୍ଷା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଂଚଳିକ ପ୍ରବନ୍ଧକ, ସୁଚିଶ୍ମିତା ତ୍ରିପାଠୀଙ୍କ ସମେତ ଆର.ବି.ଆଇ,ନାବାର୍ଡ ଏବଂ ବିଭିନ୍ନ ବ୍ୟାଙ୍କର ଅଧିକାରୀ ତଥା ମୁଖ୍ୟ ଜିଲ୍ଲା କୃଷି ଅଧକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଟକ ଜିଲ୍ଲା ଓ ମହାନଗର ଯାଦବ ମହାସଭା ଆନୁକୂଲ୍ୟରେ ବିଶାଳ ଶୋଭାଯାତ୍ରା

କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଓ ମହାନଗର ଯାଦବ ମହାସଭା ଆନୁକୁଲ୍ୟରେ ପବିତ୍ର ରେଜଙ୍ଗେଲା ମାଟିକୁ ସ୍ୱାଗତ କରି ଏକ ମଟର ସାଇକେଲ ରାଲୀର ଆୟୋଜନ କରାଯାଇଥିଲା। ୧୯୬୨ ମସିହାରେ ଭାରତ ଚୀନ ମଧ୍ୟରେ ହୋଇଥିବା ଯୁଦ୍ଧରେ ସହିଦ ହୋଇଥିବା ୧୧୬ ଜଣ ଯାଦବ ସୈନିକ ମାନଙ୍କ ସ୍ମୃତିରେ ପବିତ୍ର ରେଜାଙ୍ଗଲା କଳସ ମାଟିକୁ ସାରା ଭାରତ ବର୍ଷ ଭ୍ରମଣ କରିବାର କାର୍ଯ୍ୟକ୍ରମ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ତରଫରୁ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗତ ୩୦ ତାରିଖ ଦିନ ଉକ୍ତ କଳସ ଟି ଓଡ଼ିଶା ରେ ପହଞ୍ଚିଥିଲା ଏବଂ ୨୨ ତାରିଖ ଦିନ କଟକ ଜିଲ୍ଲା ଓ କଟକ ମହାନଗର ପକ୍ଷରୁ ଉକ୍ତ କଳସ ଟିକୁ




ଭବ୍ୟ ସ୍ୱାଗତ କରାଯାଇଥିଲା। କଟକ ମହାନଦୀ ବିହାର ପୋତା ପୋଖରୀ ସ୍ଥିତ ଶ୍ରୀ ଶ୍ରୀ ରାଧାମୋହନଯିଉ ମନ୍ଦିର ପ୍ରାଙ୍ଗଣ ତଥା ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ବିଶାଳ ମୋଟର ସାଇକେଲ ରାଲି ବାହାରି ନୁଆବଜାର, ଖାନନଗର, ବାଦାମବାଡ଼ି, ଦୋଳମୁଣ୍ଡାଇ ରାଣୀହାଟ, ମଙ୍ଗଳାବାଗ ନୁଆପାଟଣା, ବକ୍ସିବଜର, ଚଣ୍ଡୀଛକ, ସେଖବଜାର ଡଗରପଡା, ଅଲିଶାବଜାର, ବିଡ଼ାନାସୀ ଦେଇ ବାଇକ୍ ଶୋଭା ଯାତ୍ରା ଟି ବାରବାଟି ଷ୍ଟାଡିୟମ୍ ସ୍ଥିତ ହର୍ଷ ଗେଟ୍ ଠାରେ ପହଞ୍ଚି ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରା, ମହାନଗର ଯାଦବ ମହାସଭା ସଭାପତି କିଶୋର ବେହେରାଙ୍କ ନେତୃତ୍ୱରେ ଉକ୍ତ ବାଇକ୍ ଶୋଭା ଯାତ୍ରା କରାଯାଇଥିଲା। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ରାଷ୍ଟ୍ରୀୟ ସାଧାରଣ ସଂପାଦକ ଦିନେଶ ଯାଦବ ମୁଖ୍ୟ ଅତିଥି ଭାବେ ଉକ୍ତ କାର୍ଯ୍ୟ କ୍ରମରେ ଯୋଗ ଦେଇଥିଲେ। ଉତ୍କଳ ଯାଦବ ମହାସଭା ସଭାପତି ଡ଼ ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା,ପ୍ରମୁଖ ମହାସଚିବ ବିଧାୟକ ଲକ୍ଷ୍ମଣ ବାଗ, ରାଷ୍ଟ୍ରୀୟ ଯୁବ ସଭାପତି ଇଂ ପ୍ରଦୀପ ବେହେରା, ଉପସଭାପତି ଲମ୍ବୋଦର ନିଆଲ, ରାଷ୍ଟ୍ରୀୟ ଉପସଭାପତି ପିତାମ୍ବର ଦାସ,ପ୍ରଫୁଲ୍ଲ ଦାସ, ଯୁବ ସଭାପତି ଆମର ନାୟକ, ଜିଲ୍ଲା ସମ୍ପାଦକ ତିର୍ଥବାସି ବେହେରା ସମର୍ଜିତ୍ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟ କ୍ରମରେ ଉପସ୍ଥିତ ଥିଲେ।

## ‘ହର ଘର ଜଳ’ଯୋଜନା ବାଟବଣା: ଦୂଷିତ ପାଣି ପିଉଛନ୍ତି ଧଅଁରାଭଟା ଗ୍ରାମବାସୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ମଞ୍ଜୁର କରିବା ସହିତ ଜଳ ଜୀବନ ମିଶନରେ ‘ହର ଘର ଜଳ’ ସ୍ଲୋଗାନ ଦେଇଛନ୍ତି। ନିରନ୍ତର ଯୋଜନାକୁ ସଫଳ କରିବାକୁ ପ୍ରୟାସ ମଧ୍ୟ ଜାରି ରଖିଛନ୍ତି। ହେଲେ ପ୍ରଶାସନର ଅପାରଗତା ସାଙ୍ଗକୁ ନିର୍ବାଚିତ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସବୁ ଯୋଜନା ବାଟବଣା ହୋଇଯାଉଛି। ଫଳରେ ବିଶୁଦ୍ଧ ପାନୀୟ ଜଳର କୌଣସି ବ୍ୟବସ୍ଥା ନଥିବାରୁ ଫଂକୁଆ ଦୂଷିତ ଜଳ ପିଇବାକୁ ବାଧ୍ୟ ହେଉଥିବା ଜଳକ୍ଲିଷ୍ଟ ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେନ୍ ଗାଆଁ ପଞ୍ଚାୟତ ଅଧିନ ଧଅଁରାଭଟା। ଧଅଁରାଭଟା ଗାଁକୁ ଲାଞ୍ଜିଗଡ ବ୍ଲକ କାର୍ଯ୍ୟାଳୟ ଠାରୁ ୩୫ କିମି ଦୂର ପଡୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୪ କିମି ଘାଟି ରାସ୍ତା। ଗାଁରେ ଆଦିମ ଜନଜାତି ସମ୍ପ୍ରଦାୟର ୨୫ ପରିବାର ରହୁଛନ୍ତି। ଗାଁ ବସତି ହୋଇ ଶହେରୁ ଅଧିକ ବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାଣି ସାତ ସପନ ପାଲଟିଛି। ଦୀର୍ଘ ବର୍ଷ ଧରି ଏହି ଉପାନ୍ତ ଗ୍ରାମବାସୀ ଗାଁରୁ ପ୍ରାୟ ଅଧ କିଲୋମିଟର ଦୂର ଏକ ନାଳରେ ଖୋଲାମେଲା ପଥର ବନ୍ଧା କୂଅାଁର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିଆସୁଛନ୍ତି। ବିଭିନ୍ନ ସମୟରେ ଦୂଷିତ ପାଣିର ପ୍ରଭାବରେ ଅନେକ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି । କେବଳ ସେତିକି ନୁହେଁ ଗାଁରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ଏକ ପରିତ୍ୟକ୍ତ ବନ୍ଧ ପାଣିରେ ଲୁଗା ସଫା, ସ୍ନାନ ଓ ଶୌଚ ଭାବେ ବ୍ୟବହାର କରି ଆସୁଛନ୍ତି। ବେନ ଗାଆଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଯାଇଥିବା ଘାଟି ପାର ହେଲେ ପାର୍ଶ୍ୱରେ ରହିଛି ଏହି ଗାଁ। ରାଜନୈତିକ ନେତୃବର୍ଗଙ୍କ ଆନ୍ତରିକତାର ଅଭାବ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦୁର୍ଗମ ଓ ଏକ ଘାଟି ଉପରେ ଅବସ୍ଥିତ ଏହି ଗ୍ରାମର ପାଖାପାଖି ଦେଢ଼ଶହରୁ ଉର୍ଦ୍ଧ୍ୱ ଲୋକ ଶୁଦ୍ଧ ପାନୀୟ ଜଳ ପାଇଁ ତହଲବିକଳ ହେଉଛନ୍ତି। ଏନେଇ ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଲାଞ୍ଜିଗଡ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ କିଛି ମାସ ତଳେ ନଳ କୂପ ଖନନ ପାଇଁ ଏକ ଟିମ୍ ଗାଁରେ ପହଞ୍ଚିଥିଲେ। ତେବେ ପାହାଡି ଅଞ୍ଚଳ ଓ ଉଚ୍ଚ ଘାଟି ନିକଟରେ ଥିବାରୁ ଗ୍ରାମବାସୀ ଯେଉଁଠି ନଳକୂପ ଖୋଲିଲେ ପାଣି ବାହାରିବ ତାହା ଚିହ୍ନଟ କରିଥିଲେ। ଗାଡ଼ି ଯିବା ପାଇଁ ନିଜେ ଶ୍ରମଦାନ କରି ରାସ୍ତା କଲେ। ମାତ୍ର ଉକ୍ତ ସ୍ଥାନକୁ ଯାଇ ହେବ ନାହିଁ କହି ଘାଟି ଉପରେ ହିଁ ସୁବିଧା ସ୍ଥାନରେ ନଳ କୂପ ଖୋଲିବାକୁ ପ୍ରୟାସ କରି ଫେଲ ମାରିବାରୁ ଫେରି ଆସିଥିଲେ ବ୍ଲକ୍ ଟିମ୍। ଫଳରେ ଗ୍ରାମବାସୀଙ୍କ ଯେଉଁ ଦୁଃଖକୁ ସେହି ଦୁଃଖ। ଜଳଯୋଗାଣ ପ୍ରକଳ୍ପ ପାଣି ଏହି ଗ୍ରାମକୁ ପହଞ୍ଚିବାର ସମ୍ଭାବନା ନାହିଁ। ତେଣୁ ତୁରନ୍ତ ଏହି ଗ୍ରାମ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କଲେ ଖୋଲା କୂପର ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ଜଳବାହିତ ରୋଗର ଶିକାର ହେବେ ବୋଲି ଧଅଁରାଭଟା ଗ୍ରାମବାସୀ କହିଛନ୍ତି।



## ରାଜ୍ୟସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପ୍: ବାଜି ମାରିଲେ ଶୁଭମ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସେ ଶିକ୍ଷା, ଦୀକ୍ଷା, କଳାସଂସ୍କୃତି ଠାରୁ ଆରମ୍ଭ କରି ଅନେକ କ୍ଷେତ୍ରରେ ଆଗକୁ ଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଡୁମେରପଦର ଗ୍ରାମର ଶୁଭମ ଶ୍ରୀଚନ୍ଦନ ନାଏକ ରାଜ୍ୟସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଅନୁଗୁଳ ଜିଲ୍ଲାର ତାଳଚେରଠାରେ ଦୁଇଦିନିଆ ରାଜ୍ୟ ସ୍ତରୀୟ ଟ୍ରାପ ଶୁଟିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୫୮ ଜଣ ଖେଳାଳି ଭାଗନେଇଥିଲେ। ଏଥି ମଧ୍ୟରୁ ରାୟଗଡ଼ା ଜିଲ୍ଲା ରାଇଫଲ କ୍ଲବ ତରଫରୁ ଅକ୍ଷୟ ନାୟକ ଏବଂ କଳାହାଣ୍ଡି ଜିଲାରୁ ସୁଭମ ଶ୍ରୀଚନ୍ଦନ ନାଏକ ଏବଂ ଦେବେନ୍ଦ୍ର ପ୍ରଧାନ ରାଇଫଲ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରି ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ଏଥିପାଇଁ ଥୁଆମୂଳ ରାମପୁର ବ୍ଲକର ଖେଳ ପ୍ରେମୀ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଏହି ସମସ୍ତ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଶୁଭମଙ୍କୁ ମଧ୍ୟ ବିଭିନ୍ନ ମହଲରୁ ଅଭିନନ୍ଦନ ସହ ରାୟଗଡ଼ା ରାଇଫଲ କ୍ଲବକୁ ଶୁଭେଚ୍ଛା ଅଭିନନ୍ଦନର ସୁଅ ଛୁଟୁଛି। ରାୟଗଡ଼ା ଜିଲାଳ ରାଇଫଲ କ୍ଲବର ସଭାପତି ତଥା ରୀନାଉଣ୍ଡ ସଟ ପ୍ରାପ୍ତ କୋଚ ବିଜୟ କିଶୋର ପଟ୍ଟନାୟକଙ୍କ ତତ୍ୱାବଧାନରେ ଖେଳାଳିମାନେ ବ୍ରୋଞ୍ଜ ମେଡାଲ ହାସଲ କରିଥିବାରୁ କଳାହାଣ୍ଡି ଜିଲା ତଥା ଥୁଆମୂଳ ରାମପୁର ପାଇଁ ଗୌରବର ବିଷୟ ହୋଇଛି।




## ବଡକେନ୍ଦୁଗୁଡା ଗୌନ୍ତିଆ ବିରଞ୍ଚିନାରାୟଣ ପଣ୍ଡାଙ୍କ ପରଲୋକ

କୋକସରା,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଗ୍ରାମର ଗୌନ୍ତିଆ ବିରଞ୍ଚି ନାରାୟଣ ପଣ୍ଡାଙ୍କ ୬୫ ବର୍ଷ ବୟସରେ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେଲା ରୋଗ ଶଯ୍ୟାରେ ପଡିଥିବାବେଳେ ଶନିବାର ରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପରିବାର ସମସ୍ତ ସଦସ୍ୟ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ରବିବାର ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁଅ ଅମର ଜ୍ୟୋତି ପଣ୍ଡା ଓ ସାନ ଭାଇ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାରରେ ଗାଁ ତଥା ବିଭିନ୍ନ ଅଞ୍ଚଳର ଶତାଧିକ ଲୋକ, ବନ୍ଧୁ ପରିଜନ, ଜ୍ଞାତି କୁଟୁମ୍ବ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସେ କାଉଡୋଳା ପଞ୍ଚାୟତର ସରପଞ୍ଚ ଭାବେ ରହି ନବେ ଦଶକରେ କାଉଡୋଳା ଗାଁ ଲୋକଙ୍କ ପିଇବା ପାଣି ସମସ୍ୟାର ସମାଧାନ ପାଇଁ ପାଇପ ଯୋଗେ ଜଳ ଯୋଗାଣ କରି ସାଧାରଣ ଲୋକଙ୍କ ପାଖରେ ପ୍ରିୟ ଭାଜନ ହୋଇ ପାରିଥିଲେ । ୨୦୧୨ ରୁ ୨୦୧୭ କୋକସରା ଜୋନ- ୧ର ଜିଲ୍ଲା ପରିଷଦ ସଦସ୍ୟ ରହିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ପାଣି ପଞ୍ଚାୟତର କଳାହାଣ୍ଡି ଜିଲ୍ଲା ସଭାପତି, ଧର୍ମଗଡ କାର୍ଡ ବ୍ୟାଙ୍କ ଓ ଏଲଡିବି ବ୍ୟାଙ୍କର ସଭାପତି, କେନ୍ଦୁପତ୍ର ବିଭାଗର ଲଡୁଗାଁ ରେଞ୍ଜ ଅଞ୍ଚଳରେ ୨ଥର ସଭାପତି ଭାବେ ରହିଥିଲେ। ଜୁନାଗଡ ବାଣିଜ୍ୟ ସମବାୟ ସମିତିର ବର୍ତ୍ତମାନ ସଦସ୍ୟ ଥିଲେ। ଆମପାଣି ପେକ୍ସରେ ଲଗାତାର ୭ ଥର ସଭାପତି ଥିବାବେଳେ ବର୍ତ୍ତମାନ ମଧ୍ୟ ସଭାପତି ଭାବେ ରହିଥିଲେ। କାଉଡୋଳା ପଞ୍ଚାୟତ ହାଇସ୍କୁଲ, ବଡପୋଡାଗୁଡା ପଞ୍ଚାୟତ ହାଇସ୍କୁଲ, ରଏନଗୁଡା ଓ ମହିମା ଗ୍ରାମ ପଞ୍ଚାୟତ ହାଇସ୍କୁଲ ଡୁଡୁକାଠେଙ୍ଗା, ରଏନଗୁଡା ମା’ କାଳୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଜୁନାଗଡ଼ ବ୍ଲକ ଯାଦବ ସମାଜ ସମିତି ଗଠିତ

ଜୁନାଗଡ଼,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ମଥୁରା ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଗୌରହରି ବାଗ, ସାଧାରଣ ସଂପାଦକ ରୂପେ ଚନ୍ଦ୍ରଶେଖର ବାଗ, ଉପ ସଭାପତି ଭାବେ ଈଶ୍ୱର ଗୋପାଳ, ସହ ସମ୍ପାଦକ ଭାବେ କ୍ଷମା ସାଗର ବଗର୍ତ୍ତ, କୋଷାଧ୍ୟକ୍ଷ ଭାବେ ଚିତ୍ରସେନ ଛତ୍ରିଆ, ମହିଳା ସଭାନେତ୍ରୀ ଭାବେ ସଙ୍ଗିତା ଖର୍ସେଲ ଓ ଯୁବ ଯାଦବ ସଭାପତି ଭାବେ ଜସ୍ମିର ନାଏକ ସମସ୍ତେ ନିର୍ଦ୍ୱନ୍ଦରେ ଚୟନ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା ଅଭ୍ୟର୍ଥନା କମିଟି ପକ୍ଷରୁ ଗିରିଧାରୀ ଗୌଡ଼, ତ୍ରିପୁରା ନାଏକ,ଡାକେ ଲହଜଳ, ପୂର୍ବତନ ଜିଲ୍ଲା ସଭାପତି ଟିକଚନ ନାଗ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅରୂପାନନ୍ଦ ନାଗ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ତଥା ବିଶିଷ୍ଟ ଯାଦବ ନେତା ଶିବ ହାତୀ, ପୂର୍ବତନ ବ୍ଲକ ସଭାପତି ପ୍ରେମାନନ୍ଦ ଘି, ଭବାନୀ ଖଡ଼ିକାର, ଧର୍ମଗଡ଼ ନଗର ସଭାପତି, ଅନିରୁଦ୍ଧ ଲହଜଳ, ଯୁବ ଯାଦବ ମହାସଭା ସଭାପତି ଯସ୍ମୀର ନାଏକ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯାଦବ ସମାଜକୁ ସୁସଙ୍ଗଠିତ କରିବା ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ନବ ଚୟିତ ସଭାପତି ଗୌରହରି ବାଗ ପ୍ରକାଶ କରିଛନ୍ତି।



## ତାଇଓ୍ୱାନରେ ଚମକିଲେ ଓଡ଼ିଆ ପୁଅ ଓମ୍‌ପ୍ରକାଶ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ତାଇଓ୍ୱାନର ମ୍ୟାଓଲି ସହରରେ ଥିବା ଟଙ୍ଗସାଇଆଓ ବିଚ୍‌ରେ ଅନୁଷ୍ଠିତ ବାଲୁକା କଳା କର୍ମଶାଳାରେ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ଯୋଗଦେଇଛନ୍ତି। ମୋ ହୃଦୟର ଛୋଟ ପୃଥିବୀ (ଦ ଲିଟିଲ ଓ୍ୱାରଲ୍ଡ ଇନ୍ ମାଇଁ ହାର୍ଟ) ଶୀର୍ଷକ ବାଲୁକା କଳାରେ ସେ ଓଡ଼ିଶାର ଆଦିମ ସଂସ୍କୃତିକୁ ଉପସ୍ଥାପନ କରିଛନ୍ତି। ମାଲକାନଗିରି ଜିଲ୍ଲାର ବଣ୍ଡା ସମ୍ପ୍ରଦାୟର ଜଣେ ମହିଳା ବାଘ ଛୁଆକୁ କ୍ଷୀର ଖୁଆଉଥିବା ଓ ଡାହାଣ ହାତରେ ଗୋଟିଏ ଗଛକୁ ଧରି ଥିବାର ଦୃଶ୍ୟକୁ ଅଙ୍କନ କରି ଆଦିମ ସଂସ୍କୃତି ବନ୍ୟଜନ୍ତୁ ଓ ପ୍ରକୃତି ସହିତ କିପରି ଜଡିତ ଥିଲା ତାହାକୁ ସେ ଉପସ୍ଥାପନା କରିଛନ୍ତି। କର୍ମଶାଳାରେ ୟୁକ୍ରେନ, କାନାଡ଼ା, ମଙ୍ଗୋଲିଆ, ମାଲେସିଆ, ଚୀନ, ଜାପାନ, ତାଇଓ୍ୱାନର ଶିଳ୍ପୀଙ୍କ ସମେତ ଭାରତରୁ ସାହୁ ପ୍ରତିନିଧିତ୍ୱ କରିଥିବା ସୂଚନା ଦେଇଛନ୍ତି। ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ ହେଉଛନ୍ତି କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାସିନ୍ଦା। ଜଣେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନିଜ ଅଞ୍ଚଳ, ଜିଲ୍ଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

## ଜୁନାଗଡ଼ ଏନଏସିକୁ ନେଇ ସାଧାରଣରେ ଜନ ଅସନ୍ତୋଷ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟର ଅନ୍ୟତମ ପୁରାତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଜୁନାଗଡ଼। ୧୯୭୦ ମସିହାରୁ ପ୍ରତିଷ୍ଠିତ ଏହି ଏନଏସି ସଂପ୍ରତି ଅବ୍ୟବ୍ୟସ୍ଥା ଘେରରେ ଚାଲିଥିବା ବେଳେ ନିର୍ଭରଶୀଳ ଲୋକେ ବ୍ୟାପକ ହଇରାଣ ହେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଭୟ ଧର୍ମଗଡ଼ ଓ ଜୁନାଗଡ଼ ଦାୟିତ୍ୱରେ ଥିବାବେଳେ, ବିଭିନ୍ନ କାର୍ଯ୍ୟ ଯୋଗୁଁ ଲୋକେ କାର୍ଯ୍ୟାଳୟକୁ ଆସୁଥିଲେ ହେଁ, ତାଙ୍କୁ ନ ପାଇଁ ହଇରାଣ ହେଉଛନ୍ତି।ସମ୍ପ୍ରତି ଡାଇରିଆକୁ ନେଇ ସମଗ୍ର ରାଜ୍ୟରେ ଏକ ସମ୍ବେଦନଶୀଳ ବାତାବରଣ ସୃଷ୍ଟି ହୋଇଥିବା ବେଳେ, ଜୁନାଗଡ଼ ଏନଏସି ଏଥିପ୍ରତି ସମ୍ବେଦନଶୀଳ ନୁହେଁ ବୋଲି ଆଲୋଚନା ହେଉଛି। ବିଭିନ୍ନ ଓ୍ୱାର୍ଡର ନାଳନର୍ଦ୍ଦମା ଦଅନିୟ ଅବସ୍ଥାରେ ଥିବାବେଳେ,ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମଧ୍ୟକୁ ନେଇ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନିୟୋଜିତ ଥିବା କର୍ମଚାରୀ ମାନେ ଅଫିସରେ ଅନେକ ସମୟରେ ଅନୁପସ୍ଥିତ ରହୁଥିବାଦେଖିବାକୁ ମିଳୁଛି। ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଗୁଡିକ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସରକାରୀ ସ୍ତରରେ ହେଉଥିବା ପ୍ରସାର ପ୍ରଚାର କାର୍ଯ୍ୟକ୍ରମ ଗୁଡିକୁ ଅନ୍ଧାରରେ ରଖିବା ଚେଷ୍ଟା କରାଯାଉଛି। ପରିମଳ ବ୍ୟବସ୍ଥା ପରିଚାଳନା, ବିଦ୍ୟୁତ ଯୋଗାଣ, ଶୌଚାଳୟ ଅବ୍ୟବସ୍ଥା ଆଦି ଅନେକ ସମସ୍ୟାରେ ସହରବାସୀ ତଳିତଳାନ୍ତ ହେଉଛନ୍ତି। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ କୌଣସି ଉତ୍ତର ମିଳି ନ ଥିଲା। ଏଥି ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସହରର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି।

## ନବୀନଙ୍କ ପାଇଁ ସାମୂହିକ ଦୀପ ଦାନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ମିଳିଥିବା ଖବର ଅନୁସାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ସୁସ୍ଥ। କିନ୍ତୁ ଶ୍ରୀ ପଟ୍ଟନାୟକ ଅସ୍ତ୍ରୋପଚାରକୁ ଯିବା ପୂର୍ବରୁ ତାଙ୍କ ଆରୋଗ୍ୟ କାମନା କରି କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସର୍ବପୁରାତନ ଧବଳେଶ୍ୱର ବାବାଙ୍କ ନିକଟରେ ସାମୂହିକ ଦୀପଦାନ କରାଯାଇଛି। ନବୀନ ତାଙ୍କ ଚିକିତ୍ସା ଲାଗି ମୁମ୍ବାଇ ଯାଇଥିବା ବେଳେ ତାଙ୍କର ଆରୋଗ୍ୟ କାମନା କରି ବିଧାୟିକା ମନୋରମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଧବଳେଶ୍ୱରଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ନର୍ଲା ନିର୍ବାଚନମଣ୍ଡଳୀର ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। କର୍ଲାମୁଣ୍ଡା ବ୍ଲକର ବିଜେଡି କର୍ମୀମାନଙ୍କ ପକ୍ଷରୁ ମଧ୍ୟ ନବୀନଙ୍କ ସୁସ୍ଥ କାମନା କରି ବିଭିନ୍ନ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଛି। ରିଞ୍ଜା ପଞ୍ଚାୟତର ବିଜେଡି କର୍ମୀମାନେ ରିଞ୍ଜାସ୍ଥିତ ପଶ୍ଚିମେଶ୍ୱର ଶିବ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ।

## ଶିଶୁ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ପରିସରରେ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ - ୨୦୧୨ (ପୋକ୍ସୋ) ଉପରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବେଦନଶୀଳ ଓ ସଶକ୍ତିକରଣ ଅଧିବେଶନରେ ଦିପ୍ତା ସେଠୀ, ଜେମ୍‌ଏଫ୍‌ସି ବିଚାରପତି ତଥା ତାଲୁକ ନ୍ୟାୟ ସେବା କମିଟି, କେସିଙ୍ଗା ଯୋଗଦାନ କରି ଉପସ୍ଥିତ ଛାତ୍ରୀ ତଥା ଅଭିଭାବକମାନଙ୍କୁ ପୋକ୍ସୋର ପୃଷ୍ଠଭୂମି, ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବିଷୟରେ ବୁଝାଇଥିଲେ। ବରିଷ୍ଠ ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର ଓ ବିଦ୍ୟାଳୟ ପରିଚାଳନା ସଭାପତି ଶିବ ପ୍ରସାଦ ସାହୁ ଉପସ୍ଥିତ ଥିଲେ ଏବଂ ଶିକ୍ଷକ ଜି.କ୍ରିଷ୍ଣା ରେଡି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସମସ୍ୟା ଘେରରେ ବିରିମୁହାଣ ଉ.ପ୍ରା ବିଦ୍ୟାଳୟ


## ୪ବର୍ଷ ହେଲା ଅସମ୍ପୂର୍ଣ୍ଣ ଶ୍ରେଣୀ କୋଠା, ବାରଣ୍ଡାରେ ଛାତ୍ରଛାତ୍ରୀ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନରେ ଥିବା ଆମପାଣି ଗ୍ରାମ ପଞ୍ଚାୟତର ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଅଭାବ ସହ ନୂତନ ଶ୍ରେଣୀ କୋଠା ଅସମ୍ପୂର୍ଣ୍ଣ ଯୋଗୁଁ ବାରଣ୍ଡାରେ ପିଲାଙ୍କ ପାଠପଢା ଚାଲିଛି। ଆଦିବାସୀ ବହୁଳ ଏହି ବଣପାହାଡ଼ ଘେରା ବିରିମୁହାଣ ଗ୍ରାମରେ ଥିବା ବିଦ୍ୟାଳୟକୁ ସରକାର ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସହିତ ପାଞ୍ଚ ଜଣ ଶିକ୍ଷକ ରହିଛନ୍ତି। ହେଲେ ସେଥି ମଧ୍ୟରୁ ଜଣେ ଶିକ୍ଷକ ୨ବର୍ଷ ହେବ ଡେପୁଟେସନରେ ଅନ୍ୟ ସ୍କୁଲକୁ ଯାଇଛନ୍ତି। ତେବେ ୪ ଜଣଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟ ସମ୍ଭାଳିଲେ ୩ ଜଣ ଶିକ୍ଷକଙ୍କ ହାତରେ ୮ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଠପଢା ଚାଲିଛି। ଯାହା ଫଳରେ ପିଲାଙ୍କ ଶିକ୍ଷାଦାନରେ ଅନେକ ଅସୁବିଧା ହେଉଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ସମେତ ଅତି କମରେ ଜଣେ ମଧ୍ୟ ଶିକ୍ଷୟତ୍ରୀ ରହିବା କଥା। କିନ୍ତୁ ୪ଜଣ ଶିକ୍ଷକ ମଧ୍ୟରୁ ଏହି ବିଦ୍ୟାଳୟରେ ଜଣେ ହେଲେ ଶିକ୍ଷୟିତ୍ରୀ ନଥିବାରୁ ଅବିଭାବକ ମାନେ ଶିକ୍ଷୟତ୍ରୀ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ସୂଚନା ଯେ’ ବାଲବାଟିକାକୁ ମିଶାଇ ଏହି ବିଦ୍ୟାଳୟରେ ମୋଟ ୧୩୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଣେ ଗତ ୪ବର୍ଷ ହେବ ବିଦ୍ୟାଳୟର ନିର୍ମାଣାଧୀନ କୋଠା ସଂପୂର୍ଣ ହୋଇପାରୁନାହିଁ। ତେଣୁ ଶ୍ରେଣୀ କୋଠରୀର ଅଭାବ ହେତୁ ବାରଣ୍ଡାରେ ଶିକ୍ଷାଦାନ ଚାଲିଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା କାରଣରୁ ସ୍କୁଲରେ ପିଲାଙ୍କ ଉପସ୍ଥାନ କମିବାରେ ଲାଗୁଛି। ଏମିତି କି ଅଧିକାଂଶ ପିଲାମାନେ ଅଧାରୁ ପାଠ ଛାଡିବାକୁ ବାଧ୍ୟ ହେଉଥିବା ଜଣାପଡ଼ିଛି। ଆଗକୁ ବର୍ଷା ଋତୁ, ଏଣୁ ଶିକ୍ଷା ବିଭାଗ ଏବଂ ବ୍ଲକ୍ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି। ଏବଂ ବିଦ୍ୟାଳୟରେ ଜଣେ ଶିକ୍ଷୟତ୍ରୀ ଦେବାପାଇଁ ଗାଁର ବନବାସୀ ମାଝୀ, ଧାନଫୁଲ ମାଝୀ, ସୁଧୀର ପୁଝାରୀ, ବେଲାଲ ସିଂ ବେଶ୍ରା ପ୍ରମୁଖ ଦାବୀ କରିଛନ୍ତି। ଏନେଇ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ପଚାରିବାରୁ ଶିକ୍ଷକ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଅସମ୍ପୂର୍ଣ୍ଣ ଶ୍ରେଣୀ କୋଠା ବିଷୟରେ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିବା ପାଇଁ କହିଛନ୍ତି।



## ରାଶିଫଳ

ମଙ୍ଗଳବାର, ୨୪ ଜୁନ୍ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।




**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।




**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।




**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ। ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ।



ଶ୍ରୀପତି ପ୍ରଜ୍ଞା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯